51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୨୩/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, June 23/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 208 | ମୂଲ୍ୟ ₹୭/-



ADMISSION Open 2025-26

+2 1ST YR Sc. (CHSE & CBSE) & NEET

# TETRAHEDRON
## GROUP OF INSTITUTIONS
Tangi,Cuttack

For Admission Contact :
8093064522, 8093064525,9040363480, 7008222977

## NEET RESULTS -2025

| Marks | AIR | Category Rank | Name | Place | Mobile |
|---|---|---|---|---|---|
| 590 | AIR-2241 | Category Rank -762 | SOURAV RANJAN | JAJPUR | M. : 9337135920 |
| 588 | AIR-2418 | Category Rank -1329 | PRANAB KUMAR | CUTTACK | M : 9348405006 |
| 585 | AIR-2839 | Category Rank -220 | AMIT ANSUMAN | JAJPUR | M : 8260552053 |
| 578 | AIR-3798 | Category Rank -1414 | G.S TANISHA | BHADRAK | M : 6370203229 |
| 575 | AIR-4483 | Category Rank -1714 | SOUMYA RANJAN | KENDRAPARA | M: 9853490176 |
| 574 | AIR-4690 | Category Rank -113 | ASHUTOSH (SC) | SAMBALPUR | M : 9438110102 |
| 574 | AIR-4551 | Category Rank -1743 | SUBHASANKAR | BALASORE | M. : 9556941413 |
| 572 | AIR-5040 | Category Rank -1968 | ASHUTOSH | KENDRAPARA | M : 7735074814 |
| 571 | AIR-5170 | Category Rank -2530 | SOMESH PRASAD | TALCHER, ANGUL | M. : 7849035336 |
| 568 | AIR-5836 | Category Rank -2793 | SWARAJ | JAGATSINGHPUR | M. : 6372296215 |
| 567 | AIR-6281 | Category Rank -2980 | MONALISHA | KEONJHAR | M. : 9938758948 |
| 567 | AIR-6262 | Category Rank -590 | ANSUMAN | CUTTACK | M. :6372343040 |
| 565 | AIR-6808 | Category Rank -2755 | RAJESH | JAJPUR | M : 6370895135 |
| 564 | AIR-6976 | Category Rank -3268 | PRASANTA KU. | JAJPUR | M : 7894331492 |
| 564 | AIR-7229 | Category Rank -3377 | ARCHITA | CUTTACK | M. : 7978178553 |
| 562 | AIR-7733 | Category Rank -755 | ASIS KU. | KEONJHAR | M : 9827856657 |
| 560 | AIR-8185 | Category Rank -3762 | SUBHASHISH | JAJPUR | M. : 9040499246 |
| 559 | AIR-8790 | Category Rank - 4013 | SOVNA | JAJPUR | M : 7978917103 |
| 558 | AIR-8910 | Category Rank -3673 | SATYARANJAN | CUTTACK | M. : 8249555100 |
| 555 | AIR-10001 | Category Rank -4505 | KABIR | CUTTACK | M. :8917235240 |
| 553 | AIR-10868 | Category Rank -4844 | IRA MOHANTY | JAJPUR | M. :9438174925 |
| 552 | AIR-11400 | Category Rank -1844 | SURYASNAT | SALIPUR,CUTTACK | M. : 9439942163 |
| 552 | AIR-11200 | Category Rank -4738 | SWATI SNIGDHA | BARIPADA | M. : 9040575691 |
| 551 | AIR-11844 | Category Rank -5213 | SOUBHAGYA RANJAN | JAJPUR | M. : 9692767335 |
| 550 | AIR-12293 | Category Rank -5263 | JAYASHREE | JAJPUR | M. : 7077298174 |
| 549 | AIR-12842 | Category Rank -5591 | SANJIB KU. | CUTTCK | M. : 8658284937 |
| 549 | AIR-12780 | Category Rank -1372 | PRADIPTA KU. | CUTTACK | M. :8338869928 |
| 549 | AIR-12748 | Category Rank -5483 | R.S BHAKTI SWARUPA | CUTTACK(MAHANGA) | M. :9777746799 |
| 548 | AIR-13272 | Category Rank -1436 | RUDRA NARAYAN | JAJPUR | M : 8908938985 |
| 548 | AIR-13018 | Category Rank -1400 | RAJKUMAR | BHUBANESWAR | M. : 9692089794 |
| 548 | AIR-13377 | Category Rank -5793 | AMIT KU. | JAJPUR | M : 9348601405 |
| 545 | AIR-14827 | Category Rank -6475 | SUBHANKAR | JAJPUR | M. : 9310679902 |
| 544 | AIR-15048 | Category Rank -6412 | AMIT KU. | CUTTACK | M. : 9692868645 |
| 542 | AIR-16115 | Category Rank -6792 | RITIK NARENDRA | NAYAGARH | M. :7855924761 |
| 541 | AIR-16789 | Category Rank -7429 | ANUPAMA | JAJPUR | M. :8260543757 |
| 541 | AIR-16951 | Category Rank -7308 | JYOTIRANJAN | JAGATSINGHPUR | M. :9090317675 |
| 540 | AIR-17367 | Category Rank -7698 | IPSITA | BARIPADA | M. : 7847007731 |
| 540 | AIR-17183 | Category Rank -7614 | GYANARANJAN | JAJPUR | M. :8984012686 |
| 539 | AIR-18094 | Category Rank -2014 | RAJENDRA | KENDRAPARA | M. :8249757722 |
| 539 | AIR-18150 | Category Rank -7530 | SWARNAPRAVA | BHADRAK | M. : 9348538749 |
| 539 | AIR-17974 | Category Rank -7990 | ASHUTOSH | JAJPUR | M. :9438213231 |
| 539 | AIR-18113 | Category Rank -7518 | ARUP | ANGUL | M. : 8260114745 |
| 538 | AIR-18804 | Category Rank -8370 | ASISH | KENDRAPARA | M. : 8093906398 |
| 538 | AIR-000 | Category Rank -000 | ROHIT RASHMI | KHORDHA | M. : 9090478270 |
| 538 | AIR-18329 | Category Rank -7603 | SARASWATA | CUTTACK | M. :9827707252 |
| 535 | AIR-20761 | Category Rank -9399 | SACHITANANDA | KENDRAPARA | M. : 7978636315 |
| 535 | AIR-20362 | Category Rank -8360 | PRAGYAN PARAMITA | | M. : 7008984646 |
| 534 | AIR-21361 | Category Rank -9650 | DEBASMITA(SGS) | ANGUL | M. :7848987971 |
| 533 | AIR-22099 | Category Rank -8971 | SUBHAM | BHADRAK | M. : 9937533036 |
| 532 | AIR-22673 | Category Rank -2585 | LOKANTH | DHENKANAL | M. :8984711270 |
| 531 | AIR-23543 | Category Rank -2705 | DEEPANKAR | JAJPUR | M. :7750878883 |
| 531 | AIR-23310 | Category Rank -9394 | SUBHASHREE | JAJPUR | M. : 7077329698 |
| 531 | AIR-23105 | Category Rank -2644 | SAIEED | JAJPUR | M. :8984303637 |

to be continued.....

## OUR ACHIEVERS FOR AIIMS

| Marks | Name | Mobile | AIIMS |
|---|---|---|---|
| 710 | KAMALAKANTA | Mob. : 8249906661 | AIIMS,BBSR(2024) |
| 700 | RAHUL | M. : 6372741832 | AIIMS,RAIPUR(2024) |
| 697 | SUSHREE SANGITA | Mob. : 9810975701 | AIIMS,DELHI(2021) |
| 695 | OMM PRAKASH | M. : 6372521307 | AIIMS,GRORAKHAPUR(2024) |
| 695 | SWAGATIKA | M. : 7381845430 | AIIMS GORAKHAPUR(2024) |
| 680 | DEVASIS SAHOO | Mob. : 9861492793 | AIIMS BBSR(2021) |
| 675 | ASHIRBAD BISWAL | Mob. : 7846821473 | AIIMS GORAKHPUR(2023) |
| 670 | ADITYA NARAYAN | M. : 8260333635 | AIIMS MADURAI(2024) |
| 670 | ANUPAM NAYAK | Mob. : 7205755502 | AIIMS KALYANI (2023) |
| 665 | SATYAJIT NAYAK | Mob. : 8260601336 | AIIMS RAIPUR(2022) |

| 590+ MARKS | 580+ MARKS | 570+ MARKS | 560+ MARKS | 550+ MARKS | 540+ MARKS |
|---|---|---|---|---|---|
| 01 STUDENT | 03 STUDENTS | 09 STUDENTS | 17 STUDENTS | 25 STUDENTS | 38 STUDENT |

| 530+ MARKS | 520+ MARKS | 515+ MARKS | GOVT. MBBS | AIIMS | SCB |
|---|---|---|---|---|---|
| 53 STUDENTS | 65 STUDENTS | 79 STUDENTS | 95-110 EXPECTED | 10 EXPECTED | 20 EXPECTED |

### 71 MBBS IN 2024
- 5 Students admitted in AIIMS
- 8 Students admitted in SCB MCH, Cuttack
- 9 Students admitted in MKCG, Berhampur
- 6 Students admitted in VIMSAR, Burla

### 54 MBBS IN 2023
- 2 Students admitted in AIIMS
- 9 Students admitted in SCB MCH, Cuttack
- 5 Students admitted in VIMSAR, Burla
- 13 Students admitted in MKCG, Berhampur

### Course Fees According to NEET Score -2025
- For Student Scoring 500 above : Free
- For Student Scoring 490 above : Rs. 10,000/- +(GST)
- For Student Scoring 480 above : Rs. 20,000/- +(GST)
- For Student Scoring 470 above : Rs. 30,000/- +(GST)
- For Student Scoring 460 above : Rs. 40,000/- +(GST)
- For Student Scoring 450 above : Rs. 50,000/- +(GST)
- For Student Scoring 425 above : Rs. 60,000/- +(GST)
- For Student Scoring 400 above : Rs. 65,000/- +(GST)
- For Student Scoring 350 above : Rs. 70,000/- +(GST)
- For Student Scoring 300 above : Rs. 75,000/- +(GST)

For very very poor student scoring 480+ in NEET 2025 Hostel fees also free

## OUR CHSE RESULTS -2025

581 ABINASH PANDA R. NO. : 312CZ142 MOB. : 8926374475

| Marks | Name | R.NO. | Mobile |
|---|---|---|---|
| 578 | ANUNJAYA | R.NO. : 312CZ044 | M. : 9937820270 |
| 575 | HARAPRASAD | R.NO. : 312CZ052 | M. : 9777635809 |
| 574 | ANANYA ANUPRITA | R.NO. : 321CZ001 | M. : 6372522094 |
| 574 | ANANYA | R.NO. : 321CZ018 | M. : 9178552089 |
| 574 | PRIYADARSHINI | R.NO. : 321CZ020 | M. : 8456010982 |
| 574 | RUTUPURNA | R.NO. : 321CZ025 | M. : 8908000397 |
| 573 | ASHUTOSH | R.NO. : 312CZ009 | M. : 7008710810 |
| 573 | SWARNA PRAVA | R.NO. : 321CZ002 | M. : 9348538749 |
| 572 | SOUMYAK | R.NO. : 312CZ015 | M. : 6372996292 |
| 572 | SANDEEP | R.NO. : 312CZ021 | M. : 9438775289 |
| 571 | PRIYANKA | R.NO. : 321CZ016 | M. : 8328937059 |
| 570 | SWAYAM | R.NO. : 312CZ039 | M. : 9583495922 |

99% 1st Division

- RESULT : 99.7%
- ABOVE 95% : 13
- ABOVE 560 : 51
- ABOVE 90% : 185
- ABOVE 89% : 229
- ABOVE 88% : 280
- ABOVE 85% : 446
- ABOVE 500 : 534
- ABOVE 80% : 712
- ABOVE 75% : 902
- ABOVE 70% : 1023
- ABOVE 60% : 1120

ଆମ୍ଭର ମୁଖ୍ୟ strength ହେଉଛି ତ୍ରିଦେବ୍ ସାର୍‌ଙ୍କ ଦ୍ୱାରା ପିଲାମାନଙ୍କୁ counselling ଏବଂ 24hour guidance, self study from morning 8.00am. to night 2.00am, super specialist teachers and completion of course before 15th December, Weekly Test, 30No. of PTS & VST, Doubt Clearing by Expert Teachers. .

**One Year NEET Coaching Starts from 23rd June & 30th June 2025**

**ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଡେଇଁଲା ଆମେରିକା**

# ରୁଷିଆ, ଚାଇନାର ନିନ୍ଦା

ମସ୍କୋ/ବେଜିଂ,୨୨।୬

ଇରାନର ୩ଟି ଆଣବିକ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣକୁ ରୁଷିଆ ଦାୟିତ୍ୱହୀନତା କହି କଡ଼ା ନିନ୍ଦା କରିଥିବାବେଳେ ଏହା ଅନ୍ତର୍ଜାତୀୟ ଆଇନ, ଜାତିସଂଘ ଚାର୍ଟର ଏବଂ ଜାତିସଂଘ ସୁରକ୍ଷା ପରିଷଦ ସଂକଳ୍ପନାମାର ଗୁରୁତର ଉଲ୍ଲଂଘନ ବୋଲି କହିଛି। ସେହିପରି ଚାଇନା ମଧ୍ୟ ଆମେରକାର ଏୟାରଷ୍ଟ୍ରାଇକ୍‌କୁ ଦୃଢ଼ ନିନ୍ଦା କରିବା ସହ ଏହା ଜାତିସଂଘ ଚାର୍ଟରର ଉଲ୍ଲଂଘନ ଓ ପଶ୍ଚିମ ଏସିଆରେ ଉତ୍ତେଜନା ବଢ଼ାଇଥିବା କହିଛି। ଯୁଦ୍ଧରେ ସାମିଲ ଥିବା ଇସ୍ରାଏଲ୍ ଏବଂ ଅନ୍ୟ ପକ୍ଷମାନେ ଆଲୋଚନା ଜରିଆରେ ଯଥାଶୀଘ୍ର ସମ୍ଭବ ଯୁଦ୍ଧବିରତି ରାଜିନାମାରେ ପହଞ୍ଚିବା ଏବଂ ନାଗରିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବେଜିଂ ଆହ୍ୱାନ ଦେଇଛି। ଇରାନର ଆଣବିକ କାର୍ଯ୍ୟକ୍ରମକୁ ଧ୍ୱଂସ କରିବା ପାଇଁ ଆମେରିକା ରବିବାର ଏହାର ଫର୍ଦୋ, ଇସ୍ଫାହାନ ଏବଂ ନତାଞ୍ଜ ନ୍ୟୁକ୍ଲିୟର ଫାସିଲିଟି ଉପରେ ଜୋର୍‌ଦାର ଆକ୍ରମଣ କରିଥିଲା। ଏହି ଆକ୍ରମଣ ପରେ ଇରାନର ନ୍ୟୁକ୍ଲିୟର ଫାସିଲିଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କରିଥିଲେ। ଆମେରିକା ସେନା ବହୁତ ସଫଳ ଆକ୍ରମଣ କରିଛନ୍ତି ଏବଂ ଇରାନ ଯଦି ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ଆହୁରି ଆକ୍ରମଣ ହେବ ବୋଲି ସେ ଚେତାବନୀ ଦେଇଥିଲେ। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ସୁରକ୍ଷାରେ ଥିବା ଇରାନର ୩ଟି ଆଣବିକ ସ୍ଥଳ ଉପରେ ଆମେରିକାର ଆକ୍ରମଣକୁ ଚାଇନା ଦୃଢ଼ ନିନ୍ଦ କରିଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି। ଏହା ଜାତିସଂଘ ଚାର୍ଟର ଏବଂ ଅନ୍ତର୍ଜାତୀୟ ଆଇନର ଉଦ୍ଦେଶ୍ୟ ଓ ସିଦ୍ଧାନ୍ତର ଗୁରୁତର ଉଲ୍ଲଂଘନ ଏବଂ ପଶ୍ଚିମ ଏସିଆରେ ଉତ୍ତେଜନା ବଢ଼ାଇଛି। ପଶ୍ଚିମ ଏସିଆରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ ବେଜିଂ ଅନ୍ତର୍ଜାତୀୟ ସମୁଦାୟ ସହ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

ସେହିପରି ରୁଷିଆ ବହିର୍ବ୍ୟାପର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏକ ସାର୍ବଭୌମ ରାଷ୍ଟ୍ରରେ ମିଶାଇଲ୍ ଓ ବୋମା ଆକ୍ରମଣ ଦାୟିତ୍ୱହୀନ ନିଷ୍ପତ୍ତି। ଜାତିସଂଘ ସୁରକ୍ଷା ପରିଷଦର ଏକ ସ୍ଥାୟୀ ସଦସ୍ୟ ରାଷ୍ଟ୍ର ଦ୍ୱାରା ଏଭଳି ଆକ୍ରମଣ ବିଶେଷ ଭାବେ ଚିନ୍ତାଜନକ ବୋଲି ଆମେରିକାର ନାଁ ନ ନେଇ ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଆକ୍ରମଣ ପରେ ଆମେରିକା ରାଷ୍ଟ୍ରପତିଙ୍କ ସହ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କର ଆଲୋଚନା କରିବାର କୌଣସି ଯୋଜନା ନାହିଁ ବୋଲି କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସିଚୁଏଶନ୍ସ ରୁମ୍‌ରେ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ 'ଅପରେଶନ୍ ମିଡ୍‌ନାଇଟ୍ ହାମର' ଉପରେ ଅନୁଧ୍ୟାନ କରୁଛନ୍ତି।

## ଆମେରିକାର ଘାତକ ବି-୨ ବମ୍ବର



ୱାଶିଂଟନ୍,୨୨।୬

### ଲଗାତର ୩୭ ଘଣ୍ଟା ଉଡ଼ାଣ କରିଥିଲା

ଇରାନ୍‌ର ୩ ଆଣବିକ କେନ୍ଦ୍ରକୁ ଧ୍ୱସ୍ତବିଧ୍ୱସ୍ତ କରିବାରେ ସକ୍ଷମ ହୋଇଥିବା ଆମେରିକାର ବି-୨ ବମ୍ବର ମିସୋରିଠାରୁ ଲଗାତର ୩୭ ଘଣ୍ଟା ଉଡ଼ାଣ କରି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମିଶନକୁ ସଫଳ କରିଥିଲା। ଶନିବାର ବି-୨ ବମ୍ବରଗୁଡ଼ିକ ଗୁଆମ୍ ପାସିଫିକ୍ ଆଇଲାଣ୍ଡରେ ରହିଥିଲା। ୭ହଜାର ମାଇଲ ଅତିକ୍ରମ କରି ରବିବାର ଭୋର ସମୟରେ ଫର୍ଦୋ, ନତାଞ୍ଜ ଓ ଇଶ୍‌ଫାହାନ୍ ନ୍ୟୁକ୍ଲିୟର ସାଇଟ୍‌ରେ ପହଞ୍ଚିବା ପୂର୍ବରୁ ୬ଟି ଯାକ ବମ୍ବରରେ ଆକାଶରେ ଅନେକ ଥର ଇନ୍ଧନ ଭର୍ତ୍ତି କରାଯାଇଥିଲା। ଏହି ଏୟାରକ୍ରାଫ୍ଟ ଭୂତଳ ଟାର୍ଗେଟକୁ ଲକ୍ଷ୍ୟଭେଦ କରିବା ପାଇଁ ଜିବିୟୁ-୫୭ ମାସିଭ୍ ଅର୍ଡନାନ୍ସ ପେନେଟ୍ରେଟର ଧାରଣ ସହ ଯାତ୍ରା କରିପାରିବା ଭଳି ଡିଜାଇନ୍ ହୋଇଛି। ଗୋଟିଏ ବି-୨ ବମ୍ବରର ମୂଲ୍ୟ ୨.୧ ବିଲିୟନ୍ ଡଲାର ହୋଇଥିବାରୁ ଏହାକୁ ବିଶ୍ୱର ଅନ୍ୟତମ ଦାମୀ ଫାଇଟର ଜେଟ୍ କୁହାଯାଏ। ଏହାର ଅପରେଟିଂ ଖର୍ଚ୍ଚ ଘଣ୍ଟା ପ୍ରତି ୧୫୦,୦୦୦ ଡଲାର। ଲଗାତର ୩୬ରୁ ୪୪ ଘଣ୍ଟା ପର୍ଯ୍ୟନ୍ତ ଏହା ମିଶନରେ ସାମିଲ ହୋଇ ଦୂରଗାମୀ ସ୍ଥଳକୁ ଟାର୍ଗେଟ କରିଥାଏ।

# ଇରାନ ଉପରେ ଆକ୍ରମଣ ଅତ୍ୟନ୍ତ ଚିନ୍ତାଜନକ: ପାକିସ୍ତାନ

ଲାହୋର,୨୨।୬(ପି.ଟି.)

### ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପାଇଁ ସୁପାରିସ କରି ଇସ୍‌ଲାମାବାଦ ସମାଲୋଚିତ

ଇରାନର ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକାର ଆକ୍ରମଣକୁ ପାକିସ୍ତାନ ରବିବାର ନିନ୍ଦା କରିଛି। ଏହା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି ଇସ୍‌ଲାମାବାଦ କହିବା ସହ ଆଞ୍ଚଳିକ ହିଂସାକୁ ଆହୁରି ବଢ଼ାଇବ ବୋଲି ସତର୍କ କରାଇଛି। ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇବାର ଦିନକ ପରେ ପାକିସ୍ତାନ ୱାଶିଂଟନକୁ ନିନ୍ଦା କରିଛି। ଇରାନ ଉପରେ ଆକ୍ରମଣ ଓ ଉତ୍ତେଜନା ବୃଦ୍ଧି ଅତ୍ୟନ୍ତ ଚିନ୍ତାଜନକ। ଏହା ଅଧିକ ବଢ଼ିଲେ ଉକ୍ତ ଅଞ୍ଚଳ ଓ ଏହାର ବାହାରେ ବହୁତ କ୍ଷତିକାରକ ପ୍ରଭାବ ପକାଇବ ବୋଲି ପାକିସ୍ତାନ ବହିର୍ବ୍ୟାପାର କାର୍ଯ୍ୟାଳୟ କହିଛି। ନାଗରିକଙ୍କ ଜୀବନ ଓ ସମ୍ପତ୍ତିକୁ ସମ୍ମାନ ମିଳିବା ଅନିବାର୍ଯ୍ୟ ଆବଶ୍ୟକତା ବୋଲି ଇସ୍‌ଲାମାବାଦ କହିବା ସହ ତୁରନ୍ତ ଯୁଦ୍ଧ ବନ୍ଦ ଉପରେ ଗୁରୁତ୍ୱ ଦେଇଛି। ସବୁ ପକ୍ଷ ଅନ୍ତର୍ଜାତୀୟ ମାନବୀୟ ଆଇନ ସମେତ ଅନ୍ତର୍ଜାତୀୟ ଆଇନର ଅନୁପାଳନ କରିବା ଜରୁରୀ ବୋଲି ପାକ୍ ବହିର୍ବ୍ୟାପାର କାର୍ଯ୍ୟାଳୟ କହିଛି।

ଭାରତ-ପାକିସ୍ତାନ ସଂଘର୍ଷ ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନିର୍ଣ୍ଣାୟକ କୂଟନୈତିକ ହସ୍ତକ୍ଷେପ ନିମନ୍ତେ ତାଙ୍କୁ ୨୦୨୬ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ନିମନ୍ତେ ପାକିସ୍ତାନ ଶନିବାର ଆନୁଷ୍ଠାନିକ ସୁପାରିସ କରିଥିଲା। ଏହାକୁ ନେଇ ପାକ୍ ସରକାର ଏବଂ ସେନା କଡ଼ା ସମାଲୋଚନାର ସମ୍ମୁଖୀନ ହୋଇଛି। ପାକିସ୍ତାନ ଜନସାଧାରଣ ସୋସିଆଲ ମିଡିଆରେ ସରକାରଙ୍କୁ ଗାଳି ଦେଇଥିଲେ। ଆମେରିକା ଇରାନର ୩ ଆଣବିକ ସ୍ଥଳ ଉପରେ ଆକ୍ରମଣ କରିବା ପରେ ଏହି ସମାଲୋଚନା ଆହୁରି ଜୋର୍‌ଦାର ହୋଇଛି। ଇରାନ ଉପରେ ଆକ୍ରମଣ ପାଇଁ ପ୍ରଧାନମନ୍ତ୍ରୀ ଶେହବାଜ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ କେବଳ ନୋବେଲ ଶାନ୍ତି ପୁରସ୍କାର ନୁହେଁ, ବରଂ ତମ୍‌ଘା-ଇ-ଜୁରାଟ, ତମଘା-ଇ-ସୁଜାତ, ତମଘା-ଇ-ବାଲାସତ, ତମ୍‌ଘା-ଇ-ଇମ୍‌ତିଆଜ ଏବଂ ଏପରିକି ପାକିସ୍ତାନର ସର୍ବୋଚ୍ଚ ସାମରିକ ସମ୍ମାନ ନିଶାନ-ଇ-ହାଇଦର ଦେବେ ବୋଲି ଜଣେ ୟୁଜର ଏକ୍ସ'ରେ ଲେଖିଛନ୍ତି। ପିଏମ୍‌ଏଲ୍-ଏନ୍‌ର ବରିଷ୍ଠ ନେତା ଖାଓ୍ୱାଜା ସାଦ୍ ରଫିକ୍ ଏକଦା ଟ୍ରମ୍ପ୍‌ଙ୍କୁ ଦେଶ ପାଇଁ ଲଜ୍ଜାଜନକ ଓ ଭୀରୁ ନିଷ୍ପତ୍ତି ନେଉଥିବା ଗେଙ୍ଗିସ୍ ଖାନ୍ ଏବଂ ହିଟ୍‌ଲରଙ୍କ ସହ ତୁଳନା କରିଥିଲେ। ସେହି ଦଳର ସରକାର ଏବେ ଟ୍ରମ୍ପ୍‌ଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ସୁପାରିସ୍ କରିଥିବାରୁ ଆମେରିକା ସରକାରଙ୍କୁ ଖୁସି କରିବାକୁ ଶରିଫ୍ ଓ ଅସିଫ୍ ଜର୍ଦ୍ଦାରୀ କେତେ ତଳକୁ ଯିବେ ବୋଲି ପାକିସ୍ତାନୀ ଖବରଦାତା ଅମିର ଆବ୍ବାସ ପ୍ରଶ୍ନ କରିଛନ୍ତି।

## ଉତ୍ତେଜନା ହ୍ରାସ ପାଇଁ ଇରାନ ରାଷ୍ଟ୍ରପତିଙ୍କୁ କହିଲେ ମୋଦି

ନୂଆଦିଲ୍ଲୀ,୨୨।୬

ଇରାନର ଆଣବିକ ସ୍ଥଳ ଉପରେ ଆମେରିକାର ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଇରାନ ରାଷ୍ଟ୍ରପତି ମସୌଦ ପେଜେଶ୍‌କିଆନଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ଇସ୍ରାଏଲ୍ ସହ ଇରାନର ସଂଘର୍ଷକୁ ନେଇ ଭାରତର ଉଦ୍‌ବେଗ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଜଣାଇବା ସହ ଆଲୋଚନା ଓ କୂଟନୈତିକ ମାର୍ଗ ଜରିଆରେ ତୁରନ୍ତ ଉତ୍ତେଜନା ହ୍ରାସ କରିବାକୁ ଆହ୍ୱାନ ଦେଇଛନ୍ତି। ଇରାନର ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକାର ଆକ୍ରମଣ ଯୋଗୁ ଆଞ୍ଚଳିକ ଯୁଦ୍ଧ ବ୍ୟାପିବା ଆଶଙ୍କା ସଅଷ୍ଟି ହୋଇଛି। ସଂଯମ ରହିବାକୁ ବହୁ ପ୍ରମୁଖ ଦେଶ ଆହ୍ୱାନ ଦେଇଛନ୍ତି।

## ଇରାନର ଆଣବିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଛି: ପେଣ୍ଟାଗନ ମୁଖ୍ୟ

ୱାଶିଂଟନ,୨୨।୬


ପେଟେ ହେଗ୍‌ସେଥ୍

ଇରାନର ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକାର ଆକ୍ରମଣ ଯୋଗୁ ଏହାର ଆଣବିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଥିବା ପେଣ୍ଟାଗନ ମୁଖ୍ୟ ତଥା ଆମେରିକା ପ୍ରତିରକ୍ଷା ସଚିବ ପେଟେ ହେଗ୍‌ସେଥ୍ କହିଛନ୍ତି। ଆମ କମାଣ୍ଡର-ଇନ୍-ଚିଫ୍ (ଟ୍ରମ୍ପ୍)ଙ୍କ ଠାରୁ ନିର୍ଦ୍ଦେଶ ପାଇବା ପରେ ଶକ୍ତିଶାଳୀ ଆକ୍ରମଣ କରାଯାଇଥିଲା। ଇରାନର ମୁଖ୍ୟ ଆଣବିକ ସ୍ଥଳଗୁଡ଼ିକ ଉପରେ ସଠିକ୍ ଆକ୍ରମଣ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ କିଛି ମାସ ଲାଗିଥିଲା। ଆକ୍ରମଣରେ କୌଣସି ସାଧାରଣ ଜନତା କିମ୍ବା ଇରାନୀୟ ସୈନ୍ୟଙ୍କୁ ଟାର୍ଗେଟ କରାଯାଇ ନ ଥିଲା। ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଯୋଜନା ଦୁଃସାହସିକ ଏବଂ ଚମତ୍କାର ଥିଲା, ଯାହା ଆମେରିକାର ପ୍ରତିହତ କ୍ଷମତା ଫେରିଥିବା ବିଶ୍ୱକୁ ଦେଖାଇଦେଇଛି। ଆମ ରାଷ୍ଟ୍ରପତି କହିବା ବେଳେ ସାରା ବିଶ୍ୱ ଶୁଣିବା ଆବଶ୍ୟକ ବୋଲି ହେଗ୍‌ସେଥ୍ କହିଛନ୍ତି।

# ବିଶ୍ୱ ସମୁଦାୟର ପ୍ରତିକ୍ରିୟା

ଦୁବାଇ/ପ୍ୟାରିସ୍,୨୨।୬


ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍


ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର

ଇରାନ ଓ ଇସ୍ରାଏଲ୍ ଯୁଦ୍ଧରେ ଆମେରିକା ପ୍ରତ୍ୟକ୍ଷ ସମ୍ପୃକ୍ତ ହେବା ଦ୍ୱାରା ଆଞ୍ଚଳିକ ସଂଘର୍ଷ ଆହୁରି ବଢ଼ିପାରେ ବୋଲି ବିଭିନ୍ନ ଦେଶ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେମାନେ ଆମେରିକାକୁ ସତର୍କ କରାଇବା ସହ କୂଟନୈତିକ ସ୍ତରରେ ଯୁଦ୍ଧ ବନ୍ଦ ଲାଗି ଉଦ୍ୟମ କରିବାକୁ ଆହ୍ୱାନ ଦେଇଛନ୍ତି। ଯୁଦ୍ଧରେ ଆମେରିକା ସାମିଲ ହେବ କି ନାହିଁ ୨ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନେବେ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର କହିବାର ୨ ଦିନ ପରେ ଇରାନର ୩ ନ୍ୟୁକ୍ଲିୟର ଫାସିଲିଟି ଉପରେ ଶକ୍ତିଶାଳୀ ବୋମାମାଡ଼ କରିଛି। ଏହି ଆକ୍ରମଣରେ ଇରାନର କେତେ କ୍ଷୟକ୍ଷତି ହୋଇଛି, ତାହା ସ୍ପଷ୍ଟ ହୋଇ ନ ଥିଲାବେଳେ ଇସ୍ରାଏଲ ସହ ଯୁଦ୍ଧରେ ସାମିଲ ହେଲେ ଏହାର ଜବାବ ଦିଆଯିବ ବୋଲି ତେହରାନ କହିଛି।

ଆମେରିକାର ବୋମା ଆକ୍ରମଣ ଆଞ୍ଚଳିକ ଦ୍ୱନ୍ଦ୍ୱ ବଢ଼ାଇବ ବୋଲି ଲେବାନନ୍ ରାଷ୍ଟ୍ରପତି ଜୋସେଫ୍ ଅଉନ୍ କହିବା ସହ ବୁଝାମଣା ପାଇଁ ଆହ୍ୱାନ ଦେଇଛନ୍ତି। ଇସ୍ରାଏଲ୍ ଏବଂ ହେଜବୋଲ୍ଲା ଆତଙ୍କବାଦୀ ସଂଗଠନର ଯୁଦ୍ଧ ପରେ ଲେବାନନ୍‌ର ନୂଆ ନେତୃତ୍ୱ ଦେଶଗୁଡ଼ିକୁ ବିବାଦ ମଧ୍ୟକୁ ନିଜକୁ ନ ଟାଣିବାକୁ ଏବଂ ଦୀର୍ଘବର୍ଷର ଆର୍ଥିକ ସଙ୍କଟରୁ ମୁକୁଳିବାକୁ ଆହ୍ୱାନ ଦେଇଛନ୍ତି। ଯୁଦ୍ଧରୁ ହେବାକୁ ଥିବା କୌଣସି ପ୍ରକାର ସମ୍ଭାବ୍ୟ ଆଞ୍ଚଳିକ ପ୍ରଭାବରୁ ଲେବାନନ ଦୂରେଇ ରହିବା ଆବଶ୍ୟକ ବୋଲି ଏହାର ପ୍ରଧାନମନ୍ତ୍ରୀ ନଓ୍ୱାଫ୍ ସଲାମ କହିଛନ୍ତି।

ଆମେରିକା ନିଜର ସାମରିକ ଶକ୍ତିକୁ ବ୍ୟବହାର କରିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି। ଏହି ଯୁଦ୍ଧ ଖୁବ୍‌ଶୀଘ୍ର ନିୟନ୍ତ୍ରଣ ବାହାରକୁ ଚାଲିଯାଇପାରେ, ଯାହାର ଧ୍ୱଂସାତ୍ମକ ପରିଣାମ ସଭ୍ୟତା, ଅଞ୍ଚଳ ଏବଂ ବିଶ୍ୱ ଉପରେ ପଡ଼ିବ ବୋଲି ଗୁଟେରେସ୍ ଏକ୍ସ'ରେ ଲେଖିଛନ୍ତି। ସଦସ୍ୟ ରାଷ୍ଟ୍ରଗୁଡ଼ିକ ଉତ୍ତେଜନା ହ୍ରାସ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସଙ୍କଟର କୂଟନୈତିକ ପରିସମାପ୍ତି ପାଇଁ ଇରାନ ବୁଝାମଣା ଟେବୁଲ୍‌କୁ ଫେରିବା ନିମନ୍ତେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଆହ୍ୱାନ ଦେଇଛନ୍ତି। ଅସ୍ଥିର ଅଞ୍ଚଳରେ ସ୍ଥିରତା ପ୍ରଥମ ଆବଶ୍ୟକତା ବୋଲି ସେ କହିଛନ୍ତି। ଗତ ସପ୍ତାହରେ ୟୁରୋପୀୟ ସଂଘ, ଫ୍ରାନ୍ସ ଓ ଜର୍ମାନୀ ଜେନେଭାରେ ଇରାନ ସହ କୂଟନୈତିକ ସମାଧାନ ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ଇରାନର ଆଣବିକ କାର୍ଯ୍ୟକ୍ରମ ବିଶ୍ୱ ସୁରକ୍ଷା ପାଇଁ ବଡ଼ ବିପଦ ସୃଷ୍ଟି କରିଥିବା ଷ୍ଟାର୍ମର କହିଛନ୍ତି। ସେହିପରି ସମସ୍ତ ପକ୍ଷ ଆଲୋଚନାକୁ ଫେରିବା ପାଇଁ ନ୍ୟୁଜିଲାଣ୍ଡ ବହିର୍ବ୍ୟାପାର ମନ୍ତ୍ରୀ ୱିନ୍‌ଷ୍ଟନ ପିଟର୍ସ ଆହ୍ୱାନ ଦେଇଛନ୍ତି।

ଆମେରିକାର ଆକ୍ରମଣକୁ ହମାସ୍ ଏବଂ ହୁଟି ବିଦ୍ରୋହୀମାନେ ନିନ୍ଦା କରିଛନ୍ତି। ଆମେରିକାର ଆକ୍ରମଣ ବିରୋଧରେ ଇରାନକୁ ସହାୟତା କରିବାକୁ ହୁଟି ପ୍ରତିଶ୍ରୁତି ଦେଇଛି। ଇହୁଦୀ-ଆମେରିକୀୟ ଅହଙ୍କାର ବିରୋଧରେ ଏକାଠି ଜିହାଦ ଓ ପ୍ରତିରୋଧ ବିକଳ୍ପରେ ସାମିଲ ହେବାକୁ ହୁଟି ପଲିଟିକାଲ ବ୍ୟୁରୋ ମୁସଲମାନ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛି।

ଇରାନ ଅଣୁଅସ୍ତ୍ର ବିକାଶ ବନ୍ଦ କରିବାକୁ ହେବ ବୋଲି ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା କହିବା ସହ ଯଥାଶୀଘ୍ର ସମ୍ଭବ ସ୍ଥିତିକୁ ଶାନ୍ତ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଛନ୍ତି। ୨ ଦିନ ପୂର୍ବରୁ ତେହରାନରେ ନିଜର ଦୂତାବାସ ବନ୍ଦ କରିବା ସହ କର୍ମଚାରୀମାନଙ୍କୁ ଫେରାଇ ନେଇଥିବା ଅଷ୍ଟ୍ରେଲିଆ କୂଟନୀତି ଜରିଆରେ ଯୁଦ୍ଧ ଅବସାନ ପାଇଁ ପ୍ରସ୍ତାବ ଦେଇଛି। ଇରାନର ଆଣବିକ ଓ ବାଲିଷ୍ଟିକ୍ ମିଶାଇଲ କାର୍ଯ୍ୟକ୍ରମ ଅନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷା ପାଇଁ ବିପଦ ବୋଲି ଅଷ୍ଟ୍ରେଲିଆ କହିଛି। ସେହିପରି ୩ ଆଣବିକ କେନ୍ଦ୍ର ଉପରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଫ୍ରାନ୍ସ ଚିନ୍ତବ୍ୟକ୍ତ କରିଛି। ଆମେରିକାର ଆକ୍ରମଣରେ ଫ୍ରାନ୍ସ ସାମିଲ ନ ଥିଲା ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ଜିନ୍-ନୋଏଲ ବାରୋଟ୍ କହିଛନ୍ତି।

## ପହଲଗାମ୍ ଆକ୍ରମଣକାରୀଙ୍କୁ ସହାୟତା କରିଥିବା ୨ ଗିରଫ

ନୂଆଦିଲ୍ଲୀ,୨୨।୬

### ୩ ଲଶ୍କର ଆତଙ୍କବାଦୀ ଚିହ୍ନଟ

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣର ଠିକ୍ ୨ ମାସ ପରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୨ ଜଣଙ୍କୁ ଗିରଫ କରିଛି। ସେମାନେ ଆକ୍ରମଣକାରୀଙ୍କୁ ଆଶ୍ରୟ ଦେବା ସହ ଲଜିଷ୍ଟିକ୍ ସହାୟତା ଯୋଗାଇ ଦେଇଥିଲେ। ଗିରଫ ୨ ଅଭିଯୁକ୍ତ ହେଲେ ପହଲଗାମ୍ ହିଲ୍ ପାର୍କ ଅଞ୍ଚଳର ପରଭେଜ୍ ଅହମଦ ଜୋଠାର ଏବଂ ବଶିର ଅହମଦ ଜୋଠାର। ଏପ୍ରିଲ ୨୨ ତାରିଖରେ ହୋଇଥିବା ଏହି ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୬ ଜଣ ଗୁରୁତର ଆହତ ହୋଇଥିଲେ। ଗିରଫ ଅଭିଯୁକ୍ତମାନେ ଏହି ଆକ୍ରମଣରେ ସମ୍ପୃକ୍ତ ୩ ଲଶ୍କର-ଇ-ତୋଇବା ଆତଙ୍କବାଦୀଙ୍କ ନାଁ ପ୍ରକାଶ କରିବା ସହ ସେମାନେ ପାକିସ୍ତାନୀ ଥିଲେ ବୋଲି କହିଛନ୍ତି।

ଏନ୍‌ଆଇଏ ତଦନ୍ତ ଅନୁଯାୟୀ, ପରଭେଜ୍ ଏବଂ ବଶିର ସେମାନଙ୍କ ଜାଣତରେ ୩ ସଶସ୍ତ୍ର ଆତଙ୍କବାଦୀଙ୍କୁ ହିଲ୍ ପାର୍କର ଏକ ଘରେ ଆଶ୍ରୟ ଦେଇଥିଲେ। ଏଥିସହିତ ସେମାନେ ଆତଙ୍କବାଦୀଙ୍କୁ ଖାଦ୍ୟ ଓ ଲଜିଷ୍ଟିକ୍ ସହାୟତା ଯୋଗାଇ ଦେଇଥିଲେ।

## ପାକିସ୍ତାନରୁ ଡ୍ରୋନ୍ ଯୋଗେ ପଞ୍ଜାବ ଅପରାଧୀଙ୍କ ପାଖକୁ ଆସୁଛି ତୁର୍କୀ ପିସ୍ତଲ

ଚଣ୍ଡିଗଡ଼,୨୨।୬

ପାକିସ୍ତାନରୁ ଡ୍ରୋନ୍ ଯୋଗେ ତୁର୍କୀ ନିର୍ମିତ ପିଏକ୍ସ୫ ପିସ୍ତଲ ପଞ୍ଜାବ ଆସୁଥିବା ଜଣାପଡ଼ିଛି। ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ସଂଘର୍ଷ ଚାଲିଥିଲାବେଳେ ଇସ୍‌ଲାମାବାଦ ଛାଡ଼ିଥିବା ତୁର୍କୀ ଡ୍ରୋନ୍‌ଗୁଡ଼ିକୁ ଭାରତୀୟ ସେନା ଖସାଇଥିଲା। ଚଳିତ ମାସରେ ପାକିସ୍ତାନ ୪ ଥର ଡ୍ରୋନ୍ ଯୋଗେ ପିଏକ୍ସ୫ ପିସ୍ତଲ ଡ୍ରପ୍ କରାଇଥିବାବେଳେ ପଞ୍ଜାବ ପୋଲିସ ସେଗୁଡ଼ିକୁ ଜବତ କରିଛି। ତୁର୍କୀର ଟିସାସ୍ ଏହି ପିସ୍ତଲଗୁଡ଼ିକର ନିର୍ମାତା। ଗତ ଶନିବାର ଅମୃତସରରୁ ୩ଟି ପିଏକ୍ସ୫ ପିସ୍ତଲ ଜବତ ହୋଇଛି। ଅମୃତସର ପୋଲିସ ସ୍ଥାନୀୟ ଅପରେଟରଙ୍କୁ ଗିରଫ କରିବା ସହ ପାକ୍ ସମର୍ଥିତ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ (ବିକେଆଇ) ଟେରର ମଡ୍ୟୁଲ୍‌କୁ ଧ୍ୱଂସ କରିଥିଲା।

DADLS-35

ଓଡ଼ିଶା ସରକାର



ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ
ରାଜ୍ୟସ୍ତରୀୟ ବଳିଦାନ ଦିବସ
୨୩ ଜୁନ,୨୦୨୫

**ସକାଳ ୯.୩୦ ମିନିଟ:** ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ, ସତ୍‌ସଙ୍ଗ ବିହାର, ଭୁବନେଶ୍ୱରସ୍ଥିତ ଡଃ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ **ଶ୍ରୀମତୀ ସୁରମା ପାଢ଼ୀ**, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସନ୍ଧ୍ୟା ୭ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି :
**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସଦୟ ଉପସ୍ଥିତି :
**ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ**, ମାନ୍ୟବର ମନ୍ତ୍ରୀ
ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା
**ଶ୍ରୀଯୁକ୍ତ ବାବୁ ସିଂ**, ମାନ୍ୟବର ବିଧାୟକ, ଏକାମ୍ର-ଭୁବନେଶ୍ୱର
**ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂହ**, ପ୍ରମୁଖ ଶାସନ ସଚିବ,
ସୂଚନା ଓ ଲୋକସମ୍ପର୍କ ବିଭାଗ

ମୁଖ୍ୟବକ୍ତା:
**ପ୍ରଫେସର ବସନ୍ତ କୁମାର ପଣ୍ଡା**, ପ୍ରାକ୍ତନ ନିର୍ଦ୍ଦେଶକ,
ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ କେନ୍ଦ୍ର, ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର

ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ
ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0717/2526

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଜୁନ୍ ୨୩/୨୦୨୫ | Bhubaneswar, Monday, June 23/2025 | ପୃଷ୍ଠା-୧




**ବୁମ୍‌ରାଙ୍କୁ ୫ ଉଇକେଟ ସଫଳତା**
ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି ଭାରତୀୟ ବୋଲର ଯଶପ୍ରୀତ୍ ବୁମ୍‌ରା। ୧୨

୦୮ **ମେଟ୍ରୋ ଟ୍ରେନ୍‌ରେ ବୁଲିଲେ ବରୁଣ, ଆହାନ**
ପୁଣେ ସହରର ମେଟ୍ରୋ ଟ୍ରେନ୍‌ରେ ଅଭିନେତା ବରୁଣ ଧାୱନ ଓ ଆହାନ ଶେଟ୍ଟୀ ଯାଉଥିବା ବେଳର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।





ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ରବିବାର ଆରମ୍ଭ ହୋଇଥିବା ୧୮ତମ ସିନିୟର ନ୍ୟାଶନାଲ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ପ୍ରତିଯୋଗୀମାନେ ସୁଇମିଂପୁଲ୍‌କୁ ଲମ୍ଫ ପ୍ରଦାନ କରୁଛନ୍ତି। **(ଫଟୋ- ବିକାଶ ନାୟକ)**

# ୨ ଦଳିତଙ୍କୁ ଲଣ୍ଡାକରି ଆଣ୍ଠୁରେ ଚଲେଇଲେ

## ଗୋଟାଲାଣକୁ ନେଇ କଙ୍ଗାରୁ କୋର୍ଟ

ଧରାକୋଟ,୨୨।୬
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗାଁରେ କେତେଜଣ ଲୋକ ଗୋଚାଲାଣ ଅଭିଯୋଗ ଆଣି ୨ଜଣ ଦଳିତଙ୍କୁ ରବିବାର ଅକଥନୀୟ ନିର୍ଯାତନା ଦେଇଛନ୍ତି। କଙ୍ଗାରୁ କୋର୍ଟ କରି ସେମାନଙ୍କୁ ଟଙ୍କା ମଗାଯାଇଥିଲା। ନ ଦେବାରୁ ୨ ଦଳିତଙ୍କୁ ଅଧା ଲଣ୍ଡା କରି ଗାଁ ଦାଣ୍ଡରେ ୨ କି.ମି. ଚଲାଇବା ସହ ନର୍ଦ୍ଦମା ପାଣି ପିଆଇଛନ୍ତି ଲୋକେ।

ଖବରରୁ ଜଣାପଡ଼ିଛି, ଝିଅକୁ ଯୌତୁକ ଦେବା ପାଇଁ ୨ ଦଳିତ ବ୍ୟକ୍ତି ରବିବାର ହରିପୁରରୁ ୩ଟି ଗାଈ ଧରି ସିଙ୍ଗିପୁର ଯାଉଥିଲେ। ଖାରିଗୁମ୍ମାରେ ତାଙ୍କୁ କେତେଜଣ ଲୋକ ଅଟକାଇ ଗୋ ଚାଲାଣ କରୁଥିବା ଅଭିଯୋଗ କରି ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସେମାନେ ଉଭୟଙ୍କୁ ମାଡ଼ ମାରିଥିଲେ। ☞ପୃଷ୍ଠା-୨

# ଯୁକ୍ତ୩ ଦ୍ୱିତୀୟ ମେଧା ତାଲିକା ପ୍ରକାଶ

ଭୁବନେଶ୍ୱର,୨୨।୬(ସୁଚିସ୍ମିତା ସାହୁ)

ଚଳିତବର୍ଷ ଯୁକ୍ତ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ରବିବାର ଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଲାଗି ମେଧାତାଲିକା ସହ କଟ୍‌ଅପ୍ ମାର୍କ ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ପାଇଁ ୪୫ହଜାର ୫୦୨ଜଣ ଛାତ୍ରୀଛାତ୍ର ଚୟନ ହୋଇଛନ୍ତି। ଏଥିମଧ୍ୟରୁ ୨୦ହଜାର ୩୧ଜଣ ଛାତ୍ର ରହିଥିବା ବେଳେ ୨୫ ହଜାର ୪୬୮ଜଣ ଛାତ୍ରୀ ଏବଂ ୩ଜଣ ଟ୍ରାନ୍ସଜେଣ୍ଡର ରହିଛନ୍ତି।

ତେବେ କଟ୍‌ଅପ୍ ମାର୍କରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କଳା, ବିଜ୍ଞାନ ଓ ବାଣିଜ୍ୟରେ ସବୁଠାରୁ ଆଗରେ ରହିଛି। କଳା ବିଭାଗର ରାଜନୀତି ବିଜ୍ଞାନରେ ସର୍ବାଧିକ ୯୧% କଟ୍‌ଅଫ୍ ମାର୍କ ରହିଛି। ବିଜ୍ଞାନ ବିଭାଗର ଫିଜିକ୍ସରେ ୯୨.୮୦% କଟ୍‌ଅଫ ମାର୍କ ରହିଥିବାବେଳେ ଜୈବିକ ବିଜ୍ଞାନରେ ୯୨.୨୦% ଓ ବାଣିଜ୍ୟ ବିଭାଗରେ ୮୯.୮୩% କଟ୍‌ଅଫ ମାର୍କ ରହିଛି। ଅନ୍ୟପଟେ ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ବେଦ କର୍ମକାଣ୍ଡ(ଡିଗ୍ରୀ) କଲେଜର ଶାସ୍ତ୍ରୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ପଣିଲା ଆମେରିକା

# ୭,୭୯୭ ପରିବର୍ତ୍ତେ ଏବେ ୨୨ କିସମ

## ରାଜସ୍ୱ ବିଭାଗର ସଂକଳ୍ପ

### ୭୫୦ ପ୍ରକାର ସ୍ୱତ୍ୱ ୪କୁ ହ୍ରାସ

ଭୁବନେଶ୍ୱର,୨୨।୬
(ରବିନାରାୟଣ ଜେନା)

ଲୋକଙ୍କୁ କିଭଳି ରାଜସ୍ୱ ସେବା ହାତ ପାହାନ୍ତାରେ ମିଳିପାରିବ ତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି। ନିକଟରେ ଜମି ପ୍ଲଟିଂ କିଣାବିକାଠାରୁ ଆରମ୍ଭ କରି ଜମି କିସମ ପରିବର୍ତ୍ତନ ବା କନ୍‌ଭରଶନ ଓ ବିବିଧ ପ୍ରମାଣପତ୍ର ପର୍ଯ୍ୟନ୍ତ ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଥିବାବେଳେ ଶନିବାର ବିବିଧ କିସମ ଉପରେ ରାଜସ୍ୱ ବିଭାଗ ଏକ ସଂକଳ୍ପ ଜାରି କରିଛି। ରାଜ୍ୟରେ ବ୍ରିଟିଶ ଅମଳରୁ ପ୍ରଚଳିତ ହେଉଥିବା ଜମିଜମାର କିସମ ପ୍ରକ୍ରିୟାକୁ ଉଚ୍ଛେଦ କରିବା ସହିତ ଏହାକୁ ସରଳୀକରଣ ଦିଗରେ ବିଭାଗ ପଦକ୍ଷେପ ନେଇଛି। ପୂର୍ବରୁ ପ୍ରଚଳିତ ୭,୭୯୭ କିସମକୁ ହଟାଇ ୨୨ ପ୍ରକାର କିସମରେ ସୀମିତ କରାଯାଇଛି। ଏଥିସହିତ ବିଭିନ୍ନ ସତ୍ୱକୁ ୪ ଟି ମଧ୍ୟରେ ରଖାଯାଇ ଏକ ସଂକଳ୍ପ ଜାରି କରାଯାଇଛି।

ଏନେଇ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଜାରି କରିଥିବା ସଂକଳ୍ପ ଅନୁଯାୟୀ, ଜମିର ବିଭକ୍ତୀକରଣ ବିଭିନ୍ନ ପ୍ରକାରରେ ହୋଇଥାଏ। ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ନିୟମ-୧୯୬୨ ଅନୁଯାୟୀ, କେଉଁ ଜମିରେ କିପ୍ରକାର ଫସଲ ହେଉଛି ବା ମୃତ୍ତିକା ଓ ସ୍ଥିତାବସ୍ଥା ନେଇ ଜମିର କିସମ ନିରୂପଣ କରାଯାଇଥାଏ। ସମ୍ପ୍ରତି ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଏହି କିସମ ଜମିଜମା ସେବା ଲୋକଙ୍କୁ ପ୍ରଦାନରେ ଅନ୍ତରାୟ ସୃଷ୍ଟି କରୁଛି। ଜମିର ସ୍ୱତ୍ୱ ଅନେକ ସମୟରେ ଅଧିକାରୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏବେ ରାଜ୍ୟରେ ୭,୭୯୭ କିସମର ଜମି ରହିଛି। ଏହାସହିତ ୭୫୦ ପ୍ରକାର ସ୍ୱତ୍ୱ ରେକର୍ଡ ଅଫ୍ ରାଇଟ୍ସରେ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜମିଜମାର ଡିଜିଟାଇଜେଶନ କରିବା ବେଳକୁ ଭୂଲେଖ ଓ ଭୂନକ୍ସା ପୋର୍ଟାଲରେ ଅନେକ ସମସ୍ୟା ଦେଖାଦେଉଛି। ପରିସ୍ଥିତିର ଜରୁରୀକୁ ଅନୁଭବ କରି ଜମିର ବିଭକ୍ତୀକରଣକୁ ୨୨ମଧ୍ୟରେ ସୀମିତ ରଖିବାକୁ ସରକାରୀସ୍ତରରେ ନିଷ୍ପତ୍ତି ନିଆଯାଇଛି।

ସଂକଳ୍ପରେ କୁହାଯାଇଛି ଯେ, ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ବିବିଧ କିସମର ଅସୁବିଧା ସହିତ ଜମିର କର ବା ଖଜଣା ଧାର୍ଯ୍ୟ କରିବା, ମୂଲ୍ୟାୟନ କରିବା ଓ ବନ୍ଦୋବସ୍ତର ସରଳ ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହାବାଦ୍ ସରକାରଙ୍କ 'ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ' ନୀତିକୁ ତ୍ୱରାନ୍ୱିତ କରିବା ସହିତ ସାଧାରଣ ଲୋକଙ୍କୁ ସହଜରେ ଜମି ହସ୍ତାନ୍ତର, କୃଷକଙ୍କୁ ଫସଲକ୍ଷତିଜନିତ କ୍ଷତି ତୁରନ୍ତ ପ୍ରଦାନ କରିବାକୁ ଦୃଷ୍ଟିରେ ରଖି ସରକାର ଏବେ ୨୨ ପ୍ରକାର ଜମି କିସମରେ ସୀମିତ ରଖିବାକୁ ଚାହୁଁଛନ୍ତି। ରାଜ୍ୟ ସରକାର ଏହା ଉପରେ ଯତ୍ନର ସହିତ ବିଚାର କରିବା ପରେ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଜମି କିସମ କରିବା ଉପରେ ନିଷ୍ପତ୍ତି ନେଇଛନ୍ତି। ଏହି ୨୨ ପ୍ରକାର ଜମି କିସମ ମଧ୍ୟରେ ଜଳସେଚିତ ଦୋଫସଲି, ଜଳସେଚିତ ଏକଫସଲି, ଅଣଜଳସେଚିତ, ବଗାୟତ, ଜଳାଶୟ, ଘରବାରି, ବ୍ୟବସାୟିକ, ଖଣି ଖାଦାନ, ଆନୁଷ୍ଠାନିକ, ଜଙ୍ଗଲ, ଉନ୍ନୟନ ଯୋଗ୍ୟ, ନାଳ, ନୟନଯୋରି, ଗୋଚର, ନଦୀ, ରାସ୍ତା, ରେଳ ଲାଇନ୍, ଶ୍ମଶାନ, କବରସ୍ଥାନ, ସମୁଦ୍ର, ପତିତ, ପାହାଡ଼ କିସମ ରହିଛି।

ସେହିପରି ସଂକଳ୍ପରେ ରାଜ୍ୟରେ ଥିବା ୭୫୦ ପ୍ରକାର ଜମିର ସ୍ୱତ୍ୱକୁ ଉଚ୍ଛେଦ କରି ମାତ୍ର ୪ପ୍ରକାର ସ୍ୱତ୍ୱରେ ସୀମିତ ରଖାଯାଇଛି। ସେଥିମଧ୍ୟରେ ରୟତି/ସ୍ଥିତିବାନ, ପଟ୍ଟାଦାର, ଧର୍ମାନୁଷ୍ଠାନ ଓ ଅମୃତମଣୋହି ରହିଛି। ଏହାବାଦ୍ ଜମିଜମା ସମସ୍ୟାର ସମାଧାନ ପାଇଁ ରାଜସ୍ୱ ପର୍ଷଦ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ସେଥିମଧ୍ୟରେ ସଚିବ ଅଧ୍ୟକ୍ଷ ରହିଥିବାବେଳେ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ(ସିଏଚ୍‌ଆଣ୍ଡଏସ୍) ଆବାହକ ରହିଛନ୍ତି। ଏହାବାଦ୍ ଚକବନ୍ଦୀ ଓ ବନ୍ଦୋବସ୍ତ ନିର୍ଦ୍ଦେଶକ, ରାଜସ୍ୱ ବିଭାଗ ଅତିରିକ୍ତ ସଚିବ(ଆର୍‌ଆଣ୍ଡଆର୍), ଅତିରିକ୍ତ ସଚିବ ଏଲ୍‌ଆର୍‌ଜିଇ, ଅତିରିକ୍ତ ସଚିବ ପଞ୍ଜୀକରଣ, ଏନ୍‌ଆଇସି ପ୍ରତିନିଧି ସଭ୍ୟ ରହିଛନ୍ତି ବୋଲି ସଂକଳ୍ପରେ ଉଲ୍ଲେଖ ରହିଛି।

# ଇରାନରେ ଆମେରିକାର ଅପରେଶନ 'ହାମର'

## ୩ ଆଣବିକ କେନ୍ଦ୍ରରେ ଏୟାରଷ୍ଟ୍ରାଇକ୍

ଇସ୍ରାଏଲ-ଇରାନ୍ ଯୁଦ୍ଧ ଦଶମ ଦିନରେ ପହଞ୍ଚିଥିବାବେଳେ ଆମେରିକା ଏଥିରେ ନିଜକୁ ସାମିଲ କରିଛି। ଆମେରିକୀୟ ସେନା ରବିବାର ଭୋର ସମୟରେ ମଧ୍ୟପ୍ରାଚ୍ୟର ଦୁଇ ମହାଶକ୍ତିଙ୍କ ସାମରିକ ସଂଘର୍ଷ ମଝିକୁ ଲମ୍ଫ ମାରି ଇରାନ୍‌ର ୩ ପ୍ରମୁଖ ଆଣବିକ ସ୍ଥଳରେ ମିଶାଇଲ ମାଡ଼ କରିଛି। ଅପରେଶନ 'ହାମର' ନାମରେ ଆମେରିକାର ଏହି ଏୟାରଷ୍ଟ୍ରାଇକ୍‌ରେ ଫାର୍ଦ୍ଦୋ, ନତାଞ୍ଜ ଓ ଇଶଫାହାନ୍ ଆଣବିକ କେନ୍ଦ୍ରର ପ୍ରଭୂତ କ୍ଷତି ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଟ୍ରମ୍ପ ଏହାକୁ ଏକ ବଡ଼ ସଫଳତା ବୋଲି ଅଭିହିତ କରିବା ସହ ଇରାନ୍ ପ୍ରତିଶୋଧ ନେଲେ ଅଧିକ ପ୍ରଭାବଶାଳୀ ଢଙ୍ଗରେ ଆକ୍ରମଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ମଧ୍ୟପ୍ରାଚ୍ୟକୁ ସୁରକ୍ଷିତ କରିଥିବାରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକା ଓ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆମେରିକାର ଇରାନ୍ ଆକ୍ରମଣ ପୂର୍ବରୁ ଇସ୍ରାଏଲ୍‌କୁ ଏନେଇ ଅବଗତ କରାଯାଇଥିଲା ବୋଲି ନେତାନ୍ୟାହୁ ସୂଚନା ଦେଇଛନ୍ତି। ଇତିମଧ୍ୟରେ ଆମେରିକା ଏୟାରଷ୍ଟ୍ରାଇକ୍‌ର ଜବାବ ଦେବାକୁ ଯାଇ ଇରାନ୍ ଇସ୍ରାଏଲ୍ ଉପରେ ତୁହାକୁ ତୁହା ମିଶାଇଲ୍ ଆକ୍ରମଣ ଜାରି ରଖିଛି। ଇରାନୀୟ ଆଣବିକ କେନ୍ଦ୍ରରେ ଆମେରିକୀୟ ବମ୍ବର ଆକ୍ରମଣକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ବିପଜ୍ଜନକ ଓ ଉତ୍ତେଜନା ସୃଷ୍ଟିକାରୀ ବୋଲି ଅଭିହିତ କରିବା ସହ ସଂଯମ ରହିବାକୁ ପକ୍ଷମାନଙ୍କୁ ପରାମର୍ଶ ଦେଇଛନ୍ତି। ରୁଷିଆ, ଚାଇନା ଓ ଇରାନର ଅନ୍ୟ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଆମେରିକାର କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛନ୍ତି।


ଡୋନାଲ୍ଡ ଟ୍ରମ୍ପ



ଆମେରିକା ଆକ୍ରମଣ କରିଥିବା ଇରାନର ୩ ପରମାଣୁ କେନ୍ଦ୍ର

ୱାଶିଂଟନ୍/ ତେହରାନ୍/ ତେଲ୍‌ଆଭିଭ୍,୨୨।୬
(ରଏଟର୍ସ/ ଏପି/ ଟାଇମ୍ସ ଅଫ୍ ଇସ୍ରାଏଲ୍)

ମଧ୍ୟପ୍ରାଚ୍ୟର ଯୁଦ୍ଧ ପରିସୀମା ବୃଦ୍ଧି ପାଇଛି। ହମାସ୍ ସହ ଇସ୍ରାଏଲର ଯୁଦ୍ଧ ୬୨୫ ଦିନରେ ପହଞ୍ଚିଥିବାବେଳେ ଗାଜାର ଏହି ସଶସ୍ତ୍ର ଆତଙ୍କବାଦୀ ଶାସକ ସହ ୟେମେନ୍‌ର ହୁଟି ଓ ଲେବାନନ୍‌ର ହେଜ୍‌ବୋଲ୍ଲାକୁ ସହଯୋଗ କରିଆସୁଥିବା ଇରାନ୍ ସହିତ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଗତ ୧୩ ତାରିଖରୁ ମୁହାଁମୁହିଁ ଅବସ୍ଥାରେ ରହିଛି। ଇରାନ୍ ପରମାଣୁ ☞ପୃଷ୍ଠା-୨

# ଭୂ-ରାଜନୈତିକ ଉତ୍ତେଜନାରୁ କର୍ମକ୍ଷେତ୍ର ପ୍ରଭାବିତ

## ୬୩% ଭାରତୀୟ କମ୍ପାନୀ ସ୍ଥଗିତ ରଖିଛନ୍ତି ନିଯୁକ୍ତି

ନୂଆଦିଲ୍ଲୀ, ୨୨।୬

ସମ୍ପ୍ରତି ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ସମେତ ବିଭିନ୍ନ ଭୂ-ରାଜନୈତିକ ଉତ୍ତେଜନା ଭାରତୀୟ କର୍ମକ୍ଷେତ୍ରଗୁଡ଼ିକୁ ପ୍ରଭାବିତ କରୁଛି। ଏହାର ପ୍ରଭାବରେ ୬୩% ଭାରତୀୟ କମ୍ପାନୀ ନିଜର ନିଯୁକ୍ତିକୁ ସ୍ଥଗିତ ରଖିଛନ୍ତି କିମ୍ବା ନିଯୁକ୍ତିକୁ କମାଉଥିବା ନେଇ ରବିବାର ଷ୍ଟାଫିଙ୍ଗ୍ ସଲ୍ୟୁଶନ୍ସ ଏବଂ ଏଚ୍‌ଆର୍ ସର୍ଭିସ୍ ପ୍ରୋଭାଇଡର 'ଜିନିୟସ୍ କନ୍‌ସଲ୍‌ଟାଣ୍ଟସ୍' ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି। ଏହି ସର୍ଭେରେ ୬୩% ଉତ୍ତରଦାତା ସେମାନଙ୍କ କମ୍ପାନୀ ପକ୍ଷରୁ ସମ୍ପ୍ରତି ନିଯୁକ୍ତି ସ୍ଥଗିତ ରହିଛି କିମ୍ବା କମ୍ପାନୀ ଦ୍ୱାରା ବିଭିନ୍ନ ଟିମ୍‌ର ସଦସ୍ୟ ସଂଖ୍ୟାକୁ ହ୍ରାସ କରାଯାଉଛି ବୋଲି କହିଛନ୍ତି। ସେହିପରି ସାମ୍ପ୍ରତିକ ସ୍ଥିତିରେ ସେମାନଙ୍କ କମ୍ପାନୀ ପକ୍ଷରୁ ନିଯୁକ୍ତି ପାଇଁ ଚୁକ୍ତିଭିତ୍ତିକ କିମ୍ବା ଫ୍ରିଲାନ୍ସ ଆଦି ବିଭିନ୍ନ ପଦ୍ଧତିକୁ ଆପଣାଯାଉଛି ବୋଲି ୧୫% ଉତ୍ତରଦାତା କହିଛନ୍ତି। ୩୬% କର୍ମଚାରୀ କହିଛନ୍ତି, ଭୂ-ରାଜନୈତିକ ଅସ୍ଥିରତା ବଢୁଥିବାରୁ ସେମାନଙ୍କର ଦରମା ବୃଦ୍ଧି, ବୋନସ୍ କିମ୍ବା ଆପ୍ରାଇଜାଲ ପ୍ରଭାବିତ ହୋଇଛି। ୨୧% ଉତ୍ତରଦାତା କହିଛନ୍ତି, ସେମାନଙ୍କ ଉପରେ କାର୍ଯ୍ୟଚାପ ବଢ଼ିଛି ଏବଂ ସେମାନଙ୍କର ଅନେକ ପ୍ରୋଜେକ୍ଟର ସମୟସୀମା ମଧ୍ୟ ବୃଦ୍ଧି ପାଉଛି। ୨୨% ଉତ୍ତରଦାତା କହିଛନ୍ତି, ସେମାନଙ୍କ ଅନ୍ତର୍ଜାତୀୟ ବ୍ୟବସାୟିକ ସମ୍ପର୍କ ଏବଂ ଯାତ୍ରା ମଧ୍ୟ ବାଧାପ୍ରାପ୍ତ ହୋଇଛି। ସେହିପରି ୨୧% କର୍ମଚାରୀ କହିଛନ୍ତି, ଭୂ-ରାଜନୈତିକ ଉତ୍ତେଜନା ପ୍ରଭାବରେ ସେମାନଙ୍କ ଟିମ୍‌ର ମନୋବଳ ଏବଂ ନିଯୁକ୍ତି ଆତ୍ମବିଶ୍ୱାସ ହ୍ରାସ ☞ପୃଷ୍ଠା-୨



# ଅଘଟଣଶୂନ୍ୟ ରଥଯାତ୍ରାକୁ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

## ଚୂଡ଼ାନ୍ତ ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକ

- ଶୃଙ୍ଖଳିତ ନୀତିକାନ୍ତି, ଭକ୍ତଙ୍କ ସୁରକ୍ଷା ଉପରେ ଗୁରୁତ୍ୱ
- ଏଆଇ କ୍ୟାମେରା, ଡ୍ରୋନ୍ ନଜରରେ ରହିବ ପୁରୀ

ପୁରୀ,୨୨।୬(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଅଘଟଣଶୂନ୍ୟ ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଧାର୍ଯ୍ୟ ସମୟରେ ନୀତିକାନ୍ତି ସମ୍ପନ୍ନ କରିବା, ଶୃଙ୍ଖଳିତ ଦର୍ଶନ ସମେତ ଭକ୍ତଙ୍କ ସୁରକ୍ଷାକୁ ସେ ଗୁରୁତ୍ୱ ଦେଇଛନ୍ତି। ରବିବାର ପୁରୀ ପୌର ସଦନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତୃତୀୟ ତଥା ଚୂଡ଼ାନ୍ତ ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ରଥଯାତ୍ରା ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିବା ସହ ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସୂଚନା ଦେଇଛନ୍ତି। ପୋଲିସ, ଟ୍ରାଫିକ, ଅଗ୍ନିଶମ ଓ ସୁରକ୍ଷା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟ ଠିକ ଭାବେ ପରିଚାଳନା କରି ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ରଥଯାତ୍ରାରେ ଭାଗ ନେଇପାରିବେ, ସେଥିପ୍ରତି ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଜିଲାରେ ଡାଇରିଆ ସ୍ଥିତି ଥିବାରୁ ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟ ସମସ୍ତ ସମ୍ପୃକ୍ତ ବିଭାଗ ରଥଯାତ୍ରା ପୂର୍ବରୁ ସୁନାବେଶ ପର୍ଯ୍ୟନ୍ତ ଏହା ଉପରେ ସମ୍ପୂର୍ଣ୍ଣ ନଜର ରଖିବା ଆବଶ୍ୟକ। କୌଣସି ସ୍ଥାନରେ ଯେପରି ଅସ୍ୱାସ୍ଥ୍ୟକର ଖାଦ୍ୟ କିମ୍ବା ପାଣି ବିକ୍ରି ନ ହୁଏ, ତାହା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ସୁରୁଖୁରୁରେ ଏବଂ ଠିକ୍ ସମୟରେ ହେବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କ ସହଯୋଗ କାମନା କରିଥିଲେ।

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆମ ସଂସ୍କୃତିର ସବୁଠୁ ଗୌରବମୟ ପରିଚୟ। ଏହାର ସୁପରିଚାଳନା ଏକ ପବିତ୍ର କର୍ତ୍ତବ୍ୟ। ତେଣୁ ସମସ୍ତେ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି ରଥଯାତ୍ରାକୁ ସଫଳ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ଅତିଥିମାନେ ସୂଚନା ପୁସ୍ତିକା ରୂପରେଖ ଉନ୍ମୋଚନ କରିଥିଲେ। ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଥିଲେ, ଶ୍ରୀମନ୍ଦିର ଭିତରେ, ବାହାରେ ଓ ରଥ ଚାରିପଟେ ପୋଲିସ ମୁତୟନ ସହ ଭିଡ଼, ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ଫୋର୍ସ ମୁତୟନ କରାଯିବ। ସେହିପରି ପାଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ୍ ମୁତୟନ କରାଯାଇଛି। ପୁରୀ - ଭୁବନେଶ୍ୱର, ପୁରୀ - କୋଣାର୍କ ରାସ୍ତା ସହିତ ପୁରୀର ବିଭିନ୍ନ ଅଞ୍ଚଳକୁ ମିଶାଇ ୨୭୫ଟି ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମାଟିକ୍ସ ଆଣ୍ଡ ଆପ୍ଲିକେଶନରେ ପାଠାଗାର ଉନ୍ମୋଚନ, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ପରିସର, ଅନ୍ଧାରୁଆ, ସମୟ: ପୂର୍ବାହ୍ନ ୧୧ଟା।
- ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସରେ ମାଲ୍ୟାର୍ପଣ, ସ୍ଥାନ: ଡ. ଶ୍ୟାମାପ୍ରସାଦ ପାର୍କ, ସତ୍‌ସଙ୍ଗ ବିହାର, ସମୟ: ସକାଳ ୯ଟା ୩୦ । ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଏନ୍‌ଏସି ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପରିଚାଳନାରେ ଅଭିଯୋଗ ଶିବିର, ସ୍ଥାନ: ଏନ୍‌ଏସି ଟାଉନ ହଲ୍, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ବ୍ଲକ୍ କାର୍ଯ୍ୟାଳୟ, ଔପଦା,ସମୟ:ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ପ୍ରେସ କ୍ଲବ ବୈଠକ, ସ୍ଥାନ:ପ୍ରେସ କ୍ଲବ ପରିସର, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା ୩୦।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ସକାଳ ୭ଟା।
- ଭାଜପା ପକ୍ଷରୁ ବଳିଦାନ ଦିବସ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବଳିଦାନ ଦିବସ, ସ୍ଥାନ: ହୋଟେଲ ପଦ୍ମା, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ସ୍ଥାନ: ପାଟଣା ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ,ସମୟ:ପୂର୍ବାହ୍ନ ୧୦ଟା୩୦ ।

## ଗଞ୍ଜାମ

- ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଯୁବଶକ୍ତି ସମାବେଶ, ସ୍ଥାନ: ଆସିକା ବିଜ୍ଞାନ ମହାବିଦ୍ୟାଳୟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## କନ୍ଧମାଳ

- ପଞ୍ଚାୟତସ୍ତରୀୟ ଏକାଭିମୁଖୀ ମେଳା, ସ୍ଥାନ: ସ୍କୁଲ ପଡ଼ିଆ ଲାଇନପଡ଼ା ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦ ଟା ।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଦଶମାଣପାଟଣା ଗ୍ରାମପଞ୍ଚାୟତ, କାର୍ଯ୍ୟାଳୟ, ଗଁଦିଆ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଯୁକ୍ତ୨ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଆଳି, ସମୟ: ସକାଳ ୧୦ଟା।

## ଯାଜପୁର

- ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୧୦ଟା।

## ରାୟଗଡ଼ା

- ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ବିଧାୟକଙ୍କ ସମୀକ୍ଷା, ଅଭିଯୋଗ ଶୁଣାଣି, ସ୍ଥାନ: ଖେମୁଣ୍ଡୁଗୁଡା ଓ ନନ୍ଦକା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଲକ୍ଷ୍ମୀପୁର ବ୍ଲକ୍ କାର୍ଯ୍ୟାଳୟ ପରିସର ; ଦେବୀଘାଟ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ୍ ; ଖେମୁଣ୍ଡୁଗୁଡା ପଞ୍ଚାୟତ କାର୍ଯ୍ୟାଳୟ ; ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ; ପଞ୍ଚାୟତ କାର୍ଯ୍ୟାଳୟ, ପାକଖୋଲା, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଉମୁଡି, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ବାବା ମଠେଶ୍ୱର ପୀଠ ଆୟୋଜନରେ ଯଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଖର୍ସନମାଲର ଖଇରମାଲ ଗ୍ରାମ, ସକାଳ ୮ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦ ।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ବେଲପଡା ପଞ୍ଚାୟତ ସମିତି, ବେଲପଡା, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ପ୍ରଜାପିତା ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟରେ ଆଧାତ୍ମିକ ସଭା, ସ୍ଥାନ: ଡାଇମଣ୍ଡ ଭବନ, ସମୟ: ସକାଳ ୭ଟା ୩୦।
- ସିଏଚ୍‌ଏସ୍‌ଇ ଓ ଏନ୍‌ଆଇଟି ଆନୁକୂଲ୍ୟରେ ରସାୟନ ଶିକ୍ଷକ ତାଲିମ କାର୍ଯ୍ୟକ୍ରମର ୨ୟ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୧୯, ସମୟ: ପୂର୍ବାହ୍ନ ୧୦ଟା।
- ରାଧାକୃଷ୍ଣ ମନ୍ଦିରରେ ଭାଗବତ ପାରାୟଣର ୨ୟ ଦିବସ, ସ୍ଥାନ: ବାସନ୍ତୀ କଲୋନି, ରାଧାକୃଷ୍ଣ ମନ୍ଦିର, ସମୟ: ସନ୍ଧ୍ୟା ୫ଟା ୩୦।
- ଇନ୍ଦ୍ରଧନୁର ସପ୍ତରଙ୍ଗ ସଙ୍ଗୀତ ସନ୍ଧ୍ୟା, ସ୍ଥାନ:ସିଭିକ୍ ସେଣ୍ଟର, ସେକ୍ଟର–୧୯, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜିଲାପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ,ସ୍ଥାନ: କୋଇଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କୋକସରା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ପ୍ରସ୍ତୁତି ପାଇଁ ଚୂଡାନ୍ତ ବୈଠକ, ସ୍ଥାନ: ନୂଆଗୁଡା, ଜୁନାଗଡ଼ ବ୍ଲକ, ସମୟ: ଅପରାହ୍ନ ୪ଟା।
- ନବନିର୍ମିତ ମାଉସୀ ମା' ମନ୍ଦିର ପ୍ରତିଷ୍ଠା ଉତ୍ସବର ପାର୍ଶ୍ୱଦେବତା, ଦ୍ୱାରଦେବତା, ମୁଖ୍ୟଦେବତା ସିଂହାସନେ ବିଜେ ସହିତ ପୂର୍ଣ୍ଣାହୁତି, ସ୍ଥାନ: ଲାଞ୍ଜିଗଡ଼ ମାଉସୀ ମା' ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା ୩୦ ।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ତଳଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ହରଭଙ୍ଗା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ କେଲ୍‌ଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ରାଜା ବାସୁଦେବ ହାଇସ୍କୁଲ, ଦେବଗଡ଼ ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାକୃତିକ କୃଷି ପ୍ରଣାଳୀରେ ଚାଷ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠ ସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ଅଣସର ଘରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ଉପଚାର ଓ ପୂଜାର୍ଚ୍ଚନା, ସ୍ଥାନ: ତରଭା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୧୦।
- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ସଂଗ୍ରାମପୁର ପଞ୍ଚାୟତ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା୩୦।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଡେନ, ସମୟ: ପୂର୍ବାହ୍ନ ୧୦ଟା
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବୋଡେନ ବ୍ଲକ କର୍ଲାକୋଟ ଗାଁ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ମୁଖଭାବସ୍ଥ ଚନ୍ଦ୍ର ଯୋଗୁ ମିଠାକଥା କହି କାମ ହାସଲ କରିବାର ପ୍ରକୃଷ୍ଟ ଦିନଟିଏ । ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ଅଭିବୃଦ୍ଧି ଅବଶ୍ୟମ୍ଭାବୀ । ପୂର୍ବ ସ୍ଥିରୀକୃତ ଦୂରଯାତ୍ରା, ବାଣିଜ୍ୟ, ପରିବହନ, ବନ୍ଧୁ ବାନ୍ଧବ କ୍ଷେତ୍ରରେ ସୁଫଳ ପାଇବେ । ସବୁ କଥାକୁ ଭଲରୂପେ ବିଚାର ନ କଲେ ଅସୁବିଧା ଭୋଗିବେ ।

**ବୃଷ**
ଉଚ୍ଚସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ଆନୁଷ୍ଠାନିକ କାମ ସକାଶେ ଧାଁ ଦଉଡ଼ କରିବାକୁ ପଡିପାରେ । ଏକ ନିର୍ଦ୍ଦିଷ୍ଟ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ । ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ରହିବନାହିଁ । ରବି ଓ ବୁଧଙ୍କ ସ୍ଥିତି ପାରିବାରିକ ଓ କର୍ମକ୍ଷେତ୍ରକୁ ନିରୁପଦ୍ରବ ରଖିବ ।

**ମିଥୁନ**
ରାଶ୍ୟାଧିପତି ସ୍ୱଗୃହୀ ଯୋଗୁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ଭଲ ରହିବ । ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ଦୂରଯାତ୍ରା କରିବାକୁ ପଡିପାରେ । କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ସହକର୍ମୀଙ୍କ ଅବଦାନ ଅବିସ୍ମରଣୀୟ ରହିବ । ସଙ୍କୋଚ ବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ।

**କର୍କଟ**
ଆଜି ଲାଭଭାବରେ ଚନ୍ଦ୍ର ଥିବା ଯୋଗୁ ମନ ଚାହୁଁଥିବା ଜିନିଷ ଲାଭକରି ଖୁସି ହୋଇପାରନ୍ତି । କର୍ମକ୍ଷେତ୍ରରେ କାର୍ଯ୍ୟହାନିଜନିତ ଧୈର୍ଯ୍ୟଚ୍ୟୁତି ସାଙ୍ଗକୁ ମାନସିକ ଅସ୍ଥିରତା ସୃଷ୍ଟି ହେବ । ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ । ବ୍ୟବସାୟ, ନିର୍ମାଣ ଓ ପରିବହନରେ କିଛି ସମସ୍ୟା ଦେଖାଦେଇପାରେ ।

**ସିଂହ**
ଧନାଧିପତିଙ୍କ ସହିତ ରାଶ୍ୟାଧିପତିଙ୍କ ସଂଯୋଗ ଅର୍ଥ ସହ ସମ୍ମାନ ଲାଭରେ ସହାୟକ ହେବେ । କିନ୍ତୁ ଶନି ପ୍ରଭାବରେ କେତେକ କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିପାରନ୍ତି । ଯାତ୍ରା, ବାଣିଜ୍ୟ, ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ । ପାରିବାରିକ ସମସ୍ୟା ସୁଧାରିବା ଲାଗି ବନ୍ଧୁଙ୍କ ସାହାଯ୍ୟ ଦରକାର ପଡିପାରେ ।

**କନ୍ୟା**
କର୍ମକ୍ଷେତ୍ରରେ ବୁଧାଦିତ୍ୟ ଯୋଗ ହେତୁ ସାମାଜିକ ସ୍ତରରେ ପ୍ରତିଷ୍ଠା ଲାଭ କରିବେ । ଶନିଙ୍କ ଦୁର୍ବଳତାଜନିତ ଶିକ୍ଷା କ୍ଷେତ୍ରରେ ଅପୂରଣୀୟ ଆଶା ଓ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣରେ ଚିନ୍ତିତ ରହିବେ । ପାରିବାରିକ ସମସ୍ୟା ଲାଗି ରହିବାରୁ ମାନସିକ ସ୍ଥିତି ଭଲ ରହି ନ ପାରେ । ଧୀରସ୍ଥିର ମନ ନେଇ କାମକଲେ ସମସ୍ୟା ସମାଧାନ ହେବ ।

**ତୁଳା**
ରାଶି ପ୍ରତି ଶୁକ୍ରଙ୍କ ଦୃଷ୍ଟି ପ୍ରଭାବରେ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ଅଭିଳଷିତ ଜିନିଷ ପାଇ ଖୁସି ହେବେ । ପାପମଧ୍ୟସ୍ଥ ଚନ୍ଦ୍ରଜନିତ ବିଭିନ୍ନ ଅସୁବିଧା ଭିତରେ ମାନସିକ ଅବସ୍ଥା ଭଲ ରହି ନ ପାରେ । ମୂଲ୍ୟବାନ ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିବେ । ବ୍ୟବସାୟିକ ସ୍ଥିତି ଭଲ ରହିବ ଏବଂ ସଭାସମିତିକୁ ଆହୂତ ହୋଇପାରନ୍ତି ।

**ବିଛା**
ଚନ୍ଦ୍ରଙ୍କ ସୁପ୍ରଭାବରେ କର୍ମାରମ୍ଭ, ଆନୁଷ୍ଠାନିକ କାମ, ସଭାସମିତି ଓ ଭ୍ରମଣଜନିତ ସୁବିଧା ସୁଯୋଗ ପାଇବେ । ଶନିଙ୍କ ପ୍ରଭାବରେ ପରିବାରରେ ଭୁଲ୍ ବୁଝାମଣା ମାନସିକ ଅସ୍ଥିରତାକୁ ବୃଦ୍ଧି କରିପାରେ । ଅଭାବ ନ ଥିଲେ ମଧ୍ୟ ଅନାବଶ୍ୟକ ବ୍ୟୟ ଓ ସ୍ଥଗିତ କାର୍ଯ୍ୟ ସକାଶେ ବିଚଳିତ ରହିବେ । ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଦୂରେଇ ଯାଇପାରେ ।

**ଧନୁ**
କର୍ମଜଞ୍ଜାଳ ବଢ଼ିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି । ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ । ବାଧ୍ୟ ବାଧକତାରେ ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଦୂରଯାତ୍ରା କରିବାକୁ ପଡିପାରେ । ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କକୁ ନେଇ ଆଲୋଚନାରେ ବ୍ୟସ୍ତ ରହିପାରନ୍ତି ।

**ମକର**
ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ମନ ପ୍ରଫୁଲ୍ଲ ରହିବ ଏବଂ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହେବ । କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ । ଟିକିଏ କଥାରେ ରାଗିଯାଇ ଯାହାତାହା କହି ପକାଇବା ଦ୍ୱାରା ସମସ୍ୟା ଆସିପାରେ । ଆତ୍ମୀୟମାନେ ସହଯୋଗ ପ୍ରଦାନ କରି ଆପଣଙ୍କ କାମକୁ ସୁଗମ କରିପାରନ୍ତି ।

**କୁମ୍ଭ**
ରାଶିରେ ରାହୁଙ୍କ ପ୍ରଭାବଜନିତ ପ୍ରତ୍ୟେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ । ନିଜ ଲୋକ ଯେତେ ସମସ୍ୟା ସୃଷ୍ଟି କଲେ କିଛି କ୍ଷତି କରିପାରିବେ ନାହିଁ । ପାରିବାରିକ ସ୍ଥିତି ଭଲ ରହିବା ସହ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବେ । ସାଧାରଣ କଥାରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବା ଆଶା ରହିଛି ।

**ମୀନ**
ଶନି ଓ ରାହୁଙ୍କ ସ୍ଥିତିଜନିତ କର୍ମକ୍ଷେତ୍ରରେ ସମସ୍ୟାକୁ ପ୍ରତିହତ କରି ଆଗକୁ ବଢିବାକୁ ପଦକ୍ଷେପ ନେବେ । ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ । ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବା ଆଶଙ୍କା ରହିଛି । ଚେଷ୍ଟା କରୁଥିବା କାମରେ ସଫଳତା ହେତୁ ଖୁସି ହେବେ ।

ଆଜି ଜୁନ୍ ୨୩ ତାରିଖ, ଆଷାଢ଼ କୃଷ୍ଣ ତ୍ରୟୋଦଶୀ ସୋମବାର । ଶ୍ରୀମନ୍ଦିରରେ ଅନବସର ତ୍ରୟୋଦଶୀ, ଘଣାଲାଗି, ସିଦ୍ଧାନ୍ତ ଦର୍ପଣ ପ୍ରଣେତା ପଠାଣି ସାମନ୍ତଙ୍କ ତିରୋଧାନ ତିଥି । ରାଶି ନକ୍ଷତ୍ର–କୃତ୍ତିକା/ବୃଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ । ଦିବା ଘ.୦୮.୪୪ ଗତେ ଘ.୧୦.୨୯ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୬.୫୧ ଗତେ ଘ.୦୮.୩୦ ମଧ୍ୟେ ରାହୁ କାଳ ।

# ସଫଳତାର ସହ ସରିଲା ନବୀନଙ୍କ ଅସ୍ତ୍ରୋପଚାର

**ଭୁବନେଶ୍ୱର,୨୨।୬ (ରବିନାରାୟଣ ଜେନା)**

### ଆଶୁ ଆରୋଗ୍ୟ କାମନା କଲେ ଜନପ୍ରତିନିଧି

ମୁମ୍ବାଇର କୋକିଲାବେନ୍ ଧୀରଭାଇ ଅମ୍ବାନୀ ହସ୍ପିଟାଲରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କର ଅସ୍ତ୍ରୋପଚାର ହୋଇଛି। ହସ୍ପିଟାଲର ବିଶେଷଜ୍ଞ ଡାକ୍ତର ରମାକାନ୍ତ ପଣ୍ଡା ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଡାକ୍ତର ରମାକାନ୍ତଙ୍କ ସୂଚନା ଅନୁସାରେ, ବୟସ ବଢ଼ିଲେ ସର୍ଭିକାଲ ଆର୍ଥ୍ରାଇଟିସ ସୃଷ୍ଟି ହୁଏ। ରବିବାର ଦୁଇ ଘଣ୍ଟା ଧରି ନବୀନବାବୁଙ୍କ ଅପରେଶନ ଚାଲିଥିଲା। ଅସ୍ତ୍ରୋପଚାର ସଫଳ ହୋଇଛି। ସେ ଦୁଇଦିନ ଅବ୍‌ଜରଭେଶନରେ ରହିବେ ଏବଂ ୫ରୁ ୭ ଦିନ ମଧ୍ୟରେ ଷ୍ଟିଚ୍ ଖୋଲାଯିବ। ଆଇସିୟୁରୁ ରୁମ୍‌କୁ ଆସିବା ପରେ ନବୀନଙ୍କୁ ସାକ୍ଷାତ କରିହେବ । ଏହି ପରିପ୍ରେକ୍ଷୀରେ ରବିବାର ସକାଳ ୮ଟା ୩୦ରେ ଲିଙ୍ଗରାଜ ନାଗରିକ ସମାଜ ଓ ଜନପ୍ରତିନିଧିମାନଙ୍କ ପକ୍ଷରୁ ପ୍ରଭୁ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ପ୍ରାର୍ଥନା କରା ଯାଇଥିଲା। ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ସାମିଲ ଥିଲେ।

## ଜଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଜଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ମଝିରେ ଘର କରି**
**କୁମ୍ଭୀର ସଙ୍ଗେ କଳି ।**

ବିପଦପୂର୍ଣ୍ଣ ସ୍ଥଳରେ ରହୁଥିବା ବ୍ୟକ୍ତି ସର୍ବଦା ସତର୍କ ରହିବା ଉଚିତ ହୋଇଥାଏ। ଏପରିସ୍ଥଳେ ବିପଦ ସହ ଟକ୍କର ବା ମୁକାବିଲା ନ କରି ସେଥିରେ ସାଲିସ କରିନେବା ହିଁ ବୁଦ୍ଧିମାନ୍‌ର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନାଣ୍ଡୀ ବରଗଛ ଛାଇ**
**ନାଣ୍ଡୀ କି ଘେନି ମୁଁ କି ଘର କରିବି**
**ନାଣ୍ଡୀ ତ ବିନ୍ଧଣା ଗାଈ।**

ଯାହାର ଗୁଣ ଗ୍ରାମ ଭଲ ହୋଇ ନ ଥାଏ, ତା' ସହ ସମ୍ପର୍କ ଯୋଡ଼ିବା କାଠିକର ପାଠ ହୋଇଥାଏ। ନଣ୍ଡା ବା ଥୁଣ୍ଟା ବରଗଛ ଠାରେ କାହାର ଯେମିତି କିଛି ପ୍ରୟୋଜନ ନ ଥାଏ, ସେମିତି ମତିଗତି ଭଲ ନ ଥିବା ବ୍ୟକ୍ତି ଠାରୁ ମନ ଦୂରେଇଯିବା ସ୍ୱାଭାବିକ ହୋଇଥାଏ। ଏପରିସ୍ଥଳେ ଟାଉଁସିଆ ବା ଟାଉଁଟାଉଁ କରି କଥା କହୁଥିବା ଯୁବତୀ ସହ କିପରି ଘର ସଂସାର କରାଯିବ, ସେ ନେଇ ମନରେ ବ୍ୟସ୍ତତା ଭାବ ପ୍ରକାଶ ପାଇବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଜଗଢମାଳି ଓ ଲୋକଗୀତ–ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୬ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

## ୨ ଦଳିତଙ୍କୁ ଲଣ୍ଡାକରି ...

ପରେ ସେଲୁନକୁ ନେଇ ଅଧାଲଣ୍ଡା କରି ୨ ଦଳିତଙ୍କୁ ଖାରିଗୁମ୍ମାରୁ ଚଲାଇ ଦୁଇ କି.ମି. ଦୂର ଜାହାଡା ପର୍ଯ୍ୟନ୍ତ ଆଣିଥିଲେ। ପରେ ଉଭୟଙ୍କୁ ଜାହାଡା ଗାଁ ଦାଣ୍ଡରେ ଆଣ୍ଠୁରେ ଚଲାଇଥିଲେ । ସେମାନଙ୍କୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମା ପାଣି ପିଇବାକୁ ବାଧ୍ୟ କରିଥିଲେ। ତେବେ କୌଣସି ପ୍ରକାରେ ନିର୍ଯାତନାକାରୀଙ୍କ କବଳରୁ ସମ୍ପୃକ୍ତ ୨ ବ୍ୟକ୍ତି ଖସି ଆସି ଧରାକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉଭୟଙ୍କ ମୁଣ୍ଡ ଆଉ ପିଠିରେ ଗଭୀର ଆଘାତ ଲାଗିଛି। ଧରାକୋଟ ପୋଲିସ ଚିକିତ୍ସା ପାଇଁ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କର ତଦନ୍ତ କରିଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାରେ ୭ ରୁ ୮ ଜଣ ଅଭିଯୁକ୍ତ ସମ୍ପୃକ୍ତ ଥିବା ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି । ଯିଏ ବି ଆଇନକୁ ହାତକୁ ନେଇ ଏପରି କରିଛନ୍ତି ତାଙ୍କୁ କଠୋର ଦଣ୍ଡ ମିଳିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ଜଣକୁ ଧରି ଆଣି ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।

## ଯୁକ୍ତ ୩ ଦ୍ୱିତୀୟ ...

ବିଭାଗରେ ୬୦% କଟ୍‌ଅଫ ମାର୍କ ରହିଛି। ସେଲ୍ଫ ଫାଇନାନ୍ସିଂ କୋର୍ସ ବିଭାଗରେ ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂଶାସିତ) କଲେଜ କମ୍ପ୍ୟୁଟର ସାଇନ୍ସରେ ୮୭.୫୦% ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୟୁନିଭର୍ସିଟି ଲ' କଲେଜ ଇଣ୍ଟିଗ୍ରେଟେଡ୍ ବି.ଏ.ଏଲ୍‌ଏଲ୍.ବିରେ ସର୍ବାଧିକ କଟ୍‌ଅପ୍ ମାର୍କ ୮୪.୪୦% ରହିଛି।

ଅନ୍ୟପକ୍ଷରେ ବିଜ୍ଞାନରେ ନାମଲେଖା ଲାଗି ମୋଟ ୧୭,୧୯୩ ଛାତ୍ରୀଛାତ୍ର ମନୋନୀତ ହୋଇଥିବା ବେଳେ କଳାରେ ୨୩ହଜାର ୯୯୬ଜଣ, ବାଣିଜ୍ୟରେ ୨ହଜାର ୭୫୬ଜଣ, ଶାସ୍ତ୍ରୀରେ ୨ଶହ ଜଣ, ସେଲ୍ଫ ଫାଇନାନ୍ସିଂରେ ୧ହଜାର ୩୦୯ଜଣ ଏବଂ ଲ'ରେ ୪୭ଜଣଙ୍କୁ ଚୟନ କରାଯାଇଛି। ଛାତ୍ରୀଛାତ୍ର ସାମ୍ସ ୱେବ୍‌ସାଇଟ୍ www.samsodisha.gov.inରେ ନାମଲେଖା ପାଇଁ ଚୟନ ହୋଇଥିବା କଲେଜର ନାମ ଦେଖିପାରିବେ। ସେମାନେ ଜୁନ ୨୩ରୁ ୧୫ ତାରିଖ ସକାଳ ୧୦ରୁ ଅପରାହ୍ନ ୫ ମଧ୍ୟରେ ଉକ୍ତ କଲେଜକୁ ଯାଇ ଆଡ୍‌ମିଶନ କରିପାରିବେ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ଥିବା ବିଭିନ୍ନ ଡିଗ୍ରୀ କଲେଜରେ ମୋଟ ୨ ଲକ୍ଷ ୭୪ ହଜାର ୫୦୯ ସିଟ୍ ରହିଛି। ଚଳିତବର୍ଷ +୩ ନାମଲେଖା ପାଇଁ ୨ ଲକ୍ଷ ୬୫ ହଜାର ୫୯୦ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ତନ୍ମଧ୍ୟରୁ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ ମାର୍କ ଅନୁସାରେ ୧ ଲକ୍ଷ ୭୫ ହଜାର ୭୨୨ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଥିଲେ। ଏଥିରେ ୭୦ ହଜାର ୭୪୫ ଛାତ୍ର ରହିଥିବା ବେଳେ ୧ଲକ୍ଷ ୪ ହଜାର ୯୬୭ ଜଣ ଛାତ୍ରୀ ଏବଂ ୧୦ ଜଣ ଟ୍ରାନ୍ସଜେଣ୍ଡର ଥିଲେ। ସେମାନଙ୍କ ଭିତରୁ୭୯ ହଜାର୭୫୨ ଜଣ ବିଭିନ୍ନ କଲେଜରେ ନାମ ଲେଖାଇଥିବାବେଳେ ୫୨ହଜାର ୧୨୬ଜଣ ସ୍ଲାଇଡ୍ ଅପ୍ସନ ଦେଇଛନ୍ତି। ତେବେ ୪୩,୮୪୪ଜଣ ନାମଲେଖାଇ ନାହାନ୍ତି କି ସ୍ଲାଇଡ୍ ଅପ୍ସନ ଦେଇନାହାନ୍ତି।

## ଇରାନରେ ଆମେରିକାର ...

ବୋମା ପ୍ରସ୍ତୁତ କରିବାର ନିକଟତର ହୋଇଛି ଏବଂ ଖୁବ୍‌ଶୀଘ୍ର ଆଣବିକ ଅସ୍ତ୍ର ବିକଶିତ କରିପାରେ ବୋଲି ଦର୍ଶାଇ ଇସ୍ରାଏଲ ତେହରାନକୁ ଟାର୍ଗେଟ କରିଥିଲା। ଇରାନ୍ ମଧ୍ୟ ତେଲ୍‌ଆଭିଭ୍ ସମେତ ଅନେକ ଇସ୍ରାଏଲୀ ସହରକୁ ଆକ୍ରମଣ ଜାରି ରଖିଥିଲା। ଇରାନ୍‌ର ପ୍ରମୁଖ ଆଣବିକ କାର୍ଯ୍ୟକ୍ରମ ଚାଲିଥିବା ଫାର୍ଦ୍ଦୋ, ଇଶଫାହାନ୍ ଓ ନତାଞ୍ଜ ନ୍ୟୁକ୍ଲିୟର ଏନ୍‌ରିଚ୍‌ମେଣ୍ଟ ଫାସିଲିଟିକୁ ଧ୍ୱଂସ କରିବା ପାଇଁ ଇସ୍ରାଏଲ୍ ଜୋର୍‌ଦାର ଉଦ୍ୟମ କରିଥିଲେ ମଧ୍ୟ ଏଥିରେ ସଫଳ ହୋଇ ନ ଥିଲା। ତେବେ ବିପଦ ବଢୁଥିବା ଦେଖି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକାକୁ ଯୁଦ୍ଧକୁ ଟାଣିଥିଲେ। ଏପରି କି ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଇରାନ୍ ସୁପ୍ରିମ୍ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଯୋଜନା କରିଥିବା ନେଇ ସେ ପ୍ରଘଟ କରିଥିଲେ। ସେପଟେ ଜୁନ୍ ୧୪ରେ ଅନୁଷ୍ଠିତ ଆମେରିକୀୟ ସେନାର ୨୫୦ତମ ବର୍ଷପୂର୍ତ୍ତି ପରେଡ୍‌କୁ ବାରଣ କରାଯାଇଥିବା ପାକିସ୍ତାନୀ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିରଙ୍କୁ ଏହାର ୪ ଦିନ ପରେ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌କୁ ଡାକି ଲଞ୍ଚ୍‌ରେ ଆପ୍ୟାୟିତ କରିବା ସହ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଉଭୟଙ୍କ ମଧ୍ୟରେ କ'ଣ ଆଲୋଚନା ହେଲା ତାହା ସମ୍ପୂର୍ଣ୍ଣ ଗୋପନ ରଖାଯାଇଥିବାବେଳେ ଶନିବାର ପାକିସ୍ତାନୀ ସେନା ଭାରତ–ପାକିସ୍ତାନ ମଧ୍ୟରେ ନିକଟରେ ହୋଇଥିବା ଯୁଦ୍ଧ ବନ୍ଦର ଶ୍ରେୟ ଟ୍ରମ୍ପଙ୍କୁ ଦେଇଥିଲା। ଏଥିସହ ନୋବେଲ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପଙ୍କ ନାମ ସୁପାରିସ କରିବ ବୋଲି ସୂଚନା ଦେଇଥିଲା। ଏହାର କିଛି ଘଣ୍ଟା ପରେ ଇରାନ୍ ଆକାଶରେ ଉଡ଼ିଥିଲା ଆମେରିକାର ଘାତକ ବି–୨ ବମ୍ବର। ମୋଟ ୬ଟି ଷ୍ଟିଲ୍‌ଥ ବମ୍ବରରୁ ରାତିଅଧରେ ୩୦,୦୦୦ ପାଉଣ୍ଡ (୧୩,୬୦୦ କେ.ଜି.) ବଙ୍କରଭେଦୀ ବୋମା ଇରାନ୍‌ର ୩ ଆଣବିକ କେନ୍ଦ୍ରକୁ ଟାର୍ଗେଟ କରିଥିଲା। ମାତ୍ର ୩ ମିନିଟ୍ ଭିତରେ ଫାର୍ଦ୍ଦୋ, ଇଶଫାହାନ୍ ଓ ନତାଞ୍ଜ ନ୍ୟୁକ୍ଲିୟର ଏନ୍‌ରିଚ୍‌ମେଣ୍ଟ ଫାସିଲିଟିକୁ ବଡ଼ଧରଣର କ୍ଷତି ପହଞ୍ଚାଇଥିବା ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲରେ ସୂଚନା ଦେଇଥିଲେ। ଇରାନ୍ ମଧ୍ୟ ଏହାକୁ ସ୍ୱୀକାର କରିଛି। ତେବେ ଏଥିରେ ଅଧିକ କ୍ଷତି ହୋଇ ନାହିଁ ଏବଂ ମରାମତି ପରେ ଆଣବିକ କାର୍ଯ୍ୟକ୍ରମ ପୁଣି ଚାଲିପାରିବ ବୋଲି ଇରାନ୍‌ର ସରକାରୀ ଗଣମାଧ୍ୟମ ଆଇଆର୍‌ଏନ୍‌ଏ ନ୍ୟୁଜ୍ ଏଜେନ୍ସି ପ୍ରକାଶ କରିଛି। ଆମେରିକାର ଏୟାରଷ୍ଟାଇକ୍ ପରେ ଇସ୍ରାଏଲ୍ ଉପରେ ଇରାନ୍ ବଡ଼ ଆକ୍ରମଣ କରିଛି। ଇସ୍ରାଏଲ୍‌ର ବିଭିନ୍ନ ସହରରେ ଖୋରାମ୍‌ଶହର–୪ ମିଶାଇଲ ମାଡ଼ କରାଯାଇଥିବା ଇରାନ୍‌ର ସରକାରୀ ଟିଭି ଚ୍ୟାନେଲରେ ପ୍ରସାରିତ ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଆମେରିକାର ଉକ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଇରାନ୍ ଏହି ଧରଣର ମୋଟ ୪୦ଟି କ୍ଷେପଣାସ୍ତ୍ର ମାଡ଼ କରିଥିବା ଇରାନିଆନ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖୋରାମ୍‌ଶହର–୪ ମିଶାଇଲ୍‌ର ଲକ୍ଷ୍ୟଭେଦ କ୍ଷମତା ୨,୦୦୦ କି.ମି. ହୋଇଥିବାବେଳେ ଏହା ୧,୫୦୦ କେ.ଜି. ବିସ୍ଫୋରକ ନେଇ ଆକ୍ରମଣ କରିପାରେ। ୧୯୮୦ ଦଶକରେ ଖୋରାମ୍‌ଶହରରେ ଇରାକ୍–ଇରାନ୍ ମଧ୍ୟରେ ଭୀଷଣ ଯୁଦ୍ଧ ହୋଇଥିଲା। ସେହି ଯୁଦ୍ଧ ଅନୁସାରେ ମିଶାଇଲ୍‌ର ଏପରି ନାମକରଣ କରାଯାଇଛି।

ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଆରାଘ୍‌ଚି କହିଛନ୍ତି, ତେହରାନ୍‌ର ପ୍ରତିଆକ୍ରମଣ ଅଧିକାର ରହିଛି। ଉପଯୁକ୍ତ ସମୟରେ ଆମେରିକାକୁ ଏହାର ମୁହଁତୋଡ଼ ଜବାବ ଦିଆଯିବ। ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ସେ ମସ୍କୋ ଗସ୍ତ କରି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଭେଟିବେ। କାରଣ ଆମେରିକାର ଷ୍ଟ୍ରାଇକ୍ ପରେ କୂଟନୀତି ଏକ ବିକଳ୍ପ ହୋଇ ରହିନାହିଁ। ୱାଶିଂଟନ୍‌ର ଯୁଦ୍ଧଖୋର ତଥା ଆଇନବିହୀନ ପ୍ରଶାସନ ଭୟାବହ ପରିଣାମ ପାଇଁ ଦାୟୀ ରହିବ ବୋଲି ତୁର୍କୀ ଗସ୍ତରେ ଥିବା ଆରାଘ୍‌ଚି ଚେତାବନୀ ଦେଇଛନ୍ତି। ରେଡ୍‌କ୍ରସ୍ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱ ଅନ୍ତଃହୀନ ଯୁଦ୍ଧକୁ ସହ୍ୟ କରିପାରିବ ନାହିଁ। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ିଲେ ଏହା ସମଗ୍ର ବିଶ୍ୱକୁ ବ୍ୟାପିବ, ଯାହା ଅପୂରଣୀୟ କ୍ଷତି ଆଣିଦେବ ବୋଲି ରେଡ୍‌କ୍ରସ୍‌ର ଅନ୍ତର୍ଜାତୀୟ କମିଟି ମୁଖ୍ୟ ସତର୍କ କରାଇଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ଅଘଟଣଶୂନ୍ୟ ରଥଯାତ୍ରାକୁ...

ଏଆଇ କ୍ୟାମେରା ଲଗାଯାଇଛି। ସ୍ୱତନ୍ତ୍ର ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇ ଏଆଇ ଓ ଡ୍ରୋନ୍ କ୍ୟାମେରା ମାଧ୍ୟମରେ କଡ଼ା ନଜର ରଖାଯାଇଛି। ଭକ୍ତଙ୍କ ସୁବିଧା ପାଇଁ ପୋଲିସ ପକ୍ଷରୁ ଏକ ଚାର୍ଟ ବୋର୍ଡ ଆପ୍ ପ୍ରସ୍ତୁତ ହୋଇଛି। ସେଥିରେ ଟ୍ରାଫିକ ବ୍ୟବସ୍ଥା, ପାର୍କିଂ, ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପର୍କିତ ସୂଚନା ଉପଲବ୍ଧ ହେବ। ବଡ଼ଦାଣ୍ଡ, ପୁରୀ ବେଳାଭୂମି ଏବଂ ସହର ସମେତ ପ୍ରବେଶ ପଥଗୁଡ଼ିକ ଉପରେ ଆକାଶ ମାର୍ଗରୁ କଡ଼ା ନଜର ରଖାଯିବ। ସମୁଦ୍ରରେ କୋଷ୍ଟଗାର୍ଡ ଏବଂ ଓଡ଼ିଶା ପୋଲିସ୍ ମିଳିତ ଭାବେ ପ୍ରହରା ଦେବା ସହ ପର୍ଯ୍ୟାପ୍ତ ଲାଇଫ ଗାର୍ଡ ମୁତୟନ ହେବେ। ପୁରୀ ସହରରେ ୧୦ ହଜାର ପୋଲିସ କର୍ମଚାରୀ ମୁତୟନ ହେବେ। ପୁରୀ ସହରକୁ ୩ଟି ଭାଗରେ ବିଭକ୍ତ କରାଯାଇଥିବା ବେଳେ ୩୬ଟି ପାର୍କିଂ ସ୍ଥାନ ଚିହ୍ନଟ, ଟ୍ରାଫିକ ପରିଚାଳନା ପାଇଁ ୩୯ଟି ଟ୍ରାଫିକ ପରିଚାଳନା କେନ୍ଦ୍ର ସ୍ଥାପନ କରାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଆମ୍ବୁଲାନ୍ସ ଯାତାୟାତ ପାଇଁ ସ୍ୱତନ୍ତ୍ର ଗ୍ରୀନ୍ କରିଡର ବ୍ୟବସ୍ଥା କରାଯିବ। ବିଭିନ୍ନ ସ୍ଥାନରେ ୬୯ଟି ଫାଷ୍ଟ ଏଡ୍ ସେଣ୍ଟର ଓ ୬୪ଟି ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୭୮ ଜଣ ଅତିରିକ୍ତ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରାଯିବ। ଆଇସିୟୁ, ୨୬୫ ଏମର୍ଜେନ୍ସି ବେଡ୍ ବ୍ୟବସ୍ଥା ହେବ। ପୁରୀରେ ଡାଇରିଆ ସଂକ୍ରମଣ ଯେପରି ନ ବ୍ୟାପିବ, ସେନେଇ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ରହିଛି। ସେହିପରି ଆଗାମୀ ଦିନରେ ରଥକାଠ ସମସ୍ୟା ନ ଉପୁଜୁବା ପାଇଁ ସରକାର ଯୋଜନା କରିଥିବା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ଏମ୍‌ପି ସମ୍ବିତ ପାତ୍ର, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଜିଲାର ବିଧାୟକବୃନ୍ଦ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ସେବାୟତ ଓ ମଠାଧୀଶମାନେ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ଗୁଣ୍ଡିଚା ମନ୍ଦିର ଯାଇ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବୁଲି ଦେଖିଥିଲେ।

## ଭୂ-ରାଜନୈତିକ ଉତ୍ତେଜନାରୁ ...

ପାଇବାରେ ଲାଗିଛି। ୩୦% ଉତ୍ତରଦାତା କହିଛନ୍ତି, ନିଯୁକ୍ତିକୁ ନେଇ ସମ୍ପ୍ରତି ସେମାନେ ଅତ୍ୟନ୍ତ ଚିନ୍ତିତ ଏବଂ ସତର୍କ ରହିଛନ୍ତି। ୨୬% କର୍ମଚାରୀ ସାମାନ୍ୟ ଚିନ୍ତିତ ଥିବା ସହ ପରିସ୍ଥିତି ଉପରେ ନଜର ରଖିଥିବା କହିଛନ୍ତି। ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ୩୧% ଉତ୍ତରଦାତା ନୂତନ ଚାକିରି ସୁଯୋଗ କିମ୍ବା ବିକଳ୍ପ ଭୂମିକା ଅନୁସନ୍ଧାନ କରିବା ଆରମ୍ଭ କରିଦେଇଥିବା ଏହି ସର୍ଭେ କହିଛି। ପ୍ରକାଶ ଯେ, ମେ' ୧୨ରୁ ଜୁନ୍ ୬ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ୨,୦୦୬ କର୍ମଚାରୀଙ୍କୁ ନେଇ ଅନ୍‌ଲାଇନ ମାଧ୍ୟମରେ ଏହି ସର୍ଭେ ପ୍ରସ୍ତୁତ କରାଯାଇଛି ବୋଲି 'ଜିନିୟସ୍ କନ୍‌ସଲ୍‌ଟାଣ୍ଟସ୍' ପକ୍ଷରୁ କୁହାଯାଇଛି।

# ଅଲାରନାଥଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମଗିରି, ୨୨ା୬(ସ୍ୱାଧୀନ ଚମ୍ପତିରାୟ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଣସର ସମୟରେ ରବିବାର ଅପରାହ୍ନରେ ଅଲାରନାଥଙ୍କୁ ଦର୍ଶନ କରି ଫେରିଛନ୍ତି। ଚତୁର୍ଦ୍ଧାମୂର୍ତ୍ତି ଅଣସର ପିଣ୍ଡିରେ ଗୁପ୍ତ ପୂଜା ପାଉଥିବା ବେଳେ ବ୍ରହ୍ମଗିରି ଅଲାରନାଥ ପୀଠ ପାଲଟିଯାଏ ଦ୍ୱିତୀୟ ଶ୍ରୀକ୍ଷେତ୍ର। ଏହି ଅଣସର ସମୟରେ ଅଲାରନାଥଙ୍କୁ ଦର୍ଶନ କଲେ ଜଗନ୍ନାଥ ଦର୍ଶନର ସମଫଳପ୍ରାପ୍ତି ହୋଇଥାଏ ବୋଲି କିମ୍ବଦନ୍ତୀ ରହିଛି। ଏନେଇ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତମାନେ ଅଲାରନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥାନ୍ତି। ଅଲାରନାଥଙ୍କ ଦର୍ଶନ ପାଇଁ କେବେ କୌଣସି ମୁଖ୍ୟମନ୍ତ୍ରୀ ଅଲାରନାଥ ପୀଠକୁ ଆସି ନ ଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯିଏକି ପ୍ରଥମଥର ପାଇଁ ଆସିଥିଲେ।

ସୂଚନାଯୋଗ୍ୟ, ପୁରୀ ରଥଯାତ୍ରା ସମନ୍ୱୟ ବୈଠକ ଶେଷ ହେବାପରେ ଅପରାହ୍ନ ୪ଟାରେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସ୍ତ୍ରୀ ଅଲାରନାଥ ପୀଠକୁ ଦର୍ଶନ ପାଇଁ ଆସିଥିଲେ। ସୁରକ୍ଷା ଦୃଷ୍ଟିରୁ ଏହି ସମୟରେ ପୋଲିସ ପ୍ରଶାସନ ତରଫରୁ ୨ଘଣ୍ଟା ପାଇଁ ସାଧାରଣ ଦର୍ଶନ ବନ୍ଦ କରାଯାଇଥିଲା। ଫଳରେ ସାଧାରଣ ଭକ୍ତମାନେ ଧାଡ଼ିରେ ଅପେକ୍ଷା କରି ରହିଥିଲେ। ମୁଖ୍ୟମନ୍ତ୍ରୀ ଅଲାରନାଥ, ଲକ୍ଷ୍ମୀ ମନ୍ଦିର ଓ ଚୈତନ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ମନ୍ଦିରର ସେବାୟତଙ୍କ ସହ ମିଶି ଫଟୋ ଉଠାଇଥିଲେ। ଏହି ସମୟରେ ସ୍ଥାନୀୟ ବିଧାୟିକା ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ଆଜି ଆସିକାରେ ଯୁବଶକ୍ତି ସମାବେଶ, ଯୋଗଦେବେ ମୁଖ୍ୟମନ୍ତ୍ରୀ

ଛତ୍ରପୁର, ୨୨ା୬(ସନ୍ତୋଷ ପାଢ଼ୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଗଞ୍ଜାମ ଜିଲା ଗସ୍ତରେ ଆସିବେ। ସକାଳ ସାଢ଼େ ୯ଟାରେ ଆସିକା ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଖେଳପଡ଼ିଆଠାରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଯୁବଶକ୍ତି ସମାବେଶ ଅନୁଷ୍ଠିତ ହେବ। ଉକ୍ତ ସମାବେଶରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଗଞ୍ଜାମ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେବା କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ଆସିକାର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ଦର୍ଶନ କରିବା ନିମନ୍ତେ ସ୍ଥିର ହୋଇଛି। ଯୁବଶକ୍ତି ସମାବେଶ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଯୋଗଦେବେ ବୋଲି ଗଞ୍ଜାମ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସୂଚନା ଦେଇଛନ୍ତି।

# ସୋଲଫୁଲରେ ଝଲସିବ ୩ ରଥ

ଖୋର୍ଦ୍ଧା, ୨୨ା୬(ପ୍ରଭାତ ପାଣିଗ୍ରାହୀ)

ଆସନ୍ତା ୨୭ ତାରିଖରେ ମହାପ୍ରଭୁଙ୍କ ଘୋଷଯାତ୍ରା। ବଡ଼ଦାଣ୍ଡରେ ଗଡ଼ିବ ରଥ। ଏଥିପାଇଁ ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ରତ୍ନବେଦି ଛାଡ଼ି ଭାଇଭଉଣୀଙ୍କୁ ଧରି ଗୁଣ୍ଡିଚାକୁ ବିଜେ କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ। ଅନ୍ୟପଟେ ତିନି ରଥରେ ଝଲସିବ ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇସାହି ରାଜକିଶୋର ଓ ବୀରକିଶୋର ନାୟକ ପରିବାରଙ୍କ ହାତତିଆରି ସୋଲଫୁଲ। ଏଥିଲାଗି ଦିନରାତି ଲାଗିପଡ଼ିଛନ୍ତି ଏହି ପରିବାର। ନେତ୍ରୋତ୍ସବ ଦିନ ସିଂହଦ୍ୱାରରେ ତିନିରଥ ଲାଗିବା ପରେ ଏହି ପରିବାର ଦ୍ୱାରା ସୋଲରେ ପ୍ରସ୍ତୁତ କଦମ୍ବ, ସୂର୍ଯ୍ୟମୁଖୀ, ସେବତି ଆଦି ବିଭିନ୍ନ କିସମର ଫୁଲରେ ସଜେଇ ହେବ ତିନି ରଥ। ଗତ ୨୨ବର୍ଷ ଧରି ବିନା ପାରିଶ୍ରମିକରେ ସେବା ଯୋଗାଇ ଆସୁଛି ଏହି ପରିବାର। ମହାପ୍ରଭୁଙ୍କ ସେବାରେ ପାରିଶ୍ରମିକର କୌଣସି ମୂଲ୍ୟ ନାହିଁ ବୋଲି ପରିବାର ପକ୍ଷରୁ କୁହାଯାଇଛି।

ରାଜକିଶୋର କୁହନ୍ତି, ୧୯୯୯ ମସିହାରେ ମହାପ୍ରଭୁଙ୍କ ରଥଯାତ୍ରା ଦେଖିବା ଲାଗି ଭାଇମାନେ ମିଶି ଯାଇଥିଲୁ। ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ସମୟରେ ଭାବବିହ୍ୱଳ ହୋଇ ରଥରେ ସେବା ସୁଯୋଗ ଦେବା ଲାଗି ନିବେଦନ କରିଥିଲୁ। ସୋଲ କାରିଗର ହୋଇଥିବାରୁ ରଥ ଚତୁଃପାର୍ଶ୍ୱକୁ ସୋଲରେ ନିର୍ମିତ ଫୁଲରେ ସାଜସଜ୍ଜା ଲାଗି ମହାପ୍ରଭୁଙ୍କୁ ଗୁହାରି ଜଣାଇଥିଲୁ। ମହାପ୍ରଭୁଙ୍କ ସ୍ୱପ୍ନାଦେଶ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରିଥିଲୁ। ଶ୍ରୀମନ୍ଦିର ପ୍ରଶାସନ ସୋଲ ଫୁଲ ଲାଗି ଅନୁମତି ପ୍ରଦାନ କରିଥିଲେ। ଏହା ମହାପ୍ରଭୁଙ୍କ ଆଶୀର୍ବାଦ ଭାବି କିଛି ଫୁଲ ପ୍ରସ୍ତୁତ କରି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅର୍ପଣ କରିଥିଲୁ। ସୋଲଫୁଲ ଦେଖି ଖୁସି ହୋଇଥିଲେ। ୨୦୦୪ ମସିହାରେ ତତ୍କାଳୀନ ଶ୍ରୀମନ୍ଦିର ପରିଚାଳନା କମିଟି ମୁଖ୍ୟ ପରିଚାଳକ ରଥରେ ସୋଲଫୁଲ ସଜାଇବା ପାଇଁ ଅନୁମତିପତ୍ର ପ୍ରଦାନ କରିଥିଲେ। ସେବେଠାରୁ ଏହି ସେବା ଜାରି ରହିଛି। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପାରିଶ୍ରମିକ ମିଳି ନ ଥାଏ। ତେବେ ମହାପ୍ରଭୁଙ୍କ ସେବାରେ ପାରିଶ୍ରମିକର କୌଣସି ମୂଲ୍ୟ ନ ଥାଏ ବୋଲି ରାଜକିଶୋର କହିଛନ୍ତି। ଫୁଲ କାରିଗର ବାନାମ୍ବର କାଣ୍ଡି କୁହନ୍ତି, ନନ୍ଦିଘୋଷ ରଥରେ ଚଢ଼ି ଫୁଲ ସଜାଇବାରେ ଆନନ୍ଦ ମିଳେ। ନିରଞ୍ଜନ ନାୟକ କୁହନ୍ତି, କିଛି ବର୍ଷ ହେବ ଏହି ସେବା କରୁଛି। ମହାପ୍ରଭୁ ଏହି ସେବା ପ୍ରଦାନ କରିଥିବାରୁ ନିଜକୁ ଧନ୍ୟମନେ କରୁଛି।

IBS
TWISHA EDUCATIONAL PVT. LTD.
INSTITUTE OF BASIC SCIENCES
(A DAY CUM RESIDENTIAL COACHING INSTITUTE)
NEET / JEE-MAIN / IIT / OUAT / +2 SCIENCES (CHSE/CBSE)/ CLASS-VIII, IX,X
ADMISSION OPEN
DISCOUNT 25 %OFF SPECIAL OFFER
NEET ONE YEAR COURSE FOR 2026
JEE-MAIN ONE YEAR COURSE FOR 2026
INTEGRATED COURSE FOR CLASS-XI (CHSE/CBSE)
UNIQUE FEATURES
Excellent Residential Coaching Institute since 2008
Coaching, Lodging and fooding at one campus
Highly experienced and dedicated faculties
24x7 surveillance under CCTV Camera
TWISHA EDUCATIONAL PVT. LTD.
IBS Road, Fatak Durga Puja Mandap, Sambalpur, Odisha, 768004
Contact- 8280346132, 8280346135, Email- twishaeducation@gmail.com
www.twishaeducation.com, Twisha Digital App

DAYANAND INSTITUTE
Dhanupali, Sambalpur- 768005
Contact- 8763032587, 9938895475, 9437158817
ADMISSIONS OPEN
NTT- Regular and Distance Mode
Eligibility- +2 & Above (Only for Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility:- Any Graduate with 40% mark
Affiliated to Utkal University of Culture
Recognized by Govt. of Odisha

# କନ୍ଧମାଳରେ ଏଆଇସିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

## ବଳାତ୍କାର ପୀଡିତାଙ୍କ ପରିବାର ଲୋକଙ୍କୁ ଭେଟିଲେ

ଫୁଲବାଣୀ, ୨୨ା୬
(ରାକେଶ କୁମାର ରାଉତ)

ଓଡ଼ିଶାରେ କିଛିଦିନ ହେଲା ନାରୀ ନିର୍ଯାତନା, ବଳାତ୍କାର, ହତ୍ୟା ଆଦି ମାମଲା ବଢ଼ିଚାଲିଛି। ଏସବୁ ଘଟଣାର ତଦନ୍ତ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ଏକ ମହିଳା ଟିମ୍ ଓଡ଼ିଶା ଆସିଛି। ଏହି ଟିମ୍ ରବିବାର କନ୍ଧମାଳ ଜିଲା ଟିକାବାଲି ଗସ୍ତ ଆସିଥିଲା। ଗତ ମାର୍ଚ୍ଚରେ ଟିକାବାଲି ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଓ ପରେ ହତ୍ୟା କରାଯାଇଥିଲା। ଏଆଇସିସି ଟିମ୍ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ପୋଲିସ ତଦନ୍ତ ପ୍ରକ୍ରିୟା ନେଇ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିବା ସହିତ ନ୍ୟାୟ ପ୍ରଦାନ ପାଇଁ ନିବେଦନ କରିଛନ୍ତି। ସେଠାରୁ ଏହି ଟିମ୍ ଫୁଲବାଣୀ ଆସି ସର୍କିଟ ହାଉସଠାରେ କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜ ଏବଂ ଏସ୍‌ପି ହରିଶ ବିଶିଙ୍କ ସହିତ ଘଟଣା ବିଷୟରେ ଆଲୋଚନା କରିଥିଲେ। ଜିଲାରେ ନାରୀ ନିର୍ଯାତନା, ବଳାତ୍କାର ଓ ହତ୍ୟା ଘଟଣା ବୃଦ୍ଧି ପାଉଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ କଂଗ୍ରେସ ମହିଳା ପ୍ରତିନିଧି ଦଳ। ପରେ ଗଣମାଧ୍ୟମ ଆଗରେ ନିଜ ପ୍ରତିକ୍ରିୟା ରଖି ରାଜ୍ୟସଭା ସଦସ୍ୟ ରଞ୍ଜିତ ରଞ୍ଜନ ଓଡିଶାରେ ମହିଳା ଚାଲାଣ, ମାନବ ଅଙ୍ଗ ବିକ୍ରି ର୍‍ୟାକେଟ ଓ ବଳାତ୍କାର ଭଳି ଘଟଣା ବଢୁଥିବା ନେଇ ଉଦବେଗ ପ୍ରକାଶ କରିଥିଲେ। ବରିଷ୍ଠ କଂଗ୍ରେସ ନେତ୍ରୀ ଦୀପା ଦାସ ମୁନସୀଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ଦଳରେ ଏମ୍‌ପି ପ୍ରଣିତୀ ସିନ୍ଦେ, ଶୋଭା ଓଝା ଓ ଏସ ଜ୍ୟୋତିମଣି ସାମିଲ ଥିଲେ। ଗସ୍ତର ବିସ୍ତୃତ ବିବରଣୀ ରାଷ୍ଟ୍ରୀୟ କଂଗ୍ରେସ ସଭାପତିଙ୍କୁ ପ୍ରଦାନ କରାଯିବା ସହିତ ଏ ବିଷୟ ସଂସଦରେ ଉପସ୍ଥାପନ କରାଯିବ ବୋଲି କହିଛନ୍ତି ପ୍ରତିନିଧି ଦଳ। ଗସ୍ତ ସମୟରେ ଜିଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡା, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଏମପି ପ୍ରାର୍ଥୀ ଅମିରଚାନ୍ଦ ନାୟକ, ପୂର୍ବତନ ଜିଲା ସଭାପତି ଅନାମ ନାୟକ, ସ୍ଥାନୀୟ ଯୁବନେତା ପ୍ରତାପ ପ୍ରଧାନ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଏଆଇସିସି ସମ୍ପାଦିକା ସସ୍ମିତା ବେହେରାଙ୍କ ସମେତ ମହିଳା କଂଗ୍ରେସ ଓ ଜିଲ୍ଲା କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଏଆଇସିସି ଟିମ୍ ଟିକାବାଲିରେ ପୀଡିତାଙ୍କ ପରିବାରକୁ ଭେଟିବାକୁ ଯାଉଛନ୍ତି।



"ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। -ଶ୍ରୀଅରବିନ୍ଦ



# ପଶିଲା ଆମେରିକା

ଇସ୍ରାଏଲ-ଇରାନ୍ ଯୁଦ୍ଧର ୧୦ ଦିନ ମଧ୍ୟରେ ଆମେରିକା ସେମାନଙ୍କ ମଝିରେ ପ୍ରବେଶ କରିବା ନୂଆ ଅନ୍ତର୍ଜାତୀୟ ବିବାଦ ସୃଷ୍ଟି କଲାଣି। ଯେତେବେଳେ ଇରାନ୍ ଉପରକୁ ଇସ୍ରାଏଲ ଆକ୍ରମଣ କରିଥିଲା ସେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ, ଇରାନ୍ ଓ ଇସ୍ରାଏଲ ଯୁଦ୍ଧରେ ତାଙ୍କ ଦେଶର ହାତ ନାହିଁ। କିନ୍ତୁ କୌଣସି ଭାବେ ଯଦି ତାଙ୍କ ରାଷ୍ଟ୍ରର ସମ୍ପତ୍ତି କିମ୍ବା ଲୋକଙ୍କୁ ଇରାନ୍ କ୍ଷତି ପହଞ୍ଚାଏ, ତାହା ହେଲେ ଆମେରିକୀୟ ସଶସ୍ତ୍ର ସେନାର ସମ୍ପୂର୍ଣ୍ଣ ଶକ୍ତି ତେହରାନ ବିପକ୍ଷରେ ଏଭଳି ବ୍ୟବହାର କରାଯିବ ଯେ, ଯାହା ସେ କେବେ ଦେଖି ନ ଥିବ। ଇରାନ୍ ଇତିମଧ୍ୟରେ ଆମେରିକାର କିଛି କ୍ଷତି କରି ନ ଥିଲେ ମଧ୍ୟ ତେହରାନ ପରମାଣୁ କାର୍ଯ୍ୟକ୍ରମ ବୃଦ୍ଧି କରୁଥିବା ଆଳ ଦେଖାଇ ଟ୍ରମ୍ପଙ୍କ ସେନା ଆକ୍ରମଣ କରିବା ସୂଚାଇ ଦେଉଛି ଯେ, 'କଣ୍ଟା ବାଡ଼ରେ ଲୁଗା ପକାଇ କଳି କରିବା' ୱାଶିଂଟନର ଗୋଟେ ପୁରୁଣା ଖୋଇ। ଏଥିରୁ ବୁଝିବାକୁ ହେବ ଯେ, ଆମେରିକା କଥାରେ ଯିଏ 'ଉଠବସ୍' ନ ହେବ, ତାହା ବିରୋଧରେ କୂଟନୈତିକ, ଅର୍ଥନୈତିକ ଓ ସାମରିକ କାର୍ଯ୍ୟାନୁଷ୍ଠାନ ଲାଗୁ କରିବାରେ ଆମେରିକୀୟ ପ୍ରଶାସନ ବିଳମ୍ବ କରି ନ ଥାଏ। ମିଳିଥିବା ସୂଚନା ଅନୁଯାୟୀ ୨୨ ତାରିଖ ପ୍ରାତଃ ସମୟରେ ଆମେରିକାର ଯୁଦ୍ଧବିମାନ ଇରାନ୍‌ର ପରମାଣୁ କାର୍ଯ୍ୟକ୍ରମ ସକାଶେ ବିକଶିତ କରାଯାଉଥିବା ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟ ଅଞ୍ଚଳ ନତାଞ୍ଜ, ଇସ୍‌ଫାହାନ୍ ଓ ଫର୍ଦୋରେ ବୋମା ମାଡ଼ କରି ଅନେକ କ୍ଷତି ପହଞ୍ଚାଇଛି। ଆକ୍ରମଣ ସଫଳତାର ସହ ଶେଷ ହୋଇଥିବାରୁ ଟ୍ରମ୍ପ ତାଙ୍କ ସେନାକୁ ଧନ୍ୟବାଦ ଦେଇଛନ୍ତି। ସୋସିଆଲ ମିଡିଆରେ ସେ କହିଛନ୍ତି, ତାଙ୍କ ଦେଶର ୱାରପ୍ଲେନ୍ ଇରାନ୍ ଆକାଶମାର୍ଗ ବାହାରକୁ ସୁରକ୍ଷିତ ଭାବେ ଆସିଯାଇଛି । ଏବର ସମୟ ଶାନ୍ତିର ବୋଲି ସେ କହିଛନ୍ତି। ସେହିପରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଇରାନ୍ ଉପରେ ଆମେରିକାର ଆକ୍ରମଣକୁ ଐତିହାସିକ ବୋଲି ବର୍ଣ୍ଣନା କରିବା ସହ ଟ୍ରମ୍ପଙ୍କ ଦୃଢ଼ ନିଷ୍ପତ୍ତି ଇତିହାସ ବଦଳାଇ ଦେବ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଆହୁରି କହିଛନ୍ତି, ପ୍ରଥମେ ଶକ୍ତି ଓ ପରେ ଶାନ୍ତି ଆସିଥାଏ। ସମ୍ଭବତଃ ଇରାନ୍ ଉପରେ ଇସ୍ରାଏଲ ଓ ଆମେରିକାର ଶକ୍ତି ପ୍ରଦର୍ଶନ ପରେ ତେହରାନ ଡରିଯାଇ ଶାନ୍ତି ଆଡ଼କୁ ବାଟ ଉନ୍ମୁକ୍ତ କରିପାରେ ବୋଲି ୱାଶିଂଟନ୍‌ର କେତେକ ମହଲରେ ଚିନ୍ତା ପ୍ରକାଶ ପାଇଲାଣି। ତେବେ ପୃଥିବୀବ୍ୟାପୀ ଅନେକ ଯୁକ୍ତି ଉତ୍ଥାପନ କରାଯାଉଛି, ଯେଉଁଥିରେ ଇରାନ୍‌କୁ ଏକ ଅସହାୟ ଦେଶ ଭାବେ ଦର୍ଶାଯାଉଛି। ଏଠାରେ ବୁଝିବା ଦରକାର କାହିଁକି ଇରାନ୍‌ର ପରମାଣୁ ବୋମା ତିଆରି କରିବା ପଛରେ ଅନେକ ଦିନର ଇଚ୍ଛାଶକ୍ତି ଲାଗିରହିଛି। ସୁନ୍ନି ମୁସଲମାନ ସମ୍ପ୍ରଦାୟର ସମୁଦ୍ର ମଝିରେ ଇରାନ୍ ଏକମାତ୍ର ଶିୟା ମୁସଲମାନ ଦେଶ। ତୈଳ ସମ୍ପଦରେ ଭରପୂର ଏହି ଦେଶର ରାଜକୋଷ ନିଜ ଦେଶବାସୀଙ୍କୁ ସାମାନ୍ୟତମ ମାନବିକ ଅଧିକାର ପ୍ରଦାନ କରିବାରେ ଅନିଚ୍ଛୁକ ରହିଆସିଛି। ଏଥିସହିତ ଶିୟା ସମ୍ପ୍ରଦାୟ ନେତାଙ୍କର ଐତିହାସିକ ଇଚ୍ଛା ରହିଆସିଛି ଯେ, ସେମାନଙ୍କୁ ଇସ୍‌ଲାମ ଜଗତରେ ନେତା ଭାବରେ ସ୍ୱୀକାର କରାଯାଉ। କିନ୍ତୁ ସାଉଦି ଆରବ, ସିରିଆ, ପାକିସ୍ତାନ, ମାଲେସିଆଠାରୁ ନେଇ ଇଣ୍ଡୋନେସିଆ ପର୍ଯ୍ୟନ୍ତ ସୁନ୍ନି ସମ୍ପ୍ରଦାୟ ସଂଖ୍ୟାଗରିଷ୍ଠ ଥିବାରୁ ଇରାନ୍ ନିଜର ନେତୃତ୍ୱ ଜାହିର କରିବା ପାଇଁ ହୁତି, ହେଜବୋଲ୍ଲା ଓ ହମାସ ଭଳି ଉଗ୍ର ସଙ୍ଗଠନଗୁଡ଼ିକୁ ସକ୍ରିୟ କରାଇ ଇସ୍ରାଏଲକୁ ଶତ୍ରୁ ଭାବେ ଦେଖିଆସୁଛି। ମନେରଖିବାକୁ ହେବ ଯେ ଇରାନ୍ ଓ ଇସ୍ରାଏଲ ମଧ୍ୟରେ ଅନେକ ଦେଶ ରହିଛନ୍ତି। ସେମାନଙ୍କ ସୀମା ପରସ୍ପରକୁ ଛୁଏଁ ନାହିଁ। ମନଗଢ଼ା ଶତ୍ରୁ ସୃଷ୍ଟିକରି ପରମାଣୁ ବୋମା ପକାଇବାର ଭୟ ଦେଖାଉଥିବା ଇରାନ୍ ଏବେ ଅନ୍ୟ ମୁସଲମାନ ଦେଶଗୁଡ଼ିକଠାରୁ ସକ୍ରିୟ ସାହାଯ୍ୟ ପାଇବା ସମ୍ଭବପର ହୋଇ ନ ପାରେ। ଏଭଳି ସ୍ଥଳେ ଇରାନ୍ ପକ୍ଷରୁ ଆମେରିକା ବିରୋଧରେ ଶକ୍ତିଶାଳୀ ବିବୃତି ଦିଆଯାଇ ନ ଥିଲେ ମଧ୍ୟ ଆମେରିକାର ଏଭଳି ଅପ୍ରତ୍ୟାଶିତ ଆକ୍ରମଣକୁ ତେହରାନ୍ ନିନ୍ଦା କରିଛି।

ଟ୍ରମ୍ପଙ୍କ ପ୍ରଥମ ପାଳିରେ ଜାନୁଆରୀ ୨୦୨୦ରେ ଇରାନୀୟ ସାମରିକ ଅଧିକାରୀ ଜେନେରାଲ କ୍ୱାସେମ୍ ସୋଲେମାନିଙ୍କୁ ବାଗ୍‌ଦାଦ ବିମାନବନ୍ଦର ନିକଟରେ ହତ୍ୟା କରାଯାଇଥିଲା। ତେଣୁ ଆମେରିକାକୁ ତତ୍‌କ୍ଷଣାତ୍ ପ୍ରତିଆକ୍ରମଣ କରିବାକୁ ନ ଚାହିଁ ଇରାନ୍ କ୍ରମାଗତ ଭାବେ ଇସ୍ରାଏଲକୁ ଟାର୍ଗେଟ କରିଥିବା ଖବର ଆସିଛି। ଏହି ଯୁଦ୍ଧର ଗତି କେଉଁ ଆଡ଼କୁ ଯିବ ଏବେ କହିବା କଷ୍ଟକର। ଯଦି ଇରାନ୍ ତା'ର ପରମାଣୁ କାର୍ଯ୍ୟକ୍ରମକୁ ଆମେରିକାର ଧମକ ଅନୁଯାୟୀ ବନ୍ଦ ରଖୁଛି, ତାହା ହେଲେ ତା'ର ବିଶେଷ କ୍ଷତି ନ ହୋଇପାରେ। କିନ୍ତୁ ଜିଦ୍‌ରେ ଅଟଳ ରହିଲେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ତା'ର ବିପୁଳ କ୍ଷତି କରିପାରନ୍ତି ବୋଲି ଅନ୍ତର୍ଜାତୀୟ ମହଲରେ ମତ ପ୍ରକାଶ ପାଇଲାଣି। ଗତ ୮୦ ଦଶକରେ ଇରାକ୍ ଓ ଇରାନ୍ ମଧ୍ୟରେ ୮ବର୍ଷ କାଳ ହୋଇଥିବା ଯୁଦ୍ଧରେ ପାଖାପାଖି ୧୦ ଲକ୍ଷ ଲୋକଙ୍କ ପ୍ରାଣହାନି ହୋଇଥିଲା। ସେହି ଭୟଙ୍କର ଗଲ୍ଫ ୱାର ବା ଉପସାଗରୀୟ ଯୁଦ୍ଧକୁ ଦେଖିଥିବା ଇରାନ୍‌ବାସୀ ଯୁଦ୍ଧଠାରୁ ଦୂରେଇ ରହିବାକୁ ଚାହୁଁଛନ୍ତି। ଇରାନ୍‌ର ସର୍ବୋଚ୍ଚ ଧର୍ମଗୁରୁ ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ଶାସନ ବ୍ୟବସ୍ଥା ବହୁ ଦିଗରୁ ନିନ୍ଦିତ ହୋଇଛି। ତଥାପି ଇରାନୀୟଙ୍କର ଦେଶପ୍ରୀତି ଥିବାରୁ ଯୁଦ୍ଧର ଆକାର ବଢ଼ିଲେ ସେମାନେ କେଉଁଭଳି ନିଷ୍ପତ୍ତି ନେବେ ଜଣାପଡ଼ିବ।

ମଧ୍ୟପ୍ରାଚ୍ୟରେ ଇସ୍ରାଏଲ୍ ଓ ଇରାନ ଯୁଦ୍ଧ ମଝିରେ ଆମେରିକା ପଶିଯାଇଥିବାରୁ ରୁଷିଆ ଓ ଚାଇନାର ଭୂମିକା ଉପରେ ବିଶ୍ୱବାସୀଙ୍କ ନଜର ରହିଛି। ରୁଷିଆ ଓ ଚାଇନା ସମେତ ଅନ୍ୟ ଦେଶଗୁଡ଼ିକ ଟ୍ରମ୍ପଙ୍କ କାର୍ଯ୍ୟକୁ ନିନ୍ଦା କରିଛନ୍ତି। କିନ୍ତୁ କୁହାଯାଇପାରେ ଯେ, ୟୁକ୍ରେନ ସହିତ ଯୁଦ୍ଧ କରୁଥିବା ରୁଷିଆ ଅନ୍ୟ କୌଣସି ସମସ୍ୟାରେ ମୁଣ୍ଡ ପୂରାଇବାକୁ ଅସ୍ୱୀକାର କରିପାରେ। ତତ୍‌ସହିତ ଚାଇନାର ବ୍ୟବସାୟିକ ସ୍ୱାର୍ଥ ଯୋଗୁ ଖୋଲାଖୋଲି ଇରାନ୍ ସପକ୍ଷରେ ବାହାରିଲା ଭଳି ମନେ ହେଉନାହିଁ। ଏଭଳି ପ୍ରଚ୍ଛଦପଟରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କର ଗତ ସପ୍ତାହରେ ଭାରତ ସରକାରଙ୍କୁ ସମାଲୋଚନା କରାଯିବା ବିଷୟ ରାଜନୈତିକ ଆଲୋଚନା ସୃଷ୍ଟି କରିଛି। କୁହାଯାଉଛି ଏହି ସମାଲୋଚନା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ତରଫରୁ ଇରାନ୍‌ର ରାଷ୍ଟ୍ରପତି ମସୌଦ ପ୍ରେଜେସ୍‌କିୟାନଙ୍କ ସହ ଆଲୋଚନା କରି ଉତ୍ତେଜନା ହ୍ରାସ କରିବା ପାଇଁ ପରାମର୍ଶ ଦେଇଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | | | 5 |
| 7 | | 1 | | | | | | |
| 3 | | 6 | | | | | 4 | |
| | | | 2 | 1 | | 6 | | |
| 4 | | 2 | | | | | | 9 |
| | 1 | | | | 5 | | | 8 |
| | | 3 | 6 | | | | | |
| 9 | | | 5 | | 8 | 1 | | |
| | | 4 | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 8 | 9 | 4 | 1 | 3 | 5 | 2 |
| 4 | 2 | 5 | 6 | 7 | 3 | 9 | 1 | 8 |
| 9 | 1 | 3 | 5 | 8 | 2 | 4 | 7 | 6 |
| 1 | 8 | 6 | 4 | 9 | 7 | 2 | 3 | 5 |
| 2 | 9 | 7 | 8 | 3 | 5 | 6 | 4 | 1 |
| 3 | 5 | 4 | 1 | 2 | 6 | 7 | 8 | 9 |
| 5 | 4 | 1 | 7 | 6 | 9 | 8 | 2 | 3 |
| 7 | 6 | 2 | 3 | 5 | 8 | 1 | 9 | 4 |
| 8 | 3 | 9 | 2 | 1 | 4 | 5 | 6 | 7 |

ଗତକାଲିର ଉତ୍ତର

# ଜୀବନରେ ସତ୍ୟର ସନ୍ଧାନ



ଛାୟାକାନ୍ତ ଷଡ଼ଙ୍ଗୀ

ଈଶାବାସ୍ୟ ଉପନିଷଦରେ ପ୍ରାର୍ଥନା କରାଯାଇଛି, "ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖଂ। ତତ୍ତ୍ୱଂ ପୂଷନ୍ନପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ।" ଅର୍ଥାତ୍ ସତ୍ୟର ମୁଖ ସ୍ୱର୍ଣ୍ଣମୟ ପାତ୍ର ଭିତରେ ଢଙ୍କା ହୋଇ ରହିଛି। ହେ ସୂର୍ଯ୍ୟଦେବ! ସତ୍ୟର ସାଧକ ପାଇଁ ତାକୁ ଅନାବୃତ କରିଦିଅନ୍ତୁ। ବ୍ୟାବହାରିକ ଜୀବନରେ ଏହି ଢାଙ୍କୁଣୀ ଖୋଲିବା ଏକ କଷ୍ଟକର ବ୍ୟାପାର। ଏହି ପ୍ରସଙ୍ଗରେ ସତ୍ୟ ଘଟଣାଟିଏ। ଦିନେ ପ୍ରତିମା ତାଙ୍କ ଛୋଟ ପୁଅ ବିଜୟକୁ ସ୍କୁଲ ପଠାଇଲେ। ତାଙ୍କ ପଡ଼ୋଶିନୀ ତାଙ୍କ ପୁଅ ମିଣ୍ଟୁକୁ ସେହି ସ୍କୁଲରେ ନାମ ଲେଖାଇ ତାକୁ ବିଜୟ ସହିତ ସ୍କୁଲ ପଠାଇଲେ। ପ୍ରତିମା ପୁଅ ବିଜୟକୁ କହିଲେ, "ମିଣ୍ଟୁ ପ୍ରଥମ ଥର ପାଇଁ ସ୍କୁଲ ଯାଉଛି। ତାର ଭଲ ମନ୍ଦ ବୁଝିବୁ। ସେ ତୋର ସାନଭାଇ।" ଉଭୟେ ସ୍କୁଲ ଗଲେ। କିଛି ଘଣ୍ଟା ଅତିକ୍ରାନ୍ତ ହେବା ପରେ ପ୍ରତିମାଙ୍କ ପାଖକୁ ସ୍କୁଲରୁ ଏକ ଫୋନ୍‌କଲ୍ ଆସିଲା। ସ୍କୁଲ ଅଧ୍ୟକ୍ଷା କହିଲେ, "ମାଡାମ୍! ଆପଣ କାହିଁକି ପୁଅକୁ ମିଛ କହିବା ଶିଖାଇଛନ୍ତି?" ପ୍ରତିମା ଆଶ୍ଚର୍ଯ୍ୟ ହେଲେ ଓ କହିଲେ, "ନା ମାଡାମ୍! ମୁଁ କେବେ ପୁଅକୁ ମିଛ କହିବା ଶିଖାଇ ନାହିଁ।" ଅଧ୍ୟକ୍ଷା ବିରକ୍ତ ହୋଇ ଫୋନ୍‌କଲ୍‌କୁ କାଟିଦେଲେ। ପରେ ପୁଅ ବିଜୟ ପାଖରୁ ମା' ପ୍ରତିମା ଘଟଣା ସମ୍ପର୍କରେ ଜାଣିଲେ। ସେଦିନ ଗୋଟିଏ ଗୁଣ୍ଡାପିଲା ମିଣ୍ଟୁକୁ ହଇରାଣ କଲା। ଫଳରେ ମିଣ୍ଟୁ କାନ୍ଦିଲା। ଏହା ଦେଖି ବିଜୟ ସେହି ଗୁଣ୍ଡାପିଲାଟିକୁ ଶକ୍ତ ଚାପୁଡ଼ାଟିଏ ମାରିଲା ଓ ହଇରାଣ ନ କରିବାକୁ ଚେତାଇଦେଲା। ଘଟଣାଟି ପହଞ୍ଚିଲା ଅଧ୍ୟକ୍ଷାଙ୍କ ପାଖରେ। ଅଧ୍ୟକ୍ଷା ବିଜୟକୁ ପଚାରିଲେ, "ତୁ କାହିଁକି ତାକୁ ମାରିଲୁ?" ବିଜୟ କହିଲା, "କାରଣ ସେ ମିଣ୍ଟୁକୁ ହଇରାଣ କରୁଥିଲା।" ଅଧ୍ୟକ୍ଷା କହିଲେ, "ସେଥିରେ ତୋର ମୁଣ୍ଡ ପୂରାଇବା ଦରକାର ନ ଥିଲା।" ବିଜୟ କହିଲା, "ମିଣ୍ଟୁ ମୋର ସାନଭାଇ। କେମିତି ମୁଣ୍ଡ ପୂରାଇବି ନାହିଁ?" ଅଧ୍ୟକ୍ଷା କହିଲେ, "ବାଜେ କଥା। ତୁ ଜଣେ ହିନ୍ଦୁ, ମିଣ୍ଟୁ ଶିଖ୍। ତୁମେ ଦୁଇଜଣ ଗୋଟିଏ ମାଆ ପାଖରୁ ଜନ୍ମ ଗ୍ରହଣ କରିନାହଁ। ସେ ତୋ ଭାଇ ହେଲା କେମିତି?" ବିଜୟ କହିଲା, "ମୋ ମାଆ କହିଛନ୍ତି ସେ ମୋର ଭାଇ।" ଅଧ୍ୟକ୍ଷା କହିଲେ, "ତୋ ମାଆ ତୋତେ ମିଛ କଥା ଶିଖାଇଛନ୍ତି।" ସେଦିନ ବିଜୟ ଅଧ୍ୟକ୍ଷାଙ୍କ ପାଖରୁ ଜାଣିଲା ଯେ ଦୁଇଟି ଭିନ୍ନ ଧାର୍ମିକ ସଂପ୍ରଦାୟର ଲୋକ ଭିନ୍ନ ମାଆ ପାଖରୁ ଜନ୍ମନେଇ ଭାଇ ହୋଇପାରିବେ ନାହିଁ। ବର୍ତ୍ତମାନ ପ୍ରଶ୍ନ ହେଉଛି ପ୍ରତିମାଙ୍କ କଥା ସତ୍ୟ ନା ଅଧ୍ୟକ୍ଷାଙ୍କ କଥା ସତ୍ୟ। ଜୈବିକ ଦୃଷ୍ଟିକୋଣରୁ ଅଧ୍ୟକ୍ଷା ସତ୍ୟ କହିଛନ୍ତି। ମାତ୍ର ଆବେଗିକ ଦୃଷ୍ଟିରୁ ପ୍ରତିମା ମଧ୍ୟ ସତ୍ୟ କହିଛନ୍ତି। କାରଣ ସାମାଜିକ ଜୀବନରେ ଆବେଗିକ ସମ୍ପର୍କ ମଧ୍ୟ ଅଛି। ଶିକାଗୋ ଧର୍ମସଭାରେ



ସ୍ୱାମୀ ବିବେକାନନ୍ଦ ହଜାର ହଜାର ଶ୍ରୋତାଙ୍କୁ ଭଉଣୀ ଓ ଭାଇ ସମ୍ବୋଧନ କରିଥିଲେ। ସେମାନେ ସମସ୍ତେ ଗୋଟିଏ ମାଆ ଗର୍ଭରୁ ଜନ୍ମ ନେଇ ନ ଥିଲେ। ସେହି ଦୃଷ୍ଟିରୁ ବିବେକାନନ୍ଦଙ୍କ ସମ୍ବୋଧନ ମିଥ୍ୟାଶ୍ରିତ ଥିଲା। ମାତ୍ର ସେହି ସମ୍ବୋଧନରେ ଶ୍ରୋତାମାନେ ଭାବବିହ୍ୱଳ ହୋଇ ଛିଡ଼ା ହୋଇ ପଡିଥିଲେ, କାରଣ ତାହାଥିଲା ଆବେଗିକ ସତ୍ୟ। ଆଉ ଏକ ଦୃଷ୍ଟିରୁ ମଧ୍ୟ ସ୍ୱାମିଜୀଙ୍କ ସମ୍ବୋଧନ ଠିକ୍ ଥିଲା। ସେ ଥିଲେ ଅଦ୍ୱୈତବାଦୀ। ଈଶ୍ୱର ସର୍ବବ୍ୟାପୀ ହୋଇଥିବାରୁ ଆମେ ସମସ୍ତେ ତାଙ୍କ ଭିତରେ ଏକ, ମାତ୍ର ସତ୍ତା ପ୍ରକଟନରେ ଭିନ୍ନ ଭିନ୍ନ। ଏଣୁ ପ୍ରତ୍ୟେକ ନରନାରୀ ଆମର ଭାଇଭଉଣୀ।

ଆଧ୍ୟାତ୍ମିକ ସ୍ତରରେ ସତ୍ୟ ପରିବର୍ତ୍ତନଶୀଳ ନୁହେଁ। ସତ୍ୟ ଓ ଈଶ୍ୱର ଏକ ଏବଂ ଅଭିନ୍ନ। ସତ୍ ଶବ୍ଦରୁ ସତ୍ୟ ଶବ୍ଦର ସୃଷ୍ଟି। 'ସତ୍'ର ଅର୍ଥ ଚିରନ୍ତନ। ଈଶ୍ୱର ଥିଲେ, ଅଛନ୍ତି ଓ ରହିବେ। ଏଣୁ ସେ ସତ୍ୟ। ମାତ୍ର ସାମାଜିକ ସ୍ତରରେ ସତ୍ୟର ପରିଭାଷା ଭିନ୍ନ। ସତ୍ୟ ହେଉଛି ଚେତନା ନିର୍ଭର ଶକ୍ତି। ଆମ ଚେତନା ଗତିଶୀଳ ଓ ପ୍ରଗତିଶୀଳ ହେବା ଅନିବାର୍ଯ୍ୟ। ଏଣୁ ଗାନ୍ଧିଜୀ କହୁଥିଲେ, "ମୋର ବର୍ତ୍ତମାନର ମତ ଯଦି ମୋର ପୂର୍ବର ମତକୁ ଖଣ୍ଡନ କରୁଥାଏ, ତା'ହେଲେ ତୁମେ ବର୍ତ୍ତମାନର ମତକୁ ସତ୍ୟଭାବରେ ଗ୍ରହଣ କର।" ଆମେ ଯେତେବେଳେ କୌଣସି ମୂଲ୍ୟବୋଧରେ ବିଶ୍ୱାସ କରୁ, ତାର ଭିତ୍ତି ହେଲା ଆମେ ହୃଦୟଙ୍ଗମ କରିଥିବା ଏକ ସତ୍ୟ। ହୁଏତ ଆସନ୍ତାକାଲି ଆମେ ସେହି ସତ୍ୟରୁ ଉତ୍ତୀର୍ଣ୍ଣ ହୋଇପାରୁ ଓ ଅପେକ୍ଷାକୃତ ମହତ୍ତର ସତ୍ୟ ଉପରେ ନିର୍ଭରଶୀଳ ହୋଇପାରୁ। ସାମାଜିକ ସ୍ତରରେ ସତ୍ୟ ଗତିଶୀଳ, କାରଣ ଆଇନକାନୁନ, ପରମ୍ପରା, ନୀତିନିୟମ ସାମାଜିକ ସତ୍ୟର ଅନ୍ତର୍ଭୁକ୍ତ ଓ ବିଭିନ୍ନ ସମୟରେ ଏଗୁଡ଼ିକ ପରିବର୍ତ୍ତନଶୀଳ। ସ୍ଥାନ, କାଳ, ପାତ୍ର ଭେଦରେ ସାମାଜିକ ସତ୍ୟ ସ୍ଥିର ରହେନାହିଁ। ପୁଣି ଆମ ଚେତନା ଅପରିପକ୍ୱ ଥାଇପାରେ। ଆମେ ସବୁବେଳେ ଅଜ୍ଞାନ ଅନ୍ଧକାର ଭିତର ଦେଇ ଜୀବନଯାତ୍ରା ଅବ୍ୟାହତ ରଖିଛୁ। ଆମେ ଅପରିପକ୍ୱ ଚେତନାରେ କୌଣସି ସିଦ୍ଧାନ୍ତ ନେଇଥିଲେ ହୁଏତ ତାହା ପରବର୍ତ୍ତୀ ସମୟରେ ଠିକ୍ ହୋଇପାରେ। ମାତ୍ର ଆଜି ଯାହା ଭ୍ରାନ୍ତି ମନେହୁଏ, ତା' ପଛରେ ବି ଦିନେ ସତ୍ୟ ଥିଲା। ଏଣୁ ବ୍ୟାବହାରିକ ଜୀବନରେ ସ୍ଥାନ କାଳ ପାତ୍ର ଭେଦରେ ସତ୍ୟ ବଦଳିପାରେ। ଗାନ୍ଧିଜୀ ଅହିଂସାରେ ବିଶ୍ୱାସ କରୁଥିଲେ। ମାତ୍ର ଆବଶ୍ୟକ ପଡ଼ିଲେ ହିଂସ୍ର ପଶୁକୁ ହତ୍ୟା କରିବା ପାପ ନୁହେଁ ବୋଲି ମଧ୍ୟ ସେ ମତ ଦେଉଥିଲେ। ସେ କହୁଥିଲେ, "ମୋର ମତ ଯେ ସବୁବେଳେ ଅଭ୍ରାନ୍ତ, ଏ ଦର୍ଶନରେ ମୁଁ ବିଶ୍ୱାସ କରେ ନାହିଁ। ପ୍ରତ୍ୟେକ ଭାବାଦର୍ଶର ବିରୋଧୀ ବିଚାର ମଧ୍ୟ ଅଛି ଓ ଏହା ପରିସ୍ଥିତି ନିୟନ୍ତ୍ରିତ। ଏଣୁ ନିଜ ବିଚାରକୁ ଅଭ୍ରାନ୍ତ ବୋଲି ପ୍ରମାଣ କରିବା ସର୍ବଦା କ୍ଷତିକାରକ ଓ ଅପ୍ରୀତିକର।" ସେଥିପାଇଁ ସେ କହୁଥିଲେ, "ମୁଁ ସର୍ବଦା ସତ୍ୟର ଅନ୍ୱେଷଣ କରୁଛି। ମୋ' ଭିତରର ଅନ୍ତଃସ୍ୱର ଯେଉଁ ପଥ ପ୍ରଦର୍ଶନ କରିବ, ତାହା ହିଁ ମୋ ପାଇଁ ସତ୍ୟ।" ଅବଶ୍ୟ ବିଭିନ୍ନ ଲୋକଙ୍କ ଅନ୍ତଃସ୍ୱରର ଉତ୍ତର ଭିନ୍ନ ଭିନ୍ନ ହୋଇପାରେ, ଏପରିକି ପରସ୍ପର ବିରୋଧୀ ମଧ୍ୟ ହୋଇପାରେ। ଏଣୁ ଗାନ୍ଧିଜୀ କହୁଥିଲେ, ସେ କ୍ଷେତ୍ରରେ କେତେକ ସର୍ତ୍ତ ପୂରଣ କରିବାକୁ ହେବ। ତାକୁ ଅନେକ ବ୍ରତ ପାଳନ କରିବାକୁ ପଡ଼ିବ ଯଥା ସତ୍ୟ କଥନ, ବ୍ରହ୍ମଚର୍ଯ୍ୟ, ଅହିଂସା, ଦାରିଦ୍ର୍ୟ ଓ ଅସଂଗ୍ରହ। ଏହି ପାଞ୍ଚବ୍ରତ ପାଳନ କରୁ ନ ଥିଲେ ଅନ୍ତଃସ୍ୱର ଠିକ୍ ଭାବରେ ଶୁଣିହେବ ନାହିଁ। ଲକ୍ଷ୍ୟ ଓ ଲକ୍ଷ୍ୟରେ ପହଞ୍ଚିବା ପାଇଁ ବ୍ୟବହୃତ ସାଧନ ଉଭୟକୁ ଗାନ୍ଧିଜୀ ସମାନ ଗୁରୁତ୍ୱ ଦେଉଥିଲେ। ସାଧନ ଶୁଦ୍ଧ ଓ ମହତ୍ ନ ହେଲେ ଲକ୍ଷ୍ୟ ଶୁଦ୍ଧ ଓ ମହତ୍ ହୋଇପାରିବ ନାହିଁ।

ବ୍ୟାବହାରିକ ଜୀବନରେ ସତ୍ୟର ସନ୍ଧାନ ଏକ କଷ୍ଟକର ବ୍ୟାପାର। ଖ୍ରୀ.ପୂ. ପଞ୍ଚମ ଶତାବ୍ଦୀରେ ଗ୍ରୀକ୍ ଦାର୍ଶନିକ କ୍ରେଟିଲସ୍ ଶପଥ ନେଲେ ଯେ, ସେ କେବଳ ସତ୍ୟ ହିଁ କହିବେ। କେବେ ମିଥ୍ୟା କହିବେ ନାହିଁ। ଯେ କୌଣସି ତଥ୍ୟ ବା ବକ୍ତବ୍ୟ ସତ୍ୟ ବୋଲି ନିଶ୍ଚିତ ନ ହେବା ପର୍ଯ୍ୟନ୍ତ ସେ କିଛି କହିବେ ନାହିଁ। ପରିଣତିରେ ତାଙ୍କୁ ଆଜୀବନ ମୌନ ରହିବାକୁ ପଡ଼ିଲା। ସତ୍ୟର ପଥ କଣ୍ଟକାକୀର୍ଣ୍ଣ। ତେବେ ସତ୍ୟ ସୁଦୂରପରାହତ ବୋଲି ଧରିନେଇ ନିଜକୁ ସତ୍ୟ ମିଥ୍ୟାଶ୍ରିତ ସ୍ରୋତରେ ଛାଡ଼ିଦେବା କି? ଏହି ପ୍ରଶ୍ନର ଉତ୍ତରରେ ବିଶିଷ୍ଟ ଲେଖକ ମନୋଜ ଦାସ କହନ୍ତି, "ସତ୍ୟ ପ୍ରତି ଉନ୍ମୁଖ ହେବା ଆମ ବ୍ୟକ୍ତିଗତ ଜୀବନର ଆତ୍ମିକ ପ୍ରଗତିର ଏକ ନିର୍ଭୁଲ୍ ଲକ୍ଷଣ। ସମଗ୍ର ସତ୍ୟ ଆମେ ଉପଲବ୍ଧି କରିପାରିବା ନାହିଁ ଠିକ୍, କିନ୍ତୁ ଯେ କୌଣସି ପରିସ୍ଥିତିରେ, ସମସ୍ୟାରେ, ଦ୍ୱନ୍ଦ୍ୱରେ ଆମେ ଯଦି ସେହି ମୁହୂର୍ତ୍ତରେ ନିଜକୁ ନିରପେକ୍ଷ ରଖି, ଶାନ୍ତ ଓ ନିରବ ରହି, ଦିବ୍ୟଶକ୍ତିକୁ ସ୍ମରଣ କରି, ଆମ ଚେତନାର ସର୍ବୋଚ୍ଚ ବିନ୍ଦୁରେ ରହିବାର ପ୍ରୟାସ କରି ଯାହା ଯଥାର୍ଥ ମନେହେବ ସେହି ସିଦ୍ଧାନ୍ତ ନେଉ ବା ସେହି ଅନୁସାରେ ପଦକ୍ଷେପ ନେଉ, ତେବେ ସତ୍ୟ ପ୍ରତି ସତ୍ ରହିଛୁ ବୋଲି ଆମ ନିଜର ଉପଲବ୍ଧି ହେବ। ପରିଣତି ଯାହା ହେଲେ ମଧ୍ୟ ଆମ ବିବେକ ପରିଚ୍ଛନ୍ନ ରହିବ। ଜଗତରେ ସତ୍ୟାୟନ ଦିଗରେ ଏହା ହେବ ଏକ ଅବଦାନ।"

ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ: ୯୪୩୭୩୨୯୨୬୩

# ପରିସ୍ଥିତି ଓ ମନୋସ୍ଥିତି



ଡ. ମୌସୁମୀ ପରିଡ଼ା

ସତୁରି ଦଶକରେ ଆମେରିକାର ଜେଲ୍‌ଗୁଡ଼ିକରେ କ୍ଷମତା ଓ ବ୍ୟକ୍ତିତ୍ୱକୁ ନେଇ ନୌସେନା/ତଟରକ୍ଷୀ ବିଭାଗ ଅନୁସନ୍ଧିତ୍ସୁ ହୋଇପଡ଼ିଥିଲେ। ଜେଲର୍ ଓ କଏଦୀମାନଙ୍କ ମଧ୍ୟର ସମ୍ପର୍କ ଥିଲା ଗବେଷଣାର ବିଷୟବସ୍ତୁ। ୧୯୭୧ ଅଗଷ୍ଟ ମାସରେ କାଲିଫର୍ନିଆସ୍ଥିତ ଷ୍ଟାନ୍‌ଫୋର୍ଡ ରିସର୍ଚ୍ଚ ୟୁନିଭରସିଟିରେ ମନୋବୈଜ୍ଞାନିକ ପ୍ରଫେସର ଫିଲିପ୍ ଜିମ୍ବାର୍ଡୋ ଏହି ପରିପ୍ରେକ୍ଷୀରେ ଗବେଷଣା ଆରମ୍ଭ କଲେ। ଯୋଗ୍ୟତା ଭିତ୍ତିରେ ୭୦ଜଣ ଆବେଦନକାରୀଙ୍କ ମଧ୍ୟରୁ ୨୪ଜଣ ମନସ୍ତତ୍ତ୍ୱ ବିଭାଗ ଛାତ୍ରଙ୍କୁ ମନୋନୀତ କରାଗଲା। ଦୁଇ ସପ୍ତାହ ଧରି ହେବାକୁ ଥିବା ଗବେଷଣାରେ ପ୍ରତ୍ୟେକ ଛାତ୍ରଙ୍କୁ ୧୫ଡଲାର୍ ଲେଖାଏ ଦେବାକୁ ନିଷ୍ପତ୍ତି ନିଆଗଲା। ୧୨ଜଣଙ୍କୁ ନେଇ ଦୁଇଟି ଟିମ୍ ଗଠନ ହେଲା। ଗୋଟେ ଜେଲର୍‌ମାନଙ୍କର ଓ ଅନ୍ୟଟି କଏଦୀମାନଙ୍କର। ସେମାନଙ୍କୁ ସେହି କ୍ରମରେ ଅଭିନୟ କରିବାର ଥିଲା। ଟସ୍ ଅନୁଯାୟୀ କଏଦୀ ଓ ଜେଲର୍‌ମାନଙ୍କ ଚୟନ ପରେ ଉଭୟ ଟିମ୍‌କୁ ସେମାନଙ୍କ ଅନୁଯାୟୀ ପୋଷାକ ପିନ୍ଧିବାକୁ ହେଲା। ଫିଲିପ୍ ଜିମ୍ବାର୍ଡୋ ଜେଲ ସୁପରିଣ୍ଟେଣ୍ଡେଣ୍ଟ (ଅଧୀକ୍ଷକ) ଓ ଗବେଷକ ଡାଭିଡ୍ ଜାଫେନ୍ ୱାର୍ଡେନ୍ (ତତ୍ତ୍ୱାବଧାରକ) ଥିଲେ।

ନକଲି ଜେଲ ଠିକ୍ ଷ୍ଟାନ୍‌ଫୋର୍ଡ ଜୋର୍ଡାନ ହଲ୍ ତଳେ ନିର୍ମିତ ହୋଇଥିଲା। ୨୪ ଜଣଙ୍କ ଆଖିରେ ପଟି ବାନ୍ଧି ସେଠାକୁ ନିଆଯିବା ପରେ ଅଭିନୟ କରିବାକୁ କୁହାଗଲା। ୩ ଜଣ କଏଦୀଙ୍କ ପାଇଁ ଗୋଟିଏ କୋଠରି ଥିଲା। ସେମାନଙ୍କୁ ସେମାନଙ୍କ ନାଁ ପରିବର୍ତ୍ତେ ଜେଲ ପକ୍ଷରୁ ଦିଆଯାଇଥିବା ନମ୍ବର ଅନୁସାରେ ଡକାଯାଉଥିଲା। ଫିଲିପ୍ ଜିମ୍ବାର୍ଡୋ ଜେଲର୍ ଭୂମିକାରେ ଥିବା ଛାତ୍ରମାନଙ୍କୁ ସୀମା ଭିତରେ ରହି କଏଦୀମାନଙ୍କ ଭୂମିକାରେ ଥିବା ଅନ୍ୟ ଛାତ୍ରମାନଙ୍କ ଭିତରେ ବିରକ୍ତି, କ୍ଳାନ୍ତି, ହତାଶା, ଅସନ୍ତୋଷ ଓ ଭୟ ଜନ୍ମାଇବାକୁ କହିଥିଲେ। ପ୍ରଥମ ଦିନ ରାତି ସାଢ଼େ ଦୁଇଟାରେ ଜେଲର୍‌ମାନେ ହ୍ୱିସିଲ୍ ବଜାଇ ସେମାନଙ୍କୁ ନିଦରୁ ଉଠାଇ ବିରକ୍ତ କରିବାକୁ ଚେଷ୍ଟା କରି ସଫଳ ହେଲେ। କିଛି କଏଦୀ ମାନି ନ ଥିବାରୁ ସକାଳ ହେଉ ହେଉ ସେମାନଙ୍କୁ ଦଣ୍ଡ ମିଳିଲା।

ଦ୍ୱିତୀୟ ଦିନ ଆରମ୍ଭରେ ଅନ୍ୟାୟରେ ଦଣ୍ଡିତ ହୋଇଥିବା କଏଦୀମାନେ ଦଣ୍ଡକୁ ବିରୋଧ କରି ସେମାନଙ୍କୁ ଦିଆଯାଇଥିବା ପରିଚୟ ସଂଖ୍ୟା ଓ ଟୋପିଗୁଡ଼ିକୁ ଫିଙ୍ଗି ବେଡ୍ ସହ କବାଟକୁ ଭିଡି ବନ୍ଦକରି ରଖିବାରୁ ଜେଲର୍‌ମାନେ ବାଧ୍ୟ ହୋଇ ନିଆଁଲିଭା ଯନ୍ତ୍ର ସାହାଯ୍ୟରେ କବାଟ ଫିଟାଇ ପ୍ରତ୍ୟେକଙ୍କୁ ଅକଥନୀୟ ଯନ୍ତ୍ରଣା ଦେବାକୁ ଲାଗିଲେ। ସେମାନଙ୍କ ଦେହରୁ ପୋଷାକ କାଢ଼ି, ପାଦରେ ଶିକୁଳି ବାନ୍ଧି, ଭୋକ ଉପାସରେ ରଖି ମାନସିକ ନିର୍ଯାତନା ଦେଲେ। କେତେଜଣ କଏଦୀ ଭୟଭୀତ ହୋଇ ଜେଲର୍‌ମାନଙ୍କୁ ମାନିବାକୁ ଆରମ୍ଭ କଲେ। ଆଉ କେତେଜଣ ବିରୋଧ କଲେ।

ତୃତୀୟ ଦିନରେ ଭୋକଶୋଷରେ ଆଉଟୁପାଉଟୁ କଏଦୀମାନେ ନିଜ ବ୍ୟକ୍ତିତ୍ୱ, ଚରିତ୍ର ଓ ଜେଲର୍‌ମାନେ ନିଜ ବିଚାରବୋଧ ପାସୋରିଦେଲେ। ତା' ପରଦିନ ସେମାନଙ୍କୁ ଗାଧୁଆ ଘର ମନାହେଲା। ମଳମୂତ୍ର ତ୍ୟାଗ ପାଇଁ ସେଇ ରୁମ୍‌ରେ ଛୋଟପାତ୍ର ରଖାଗଲା। କଏଦୀମାନେ ଅଖିଆ ଅପିଆ ରହି ଅସ୍ୱାସ୍ଥ୍ୟକର ପରିବେଶରେ ବିଦ୍ରୋହୀ ହୋଇପଡିଲେ। ନମ୍ବର ଅନୁସାରେ ନାମିତ ହେଉଥିବାରୁ ନିଜ ବାସ୍ତବ ପରିଚୟ ଓ ଅଭିନୟର ଉଦ୍ଦେଶ୍ୟ ସବୁକୁ ଭୁଲି ବସିଲେ। ସେମାନଙ୍କୁ ଦୁଇଦଳ କରି ରଖାଗଲା। ଜେଲର୍‌ମାନଙ୍କୁ ମାନୁଥିବା କଏଦୀମାନେ ଜେଲ ଭିତରର ସବୁତକ ସୁବିଧା ଉପଭୋଗ କରୁଥିବାବେଳେ ବିରୋଧୀମାନେ ହତାଶା,



କ୍ଳାନ୍ତି, ମାନସିକ ଅବସାଦରେ ବଞ୍ଚିଲେ। କେତେଜଣ ତ ସବୁ ପୁଞ୍ଜି ବିନିମୟରେ ପାରୋଲ୍‌ରେ ଘରକୁ ଫେରିବାକୁ ଚାହିଁଲେ। କିଛିଦିନ ଭିତରେ ନିଜେ ସୁପରିଣ୍ଟେଣ୍ଡେଣ୍ଟ ଜିମ୍ବାର୍ଡୋ ଅନୁଭବ କଲେ ଯେ ଅଭିନୟକୁ ସତ ମଣି କଏଦୀମାନେ ନିଜକୁ ଭୁଲିଯାଇଛନ୍ତି! ଏହାକୁ ଗବେଷଣାର ଅଂଶ ବୋଲି ସେମାନେ ଭାବୁନାହାନ୍ତି!

ଆଉଗୋଟେ କଥା ପରିଲକ୍ଷିତ ହୋଇଥିଲା ଯେ ଜେଲର୍‌ମାନଙ୍କ ମଧ୍ୟରେ ବି କେତେଜଣ ଜେଲର୍ କଏଦୀମାନଙ୍କୁ ବିଲ୍‌କୁଲ୍ ଦଣ୍ଡ ଦେଉ ନ ଥିଲେ। ସେମାନେ ସବୁପ୍ରକାରର ସୁବିଧା ଦେଇ ସେମାନଙ୍କୁ ସ୍ୱାଭାବିକ ରଖିବାର ପ୍ରୟାସ କରୁଥିଲେ, ଆଉକିଛି ନିର୍ମମ ଅତ୍ୟାଚାର ଦ୍ୱାରା ନିଜ କ୍ଷମତାର ଅପବ୍ୟବହାର କରୁଥିଲେ, ଯାହା କଏଦୀମାନଙ୍କ ସ୍ୱାଭାବିକତାକୁ ନଷ୍ଟ କରିଥିଲା। ସେତେବେଳକୁ ଗବେଷଣା ଷଷ୍ଠ ଦିନରେ ପହଞ୍ଚି ସାରିଥିଲା। ଅଭିନୟ କରୁଥିବା ଛାତ୍ରମାନଙ୍କ ସାକ୍ଷାତ୍‌କାର ନେବାକୁ ଆସିଥିବା ପିଏଚ୍.ଡି. ଛାତ୍ରୀ ତଥା ଗବେଷିକା କ୍ରିଷ୍ଟିନା ମାସଲକ୍ କଏଦୀମାନଙ୍କ ଭୟଙ୍କର ସ୍ଥିତି ଓ ମନୋଦ୍ଦଶା ଦେଖି ବିଚଳିତ ହୋଇ ବନ୍ଧୁ ଫିଲିପ୍ ଜିମ୍ବାର୍ଡୋଙ୍କୁ ଏତାଦୃଶ ନିଷ୍ଠୁରତା ବନ୍ଦ କରିବାକୁ କହିଥିଲେ। ଜିମ୍ବାର୍ଡୋ ଅନୁଭବ କରିଥିଲେ ସେ ବି ନିଜକୁ ଜଣେ ମନସ୍ତତ୍ତ୍ୱବିତ୍ ବୋଲି ଭୁଲିଯାଇ ଜେଲ ଅଧୀକ୍ଷକ ମନେକରୁଛନ୍ତି! ସେହିପରି ଜେଲର୍‌ମାନେ ଅତ୍ୟାଚାରୀ, ନିଷ୍ଠୁର ହୋଇପଡିଥିବାବେଳେ କଏଦୀମାନେ ଅବସାଦବୋଧ ଦ୍ୱାରା ନିଜ ପରିଚୟ ଭୁଲିଯାଇଛନ୍ତି!

ଅସୁସ୍ଥ ବାତାବରଣ ମନ ଉପରେ ଗଭୀର ପ୍ରଭାବ ପକାଏ। ବାସ୍ତବ ଅବାସ୍ତବ, ସତମିଛ ଯାହା ଦିଶେ ତା' ଦ୍ୱାରା ମସ୍ତିଷ୍କ ଆକ୍ରାନ୍ତ ହୁଏ। ଯାହା ଦେଖାଇବାର ଚକ୍ରାନ୍ତ ରଚାଯାଏ ସେସବୁକୁ ମସ୍ତିଷ୍କ ଅଚିରେ ଗ୍ରହଣ କରିଯାଏ। ଅର୍ଥାତ୍ ମିଛ ବା ଛଳନା ଦ୍ୱାରା ମଣିଷ ବେଶି ପ୍ରଭାବିତ ହୁଏ। ଦ୍ୱିତୀୟ କଥାଟି ହେଲା କ୍ଷମତାର ଅପବ୍ୟବହାରକାରୀମାନେ ଯଦି କ୍ଷମତାଶାଳୀ ହେବେ ତେବେ ସେମାନଙ୍କ ଅଧୀନରେ ଥିବା ଲୋକଙ୍କ ଅବସ୍ଥା କଏଦୀଙ୍କ ପରି ହେବ। କିନ୍ତୁ କିଛି କ୍ଷମତାସୀନ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନବତାକୁ ଦୃଷ୍ଟିରେ ରଖି କ୍ଷମତାର ଉପଯୋଗ କରିଥାନ୍ତି। ସେଠାରେ ମଣିଷପଣିଆ ବଞ୍ଚରହେ। ଚତୁର୍ଥ କଥାଟି ହେଲା ବିପରୀତ ସ୍ଥିତିରେ ଯେଉଁମାନେ ଅବିଚଳିତ ରହି ବାସ୍ତବତା ଅନୁସାରେ ଚାଲିଥାନ୍ତି (ସଚେତନ କଏଦୀ) ସେମାନେ ଯେକୌଣସି ବିପରୀତ ସ୍ଥିତିକୁ ଧୈର୍ଯ୍ୟର ସହିତ ମୁକାବିଲା କରିଥାନ୍ତି।

ଚା, ଆଳୁ, କଫି, ଅଣ୍ଡା ଏ ଚାରୋଟି ଜିନିଷ ଚାରୋଟି ତତ୍ତ୍ୱର ପ୍ରତୀକ। ଚା'କୁ ଗରମ କଲେ ସେ ତା'ର ବାସ୍ନା ଓ ରଙ୍ଗ ଛାଡେ। ଚା'ପତି ଛଣା ହୋଇଗଲେ ବି ସେ ପାଣି ବା କ୍ଷୀରରେ ମିଶି ସାରିଥାଏ। ଆଳୁକୁ ଗରମ କଲେ ସେ ସ୍ୱାଭାବିକତାଠୁ ନରମ ହୋଇଯାଏ। କଫି କିନ୍ତୁ ପୂରାପୂରି ପାଣି କିମ୍ବା କ୍ଷୀରରେ ମିଶିଯାଏ। ଅଣ୍ଡା ଗରମ ହେଲା ପରେ ତା ଭିତରର କୋମଳ ଅଂଶଟି କଠିନ ହୋଇଯାଏ। ତେଣୁ ଭାବିବାକୁ ହେବ ବିଷମ ପରିସ୍ଥିତିରେ ମଣିଷ କାହା ପରି ହେବା ଉଚିତ। ଚା' ପରି ନିଜକୁ କ୍ଷୟ କରିବ ନା ଆଳୁ ପରି ନିଜ ଧର୍ମ ହରାଇବ! କଫି ପରି ନିଜକୁ ସ୍ଥିତି ଆଗରେ ସମର୍ପଣ କରିଦେବ ନା ଅଣ୍ଡାର ଭିତର-ଅଂଶ ପରି କଠିନ ହୋଇଯିବ! ବସ୍ତୁ ତା' ଧର୍ମ ଅନୁସାରେ ବଦଳେ। ମଣିଷ ବି ସ୍ୱଧର୍ମ ତ୍ୟାଗକରି ପାରେନା କିନ୍ତୁ ଚାହିଁଲେ ବଦଳାଇପାରେ। ଦସ୍ୟୁ ରତ୍ନାକର ବାଲ୍ମିକୀ ହୋଇପାରିଥିଲେ। ଏହା ସତ୍ୟ ଯେ ମଣିଷ ଭିତରର କ୍ଷମତା ଲିପ୍‌ସା ତାକୁ ଅମଣିଷ ବନାଇବାକୁ ମୁହୂର୍ତ୍ତଟିଏ ବି ଲଗାଏନି।

ଯଦିଓ ଷ୍ଟାନ୍‌ଫୋର୍ଡ ରିସର୍ଚ୍ଚ ୟୁନିଭର୍‌ସିଟିର ଏହି ଗବେଷଣା ବିବାଦୀୟ ହୋଇପଡିଥିଲା ତେବେ ବି ମଣିଷର ମନୋଦ୍ଦଶା ସମ୍ପର୍କରେ ଧାରଣା ସ୍ପଷ୍ଟ କରିଥିଲା ନିଶ୍ଚୟ। କହିବା ବାହୁଲ୍ୟ- ସ୍ଥିତି ହିଁ ମଣିଷର ବ୍ୟକ୍ତିତ୍ୱକୁ ଉନ୍ମୋଚିତ କରେ।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

କୃଷି କ୍ଷେତ୍ରରେ ଜ୍ଞାନକୌଶଳର ବିକାଶ ହେଉଥିବାରୁ ଏହାର ସକାରାତ୍ମକ ପ୍ରଭାବ ମୁକ୍ତା ଚାଷରେ ପରିଲକ୍ଷିତ ହେଉଛି। ରାଜସ୍ଥାନ ଭରତପୁରର ଗୌରବ ପଚୌରି ଉନ୍ନତ ଜ୍ଞାନ କୌଶଳରେ ମୁକ୍ତାଚାଷ କରିଛନ୍ତି। ସେ ଏଥିରୁ ୨୧ ମାସରେ ୫୫ ଲକ୍ଷ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ଗୌରବ ୨୦୧୭ରେ ମେକାନିକାଲ ଇଞ୍ଜିନିୟରିଂରେ ଶିକ୍ଷା ଶେଷକରି ସରକାରୀ ଚାକିରି ପାଇଁ ବର୍ଷ ବର୍ଷ ଧରି ଚେଷ୍ଟା କରିବା ପରେ ସଫଳତା ପାଇ ନ ଥିଲେ। ସେ କ'ଣ କରିବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ଥିଲେ। ପରେ ମୁକ୍ତାଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ଏଥିପାଇଁ ଓଡ଼ିଶାସ୍ଥିତ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଫର ଫ୍ରେଶୱାଟର ଆକ୍ୱାକଲଚର (ସିଆଇଏଫ୍‌ଏ)ରୁ ୫ ଦିନିଆ ପ୍ରଶିକ୍ଷଣ ଶେଷ କରି ଏହି ଚାଷ ଆରମ୍ଭ କରିଥିଲେ। ପ୍ରଥମେ ୧୫୦ ଫୁଟ ଲମ୍ବ ଓ ୮୦ ଫୁଟ ଚଉଡ଼ା ପୋଖରୀ ଖୋଳିଥିଲେ ଏବଂ ୧ ଲକ୍ଷ ୧୫ ହଜାର ଶାମୁକା ସେଥିରେ ଛାଡ଼ିଥିଲେ। ଏଥିରେ ସେ ୨୧ ଲକ୍ଷ ନିବେଶ କରିଥିଲେ ଏବଂ ୨୧ ମାସରେ ସେ ମୁକ୍ତାରୁ ୫୫ ଲକ୍ଷ ଟଙ୍କା ପାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଜୁନ୍ ୧୯୭୬

- ଭାରତ ଓ ପାକିସ୍ତାନ ମଧ୍ୟରେ କୁଟନୈତିକ ସମ୍ପର୍କରେ ପୁନଃ ସଂସ୍ଥାପନ ଲାଗି ଦୁଇ ଦେଶ ପକ୍ଷରୁ ନିଜ ନିଜର ରାଷ୍ଟ୍ରଦୂତ ନିଯୁକ୍ତ ଘୋଷଣା କରାଯାଇଛି।
- ଲେବାନନ୍‌ରେ ଯୁଦ୍ଧ ବିରତି ପାଳନ ପାଇଁ ସିରିଆ ଓ ପାଲେଷ୍ଟାଇନିୟାନ ସେଣ୍ଟ୍ରାଲ କମାଣ୍ଡ ମଧ୍ୟରେ ଏକ ରାଜିନାମା ହୋଇଛି।
- ଯୁକ୍ତରାଷ୍ଟ୍ର ଆମେରିକାରେ ମୋଟର ଟାୟାର ତିଆରି କରୁଥିବା ବିଭିନ୍ନ କାରଖାନାର ପ୍ରାୟ ୬୦ ହଜାର ଶ୍ରମିକ ଧର୍ମଘଟ କରିବା ଦ୍ୱାରା ୫୦ଟି ରବର ସାମଗ୍ରୀ କାରଖାନା ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡ଼ିଛି।

## ଚିରନ୍ତନୀ

ଉଚ୍ଚ ଚୂଡ଼ା ପରେ ତା'ର ମହାଦୀପ
ଜାଳିଲ ଜୀବନ୍ତ
ଚିନ୍ତାର ତଇଳ ଢାଳି ଦେଖାଇଲ
ଆଲୋକ ଅନନ୍ତ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ଦୁରବସ୍ଥା

ମହାଶୟ,

ପୂର୍ବ ସତ୍ୟବାଦୀର ସୁଆଣ୍ଡୋ ଗ୍ରାମଠାରୁ ବିଦ୍ୟାଧରପୁର ପର୍ଯ୍ୟନ୍ତ ଚନ୍ଦନପୁର ଶାଖା କେନାଲର ବନ୍ଧ ରାସ୍ତା ପ୍ରଶସ୍ତ ତଥା ପିଚୁ ଢଳାଇ ହୋଇଥିବା ବେଳେ ବଳଙ୍ଗା ପର୍ଯ୍ୟନ୍ତ ରାସ୍ତାରୁ ବିଦ୍ୟାଧରପୁରଠାରୁ ପ୍ରାୟ ୨ କି.ମି. ରାସ୍ତା ଖାଲଖମାରେ ପରିପୂର୍ଣ୍ଣ। ଏହି ରାସ୍ତାରେ ଭାରିଯାନ, ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଆର୍‌ଟିସି (ଲକ୍ଷ୍ମୀବସ୍) ଓ ଅଗଣିତ ମୋଟର କାର୍, ଟ୍ରାକ୍ଟର, ବାଇକ୍ ଚାଲୁଛି। ପିଚୁ ଉଠିଯାଇଥିବାରୁ ପଥଚାରୀ ଓ ଛାତ୍ରୀଛାତ୍ର ବଡ଼ କଷ୍ଟରେ ଯାତାୟାତ କରୁଛନ୍ତି। ଏହି ସମସ୍ୟା ପ୍ରାୟ ଏକ ବର୍ଷ ହେବ ହୋଇଥିଲେ ହେଁ କିପରି ଜଳସମ୍ପଦ ବିଭାଗ ଅଧିକାରୀ ତଥା ରାଜନେତାଙ୍କୁ ମାଲୁମ ହେଉନାହିଁ ତାହା ଅଞ୍ଚଳବାସୀଙ୍କୁ ଚକିତ କରୁଛି। ଭବିଷ୍ୟତରେ ଦୁର୍ଘଟଣା ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

– ରାମଚନ୍ଦ୍ର ଦାଶ, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଖଡ଼ିଆଳ,୨୨।୬(ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ମଣ୍ଡୋସିଲ ଗାଁରେ ଜଣେ ଯୁବକଙ୍କୁ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନରେଶ ରଣା। ଶନିବାର ମଧ୍ୟାହ୍ନରେ ନରେଶ ନିଜ ଘର ସମ୍ମୁଖରେ ଠିଆହୋଇ ଫୋନରେ କଥା ହେଉଥିଲେ। ଏହି ସମୟରେ ସେହିଗାଁର ନରୋତ୍ତମ ପାନ ନାମକ ଜଣେ ଯୁବକ ହଠାତ ଆସି ଅତର୍କିତ ଭାବେ ନରେଶଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଠେଙ୍ଗା ମାଡ଼ରେ ନରେଶଙ୍କ ମୁହଁରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପ୍ରବଳ ରକ୍ତସ୍ରାବ ହେଉଛି। ନରେଶଙ୍କୁ ଆହତ ଅବସ୍ଥାରେ ତାଙ୍କ ପରିବାର ଲୋକେ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତିଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ନରେଶ ଓ ତାଙ୍କ ପରିବାର ଲୋକେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରି ଆକ୍ରମଣକାରୀ ଯୁବକଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଏହା ପୂର୍ବରୁ ମଧ୍ୟ ଆକ୍ରମଣକାରୀ ଯୁବକ ଗାଁର ଦୁଇଜଣ ମହିଳାଙ୍କୁ ଆକ୍ରମଣ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁକରି ଆକ୍ରମଣକାରୀ ଯୁବକଙ୍କୁ ତୁରନ୍ତ ପୋଲିସ ଗିରଫ କରିବାକୁ ଖଡ଼ିଆଳ ଅଞ୍ଚଳବାସୀ ଦାବି କରିଛନ୍ତି। ଖଡିଆଳ ପୋଲିସ ଏନେଇ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ମରଣଯନ୍ତା ପାଲଟିଛି ସିଲେଟପଡ଼ା ରାସ୍ତା

**କର୍ଲାମୁଣ୍ଡା, ୨୨।୬(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ କୁର୍ଶୁର୍ଲା ହରଗୌରୀ ମନ୍ଦିର ଛକଠାରୁ ସିଲେଟପଡା ରାସ୍ତା ଦୀର୍ଘ ବର୍ଷରୁ ମରାମତି କିମ୍ବା ନିର୍ମାଣ କାର୍ଯ୍ୟ ହୋଇ ନ ଥିବାରୁ ମରଣଯନ୍ତା ପାଲଟିଛି। ୨୦୧୫ ମସିହାରେ ତତ୍କାଳୀନ ଜିଲାପାଳଙ୍କ ସୁପାରିଶ କ୍ରମେ ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନରେ କୁର୍ଶୁର୍ଲା ଛକରୁ ସିଲେଟପଡା ଓ ଶୀଶାଖାଲ ମଙ୍ଗଲାଜୋର ପର୍ଯ୍ୟନ୍ତ ନୂତନ ପିଚୁ ରାସ୍ତା ନିର୍ମାଣ ହୋଇଥିଲା। ତେବେ ରାସ୍ତାରେ ପିଚୁ ସମ୍ପୂର୍ଣ୍ଣ ଉଠିଯିବା ସହ ଖାଲଖମାଗୁଡିକ ସୃଷ୍ଟି ହୋଇଥିବାରୁ ପ୍ରତ୍ୟହ ଯାତାୟାତ କରୁଥିବା ଜନସାଧାରଣ ଦୁର୍ଘଟଣାର ଶିକାର ହେଉଥିବା ସିଲେଟପଡାର ଚୈତନ୍ୟ ସାହୁ ଅଭିଯୋଗ କରିଛନ୍ତି। ଅନ୍ୟ ପଟେ ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅନେକ ଥର ଜିଲାପାଳଙ୍କ ଜନଶୁଣାଣୀ ଶିବିରରେ ଦରଖାସ୍ତ ଦେଇଥିଲେ ହେଁ କୌଣସି ଲାଭ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ କେସିଙ୍ଗାରେ ଗ୍ରାମ ଉନ୍ନୟନ ସଂସ୍ଥା (ଆରଡ଼ି)ବିଭାଗର ଦାୟିତ୍ୱରେ ଥିବା ଯନ୍ତ୍ରୀ ସୋସନ କୁଣ୍ଡୁଲୁଙ୍କୁ ପଚାରିବାରୁ ବ୍ଲକ ପକ୍ଷରୁ ଏହି ରାସ୍ତା ଆମ ବିଭାଗକୁ ହସ୍ତାନ୍ତର ହୋଇ ନ ଥିବାରୁ କୌଣସି ପଦକ୍ଷେପ ନିଆଯାଇ ପାରୁନାହିଁ ବୋଲି କହିଛନ୍ତି। ଅନ୍ୟ ପଟେ କର୍ଲାମୁଣ୍ଡା ବିଡ଼ିଓ ଦେବେନ୍ଦ୍ର ସାମଲଙ୍କୁ ପଚାରିବାରୁ ଉକ୍ତ ରାସ୍ତାର ଉନ୍ନତିକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ବିଦ୍ୟାଳୟର ଅସମ୍ପୂର୍ଣ୍ଣ କୋଠା, ଶିକ୍ଷକ ଅଭାବ

**କୋକସରା,୨୨।୬**
**(ଦୁଷ୍ମନ୍ତ କୁମାର ପାଢୋଷୀ)**


ଅସମ୍ପୂର୍ଣ୍ଣ ବିରିମୁହାଣ ସ୍କୁଲର କୋଠା।

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତର ବିରିମୁହାଣ ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅସମ୍ପୂର୍ଣ୍ଣ କୋଠା ଓ ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷା ବାଟବଣା ହୋଇଛି। ଏହି ବିଦ୍ୟାଳୟରେ ମୁଖ୍ୟତଃ ଆଦିବାସୀ ଜନଜାତି ଓ ଅନୁସୂଚିତ ଜନଜାତିର ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ମୋଟ ୧୩୧ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଶିକ୍ଷାଦାନ ପାଇଁ ବିଦ୍ୟାଳୟରେ ୫ ଜଣ ଶିକ୍ଷକ ନିଯୁକ୍ତି ଥିବା ବେଳେ ସେମଧ୍ୟରୁ ଜଣେ ଶିକ୍ଷକ ଆଜିକୁ ୨ ବର୍ଷ ହେବ ଅନ୍ୟ ସ୍କୁଲକୁ ଡେପୁଟେସନରେ ଯାଇଛନ୍ତି। ଶିକ୍ଷାଦାନରେ ଅନେକ ସମସ୍ୟା ଉପୁଜୁଥିବା ଅଭିଭାବକମାନେ କହିଛନ୍ତି। ଶିକ୍ଷା ବିଭାଗର ନିୟମ ଅନୁଯାୟୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀ ନିଯୁକ୍ତି ପାଇବା କଥା, କିନ୍ତୁ ଏହି ବିଦ୍ୟାଳୟରେ ଶିକ୍ଷୟିତ୍ରୀ ନ ଥିବା କାରଣରୁ ଛାତ୍ରୀମାନଙ୍କୁ ପାଠପଢା ସହ ଶାରୀରିକ ଓ ମାନସିକ ବିକାଶରେ ବୌଦ୍ଧିକ ଜ୍ଞାନ ଆହରଣରେ ଅନେକ ଅସୁବିଧା ହେଉଛି। ଜଣେ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଁ ଅଭିଭାବକ ଧାନଫୁଲ ମାଝୀ, ବନବାସ ମାଝୀ, ସୁଧୀର ମାଝୀ, ବେଲାଲ ସିଂ ବେଶ୍ରାଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପଟେ ଆଜିକୁ ୪ ବର୍ଷରୁ ଉର୍ଦ୍ଧ୍ୱ ହେବ ବ୍ଲକ ଅନୁଦାନରୁ ନିର୍ମାଣାଧିନ ସ୍କୁଲ ଅସମ୍ପୂର୍ଣ୍ଣ ରହିଛି। ଫଳରେ ୨ଟି ଶ୍ରେଣୀ ଗୃହରେ ବାଲବାଟିକାକୁ ମିଶାଇ ୮ଟି ଶ୍ରେଣୀର ଛାତ୍ରୀଛାତ୍ର କେମିତି ପାଠ ପଢୁଥିବେ ତାହା ସହଜେ ଅନୁମେୟ। ସ୍କୁଲ ଗୃହ ନ ଥବାରୁ ବାରଣ୍ଡାରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବର୍ତ୍ତମାନ ବର୍ଷାଋତୁ ଆରମ୍ଭ ହୋଇଥିବାବେଳେ

**ବିରିମୁହାଣ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ**

ବାରଣ୍ଡାରେ ଶିକ୍ଷାଦାନରେ ଅନେକ ସମୟରେ ସମସ୍ୟା ଦେଖାଦେଇଛି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତିଙ୍କ ପ୍ରତିକ୍ରିୟା ନେବାରୁ ସ୍କୁଲ ପରିଚାଳନା କମିଟି ପକ୍ଷରୁ ନୂତନ ସ୍କୁଲ କୋଠା ଶୀଘ୍ର ନିର୍ମାଣ ଓ ହସ୍ତାନ୍ତର ସହ ଜଣେ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଁ ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗକୁ ଅନେକ ସମୟରେ ଜଣାଯାଇଛି ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କ ପ୍ରତିକ୍ରିୟା ନେବାରୁ ଶିକ୍ଷୟିତ୍ରୀ ନିଯୁକ୍ତି ନେଇ ଉଚ୍ଚ ଅଧିକାରୀଙ୍କୁ ଜଣାଇବା ଓ ଅସମ୍ପୂର୍ଣ୍ଣ ସ୍କୁଲ କୋଠା ନେଇ ବ୍ଲକ ପ୍ରଶାସନ ସହ ଆଲୋଚନା କରି କୋଠା ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ଜୁନାଗଡ଼ ଆମ୍ବା ଅଧ୍ୟକ୍ଷ ମୃତ

**ଭବାନୀପାଟଣା,୨୨।୬**
**(ଉତ୍ତମ କୁମାର ଦାଶ)**


ଅଶୋକ ପଟ୍ଟନାୟକ

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଆମ୍ବାର ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ (୫୫)ଙ୍କ ବିଦ୍ୟୁତ୍ ଆଘାତରେ ରବିବାର ସକାଳେ ମୃତ୍ୟୁ ହୋଇଛି। ଜୁନାଗଡ଼ ବ୍ଲକ ଘଣ୍ଟବାହାଲି ଗ୍ରାମସ୍ଥିତ ନିଜ ଘର ଛାତ ଉପରକୁ ଚଢ଼ିଥିଲେ। ଛାତ ଉପରେ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବା ପରେ ତଳକୁ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଜୋରରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭବାନୀପାଟଣା ସଦର ଥାନା ନିକଟ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ପୁତୁରା ସମୀର ମୁଖାଗ୍ନି ଦେଇଥିଲେ। ଅଶୋକଙ୍କ ପରିବାରରେ ସ୍ତ୍ରୀ ସୁରଭି ଓ ଛୋଟ ଝିଅ ରହିଛନ୍ତି। ସେ ଆମ୍ବାର ଅଧ୍ୟକ୍ଷ ରହିବା ସହ ଗଛ ଲଗାଇ ପରିବେଶ ସୁରକ୍ଷା କରୁଥିବାରୁ ତାଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ମିଳିଛି। ଏହାସହ ସେ ଜଣେ ଆଇନଜୀବୀ ଓ ଅଧ୍ୟାପକ ଭାବେ ମଧ୍ୟ ବେଶ୍ ପରିଚିତ ଥିଲେ।

# କ୍ରାନ୍ତିବୀର ସଦ୍‌ଗୁରୁ ଘାସିଦାସ ପୁସ୍ତକ ଉନ୍ମୋଚିତ


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ନୂଆପଡ଼ା,୨୨।୬ (ମକାରୁ ବେମାଲ)**

ସ୍ଥାନୀୟ ପୋଲିସ ପଡ଼ିଆ କଲ୍ୟାଣ ମଣ୍ଡପ ଠାରେ ରବିବାର ବିଶିଷ୍ଟ ବହୁଜନ ଲେଖକ ଅଭିରାମ ମଲ୍ଲିକଙ୍କ ଲିଖିତ 'କ୍ରାନ୍ତିବୀର ସଦ୍‌ଗୁରୁ ଘାସିଦାସ' ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗରିବସେନା ଜିଲା ଆବାହକ ରବି ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡା ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟ ଅତିଥି,ଆଦିବାସୀ କଲ୍ୟାଣ ସଂଘ ଜିଲା ସଭାପତି ତଥା ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଖରିଆର ରୋଡ ନବୋଦିତ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱନୀ କୁମାର ଭୋଇ, ମୂଳ ନିବାସୀ ସମତା ପରିଷଦ ଓଡିଶା ରାଜ୍ୟ ସମ୍ପାଦକ ଅଭିରାମ ମଲ୍ଲିକ, ସାମାଜିକ କର୍ମୀ ଧର୍ମରାଜ ନାଗବଂଶୀ, ଲାଲବାହାଦୁର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବାବା ଗୁରୁ ଘାସିଦାସଙ୍କ ବିଚାରଧାରା ପୃଥିବୀର ଅନ୍ୟ ସମସ୍ତ ମାନବତାବାଦୀ ବିଚାରଧାରା ମଧ୍ୟରେ ଅନନ୍ୟ ଅଟେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗୁରୁ ଘାସିଦାସଙ୍କ ବିଚାରଧାରା ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖକୁ ପହଞ୍ଚାଇବାର ଲକ୍ଷ୍ୟ ନେଇ ପୁସ୍ତକ ଲେଖିଥିବା ନେଇ ଲେଖକ ଅଭିରାମ ମଲ୍ଲିକ ପ୍ରକାଶ କରିଛନ୍ତି। ଏହି ଅବସରରେ ଲେଖକ ଅଭିରାମଙ୍କୁ ରାଜ୍ୟ ସତନାମୀ ସମାଜ ଓ ନୂଆପଡା ମୂଳନିବାସୀ ସମତା ପରିଷଦ ତରଫରୁ ମାନପତ୍ର ସହ ମହାମାନବ ବୁଦ୍ଧଙ୍କ ଏକ ସ୍ମୃତିଚିହ୍ନ ଫଳକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଦୁଷ୍ମନ୍ତ ଦୁରିଆ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ହରି କୁଳଦୀପ, କମଲେସ ଠାକୁର, ନରମଦା ମାଝି, ରେଣୁକା ମାଝି, ସରସ୍ୱତୀ ଶବର,ପୁଷ୍ପ ରଞ୍ଜନ ମହାନନ୍ଦ, ସୁବାସ ଆଡବଙ୍ଗ,ଏକାମ ଦୀପ, କୁକେଶ ସୁନା ପ୍ରମୁଖ ସହଯୋଗ କରିଥିଲେ।

### ନବୀନଙ୍କ ଆରୋଗ୍ୟ କାମନା କରି ଦୀପ ପ୍ରଜ୍ୱଳନ

**ତୁଣ୍ଡଲା/କର୍ଲାମୁଣ୍ଡା, ୨୨।୬(ଫିରୋଜ କୁମାର ଦାଶ/ପ୍ରଦୀପ କୁମାର ସାହୁ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ କାମନା କରି କଳାହାଣ୍ଡି ଜିଲା ନର୍ଲା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ରବିବାର ଜିଲାର ସର୍ବପୁରାତନ ଧବଳେଶ୍ୱର ବାବାଙ୍କ ନିକଟରେ ସାମୂହିକ ଦୀପଦାନ କରାଯାଇଛି। ନବୀନ ତାଙ୍କ ଚିକିତ୍ସା ଲାଗି ମୁମ୍ବାଇ ଯାଇଥିବାବେଳେ ତାଙ୍କର ଆରୋଗ୍ୟ କାମନା କରି ବିଧାୟିକା ମନୋରମା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଧବଳେଶ୍ୱରଙ୍କ ଠାରେ ପୂଜାର୍ଚ୍ଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ନର୍ଲା ନିର୍ବାଚନମଣ୍ଡଳୀର ଚକାମନ ନାୟକ, ପ୍ରମୋଦ କୁମାର ଦାଶ, ବଶିଷ୍ଠ ସାହୁ, ଭଗବାନ ସାହୁ, ସମାଜସେବୀ ଦିଲୀପ କୁମାର ସାହୁ, ଅନିଲ କୁମାର ଦାଶ, ଦିଲୀପ ଦୋରା, ଶୁଭେନ୍ଦୁ ସାହୁ, କୋଦଣ୍ଡ ସାହୁ, ଲୋକେଶ ସାହୁଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। କର୍ଲାମୁଣ୍ଡା ବ୍ଲକର ବିଜେଡି କର୍ମୀମାନଙ୍କ ପକ୍ଷରୁ ମଧ୍ୟ ନବୀନଙ୍କ ସୁସ୍ଥ କାମନା କରିବିଭିନ୍ନ ମନ୍ଦିରରେ ଦୀପ ପ୍ରଜ୍ୱଳନ କରାଯାଇଛି। ରିଞ୍ଜା ପଞ୍ଚାୟତର ବିଜେଡି କର୍ମୀମାନେ ରିଞ୍ଜାସ୍ଥିତ ପଶ୍ଚିମେଶ୍ୱର ଶିବ ମନ୍ଦିରରେ ଦୀପ ପ୍ରଜ୍ୱଳନ କରିଥିଲେ। ଏଥିରେ ବିଜେଡ଼ି କର୍ମୀ ଦୟାନିଧି ରଣା, ଗୋପାଳ ସାହୁ, ହରେଶ ବାଗ, ହରିହର ସାହୁ, ଭୋଳା ମାଝୀ, ଶମ୍ଭୁ ମାଝୀ, ହେରାମ୍ବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲୁକା କଳା କର୍ମଶାଳାରେ ଯୋଗଦେଲେ ଓମ୍‌ପ୍ରକାଶ


ଓମ୍ ପ୍ରକାଶ ସାହୁଙ୍କ ବାଲୁକା କଳା।

**କର୍ଲାମୁଣ୍ଡା, ୨୨।୬(ପ୍ରଦୀପ କୁମାର ସାହୁ)**

ତାଇୱାନର ମ୍ୟାଓଲି ସହରରେ ଥିବା ଟଙ୍ଗସାଇଆଓ ବିଚ୍‌ରେ ଅନୁଷ୍ଠିତ ବାଲୁକା କଳା କର୍ମଶାଳାରେ ବାଲୁକା ଶିଳ୍ପୀ ଓମ ପ୍ରକାଶ ସାହୁ ଯୋଗଦେଇଛନ୍ତି। ମୋ ହୃଦୟର ଛୋଟ ପୃଥିବୀ (ଦ ଲିଟିଲ ୱାରଲ୍ଡ ଇନ୍ ମାଇଁ ହାର୍ଟ) ଶୀର୍ଷକ ବାଲୁକା କଳାରେ ସେ ଓଡ଼ିଶାର ଆଦିମ ସଂସ୍କୃତିକୁ ଉପସ୍ଥାପନ କରିଛନ୍ତି। ମାଲକାନଗିରି ଜିଲାର ବଣ୍ଡା ସମ୍ପ୍ରଦାୟର ଜଣେ ମହିଳା ବାଘ ଛୁଆକୁ କ୍ଷୀର ଖୁଆଉଥିବା ଓ ଡାହାଣ ହାତରେ ଗୋଟିଏ ଗଛକୁ ଧରି ଥିବାର ଦୃଶ୍ୟକୁ ଅଙ୍କନକରି ଆଦିମ ସଂସ୍କୃତି ବନ୍ୟଜନ୍ତୁ ଓ ପ୍ରକୃତି ସହିତ କିପରି ଜଡିତ ଥିଲା ତାହାକୁ ସେ ଉପସ୍ଥାପନା କରିଛନ୍ତି। ଉକ୍ତ କର୍ମଶାଳାରେ ୟୁକ୍ରେନ, କାନାଡ଼ା,ମଙ୍ଗୋଲିଆ, ମାଲେସିଆ, ଚୀନ, ଜାପାନ, ତାଇୱାନର ଶିଳ୍ପୀଙ୍କ ସମେତ ଭାରତରୁ ସାହୁ ପ୍ରତିନିଧିତ୍ୱ କରିଥିବା ସୂଚନା ଦେଇଛନ୍ତି। ବାଲୁକା ଶିଳ୍ପୀ ଓମପ୍ରକାଶ ସାହୁ ହେଉଛନ୍ତି କଳାହାଣ୍ଡି ଜିଲାର କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡ଼ଙ୍ଗରମୁଣ୍ଡା ଗ୍ରାମର ବାସିନ୍ଦା। ଜଣେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ନିଜ ଅଞ୍ଚଳ, ଜିଲା ତଥା ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି।

# ରାଜ୍ୟସ୍ତରୀୟ ଟ୍ରାପ ଶୁଟିଂ ଚାମ୍ପିୟନଶିପ୍: ବାଜି ମାରିଲେ ଶୁଭମ

**ଥୁଆମୂଳରାମପୁର,୨୨।୬(ଦୁର୍ଗା କୀର୍ତ୍ତି)**



କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଡୁମେରପଦର ଗ୍ରାମର ଶୁଭମ ଶ୍ରୀଚନ୍ଦନ ନାଏକ ରାଜ୍ୟସ୍ତରୀୟ ଟ୍ରାପ ଶୁଟିଂ ଚାମ୍ପିୟନଶିପରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସୂଚନାଯୋଗ୍ୟ, ଅନୁଗୋଳ ଜିଲାର ତାଳଚେରଠାରେ ଦୁଇଦିନିଆ ରାଜ୍ୟସ୍ତରୀୟ ଟ୍ରାପ ଶୁଟିଂ ଚାମ୍ପିୟନଶିପ ପ୍ରତିଯୋଗିତାରେ ଓଡିଶାର ବିଭିନ୍ନ ଜିଲାରୁ ୫୮ଜଣ ଖେଳାଳି ଭାଗନେଇଥିଲେ। ଏଥିମଧ୍ୟରୁ ରାୟଗଡା ଜିଲା ରାଇଫଲ କ୍ଲବ ତରଫରୁ ଅକ୍ଷୟ ନାୟକ ଏବଂ କଳାହାଣ୍ଡି ଜିଲାରୁ ସୁଭମ ଶ୍ରୀଚନ୍ଦନ ନାଏକ ଏବଂ ଦେବେନ୍ଦ୍ର ପ୍ରଧାନ ରାଇଫଲ କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରି ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ମେଡାଲ ହାସଲ କରିଛନ୍ତି। ରାୟଗଡ଼ା ଜିଲାର ରାଇଫଲ କ୍ଲବର ସଭାପତି ତଥା ରୀନାଉଣ୍ଡସଟ ପ୍ରାପ୍ତ କୋଚ ବିଜୟ କିଶୋର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ବ୍ରୋଞ୍ଜ ମେଡାଲ ହାସଲ କରିଥିବାରୁ କଳାହାଣ୍ଡି ଜିଲା ତଥା ଥୁଆମୂଳ ରାମପୁର ପାଇଁ ଗୌରବର ବିଷୟ ହୋଇଛି।

# ସାମାଜିକ କର୍ମୀ, ରାଜନେତାଙ୍କ ପରଲୋକ

**କୋକସରା,୨୨।୬(ଦୁଷ୍ମନ୍ତ କୁମାର ପାଢୋଷୀ)**



କଳାହାଣ୍ଡି ଜିଲା କୋକସରା ବ୍ଲକ ବଡକେନ୍ଦୁଗୁଡା ଗ୍ରାମର ଗୌନ୍ତିଆ, ସାମାଜିକ କର୍ମୀ ତଥା ରାଜନେତା ବିରଞ୍ଚି ନାରାୟଣ ପଣ୍ଡାଙ୍କ ୬୫ ବର୍ଷ ବୟସରେ ପରଲୋକ ହୋଇଛି। ସେ ଦୀର୍ଘ ଦିନ ହେଲା ରୋଗଶଯ୍ୟାରେ ପଡିଥିବା ବେଳେ ଶନିବାର ରାତି ୧୨ଟା ୩୫ରେ ତାଙ୍କର ପରଲୋକ ହୋଇଥିଲା। ରବିବାର ଅପରାହ୍ନରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କ ପୁଅ ଅମରଜ୍ୟୋତି ପଣ୍ଡା ଓ ସାନ ଭାଇ ଲକ୍ଷ୍ମୀ ନାରାୟଣ ପଣ୍ଡା ମୁଖାଗ୍ନି ଦେଇଥିଲେ। ସେ କାଉଡୋଳା ପଞ୍ଚାୟତର ସରପଞ୍ଚ ଭାବେ ରହି ନବେ ଦଶକରେ କାଉଡୋଳା ଗାଁ ଲୋକଙ୍କ ପିଇବା ପାଣି ସମସ୍ୟାର ସମାଧାନ ପାଇଁ ପାଇପ ଯୋଗେ ଜଳ ଯୋଗାଣ କରି ସାଧାରଣ ଲୋକଙ୍କ ପାଖରେ ପ୍ରିୟଭାଜନ ହୋଇ ପାରିଥିଲେ। ସେ ଜିଲା ପରିଷଦ ସଦସ୍ୟଭାବେ ରହିଥିଲେ। ଜୁନାଗଡ ବାଣିଜ୍ୟ ସମବାୟ ସମିତିର ବର୍ତ୍ତମାନ ସଦସ୍ୟ ଥିଲେ। ଆମପାଣି ପେକ୍ସରେ ଲଗାତାର ୭ ଥର ସଭାପତି ଥିବା ବେଳେ ବର୍ତ୍ତମାନ ମଧ୍ୟ ସଭାପତି ଭାବେ ରହିଥିଲେ। ଅଞ୍ଚଳରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା।

# ବହୁଜନ ମିଳିତ ମହାସଂଘର ଜିଲାପାଳଙ୍କୁ ଦାବିପତ୍ର

**ଭବାନୀପାଟଣା, ୨୨।୬**
**(ଉତ୍ତମ କୁମାର ଦାଶ)**

ରାଜ୍ୟରେ ଦଳିତ, ଆଦିବାସୀ ଓ ପଛୁଆ ବର୍ଗଙ୍କ ଜନସଂଖ୍ୟା ପ୍ରାୟ ୯୪ ପ୍ରତିଶତ। ଏହି ମୂଳନିବାସୀ ବହୁଜନ ସମାଜର ବିକାଶରେ ହିଁ ଓଡ଼ିଶାର ବିକାଶ ସମ୍ଭବ। ବହୁଜନ ସମାଜର ବିକାଶ ପାଇଁ ଜନସଂଖ୍ୟା ଅନୁପାତରେ ସବୁପ୍ରକାର ସରକାରୀ ଓ ବେସରକାରୀ ଶିକ୍ଷା ଓ ନିଯୁକ୍ତିରେ ସଂରକ୍ଷଣ ଦିଆଯିବାର ଆବଶ୍ୟକତା ରହିଛି। ମେଡିକାଲ, ଇଞ୍ଜିନିୟରିଂ ଭଳି ସମସ୍ତ ବୃତ୍ତିଗତ ଶିକ୍ଷା ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ତଥା ସମସ୍ତ ପ୍ରକାର ନିଯୁକ୍ତିରେ ପଛୁଆବର୍ଗ ପାଇଁ ୫୪ ପ୍ରତିଶତ, ଜନଜାତିଙ୍କ ପାଇଁ ୨୨.୫୦% ଓ ଅନୁସୂଚିତ ଜାତିଙ୍କ ପାଇଁ ୧୬.୨୫% ସ୍ଥାନ ସଂରକ୍ଷଣ ଦିଆଯିବା ସହିତ ଚଳିତ ଶିକ୍ଷାବର୍ଷରୁ ଏହାକୁ କଡାକଡି ଭାବେ ଲାଗୁ କରାଯିବାକୁ ଦାବି କରିଛି ମୂଳନିବାସୀ ବହୁଜନ ମିଳିତ ମହାସଂଘ। ଜିଲା ସଭାପତି ସଚ୍ଚିଦାନନ୍ଦ ମହାଖୁଡ଼ଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି କମଳିନୀ ଯାଦବ, ଯତୀନ୍ଦ୍ର କର, ଉପସଭାପତି କୁବେର ସାହୁ, ଜୟପ୍ରକାଶ ଜାଲ, ସାଧାରଣ ସମ୍ପାଦକ କୀର୍ତ୍ତନ ନାୟକ ଯାଦବ, ରମଣୀ ଦୁରିଆ, ସତ୍ୟ ମାହାର, ଯୁବ ସଭାପତି ଡାକେଶ୍ୱର ଲହଜଲ, ଜିଲା ମହିଳା ସଭାନେତ୍ରୀ ସ୍ନେହଲତା ଦୁର୍ଗା, ସମ୍ପାଦକ ରତନ ନାଏକ, ହୃଦାନନ୍ଦ ମାଝୀ, ଦିଗାମ୍ବର ଲୁହା, ଉପଦେଷ୍ଟା ଜଗଦୀଶ ଯାଦବ, ଦିଗାମ୍ବର ଦୁରିଆ, ଆଇନଜୀବୀ ଛବିଲାଲ ନିଆଲ, ପୃଥୀରାଜ ତାଣ୍ଡି, ଲକ୍ଷ୍ମୀକାନ୍ତ ବାଗ ପ୍ରମୁଖ ଶନିବାର କଳାହାଣ୍ଡି ଜିଲାପାଳ ପାୱାର ସଚିନ ପାୱାର ପ୍ରକାଶଙ୍କୁ ସାକ୍ଷାତ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ୧୦ ଦଫା ଦାବିପତ୍ର ପ୍ରଦାନ କରିଥିଲେ।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବେନଗାଁ ଏମ୍‌ବିସି ଇଲେଭେନ ଚାମ୍ପିୟନ

**ଲାଞ୍ଜିଗଡ଼,୨୨।୬(ରମେଶଚନ୍ଦ୍ର ନାୟକ)**

**ପଞ୍ଚାୟତସ୍ତରୀୟ ମେମୋରିଆଲ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତ ବଜାରପଡ଼ା ଖେଳପଡିଆ ପରିସରରେ ପଞ୍ଚାୟତସ୍ତରୀୟ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ବେନଗାଁ ଏବଂ ଲାଖବାହାଲି ଫ୍ରେଣ୍ଡସ କ୍ଲବ ମିଳିତ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେମୋରିଆଲ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଯାପନି ଫାଇନାଲ ମ୍ୟାଚ କାଣ୍ଡାମା ଓ ବେନଗାଁ ଏମ୍‌ବିସି ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ କାଣ୍ଡାମା ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୩ ରନ ସଂଗ୍ରହ କରିଥିଲେ। ଜବାବରେ ବେନଗାଁ ଏମ୍‌ବିସି ଇଲେଭେନ ଦଳ ୧୦.୫ ଓଭର ୪ ଉଇକେଟ ବିନିମୟରେ ୧୦୪ ରନ ସଂଗ୍ରହ କରି ବିଜୟଲାଭ କରିଥିଲା। ଏହି ମ୍ୟାଚରେ ହରି ସାହୁ ଓ ସଂଜୀବ ସାହୁ ଖେଳ ପରିଚାଳନା କରିଥିଲେ। ନିତ୍ୟାନନ୍ଦ ସାହୁ ଏବଂ ହୃଷିକେଶ ମାଝୀ ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କୋର ବୋର୍ଡରେ ଜୟ ମାଝୀ ସହଯୋଗ କରିଥିଲେ। ଏହି ମ୍ୟାଚରେ ମଳୟ ରଞ୍ଜନ ସାହୁ ମ୍ୟାନ ଅଫ ଦ ମ୍ୟାଚ ଓ ମ୍ୟାନ ଅଫ ଦ ସିରିଜ ହାତେଇ ଥିବାବେଳେ ଶ୍ରେଷ୍ଠ ବୋଲର ଭାବେ ଯାନୀ ମାଝୀ ବିବେଚିତ ହୋଇ ଥିଲେ। ଏହି ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ସମ୍ମାନିତ ଅତିଥି ଭାବେ ପାହାଡପଦର ସରପଞ୍ଚ ଲକ୍ଷ୍ମଣ ମାଝୀ ଯୋଗ ଦେଇଥିଲେ। ସେହିପରି ବିଶ୍ୱନାଥପୁର ପଞ୍ଚାୟତ ସମିତି ସଭ୍ୟ ଅଜିତ ପ୍ରଧାନୀ, ରାମତୁ ମାଝୀ, ଅଗସ୍ତି ହରିଜନ, ରାମଚନ୍ଦ୍ର ମାଝୀ, ଦିଲ୍ଲୀପ ହରିଜନ, ତୁଳସୀରାମ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ଗତ ଜୁନ ୮ରେ ଆରମ୍ଭ ହୋଇଥିଲାବେଳେ ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଇନର ଦଳକୁ ଟ୍ରଫି ସହ ୨୨ ହଜାର ୨୨୨ଟଙ୍କା, ରନରଅପ ଦଳକୁ ଟ୍ରଫି ସହ ୧୧ ହଜାର ୧୧୧ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାକୁ ବେନଗାଁ ଫ୍ରେଣ୍ଡସ କ୍ଲବ କ୍ରିକେଟ କମିଟି ପରିଚାଳନା କରିଥିବାବେଳେ ଏଥିରେ ସୁରେଶ ସାହୁ, ମିଳନ ସାହୁ, ପପୁ ସାହୁ, ବଳିଆ ସାହୁ, ସୁଗ୍ରୀବ ମାଝୀ, ମୁକେଶ ସାହୁ, କାଲୁଆ ସାହୁ, ରମେଶ ନାଏକ, ହରିଶ ସାହୁ, ପ୍ରଭାକର ଦୋରା ସମେତ କ୍ରିକେଟ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।


କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

# ଭିତ୍ତିଭୂମି ଅଭାବ, ମଣ୍ଡିରେ ଧାନ ଗଜା

ବରଗଡ଼,୨୨।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ରାଜ୍ୟରେ ସବୁଠାରୁ ଅଧିକ ଧାନ ଉତ୍ପାଦନ ଯୋଗୁଁ ଜିଲାର ଏଭଳି ପରିଚୟ ରହିଛି। ମାତ୍ର ଏଠାରେ ଧାନବିକ୍ରି ସମସ୍ୟା ଅସମାହିତ ରହିଛି। ଅନ୍ୟବର୍ଷ ଅପେକ୍ଷା ଏଥର ଜିଲାର ଚାଷୀମାନେ ଧାନବିକ୍ରିରେ ଅଧିକ ହଟହଟାର ସମ୍ମୁଖୀନ ହୋଇଛନ୍ତି। ଗୋଟିଏ ପଟେ ବିଳମ୍ବିତ ଧାନକିଣା ଏବଂ ଅନ୍ୟପଟେ ଅଦିନିଆଁ ବର୍ଷା ଚାଷୀମାନଙ୍କୁ ତଳିତଳାନ୍ତ କରିଛି। ଚାଷୀମାନେ ମଣ୍ଡିକୁ ଧାନ ଆଣୁଥିବାବେଳେ ତାହା ବିକ୍ରିହେଉନାହିଁ। ଅନ୍ୟପଟେ କ୍ରମାଗତ ବ୍ୟବଧାନରେ ବର୍ଷା ଲାଗି ରହିଛି। ଫଳରେ ଖଳାରେ ଧାନ ଭିଜି ନଷ୍ଟ ହେଉଛି। ଭିତ୍ତିଭୂମି ଅଭାବ ଯୋଗୁ ମଣ୍ଡିରେ ମଧ ଧାନ ଗଜା ହେଉଛି ଏବଂ ସେଥିପାଇଁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଜିଲାର ଅଧିକାଂଶ ମଣ୍ଡିରେ ଏଭଳି ସ୍ଥିତି ଉପୁଜିଥିବାବେଳେ ଏହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି।

ବରଗଡ଼ ଜିଲାରେ ଗତ ମେ ୧୪ତାରିଖରୁ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନରେ ୧୮୯ଟି ମଣ୍ଡି ଖୋଲିଥିଲା। ଅନ୍ୟବର୍ଷ ଅପେକ୍ଷା ଏଥର ମଣ୍ଡି ଖୋଲିବା ପ୍ରାୟ ସପ୍ତାହେ ବିଳମ୍ବିତ ହୋଇଥିଲା। ମଣ୍ଡିଖୋଲିଥିଲେ ମଧ ଆରମ୍ଭରୁ ଧାନକିଣା ସ୍ୱାଭାବିକ ହୋଇ ପାରି ନ ଥିଲା। ଧାନକିଣାରେ ଟୋକନ କଟକଣା ବାଧକ ସାଜିଥିଲା। ଯେଉଁ ଚାଷୀମାନେ ଧାନ ଅମଳ କରିସାରିଥିଲେ, ସେମାନଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ବିଳମ୍ବିତ ରହିଥିଲା। ଅନ୍ୟପଟେ ଯେଉଁ ଚାଷୀମାନେ ଧାନ ଅମଳ କରି ନ ଥିଲେ, ସେମାନଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଆଗୁଆ ରହିଥିଲା। ଏହାକୁ ନେଇ ଆରମ୍ଭରୁ ଧାନକିଣା ସମସ୍ୟା ଦେଖାଦେଇଥିଲା। ଧାନବିକ୍ରି ପାଇଁ ପଞ୍ଜୀକରଣ ସମୟରେ ଚାଷୀମାନେ ଉଦ୍ଦିଷ୍ଟ ଫର୍ମରେ ସମ୍ଭାବ୍ୟ ବିକ୍ରି ଦିବସ ଉଲ୍ଲେଖ କରିଥାନ୍ତି। ମାତ୍ର ତାକୁ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଉ ନ ଥିବା ଯୋଗୁ ସବୁବର୍ଷ ସେଭଳି ସମସ୍ୟା ଲାଗି ରହିଆସିଛି ବୋଲି ଚାଷୀନେତା ସୁରେଶ ନେକାଣ୍ଟି କହିଛନ୍ତି।

ପରବର୍ତ୍ତୀ ସମୟରେ ଧାନକିଣା ଚାଲିଥିଲେ ସୁଦ୍ଧା ଆରମ୍ଭରୁ କଟନୀଛଟନୀ ହୋଇଥିଲା। ୪୦ କି.ଗ୍ରା ପ୍ୟାକେଟ୍ ପ୍ରତି ୨କେଜି ଧାନ କଟନୀଛଟନୀ ହୋଇଥିଲା ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ଅନ୍ୟପଟେ ମେ ମାସ ଶେଷ ସପ୍ତାହରେ ଜିଲାର ପ୍ରତି ବ୍ଲକରେ ଅଦିନିଆଁ ବର୍ଷା ହୋଇଥିଲା। ସେତେବେଳେ ଧାନ



ଭେଡ଼େନ ବ୍ଲକ ସହରାଟିକ୍ରା ମଣ୍ଡିରେ ପଡ଼ିଥିବା ଧାନବସ୍ତାରୁ ଗଜା ବାହାରିଛି।

ଅମଳ ଏବଂ ସଂଗ୍ରହ ପ୍ରକ୍ରିୟା ଚାଲିଥିବାରୁ କ୍ଷେତ, ଖଳାଠାରୁ ଆରମ୍ଭ କରି ମଣ୍ଡି ପର୍ଯ୍ୟନ୍ତ ଧାନ ବର୍ଷାରେ ଭିଜିଥିଲା। ସବୁଠି ଧାନ ଗଜା ହୋଇ ଗଛ ବାହାରିବା ପରିଲକ୍ଷିତ ହୋଇଥିଲା। ଏହାପରେ ମନଇଚ୍ଛା କଟନୀଛଟନୀ ଚାଲିଥିଲା। ଯେଉଁ ଚାଷୀମାନେ କଟନୀଛଟନୀରେ ରାଜି ହେଉ ନ ଥିଲେ, ସେମାନଙ୍କ ଧାନ ମଣ୍ଡିରୁ ଉଠାଯାଉ ନ ଥିଲା। ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଥିବାବେଳେ ଧାନ ଉଠାଣ ଶିଥିଳ ହୋଇପଡ଼ିଥିଲା।

ଏଭଳି ସ୍ଥିତିରେ ଜୁନ ମାସରେ ମୌସୁମୀ ସକ୍ରିୟ ହୋଇ ପଡ଼ିଥିଲା ଏବଂ ପୁଣି ବର୍ଷା ହୋଇଥିଲା। ଫଳରେ ପୂର୍ବାପେକ୍ଷା ଧାନ ଉଠାଣ ଆହୁରି ଶିଥିଳ ହୋଇଥିଲା ଏବଂ କିଛିଦିନ ଧରି ଧାନକିଣାରେ ଅଚଳାବସ୍ଥା ପରିସ୍ଥିତି ଉପୁଜିଥିଲା। ଫଳରେ ବିକ୍ରି ଅପେକ୍ଷାରେ ମଣ୍ଡିରେ ଦୀର୍ଘଦିନ ଧରି ପଡ଼ିରହିଥିବା ଧାନ ଗଜା ହୋଇଥିଲା। ଭେଡ଼େନ ବ୍ଲକ ସହରାଟିକ୍ରା ମଣ୍ଡିକୁ ଆଣିଥିବା ବହଲପାଲି ଗ୍ରାମର ଚାଷୀ କଳାକାର ଦେହେରୀଙ୍କ ଧାନରେ ଏଭଳି ହୋଇଥିଲା। ସେ ବିକ୍ରି ପାଇଁ ମଣ୍ଡିରେ ପ୍ରାୟ ୫୦୦ ପ୍ୟାକେଟ୍ ଧାନ ପକାଇଥିଲେ। ମାତ୍ର ଦୀର୍ଘଦିନ ଧରି ଧାନ ସେଠାରୁ ଉଠାଯାଇ ନ ଥିବା ଯୋଗୁ ପ୍ରାୟ ଶହେ ପ୍ୟାକେଟ୍ ଧାନ କ୍ଷତିଗ୍ରସ୍ତ ହୋଇଥିଲା ଏବଂ କେତେକାଂଶରେ ଗଜା ମଧ ପରିଲକ୍ଷିତ ହୋଇଛି। ଏହାକୁ ନେଇ ସମ୍ପୃକ୍ତ ଚାଷୀ ଚିନ୍ତିତ ହୋଇ ପଡ଼ିଛନ୍ତି।

କେବଳ ଏହି ଚାଷୀ ନୁହଁନ୍ତି, ଏଭଳି ଅନେକ ଚାଷୀଙ୍କ କ୍ଷେତ୍ରରେ ସମାନ ସ୍ଥିତି ଉପୁଜିଛି। ସେମାନେ ଧାନ ମଣ୍ଡିକୁ ଆଣିଛନ୍ତି। ମାତ୍ର କେତେବେଳେ କଟନୀଛଟନୀ ତ ଆଉ କେତେବେଳେ ଟାର୍ଗେଟ୍ ଅଭାବ ଦର୍ଶାଇ ସେମାନଙ୍କ ଧାନ ଉଠାଯାଉନାହିଁ। ଫଳରେ ମଣ୍ଡିରେ ସମ୍ପୃକ୍ତ ଚାଷୀଙ୍କ ଧାନ ନଷ୍ଟ ହେଉଛି। ଅନ୍ୟପଟେ ଜିଲାରେ ସମସ୍ତ ଚାଷୀ ଧାନ ବିକ୍ରି କରି ସାରି ନ ଥିବାବେଳେ ଗୋଟିଏ ପରେ ଗୋଟିଏ ମଣ୍ଡିକୁ ବନ୍ଦ କରି ଦିଆଯାଉଥିବା ଅଭିଯୋଗ ହୋଇଛି।

## ସରିନି ଚାଷୀଙ୍କ ଧାନବିକ୍ରି, ବନ୍ଦ ହେଲାଣି ୨୨ ମଣ୍ଡି

ଇତିମଧ୍ୟରେ ଜିଲାର ୨୨ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ବନ୍ଦ କରି ଦିଆଯାଇଥିବା ସୂଚନା ମିଳିଛି। ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା-୨୪୫୩, ତା-୧୮।୬।୨୦୨୫ରିଖ ଅନୁଯାୟୀ, ଜିଲାର ଗୁର୍ଖାପାଲି, କଟାପାଲି(ବରପାଲି), ନାରଙ୍ଗପୁର, ଜଗଦଲପୁର, ଜାମସେଠ, ବୁକ୍ରାମୁଣ୍ଡା, ପଲସଦା, ଟେମେରି, ବୁଢ଼ାମାଲ, ସରକଣ୍ଡା, ରେଙ୍ଗାଲି, ଅମଠି, ଗର୍ଭନା, କଂସର, ଭେଙ୍ଗରାଜପୁର, ଜାମସେଠ, ଗୋବିନ୍ଦପୁର, ତୋରା, ବିରମାଳ, ବନ୍ଧପାଲି, ଲଖନପୁର, ମହୁଲପାଲି ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ବନ୍ଦ ରହିଥିବା ଜଣାପଡ଼ିଛି।

## ଶିଶୁ କ୍ୟାନ୍‌ସର ଚିକିତ୍ସାରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବରଗଡ଼,୨୨।୬(ପ୍ରେମାନନ୍ଦ ଖମାରୀ)

ଶିଶୁ କ୍ୟାନ୍‌ସର ପାଇଁ କାର୍ଯ୍ୟ କରୁଥିବା ଅଗ୍ରଣୀ ସଙ୍ଗଠନ 'ଉମ୍ମିଦେଁ' ପକ୍ଷରୁ ରବିବାର ବରଗଡ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଆୟୋଜିତ ସଚେତନତା ଅଭିଯାନ 'ସମାନୁଭୂତି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିଶୁରୋଗ ବିଶେଷଜ୍ଞ ଡା. ଆଶିଷ ଶତପଥୀ ଯୋଗଦେଇ କହିଲେ, କ୍ୟାନ୍‌ସର ଚିକିତ୍ସା ପରେ ଶିଶୁମାନେ ନିଜ ସାଧାରଣ ଜୀବନକୁ ଚାଲିଯିବା ପାଇଁ ସଫଳ ହେବେ। କିନ୍ତୁ ସେଥିପାଇଁ ସଂସ୍କାର, ସଫେଇ, ନିୟମିତ ଯାଞ୍ଚ ଅତ୍ୟନ୍ତ ଆବଶ୍ୟକ। ଚିକିତ୍ସା ପରେ ରୋଗ ପୁନରାବୃତ୍ତି ଏବଂ ଅନ୍ୟାନ୍ୟ ପ୍ରଭାବକୁ ରୋକିବା ପାଇଁ ଯତ୍ନ ନିଆଯିବା ଦରକାର ବୋଲି ଶତପଥୀ କହିଥିଲେ। ବରଗଡ଼ ଇମ୍ପେରିଆଲ୍ କଲେଜ ନିର୍ଦ୍ଦେଶକ ଦୀପକ ଗୋୟଲ କ୍ୟାନସର ପୀଡ଼ିତଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ କହିଥିଲେ, କେବଳ ଡାକ୍ତର ଓ ପରିବାର ନୁହେଁ, ସମାଜ ମଧ ଏହି ଶିଶୁମାନଙ୍କ ଜୀବନ ଗଠନରେ ଅନ୍ୟତମ ଭୂମିକା ନିଭାଏ। ସେହିପରି ଫାଇଟର୍ସ ଗ୍ରୁପ୍‌ର ଉପାଧ୍ୟକ୍ଷା ମିନତି ପତି, ଏଇଏମ ଇଂରାଜୀ ମିଡ଼ିୟମ ସ୍କୁଲର ଚେୟାରମ୍ୟାନ ଜଶବୀର ସିଂହ ବକ୍ତବ୍ୟ ରଖିଥିଲେ। ନିତାଇ ଗୌର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ ଏବଂ ଫାଇଟର୍ସ ଗ୍ରୁପ୍ ଟ୍ରଷ୍ଟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ ପାଇଁ ଦୀପଦାନ

ପାଇକମାଳ,୨୨।୬(ବଡ ଶତପଥୀ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଅସୁସ୍ଥତା ଯୋଗୁ ବମ୍ବେର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ଶୀଘ୍ର ଆରୋଗ୍ୟ କାମନା ପାଇଁ ରବିବାର ବିଜେଡି ପକ୍ଷରୁ ନୃସିଂହନାଥ ମନ୍ଦିରରେ ସାମୂହିକ ପୂଜାର୍ଚ୍ଚନା ସହ ଦୀପଦାନ କରାଯାଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କ ନେତୃତ୍ୱରେ ଦଳର ନେତା ଓ ଅଞ୍ଚଳବାସୀ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ଆସୁ ଆରୋଗ୍ୟ କାମନା କରିଥିଲେ। ଏଥିସହ ଭଗବାନ ନୃସିଂହ, ମାତା ଦୁର୍ଗା, ବିନ୍ଧ୍ୟବାସିନୀଙ୍କଠାରେ ଦୀପଦାନ କରିଥିଲେ। ବ୍ଲକ ଅଧକ୍ଷା ଭାବନା ସିଂ, ବରିଷ୍ଠ ନେତା ହୃଦାନନ୍ଦ ବାରିକ, ବିଜୟ କୁମାର ସ୍ୱାଇଁ, ଟାଇଲ ଚନ୍ଦ୍ର ଭୋଇ, ପୂର୍ବତନ ବ୍ଲକ ଅଧକ୍ଷ ଅଲତାବ ମହମ୍ମଦ, ଗିରିଶ ଡନସନାଙ୍କ ସମେତ ଶତାଧିକ ମହିଳା ପୁରୁଷ, ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ନୃସିଂହନାଥ ପର୍ଯ୍ୟଟନସ୍ଥଳୀକୁ ୧.୫ କୋଟି ଅନୁଦାନ



ନୃସିଂହନାଥ ମନ୍ଦିର କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଉପଢୌକନ ପ୍ରଦାନ କରାଯାଉଛି।

ପାଇକମାଳ,୨୨।୬(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ଦେଢ଼ କୋଟି ଟଙ୍କା ଅନୁଦାନ ମଞ୍ଜୁରୀ କରିଛନ୍ତି। ସେହିପରି ପ୍ରତିବର୍ଷ ଆୟୋଜିତ ହୋଇଆସୁଥିବା ବୈଶାଖ ମେଳାକୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ମେଳା କମିଟି ସଦସ୍ୟ ସଞ୍ଜୀବ ମାଝୀ, ସତ୍ୟ ବେହେରା, ଲୋଚନ ପଧାନ ପ୍ରମୁଖ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଉପଢୌକନ ପ୍ରଦାନ କରିବା ସହ ଆଲୋଚନା କରିଛନ୍ତି। ସେହିପରି ଉକ୍ତ ପ୍ରତିନିଧି ଦଳ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ମେ ମାସରେ ବୈଶାଖ ମେଳା ସମୟରେ ନୃସିଂହନାଥ ମନ୍ଦିର କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳର ବିଭିନ୍ନ ମନ୍ତ୍ରୀ, ସରକାରୀ ଅଧିକାରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେ ସମୟରେ ସରକାରଙ୍କ ପ୍ରତିଶ୍ରୁତି କ୍ରମେ ନୃସିଂହନାଥ ପୀଠକୁ ଉକ୍ତ ଅନୁଦାନ ରାଶି ମଞ୍ଜୁର କରାଯାଇଛି।

## ଅଞ୍ଚଳ ମହାବିଦ୍ୟାଳୟରେ ଯୋଗ ଦିବସ



ଅଞ୍ଚଳ ମହାବିଦ୍ୟାଳୟରେ ଯୋଗ ଦିବସ ପାଳନ କରାଯାଉଛି।

ପଦ୍ମପୁର,୨୨।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଲଳିତ ମୋହନ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନବପ୍ରଭାତ ଗୁରୁକୁଳ ଆଶ୍ରମ ନୂଆପାଲିର ଅତିଥି ଆଚାର୍ଯ୍ୟ ଡ. ଶିବ ଶଙ୍କର ଶାସ୍ତ୍ରୀ ଅତିଥି ଭାବେ ଯୋଗଦେଇ ଯୋଗ ଉପରେ ମାର୍ଗଦର୍ଶନ କରିଥିଲେ। ନବପ୍ରଭାତ ଆଶ୍ରମର ବ୍ରହ୍ମଚାରୀମାନଙ୍କ ଯୋଗ ପ୍ରଦର୍ଶନକୁ ଅନୁସରଣ କରି ଅନ୍ୟମାନେ ଯୋଗାଭ୍ୟାସ କରିଥିଲେ। ଯୁବ ରେଡ୍‌କ୍ରସ୍, ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାଧ୍ୟାପକ ପ୍ରଭାତ ମହାପାତ୍ର, ଅଧ୍ୟାପକ ପ୍ରମୋଦ ପାଣିଗ୍ରାହୀ, ଅଧ୍ୟାପିକା ବୁନି ସାହୁ, ଅଧ୍ୟାପକ ଲେଫ୍ଟନାଣ୍ଟ ଜୟକୁମାର ଭୁଏ, ଅଧ୍ୟାପକ ଭୁବନେଶ୍ୱର ବରିହା ଓ କ୍ରୀଡ଼ା ଶିକ୍ଷକ ସଦାନନ୍ଦ ସାହୁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଖଗେଶ୍ୱର ଦାଶ, ପ୍ରାଧ୍ୟାପିକା ତାପିନୀ ପଣ୍ଡା ଓ ପ୍ରାଧ୍ୟାପିକା ଝୁନୁ ପରିଡ଼ା ଉପସ୍ଥିତ ଥିଲେ। ଖଗେଶ୍ୱର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବୃକ୍ଷରୋପଣ କରାଯାଇଥିଲା।

## ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘର ପଥପ୍ରାନ୍ତ ସଭା




ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘର ପଥପ୍ରାନ୍ତ ସଭା।

ବରଗଡ଼,୨୨।୬(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ରାଜ୍ୟ ସଭାପତି ବିଶ୍ୱ ରଞ୍ଜନ ଦାଶଙ୍କ ନିର୍ଦ୍ଦେଶକ୍ରମେ ରବିବାର ବରଗଡ ଜିଲାର ଭଟଲି ବ୍ଲକରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୦୦୮ ଜୁନ ୧ରୁ ୨୦୧୮ ଜୁନ ୧ତାରିଖ ମଧ୍ୟରେ କାର୍ଯ୍ୟରତ ଅନୁଦାନ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଅଧ୍ୟାପକ ସୌରୀ ନାରାୟଣ ସାହୁ, ଶଙ୍କର ପ୍ରଧାନ, ଚୈତନ୍ୟ ପୋଢ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନ କର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି

ପାଇକମାଳ,୨୨।୬(ବଡ ଶତପଥୀ)

ଗନ୍ଧମାର୍ଦ୍ଦନ ବଞ୍ଚାଅ ବାଲ୍‌କୋ ହଟାଓ ଆନ୍ଦୋଳନର ବରିଷ୍ଠ କର୍ମୀ ବରଗଡ ଜିଲା ପାଇକମାଳ ବ୍ଲକର କମ୍ବୁପାଣି ପ୍ରଧାନଙ୍କୁ ଗତ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆବାହକ ଦୁର୍ଯ୍ୟୋଧନ ପୁଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାହାସ ବିହାରି ସାହୁ, ଧୀରେନ ମହାନ୍ତି, ସରପଞ୍ଚ ଦିଲ୍ଲୀପ ବେହେରା, ଝସକେତନ ସାହୁ, କୁଞ୍ଜ ବିହାରୀ ସାହୁ, ମୁକେଶ ସାହୁ, ମୈତ୍ରୀ ପ୍ରଧାନ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଧାନଙ୍କ ସ୍ମୃତିରେ ପରିଷଦ ପକ୍ଷରୁ ତାଙ୍କ ପରିବାର ଲୋକଙ୍କୁ ଅଶୋକ ବୃକ୍ଷଚାରା ପ୍ରଦାନ କରାଯାଇଥିଲା।

## କୃଷି ଅଧିକାରୀଙ୍କ ପରଲୋକ

ଅତାବିରା, ୨୨।୬(ଯୁଧିଷ୍ଠିର ମହାପାତ୍ର )

ବରଗଡ଼ ଜିଲା ଅତାବିରା ବ୍ଲକ ଚକୁଳି ଫାର୍ମ ଅଧିକାରୀ ତଥା ବ୍ଲକ କୃଷି ଅଧିଦର୍ଶକ ଉମାକାନ୍ତ ଗଡ଼ତିଆଙ୍କ ଗତ ଗୁରୁବାର ପରଲୋକ ହୋଇଛି। ତାଙ୍କୁ ୪୩ ବର୍ଷ ବୟସ ହୋଇଥିଲା। ଗୁରୁବାର ସକାଳେ ଚକୁଳିଫାର୍ମସ୍ଥିତ ସରକାରୀ କୃଷି ଫାର୍ମରେ ହଠାତ୍ ସ୍ୱାସ୍ଥ୍ୟ ବିଗିଡିଯିବାରୁ ତାଙ୍କୁ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପରଲୋକରେ ଚକୁଳି ପଞ୍ଚାୟତ କୃଷକ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଟ୍ରକ୍ ଚାଳକଙ୍କ ମୃତ୍ୟୁ

ବରପାଲି,୨୨।୬(ଚିତ୍ତରଞ୍ଜନ ସାହୁ)

ବରପାଲି ଥାନା ବନ୍ଧପାଲି ଛକରେ ରବିବାର ସନ୍ଧ୍ୟାରେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଆସଲମ୍ ୱାନ ଏବଂ ତାଙ୍କ ଘର ମହାରାଷ୍ଟ୍ରର ଲାଟୁର ଗ୍ରାମରେ। ବରପାଲି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ଏକ ଟ୍ରକ୍ (ନଂ.କେଏ୫୬/୯୬୧୧) ବଲାଙ୍ଗୀର ଫାସଡ ଗ୍ରାମରୁ କାଟୁନ୍ ଲୋଡ୍ କରି ରାୟପୁର ଯାଉଥିବା ବେଳେ ବନ୍ଧପାଲି ଛକରେ ରାସ୍ତା ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ଟ୍ରକ୍ ଚାଳକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବରପାଲି ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନବୀନଙ୍କ ଆରୋଗ୍ୟ କାମନାରେ ଦୀପଦାନ

ବରଗଡ଼,୨୨।୬(ପ୍ରେମାନନ୍ଦ ଖମାରୀ)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ରବିବାର ସନ୍ଧ୍ୟାରେ ବରଗଡ଼ ବିଜେଡି ପକ୍ଷରୁ ସ୍ଥାନୀୟ ଶ୍ୟାମାକାଳୀ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହିତ ସାମୂହିକ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଜିଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବରଗଡ଼ ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ପୌରାଧକ୍ଷା କଳ୍ପନା ମାଝୀ, ଉପାଧକ୍ଷ ରାଜେଶ ଅଗ୍ରୱାଲଙ୍କ ସମେତ ସମସ୍ତ କାଉନସିଲ ଓ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ରହି ନବୀନଙ୍କ ସଫଳ ଅସ୍ତ୍ରୋପଚାର ସହିତ ଆଶୁ ଆରୋଗ୍ୟ କାମନା କରିଥିଲେ।



ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ ପାଇଁ ଦୀପଦାନ କରାଯାଉଛି।

## ବରଗଡ଼ରେ ହେବ ହଳଧର ନାଗ ଜାତୀୟ ସେମିନାର

ବରଗଡ଼,୨୨।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ସମ୍ବଲପୁରୀ-କୋଶଲି ଭାଷାର ପ୍ରଥିତଯଶା ଲୋକକବି ପଦ୍ମଶ୍ରୀ ପ୍ରାପ୍ତ ହଳଧର ନାଗ ଓ ତାଙ୍କ ସାହିତ୍ୟ ସଂକ୍ରାନ୍ତରେ ଦ୍ୱିଦିବସୀୟ ଜାତୀୟ ସେମିନାର ଅନୁଷ୍ଠିତ ହେବ। ଏ ନେଇ ରବିବାର ସାହିତ୍ୟ ଅନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦ, ଘେଁସ ଓ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ, ବରଗଡ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଆସନ୍ତା ୨୮ ଓ ୨୯ ତାରିଖ ଦୁଇଦିନ ଧରି 'ହଳଧର- ସୃଜନ ଆର୍ ଦର୍ଶନ' ଶୀର୍ଷକରେ ବହୁଭାଷୀ ଜାତୀୟ ସେମିନାର କ୍ରିଷ୍ଣା ବିକାଶ ଅଡିଟୋରିୟମରେ ଅନୁଷ୍ଠିତ ହେବ। ଏ ନେଇ ବିକାଶ ଫାଷ୍ଟ ଷ୍ଟେପ୍ ବିଦ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେମିନାର ଆୟୋଜକ କମିଟି ଅଧକ୍ଷ ତଥା କ୍ରିଷ୍ଣା ବିକାଶର ଚେୟାରମ୍ୟାନ ଡି. ମୁରଲୀକ୍ରିଷ୍ଣା, ଅଭିମନ୍ୟୁ ସାହିତ୍ୟ ସଂସଦ ସଭାପତି ତଥା ସେମିନାର କମିଟିର ସଂଯୋଜକ ସୁଶାନ୍ତ କୁମାର ମିଶ୍ର, ସଂସଦର ବରିଷ୍ଠ ସଦସ୍ୟ ତଥା ସେମିନାର କମିଟି ଆବାହକ ସାହିତ୍ୟିକ ଅଶୋକ କୁମାର ପୂଜାହାରୀ, କମିଟି ସଦସ୍ୟ ଡ. ସମରେନ୍ଦ୍ର ପଣ୍ଡା, ଉପଦେଷ୍ଟା ଡ. ସୁବାସ ମେହେର, ନାଟ୍ୟକାର କେଶରଞ୍ଜନ ପଧାନ, ଗବେଷକ ଉତ୍ପନ୍ନ ଭୋଇ, ବିକାଶ ଶିକ୍ଷାନୁଷ୍ଠାନର କାର୍ଯ୍ୟକାରୀ ଅଧକ୍ଷ ଶିଶିର ପ୍ରସାଦ ରାଉଳ, ମାଧ୍ୟମିକ ଶିକ୍ଷାନୁଷ୍ଠାନ ଅଧକ୍ଷ ଚିତ୍ତରଞ୍ଜନ ପତି, ମାନବ ସମ୍ବଳ ଅଧିକାରୀ ଅଶ୍ୱିନୀ ନାୟକ, ବିକାଶ ଫାଷ୍ଟ ଷ୍ଟେପ୍ ଅଧକ୍ଷା ପୁଷ୍ପଲତା ମହାପାତ୍ର ପ୍ରମୁଖ ଜାତୀୟ ସେମିନାରର ଉପରେ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ଅଶୋକ ବହିଦାର, ଦିଲ୍ଲୀପ ଦେବତା, ମାନଭଞ୍ଜନ ପାଣିଗ୍ରାହୀ, ତେଜରୁ ବାରିକ, ତୁଳସୀ ବାରିକ, ସୁବାସ ଭୁଏ, ହରିଲାଲ ସାହୁ, ଉମେଶ ପଧାନ, ରାଜକିଶୋର ବେହେରାଙ୍କ ସମେତ ସଦସ୍ୟମାନେ ଏହି ଅବସରରେ ଉପସ୍ଥିତ ଥିଲେ। ସେମିନାର କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗଦାନ କରିବେ ବୋଲି ସୂଚନା ଦିଆଯାଇଥିଲା। ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ, ବରଗଡ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡତିଆ, ଅତାବିରା ବିଧାୟକ ନିହାର ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକମାନେ କହିଥିଲେ। ହଳଧର ସାହିତ୍ୟ ଉପରେ କାମ କରୁଥିବା ଓଡ଼ିଶା ଓ ଓଡ଼ିଶା ବାହାରୁ ୨୫ଜଣ ଗବେଷକ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ, ଜାମିଆମିଲ୍ଲା ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଗବେଷକ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଏହି କାର୍ଯ୍ୟକ୍ରମରେ କବି, ସାହିତ୍ୟିକ, ସାହିତ୍ୟ ପ୍ରେମୀ, ବୁଦ୍ଧିଜୀବୀ ତଥା ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦାନ କରିବାକୁ କମିଟିର କର୍ମକର୍ତ୍ତା ନିବେଦନ କରିଛନ୍ତି ।




ଖବରଦାତା ସମ୍ମିଳନୀରେ ଆୟୋଜକବୃନ୍ଦ।

## ଟ୍ରେନ ଧକ୍କାରେ ଅଜଣା ବ୍ୟକ୍ତି ମୃତ

ରାଉରକେଲା,୨୨।୬(ସଙ୍ଗୀତା ଜେନା)

ବାସନ୍ତୀ କଲୋନି ରେଳବାଇ ଫାଟକ ନିକଟରେ ଶନିବାର ରାତି ୧୨ଟାରେ ଗୀତାଞ୍ଜଳି ଏକ୍ସପ୍ରେସ ଧକ୍କାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ରାତି ୮ଟା ୩୦ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରିନାହିଁ। ଘଟଣାସ୍ଥଳରେ ଜିଆର୍‌ପି ପୋଲିସ ପହଞ୍ଚି ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗହାଉସରେ ରଖିଛି। ଏ ନେଇ ଏକ ମାମଲା (ନଂ.୫୧/୨୫) ରୁଜୁ ହୋଇଛି।

## ଶ୍ରୀରାଧାକୃଷ୍ଣ ମନ୍ଦିରରେ ଭାଗବତ ପାରାୟଣ

ରାଉରକେଲା,୨୨।୬(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପରିସରରେ ଭାଗବତ ପାରାୟଣ ରବିବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୂଜକ ନୃସିଂହ ଚରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରାତଃ ସମୟରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶ୍ରୀରାଧାକୃଷ୍ଣଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସାମୂହିକ ଏକାଦଶୀ ବ୍ରତ ପାଳନ ହୋଇଥିଲା। ଏଥିରେ ସ୍ଥାନୀୟ ଶ୍ରଦ୍ଧାଳୁ ଉପସ୍ଥିତ ରହି ଭାଗବତ ଶ୍ରବଣ କରିଥିଲେ। ଏହି ଅବସରରେ ମନ୍ଦିର ପରିସରରେ ହରିନାମ ସଙ୍କୀର୍ତ୍ତନ ଅଷ୍ଟପ୍ରହର ଅନୁଷ୍ଠିତ ହୋଇଥିଲା। ବଣାଇ, ବଡଗାଁରୁ ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା କୀର୍ତ୍ତନ ପରିବେଷଣ କରାଯାଇଥିଲା। ଗୁରୁ ବିଶ୍ୱାଳ, ସନ୍ତୋଷ ସାହୁ, ମୁନି ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# କାମକରୁନି ଟ୍ରାଫିକ୍ କଣ୍ଟ୍ରୋଲ ସିଷ୍ଟମ୍

ରାଉରକେଲା,୨୨।୬(ଦିନେଶ ମିଶ୍ର)

■ ଅଟୋମେଟିକ୍ ଟ୍ରାଫିକ କଣ୍ଟ୍ରୋଲ ସିଷ୍ଟମ ଅଚଳ
■ ୫ରୁ ଊର୍ଦ୍ଧ୍ୱ ଛକରେ ଟ୍ରାଫିକ୍ ନିୟନ୍ତ୍ରଣରେ ଅସୁବିଧା
■ ୩ ମାସ ଭିତରେ ସମାଧାନ ହେବ: ଆର୍‌ଏମ୍‌ସି

ରାଉରକେଲା ସହରରେ ଟ୍ରାଫିକ୍ ସମସ୍ୟାର ଦୂରୀକରଣ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଭିନ୍ନ ଛକରେ ଟ୍ରାଫିକ୍ ଅଟୋମେଟିକ୍ କଣ୍ଟ୍ରୋଲ ସିଷ୍ଟମ (ଏଟିସିଏସ୍) କରାଯାଇଥିଲା। ମାତ୍ର ଏହି ବ୍ୟବସ୍ଥା ହେବା ଦିନରୁ ଥରେ ହେଲେ ଟ୍ରାଫିକ୍ ଲାଇଟ୍ ଜଳୁନାହିଁ। ରାଉରକେଲା ସହରର ଉଦିତନଗର ଆମ୍ବେଦକର ଛକ, ଡିଏଭି ଡଙ୍ଗା ଛକ, ଅଭିଜ୍ଞାନ ଛକ, ସାତ-ସତର ଛକ, ଛେଣ୍ଡ ଛକ ଭଳି ପ୍ରମୁଖ ଛକମାନଙ୍କରେ ଟ୍ରାଫିକ ସିଗ୍‌ନାଲ ଅଚଳ ଥିବାରୁ ଏହି ସମସ୍ୟା ଉପୁଜିଛି। ଫଳରେ ଟ୍ରାଫିକ ନିୟନ୍ତ୍ରଣରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

ଉଦିତନଗର ଆମ୍ବେଡ଼କର ଛକକୁ ସହରର ପାନପୋଷ, ଡେଲିମାର୍କେଟ, ଆର୍‌ଏମ୍‌ସି, ବାସନ୍ତୀ ଓଭରବ୍ରିଜ୍ ରାସ୍ତା ସଂଯୋଗ କରିଛି। ଏଠାରେ ସ୍ୱତନ୍ତ୍ର ଟ୍ରାଫିକ୍ ସିଗ୍‌ନାଲ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଏହି ଟ୍ରାଫିକ ସିଗନାଲ ଉପରେ ଲାଗିଥିବା ପ୍ୟାନେଲ ତାର କୌଣସି ଲାଇଟ୍‌ରେ ସଂଯୋଗ ହୋଇ ନ ଥିଲା। ଫଳରେ ଟ୍ରାଫିକ ସିଗ୍‌ନାଲ ଜଳୁ ନ ଥିବା ଦେଖିବାକୁ ମିଳିଛି। ସେହିପରି ଡିଏଭି ଡଙ୍ଗା ଛକରେ ଲାଗିଥିବା


ଅଭିଜ୍ଞାନ ଛକରେ ଲାଗିଥିବା ସୋଲାର ପ୍ୟାନେଲ।

ସୋଲାର ପ୍ୟାନେଲ କୌଣସି କାର୍ଯ୍ୟରେ ଆସୁନାହିଁ। ଏଭଳି ଭାବେ ଅଭିଜ୍ଞାନ ଛକ, ଛେଣ୍ଡ ଛକ, ସାତ-ସତର ଛକ ଆଦି ୫ଟି ସ୍ଥାନରେ ସୋଲାର ସିଗ୍‌ନାଲ ବ୍ୟବସ୍ଥା କରାଯାଇଥିଲା । ୨୦୧୬ରେ ରାଉରକେଲା ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ପ୍ରଥମ ପର୍ଯ୍ୟାୟରେ ୩୭୫ କୋଟି ଟଙ୍କା ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ପାଇଁ ଅର୍ଥ ଆସିଥିଲା। ଏଥିରେ ସ୍ୱରେଜ ସିଷ୍ଟମ, ଅତ୍ୟାଧୁନିକ ପାର୍କ ଓ ଅପରାଧମୂଳକ କାର୍ଯ୍ୟକୁ ରୋକିବା ପାଇଁ ସିସି କ୍ୟାମେରା ଓ ଟ୍ରାଫିକ ସିଗ୍‌ନାଲ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଇଥିଲା। ୨୦୧୮ରେ ସହରର ପ୍ରମୁଖ ଛକମାନଙ୍କରେ ହାଇମାକ୍ସ ଲାଇଟ୍ ସାଙ୍ଗକୁ ଟ୍ରାଫିକ ସିଗ୍‌ନାଲ ଲାଇଟ୍ ଓ ସୋଲାର ପ୍ୟାନେଲ ଲଗାଯାଇଥିଲା । ମାତ୍ର ଆଜିଯାଏ ଉକ୍ତ ବ୍ୟବସ୍ଥା ବ୍ୟବସ୍ଥା କାର୍ଯ୍ୟକାରି ହୋଇପାରିନାହିଁ। ବହୁ ଛକରେ ସିଗ୍‌ନାଲ ଲାଇଟ୍‌ରେ ସୋଲାର ପ୍ୟାନେଲ ତାର ସଂଯୋଗୀକରଣ ହୋଇନାହିଁ। ଫଳରେ ଟ୍ରାଫିକ୍ କଣ୍ଟ୍ରୋଲ କରିବା କଷ୍ଟକର ହେଉଛି। ଏ ନେଇ ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଲାଗିଥିବା ଏଟିସିଏସ୍‌ର କଣ୍ଟ୍ରୋଲ ରୁମ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସହରର ବିଭିନ୍ନ ଛକରେ ଲାଗିଥିବା ଟ୍ରାଫିକ ସିଗ୍‌ନାଲ ବ୍ୟବସ୍ଥାକୁ ବିଦ୍ୟୁତ୍ ଓ ସୋଲାର ସିଷ୍ଟମ ଦୁଇଟି ସଂଯୋଗୀକରଣରେ ଚାଲୁ କରାଯିବ। ଏଥିପାଇଁ ଟେକ୍ନିସିଆନମାନେ ଏହାକୁ ଯାଞ୍ଚ କରିସାରିଲେଣି। ଆସନ୍ତା ୩ ମାସ ଭିତରେ ଏହା କାର୍ଯ୍ୟକାରୀ ହେବ ବୋଲି କୁଲକର୍ଣ୍ଣୀ କହିଥିଲେ।

## ବିଶ୍ୱ ସଙ୍ଗୀତ ଦିବସ ଉଦ୍‌ଯାପିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରୋତାଗଣ।

ରାଉରକେଲା,୨୨।୬(ଦିନେଶ ମିଶ୍ର)

ରାଉରକେଲାର ଗୋପବନ୍ଧୁ ପାଠାଗାର ଓ ସ୍ୱସ୍ତି ଝଙ୍କାରର ମିଳିତ ଆନୁକୂଲ୍ୟରେ ବିଶ୍ୱ ସଙ୍ଗୀତ ଦିବସ ଛେଣ୍ଡସ୍ଥିତ ପାଠାଗାର ପରିସରରେ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। କବି ରାଜୀବ ପାଣିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରି ଶ୍ରୋତାମାନଙ୍କୁ ବିମୋହିତ କରିଥିଲେ। ସ୍ୱସ୍ତି ଝଙ୍କାର ସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକ ଓ ଗୋପବନ୍ଧୁ ପାଠାଗାର ଉପସଭାପତି ଗିରିଜା ଶଙ୍କର ଗୋସ୍ୱାମୀ ସ୍ୱାଗତ ଭାଷଣ ସହ ସଙ୍ଗୀତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ବୀଣାପାଣି ରଥ ଶାସ୍ତ୍ରୀୟ ସଙ୍ଗୀତ, ସୁଶାନ୍ତ କୁମାର ପାଣି ଲଘୁ ଶାସ୍ତ୍ରୀୟ ସଙ୍ଗୀତ, ପ୍ରଦୀପ କୁମାର ପଣ୍ଡା ଓଡିଶୀ ଓ ଛାନ୍ଦ, ଶରତ ଧଳ ଚମ୍ପୂ, ସୌମ୍ୟରଞ୍ଜନ କର ପୁରାତନ ଚଳଚ୍ଚିତ୍ର ଗୀତ, ସ୍ମିତା ମିଶ୍ର, ମୀନା ପଟ୍ଟନାୟକ ଓ ମନୋରଞ୍ଜନ ଦାଶ ଚଳଚ୍ଚିତ୍ର ସଙ୍ଗୀତ ଗାନ କରିଥିଲେ। ବଂଶୀଧର ସାହୁ, ମନବୋଧ ମିଶ୍ର, ଦୀପକ କୁମାର ନାୟକ ଓ ରଜପ ପଣ୍ଡା ବାଦ୍ୟଯନ୍ତ୍ରରେ ସହାୟତା କରିଥିଲେ। ସୁଶାନ୍ତ କୁମାର ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜୟ ପାତ୍ର, କିଶୋରୀ ମୋହନ କର, ହରିହର ଶତପଥୀ, ଚିନ୍ମୟୀ ପୁରୋହିତ, ଲକ୍ଷ୍ମଣ ନାଥ ଦାସ, ଗୌତମ ଦାସ, ସୂର୍ଯ୍ୟନାରାୟଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ସାହିତ୍ୟ, ସଂସ୍କୃତି ଅନୁଷ୍ଠାନର ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପିର ଯୋଗାଭ୍ୟାସ ଶିବିର

ରାଉରକେଲା,୨୨।୬(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଆନୁକୂଲ୍ୟରେ ଶନିବାର ଏକାଦଶତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଯୋଗ ଅଧିବେଶନରେ ୧ଶହରୁ ଊର୍ଦ୍ଧ୍ୱ ଇସ୍ପାତ ସହରବାସୀ ଅଂଶଗ୍ରହଣ କରିଥିଲେ। ରାଉରକେଲା ସେକ୍ଟର-୨ ଇଣ୍ଡୋ ଜର୍ମାନ କ୍ଲବରେ ଗଣ ଯୋଗାଭ୍ୟାସ ଅଧିବେଶନରେ ଆର୍‌ଏସ୍‌ପି ତଥା ଦୁର୍ଗାପୁର ଇସ୍ପାତ କାରଖାନା ଓ ଇସ୍କୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ଦୀପିକା ମହିଳା ସଂହତିର ଅଧକ୍ଷା ନମ୍ରତା ବର୍ମା, ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍.ପି ସିଂହ, ଦୀପିକା ମହିଳା ସଂହତିର ଉପାଧକ୍ଷା ପ୍ରଭାତୀ ମିଶ୍ର, ପ୍ରତିଜ୍ଞା ପଲାଇ ଓ ରୀତାରାଣୀଙ୍କ ସମେତ ବହୁ ମୁଖ୍ୟ ମହାପ୍ରବନ୍ଧକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ। ଏହି ଶିବିର ଆର୍‌ଏସ୍‌ପି ଯୋଗ କେନ୍ଦ୍ର ତଥା ସୁନ୍ଦରଗଡ଼ ପତଞ୍ଜଳି ଯୋଗ ସମିତି ସଭାପତି ଅକ୍ରୁର ମାର୍ଥାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଅନୀଲ କୁମାର ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ପୁଣି ଇଣ୍ଡୋ ଜର୍ମାନ କ୍ଲବରେ ଯୋଗ ଶିବିର ହୋଇଥିଲା। ଆର୍ଟ ଅଫ୍ ଲିଭିଂର ଫାକଲ୍ଟି ସୁଶ୍ରୀ ବବଲି କୌରଙ୍କ ସମେତ ଆର୍ଟ ଅଫ୍ ଲିଭିଂ ରାଉରକେଲାର ସ୍ୱେଚ୍ଛାସେବୀମାନେ ଯୋଗାଭ୍ୟାସ ବିଷୟରେ ମାର୍ଗଦର୍ଶନ କରାଇଥିଲେ। କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢୀଙ୍କ ଦ୍ୱାରା ସହରସେବା ଓ ସିଏସ୍‌ଆର ବିଭାଗର ସିଜିଏମ ଟି. ଜି କାନେକରଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେହିପରି ସେକ୍ଟର-୨୦ ସ୍ଥିତ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଏବଂ ସେକ୍ଟର-୨୨ ଇସ୍ପାତ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ଆୟୋଜିତ ଯୋଗ ଶିବିରରେ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏସ୍.ଏନ୍. ପଣ୍ଡାଙ୍କ ନେତୃତ୍ୱ ତଥା ଯୋଗ ଶିକ୍ଷକ ସୁବ୍ରତ ମେହେରଙ୍କ ମାର୍ଗଦର୍ଶନରେ ଏହା ଅନୁଷ୍ଠିତ ହୋଇଥିଲା। ବିଗିନର୍ସ ଏକାଡେମୀ ପକ୍ଷରୁ ଏକ ଯୋଗ ଅଧିବେଶନ ହୋଇଥିଲା। ସୂଚନାଯୋଗ୍ୟ, ସହରବାସୀଙ୍କ ସୁସ୍ଥ ଜୀବନ ପାଇଁ ଆର୍‌ଏସ୍‌ପି ପକ୍ଷରୁ ୧୫ଟି ଯୋଗାଭ୍ୟାସ କେନ୍ଦ୍ର ପରିଚାଳନା କରାଯାଉଛି।


ଆର୍‌ଏସ୍‌ପି ପକ୍ଷରୁ ଆୟୋଜିତ ଶିବିରରେ ଯୋଗ କରାଯାଉଛି।

## ଶିକ୍ଷକ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶକ



କାର୍ଯ୍ୟକ୍ରମରେ ମଞ୍ଚାସୀନ ସିଏଚ୍‌ଏସ୍‌ଇ ଅଧକ୍ଷଙ୍କ ସମେତ ଅନ୍ୟ ଅତିଥିଗଣ।

ରାଉରକେଲା,୨୨।୬(ସଙ୍ଗୀତା ଜେନା)

### ଏନ୍‌ଆଇଟିରେ ସିଏଚ୍‌ଏସ୍‌ଇ ରସାୟନ ବିଜ୍ଞାନ ଶିକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ପ୍ରାୟୋଜିତ ଗବେଷଣା, ଶିଳ୍ପ ପରାମର୍ଶ ଓ ନିରନ୍ତର ଶିକ୍ଷା (ଏସ୍‌ଆର୍ ଆଇସିସିଇ) ସେଲ୍ ଏବଂ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ର ମିଳିତ ଆନୁକୂଲ୍ୟରେ ୫ ଦିବସୀୟ ରସାୟନ ବିଜ୍ଞାନ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ରବିବାର ପୂର୍ବାହ୍ନ ୧୦ଟାରେ ସିନେଟ୍ ହଲ୍‌ରେ ଆରମ୍ଭ ହୋଇଛି। ରାଜ୍ୟବ୍ୟାପୀ ରସାୟନ ବିଜ୍ଞାନ ଶିକ୍ଷକଙ୍କ ମଧ୍ୟରେ ଜ୍ଞାନ, ଶିକ୍ଷାଗତ ଦକ୍ଷତା ଏବଂ ଉନ୍ନତ ଗବେଷଣା ଉପକରଣ ସହ ସଂଶ୍ଳିଷ୍ଟ ହେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ସମାରୋହରେ ସିଏଚ୍‌ଏସ୍‌ଇ ଅଧକ୍ଷ ମୃଣାଳକାନ୍ତି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଧୁନିକ ଶିକ୍ଷାରେ ଶିକ୍ଷକଙ୍କ ବିକଶିତ ଭୂମିକା ସମ୍ପର୍କରେ ଆଲୋକପାତ କରି କହିଲେ, ଶିକ୍ଷକମାନେ ପ୍ରାସଙ୍ଗିକ ଓ ଅପ୍ରାସଙ୍ଗିକ ଭାବେ ଦେଉଥିବା ସମସ୍ତ ସୂଚନା ଛାତ୍ରୀଛାତ୍ରଙ୍କ ଜ୍ଞାନ ଆଲୋକର ମାର୍ଗଦର୍ଶକ। ବର୍ତ୍ତମାନ ଇଣ୍ଟରନେଟ୍ ବ୍ୟବସ୍ଥା ଯୋଗୁ ଶିକ୍ଷାରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ହେଲେ ପାରମ୍ପରିକ ଶିକ୍ଷାପ୍ରଦାନ ନୀତି ଏବେ ମଧ୍ୟ ବଳିଷ୍ଠ ଭୂମିକା ନିର୍ବାହ କରୁଛି। ଛାତ୍ରୀଛାତ୍ରଙ୍କ କ୍ୟାରିଅର ପାଇଁ ଅର୍ଥପୂର୍ଣ୍ଣ ଏବଂ ପ୍ରାସଙ୍ଗିକ ବିଷୟବସ୍ତୁ ଆଡକୁ ନିର୍ଦ୍ଦେଶିତ କରିବାରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରନ୍ତୁ। ଜାତୀୟ ଶିକ୍ଷାନୀତି-୨୦୨୦ ସହିତ ସମନ୍ୱୟ ରକ୍ଷା କରି ଯୁକ୍ତିଯୁକ୍ତ ଚିନ୍ତାଧାରା ଏବଂ ଛାତ୍ରୀଛାତ୍ରଙ୍କ ଭାବପ୍ରବଣ, ବୁଦ୍ଧିମତା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ପଡ଼ିବ। ବିଶ୍ୱବ୍ୟାପୀ ଅଶାନ୍ତି, ନୈତିକ ପତନ ଓ ସଙ୍କଟର ସମ୍ମୁଖୀନ ହେଉଥିବା ବେଳେ ଛାତ୍ରୀଛାତ୍ରମାନଙ୍କୁ ଦୃଢ଼ ମୂଲ୍ୟବୋଧ ସମ୍ପନ୍ନ ବ୍ୟକ୍ତି ଭାବେ ଗଢ଼ିତୋଳିବା ଶିକ୍ଷକଙ୍କ ପ୍ରମୁଖ କର୍ତ୍ତବ୍ୟ ବୋଲି ମୁଖ୍ୟ ଅତିଥି ଦାସ କହିଥିଲେ। କାର୍ଯ୍ୟକ୍ରମରେ ଅନୁଗୁଳ, ବରଗଡ଼, କଟକ, ଦେବଗଡ଼, ଢେଙ୍କାନାଳ, ଖୋର୍ଦ୍ଧା, ଜଗତସିଂପୁର, ସମ୍ବଲପୁର, ନୂଆପଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନୟାଗଡ଼, ପୁରୀ, ଯାଜପୁର, ଗଞ୍ଜାମ, ସୋନପୁର ଆଦି ଜିଲାରୁ ପ୍ରାୟ ୫୦ଜଣ ରସାୟନ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଏନ୍‌ଆଇଟି ଏସ୍‌ଆର୍‌ଆଇସିସିଇର ଡିନ୍ ସ୍ୱଦେଶ ପ୍ରତିହାର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ସଂଯୋଜକ ପ୍ରଫେସର ଗରୁଡ଼ଧ୍ୱଜ ହୋତା ରସାୟନ ବିଭାଗର ସାରାଂଶ ପ୍ରଦାନ ଏବଂ ସହ ସଂଯୋଜକ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ହରେକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଆର୍‌ଆଇସିସିଇ ଆସୋସିଏଟ୍ ଡିନ୍ ମଧୁରିମା ଜାନା, ସହକାରୀ ରେଜିଷ୍ଟ୍ରାର ଏମ୍. ଏନ୍. ଆନନ୍ଦବାବୁ, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଶେଷ ସନ୍ଧ୍ୟାରେ ନାଟକ 'ଶାପିତ' ମଞ୍ଚସ୍ଥ

ରାଉରକେଲା,୨୨।୬(ଦିନେଶ ମିଶ୍ର)

### ଆଦିବାସୀ ଥିଏଟର ଓ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

ସେକ୍ଟର-୧୯ସ୍ଥିତ ସିଭିକ୍ ସେଣ୍ଟର ପରିସରରେ ରାଉରକେଲା ଇସ୍ପାତ କାରଖାନା, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ 'ସ୍ପନ୍ଦନ' ପକ୍ଷରୁ ୮ମ ସର୍ବଭାରତୀୟ ଆଦିବାସୀ ନାଟକ ଓ ନୃତ୍ୟ ମହୋତ୍ସବ-୨୦୨୫ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ବିଶିଷ୍ଟ ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମଧୁସୂଦନ ଶିକ୍ଷା ନିବାସର ପ୍ରଧାନ ଶିକ୍ଷୟିତ୍ରୀ ସୌଭାଗିନୀ ମୁଦାଲିଙ୍କୁ ସଂସ୍କୃତି ମିତ୍ର ଓ ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କୁ ନାଟ୍ୟ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନାଟକ ଆରମ୍ଭରେ ଆଦିବାସୀ ଝୁମୁର ଅମ୍ପାୟାର, ମଧୁସୂଦନ ଶିକ୍ଷା ନିବାସର କଳାକାରମାନେ ଆଦିବାସୀ ଲୋକନୃତ୍ୟ ପରିବେଷଣ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫେସର ଡ. ସମର ମୁଦାଲି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଟାଟା ଜାମସେଦପୁରର ପଥ ଅନୁଷ୍ଠାନ ପକ୍ଷରୁ 'ଶାପିତ' ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ନାଟକକୁ ଅମିର ଅର୍ସଦ ରଚନା କରିଥିବାବେଳେ ରାମଚନ୍ଦ୍ର ମାରର୍ଡି ନିର୍ଦ୍ଦେଶନା ଦେଇଥିଲେ । ପୁଞ୍ଜିପତି ଲୋକମାନେ କିଭଳି ସହର ଛାଡି ଗାଁ ଉପରେ ଲୋଲୁପଦୃଷ୍ଟି ପକାଇ ଗ୍ରାମବାସୀଙ୍କ ଜମି ହଡପ କରି କାରଖାନା ବସାଇବାକୁ ଯୋଜନା କରନ୍ତି। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ସେଠାରେ ପୁଞ୍ଜିପତିବ୍ୟକ୍ତି ଦଙ୍ଗା କରି ଗାଁକୁ ଅଭିଶପ୍ତ ଗାଁ ବୋଲି ପ୍ରଚାର କରନ୍ତି। ଏହି ନାଟକ ଗାଁର ସାମ୍ପ୍ରତିକ ସ୍ଥିତିକୁ ଦର୍ଶାଇବା ସହ ପୁଞ୍ଜିପତିଙ୍କ ଶୋଷଣକୁ ଦର୍ଶାଇଥିଲା । ଝିଲିମା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। କ୍ଷୀରୋଦ ବାଡତ୍ୟା, ଶିଶିର ମୁଦାଲି, ରମେଶ ଗେସଡ, କ୍ରିଷ୍ଣା ସିଂ, ସୁଦୀଶ ମିଶ୍ର, ଅମୂଲ୍ୟ ବେହେରା, ମିହିର ମେହେର, ବିଧାନ ଚକ୍ରକୁମାର, ନରୋତ୍ତମ ସାମଲ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ସତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ପରିବେଷିତ ନାଟକର ଏକ ଦୃଶ୍ୟ।

## ମଳୟ ସଭାପତି, ଶୁଭମ୍ ସାଧାରଣ ସମ୍ପାଦକ

ରାଉରକେଲା,୨୨।୬(ଦିନେଶ ମିଶ୍ର)

### ଚାମ୍ବର ଅଫ୍ କମର୍ସ ନିର୍ବାଚନ

ରାଉରକେଲା ଚାମ୍ବର ଅଫ୍ କମର୍ସର କର୍ମକର୍ତ୍ତା ନିର୍ବାଚନ ରବିବାର ଶେଷ ହୋଇଛି। ଏହି ନିର୍ବାଚନରେ ମଳୟ ମଣ୍ଡଳ ୨୦୨୫-୨୬ ବର୍ଷ ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ମଳୟ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ନରେଶ ଆରିୟାଙ୍କୁ ୨୬୦ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଥିଲେ। ମଳୟ ୪୭୪ ଖଣ୍ଡ ଭୋଟ ପାଇଥିବାବେଳେ ନରେଶ ୨୧୪ ଖଣ୍ଡ ଭୋଟ ପାଇଥିଲେ। ସେହିଭଳି ଶୁଭମ କପୁର ୪୭୫ ଖଣ୍ଡ ଭୋଇ ପାଇ ବିଜୟୀ ହୋଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସନ୍ତୋଷ ଅଗ୍ରୱାଲ ୨୦୧ ଖଣ୍ଡ ଭୋଟ ପାଇଥିଲେ। ଶୁଭମ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ସନ୍ତୋଷଙ୍କୁ ୨୭୪ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ଅର୍ଥ ବିଭାଗ ସମ୍ପାଦକ ଭାବେ ମନୀଷ ମଣ୍ଡଳ ୪୯୫ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରଷି ଆରିୟା ୧୮୭ ଖଣ୍ଡ ଭୋଟ ପାଇଥିଲେ। ମନୀଷ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରଷିଙ୍କୁ ୩୦୮ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ଏହି ନିର୍ବାଚନରେ ରାଉରକେଲା ଚାମ୍ବର ଅଫ୍ କମର୍ସ ପକ୍ଷରୁ ପ୍ରାୟ ୬୮୯ ଜଣ ଭୋଟର ମତଦାନ କରିଥିଲେ।


ନିର୍ବାଚନରେ ବିଜୟୀ ହୋଇଥିବା ପ୍ରାର୍ଥୀ।

# 'ଭାଜପା ଶାସନରେ ପରିବହନ ଶିଳ୍ପ କୋଣଠେସା'

ରାଉରକେଲା,୨୨।୬(ସଙ୍ଗୀତା ଜେନା)

### ଓଡ଼ିଶା ସଡ଼କ ପରିବହନ ଶ୍ରମିକ ଫେଡେରେଶନର ରାଜ୍ୟ ସମ୍ମିଳନୀ

ଓଡ଼ିଶା ସଡ଼କ ପରିବହନ ଶ୍ରମିକ ଫେଡେରେଶନର ୧୩ତମ ରାଜ୍ୟ ସମ୍ମିଳନୀ ରବିବାର ପୂର୍ବାହ୍ନ ୧୧ଟାରେ ସେକ୍ଟର-୫ ଆଦର୍ଶ ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ଫେଡେରେଶନର ରାଜ୍ୟ ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ଜନାର୍ଦ୍ଦନ ପତି ଓ ରାଜ୍ୟ ଉପସଭାପତି ବିମାନ ମାଇତିଙ୍କୁ ନେଇ ଗଠିତ ସଭାପତି ମଣ୍ଡଳ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ଫେଡେରେଶନର ସର୍ବଭାରତୀୟ ସମ୍ପାଦକ ଜୀବନ ଶାହା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶାହା କହିଲେ, ସ୍ୱାଧୀନତା ପରେ ଶ୍ରମିକ ଗୋଷ୍ଠୀ ଆକ୍ରମଣର ଶିକାର ହୋଇଛି। ୨୦୧୪ରେ ଭାଜପା କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ପୁଞ୍ଜିପତି, କର୍ପୋରେଟ୍ ସଂସ୍ଥାମାନଙ୍କ ସ୍ୱାର୍ଥ ରକ୍ଷା କରିବାକୁ ଯାଇ ଦେଶର ଶ୍ରମିକ, କୃଷକ, ସାଧାରଣ ଲୋକ ଓ ସେମାନଙ୍କ ଜୀବନଜୀବିକା ଉପରେ ଆକ୍ରମଣ କରିଛି। ଏହାର ପ୍ରତିବାଦରେ ଆସନ୍ତା ଜୁଲାଇ ୯ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ସଫଳ କରିବାକୁ ଶାହା ଆହ୍ୱାନ ଦେଇଥିଲେ।

ଫେଡେରେଶନର ରାଜ୍ୟ ସଭାପତି ପତି କହିଲେ, ପୂର୍ବେ ଅଶୋଧିତ ପେଟ୍ରୋଲିୟମ ଉଚ୍ଚାଦର ଥିବା ବେଳେ ଇନ୍ଧନ ୫୦/୬୦ ଟଙ୍କା ଫରକ ରହୁଥିଲା। ହେଲେ ବର୍ତ୍ତମାନ କଚା ତୈଳ ୫୯ ଡଲାରକୁ ଖସିଆସିଥିବା ବେଳେ ଭାରତରେ ଉଚ୍ଚା ଦରରେ ଇନ୍ଧନ ବିକ୍ରି ହେଉଛି। ଏହାସହ ଜାତୀୟ ଓ ରାଜ୍ୟ ରାଜପଥରେ ବହୁତ କମ୍ ବ୍ୟବଧାନରେ ଟୋଲ ଯୋଗୁ ଯାତ୍ରୀ ଓ ପରିବହନ କର୍ମୀ ଆର୍ଥିକ କ୍ଷତି ସହୁଛନ୍ତି। ଭାରିଯାନ ଗୁଡ଼ିକ ଅଧିକ ଟିକସ ଦେଉଥିବା ବେଳେ ଚାଳକମାନଙ୍କ ନିର୍ଦ୍ଦିଷ୍ଟ ଦରମା, ପିଏଫ୍, ସ୍ୱାସ୍ଥ୍ୟବୀମା ଆଦି ଉପରେ ସରକାର ଦୃଷ୍ଟି ଦେଉନାହାନ୍ତି। ଲୋକେ ଉଚ୍ଚ ଟ୍ୟାକ୍ସ ଦେଉଥିବା ବେଳେ ପରିବହନ ଶ୍ରମିକ କୌଣସି ପ୍ରକାର ଲାଭାନ୍ୱିତ ହେଉନାହାନ୍ତି। କୃଷି ପରେ ପରିବହନ କ୍ଷେତ୍ରରେ ରାଜ୍ୟରେ ଅଧିକ ରୋଜଗାର ଉତ୍ପନ୍ନ ହେଉଛି। ରାଜ୍ୟରେ ୫ଲକ୍ଷ ଭାରିଯାନ ଚଳାଚଳ କରୁଛି। ହେଲେ ସେମାନଙ୍କୁ ଚାକିରିରେ କୌଣସି ସର୍ତ୍ତାବଳୀ ଓ ଆର୍ଥିକ ସୁରକ୍ଷା ପ୍ରଦାନ କରାଯାଉନାହିଁ। ସୁତରାଂ ପରିବହନ ଶିଳ୍ପ ଭାଜପା ଶାସନ କାଳରେ କୋଣଠେସା ହୋଇଛି। ରାଜ୍ୟ ସରକାର ପରିବହନ ଶ୍ରମିକଙ୍କୁ ପିଏଫ୍ ଏବଂ ସ୍ୱାସ୍ଥ୍ୟବୀମା ପ୍ରଦାନ କରନ୍ତୁ। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ପତି କହିଥିଲେ। ଉକ୍ତ ସମ୍ମିଳନୀରେ ସିଆଇଟିୟୁ ସର୍ବଭାରତୀୟ ଉପାଧକ୍ଷ ତଥା ଫେଡେରେଶନର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ସଙ୍ଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସାଧାରଣ ସମ୍ପାଦକ ଉଲ୍ଲାସ ସ୍ୱାଇଁ ରାଜନୈତିକ ଏବଂ ସାଙ୍ଗଠନିକ ଚିଠା ଉପସ୍ଥାପନ କରିଥିଲେ। ଅପରାହ୍ନ ୩ଟାରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ୩୧ଜଣିଆ ରାଜ୍ୟ କମିଟି ଆଗାମୀ ବର୍ଷ ପାଇଁ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲା। ଜନାର୍ଦ୍ଦନ ପତି ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ ସଭାପତି ବିଷ୍ଣୁ ମହାନ୍ତି, ସାଧାରଣ ସମ୍ପାଦକ ଉଲ୍ଲାସ ସ୍ୱାଇଁ, ଉପସଭାପତି ଭାବେ ବିମାନ ମାଇତି, ପ୍ରଭାତ ପଣ୍ଡା, ରାଜକିଶୋର ଲେଙ୍କା ପ୍ରମୁଖ ନିର୍ବାଚିତ ହୋଇଥିଲେ। ଅପରାହ୍ନ ୫ଟାରେ ନୂଆ ବସଷ୍ଟାଣ୍ଡରେ ଆୟୋଜିତ ଖୋଲା ଅଧିବେଶନରେ ନେତୃ ମଣ୍ଡଳୀଙ୍କ ସମେତ ପରିବହନ ଶ୍ରମିକ ସାମିଲ ହୋଇଥିଲେ। ରାଉରକେଲା ମିନି ବସ୍ ଆସୋସିଏଶନ, ସୁନ୍ଦରଗଡ଼ ମାଇନ୍ସ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନର ରାଜକିଶୋର ପ୍ରଧାନ, ଅକ୍ଷୟ ମହାନ୍ତି, ଅରୁଣ ମହାରଣା, ଶୁଭେନ୍ଦୁ ମହାନ୍ତି, ବି. ପି. ମହାପାତ୍ର, ମୀନକେତନ ରାଉତରାୟ, ଅଶୋକ ସାମଲ, ଅଜୟ ଶର୍ମା, ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝୀ, ଏନ୍. ଏନ୍. ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।



ଆଦର୍ଶ ପାଠାଗାରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ମଠେଶ୍ୱର ମନ୍ଦିରରେ ମହାରୁଦ୍ର ଯଜ୍ଞ**

ପଡିଆବାହାଲ,(ରାଧାମୋହନ ଷଡଙ୍ଗୀ) : ସମ୍ବଲପୁର ଜିଲା ଜମନକିରା ବ୍ଲକ ଖରସନମାଲ ପଞ୍ଚାୟତ ମଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମହାରୁଦ୍ର ଯଜ୍ଞ ଶନିବାର କଳସ ଯାତ୍ରା, ଅଙ୍କୁରରୋପଣରୁ ଆରମ୍ଭ ହୋଇଛି। ପଣ୍ଡିତ ଶାଶ୍ୱତ ବଡ଼ପଣ୍ଡା, ପ୍ରଶାନ୍ତ ନାୟକ, ଅଜୟ ନାୟକ, ଶ୍ରୀକାନ୍ତ ପଣ୍ଡାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମରେ ସହଦେବ ବେହେରା ଓ ତାଙ୍କ ପତ୍ନୀ ମଦନବତୀ, ସୁଶାନ୍ତ ପଟେଲ ଓ ତାଙ୍କ ଧର୍ମପତ୍ନୀ ମିନତୀ, ନିରଞ୍ଜନ ମିର୍ଦ୍ଧା ଓ ତାଙ୍କ ପତ୍ନୀ ସୁଶୀଳା କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଖାରଖଣ୍ଡ ରାମରେଖା ପୀଠର ବାବା ଏବଂ କୁନ୍ତରାର ଜୀବନ ଚୈତନ୍ୟ ବାବାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହେଉଛି।

# ଉତ୍କୃଷ୍ଟମାନ ପାଇଁ ଓଡ଼ିଶା କେନ୍ଦୁପତ୍ରର ଚାହିଦା ଅଛି



କେନ୍ଦୁପତ୍ର ଗ୍ରାହକ ସମ୍ପ୍ରସାରଣ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର,୨୨।୬(ପ୍ରମୋଦ ବହିଦାର)

ଉତ୍କୃଷ୍ଟ ମାନ ପାଇଁ ଓଡ଼ିଶାରେ ଉତ୍ପାଦିତ କେନ୍ଦୁପତ୍ରର ଚାହିଦା ରହିଛି। ଠିକ୍ ଭାବେ ବନ୍ଧେଇ ହୋଇପାରିଲେ ଏହା ଅଧିକ ମୂଲ୍ୟରେ ବିକ୍ରୀ ହୋଇପାରିବ। ସମ୍ବଲପୁର ଅଇଁଠାପାଲିରେ ଏକ ହୋଟେଲରେ ରବିବାର ଅନୁଷ୍ଠିତ କେନ୍ଦୁପତ୍ର ଗ୍ରାହକ ସମ୍ପ୍ରସାରଣ କର୍ମଶାଳାରେ ଅତିଥିଭାବେ ଯୋଗଦେଇ ଓଡ଼ିଶା କେନ୍ଦୁପତ୍ର ଗ୍ରାହକ ସଂଘ ସଭାପତି ବିଜୟ ସିଙ୍ଗଲାସେ କହିଛନ୍ତି।

ଓଡ଼ିଶା ବନ ଉନ୍ନୟନ ନିଗମ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଅନୁଯାୟୀ ରବିବାର ପୂର୍ବାହ୍ନରେ ସମ୍ବଲପୁର କାବେରୀ ନିକଟସ୍ଥ ଏକ ହୋଟେଲରେ କେନ୍ଦୁପତ୍ର ଗ୍ରାହକ ସମ୍ପ୍ରସାରଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଦୀର୍ଘ ୬ ବର୍ଷର ଅନ୍ତରାଳରେ ଅନ୍‌ଲାଇନ୍ ପରିବର୍ତ୍ତେ ପୁନର୍ବାର କେନ୍ଦୁପତ୍ରର ପ୍ରତ୍ୟକ୍ଷ ନିଲାମ ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ଭାଗ ନେବାକୁ ପାଇଁ ଆସିଥିବା ପ୍ରାୟ ୫୦ ଜଣ କେନ୍ଦୁପତ୍ର ଗ୍ରାହକ ତଥା ଓଡ଼ିଶାର ୧୯ଟି ଡିଭିଜନ୍‌ର କେନ୍ଦୁପତ୍ର ନିଗମ କର୍ତ୍ତୃପକ୍ଷ ଏହି କର୍ମଶାଳାରେ ଯୋଗଦେଇଥିଲେ। ବନନିଗମ ପରିଚାଳନା ନିର୍ଦ୍ଦେଶକ ପ୍ରେମ କୁମାର ଝା ଅଭାସୀ ମାଧ୍ୟମରେ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର କେନ୍ଦୁପତ୍ର ଜୋନ୍ ମୁଖ୍ୟ ପ୍ରବନ୍ଧକ ଟି.ଅଶୋକ କୁମାର ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ଅନ୍ୟତମ ଅତିଥି ମୁଖ୍ୟ ବନ ସଂରକ୍ଷିକା ଉମା ନନ୍ଦୁରୀ ଆଭାସୀ ମାଧ୍ୟମରେ କର୍ମଶାଳାରେ ଯୋଗଦେଇ କେନ୍ଦୁପତ୍ର ବାଣିଜ୍ୟ ଉନ୍ନତୀକରଣ ଓ ଅଭିବୃଦ୍ଧି ପାଇଁ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ବଲପୁର ମଣ୍ଡଳ ମୁଖ୍ୟ ବନ ସଂରକ୍ଷକ ସୁଦର୍ଶନ ବେହେରା ଉତ୍ତମ ଗ୍ରାହକ ସମ୍ପର୍କ ସ୍ଥାପନ ସହିତ କେନ୍ଦୁପତ୍ର

**କେନ୍ଦୁପତ୍ର ଗ୍ରାହକ ସମ୍ପ୍ରସାରଣ କର୍ମଶାଳା**

ସଂଗ୍ରହ ଓ ବିକ୍ରୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସମ୍ବଲପୁର ସହିତ ଝାରସୁଗୁଡ଼ା, ଦେବଗଡ଼, କୁଚିଣ୍ଡା, ରାଉରକେଲା ଏବଂ ରେଢ଼ାଖୋଲ ମିଶି ସମ୍ବଲପୁର କେନ୍ଦୁପତ୍ର ମଣ୍ଡଳର ୬ ବନଖଣ୍ଡ ଅଧିକାରୀ କେନ୍ଦୁପତ୍ର ସଂଗ୍ରହ ଗଛିତ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ସେହିପରି ସମ୍ବଲପୁର ବନଖଣ୍ଡର ୫ ଖଣ୍ଡିୟ ନିଗମ ପ୍ରବନ୍ଧକ ବନଖଣ୍ଡର କେନ୍ଦୁପତ୍ର ବିକ୍ରୟ ସମ୍ପର୍କିତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଗ୍ରାହକମାନଙ୍କ ବିଭିନ୍ନ ସମସ୍ୟା ନେଇ ଗ୍ରାହକ ସଂଘ ପକ୍ଷରୁ ଓଡ଼ିଶା ବନ ଉନ୍ନୟନ ନିଗମ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅପରପକ୍ଷରେ ଉପସ୍ଥିତ କେନ୍ଦୁପତ୍ର ନିଗମ ଅଧିକାରୀମାନେ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କେନ୍ଦୁପତ୍ର ନିଗମ ଖଣ୍ଡିୟ ପ୍ରବନ୍ଧକ ଦିଲୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ପବ୍ଲିକ ଲାଇବ୍ରେରିରେ ଯୁବପ୍ରସ୍ତୁତି ପ୍ରଶିକ୍ଷଣ


ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକଙ୍କ ସହ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୨୨।୬(ବି.ଶଙ୍କର)

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ରବିବାର ସକାଳ ୯ଟାରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ନିଜସ୍ୱ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପୂଜାର୍ଚ୍ଚନା ଓ ପ୍ରାର୍ଥନାପରେ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କୁ ମୌଳିକ ଇଂରାଜୀ ଶିକ୍ଷାଦାନ ପରେ ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଆଧାରରେ ହୋଇଥିଲା। ଯୋଗଗୁରୁ ଡାକ୍ତର ଜୟଦେବ ମେହେର ଓ ତାଙ୍କ ସାଥୀମାନେ ଛାତ୍ରୀଛାତ୍ରମାନଙ୍କୁ ଯୋଗର ବିଭିନ୍ନ ମୁଦ୍ରାକୁ ଆଭାସ କରାଇ ତାର ଉପଯୋଗିତା ଉପରେ ବୁଝେଇଥିଲେ। ଦ୍ୱିତୀୟ ଅଧିବେଶନରେ ସମ୍ବଲପୁର ଆଇଆଇଏମର ଶିକ୍ଷୟିତ୍ରୀ ଶିବାନୀ ଦାଶ ପ୍ରଶିକ୍ଷକଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଦଳଗତ ଆଲୋଚନା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ତିଆରି କରିବା ଆବଶ୍ୟକତା ରହିଛି। ଯାହାକି ପରବର୍ତ୍ତୀ ସମୟରେ ଛାତ୍ରୀଛାତ୍ରମାନଙ୍କୁ ସଫଳତାର ମାଧ୍ୟମ ହୋଇପାରିବ ବୋଲି ଶିକ୍ଷୟିତ୍ରୀ ଦାଶ ମତବ୍ୟକ୍ତ କରିଥିଲେ। ପ୍ରଫେସର ସେବକ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ଆଦିତ୍ୟ ପ୍ରସାଦ ପାଢ଼ୀ, ରଘୁନାଥ ମିଶ୍ର, ପୃଥ୍ୱୀରାଜ ମିଶ୍ର, ଅର୍ଜୁନ ରଞ୍ଜନ ପଣ୍ଡା ଓ ବିଜୟ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ୧୮ଟି ବିଦ୍ୟାଳୟରୁ ୫୮ଜଣ ଛାତ୍ରୀଛାତ୍ର ସାମିଲ ଥିଲେ ।

## ନବଙ୍କ ପୁଅଙ୍କୁ ଆୟକର ବିଭାଗର ପଚରାଉଚରା

ସମ୍ବଲପୁର,୨୨।୬ (ପ୍ରମୋଦ ବହିଦାର)

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି। ୪ଦିନ ହେବ ଏହି ଯାଞ୍ଚ ପ୍ରକ୍ରିୟା ଚାଲିଥିବା ବେଳେ ଆୟକର ବିଭାଗ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ଦିଆଯାଇନାହିଁ। ତେବେ ଏହି ଲିଙ୍କ୍‌ରେ ନବଙ୍କ ପୁଅ ବିଶାଲ ଦାସଙ୍କୁ ଆୟକର ଅଧିକାରୀମାନେ ପଚରାଉଚରା କରିଥିବା ରବିବାର ସୂଚନା ମିଳିଛି। ଆଗକୁ ନବଙ୍କ ଝିଅ ଦିପାଲୀ ଦାସଙ୍କୁ ଆୟକର ପକ୍ଷରୁ ପଚରାଉଚରା କରାଯାଇପାରେ ବୋଲି ଜଣାପଡିଛି।

# ଗୁରୁ ସତ୍ୟନାରାୟଣଙ୍କୁ ଉଚିତ ସମ୍ମାନ ମିଳୁ


ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଦସ୍ୟମାନେ।

ସମ୍ବଲପୁର,୨୨।୬(ଭବାନୀ ଶଙ୍କର ଭୋଇ)

ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ୧ରେ ସମ୍ବଲପୁରରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁରୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଗୁରୁ ସତ୍ୟନାରାୟଣଙ୍କ ଅବଦାନ ବିଷୟରେ ଆଲୋଚନା କରାଯାଇଥିଲା। ଆଜି ସମ୍ବଲପୁରୀ ପାଇଁ ସାରା ଓଡ଼ିଶାବାସୀ ଗର୍ବ ଅନୁଭବ କରୁଛନ୍ତି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଗୁରୁ ସତ୍ୟନାରାୟଣଙ୍କୁ ସରକାରୀସ୍ତରରେ ଯେଭଳି ସମ୍ମାନ

**ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ପ୍ରସ୍ତୁତି**

ଦିଆଯିବା କଥା ତାହା ଆଜି ପର୍ଯ୍ୟନ୍ତ ହୋଇ ପାରି ନ ଥିବାରୁ ଦୁଃଖପ୍ରକାଶ କରାଯାଇଥିଲା। ଗୁରୁ ବହିଦାରଙ୍କ ସ୍ମୃତିରେ ସମ୍ବଲପୁର ଜେଲ ଛକ ନିକଟରେ ସ୍ଥାପିତ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାକୁ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଦର୍ଶନ ଏବଂ ଗୁରୁଙ୍କ ସ୍ମୃତି ରକ୍ଷା ପାଇଁ ବିକାଶ କରାଯିବାକୁ ବୈଠକରେ ଦାବି କରାଯାଇଥିଲା। ଏନେଇ ଏକ ପ୍ରତିନିଧି ମଣ୍ଡଳ ମୁଖ୍ୟମନ୍ତ୍ରୀ ଏବଂ ସମ୍ବଲପୁର ଏମ୍‌ପିଙ୍କୁ ଭେଟି ଦାବି ଜଣାଇବାକୁ ବୈଠକରେ ସ୍ଥିର କରାଯାଇଥିଲା। ଡେରା ପରିସରରେ ସମ୍ବଲପୁରୀ ହସ୍ତଶିଳ୍ପ ଏବଂ ହସ୍ତତନ୍ତ୍ର ବିକ୍ରି ସହ ସମ୍ବଲପୁରୀ ପୁସ୍ତକାଳୟ ଏବଂ ସମ୍ବଲପୁରୀ ସଂସ୍କୃତିର ସଂଗ୍ରହାଳୟ ପାଇଁ ବହୁତଳ ପ୍ରସାଦ ନିର୍ମାଣ କରିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ୨୦୧୩ମସିହାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପ୍ରୟାସରେ ଗୁରୁ ବହିଦାରଙ୍କ ଜନ୍ମ ଶତବାର୍ଷିକୀ ପାଳନ ବର୍ଷଠାରୁ ଅଗଷ୍ଟ ୧ରେ ସମ୍ବଲପୁରୀ ଦିନ ପାଳନ କରାଯାଇ ଆସୁଛି। ଏହାପରଠାରୁ ସମ୍ବଲପୁରୀ କପଡାର ଚାହିଦା ବହୁମାତ୍ରାରେ ବୃଦ୍ଧି ପାଇଥିବା ବେଳେ ସମ୍ବଲପୁରୀ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ବହୁ ସଙ୍ଗଠନ ଆଗଭର ହୋଇଛନ୍ତି। ସମ୍ବଲପୁରୀ ଦିନ ଏବେ ଅର୍ନ୍ତଜାତୀୟସ୍ତରରେ ପହଞ୍ଚିଥିବା ଏକତା ମଞ୍ଚ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି କହିଥିଲେ। ସମ୍ବଲପୁରୀ ଦିନରେ ଲୋକେ ନୂଆ ସମ୍ବଲପୁରୀ କପଡା ପିନ୍ଧୁଥିବାରୁ ବୁଣାକାରମାନେ ଲାଭବାନ ହୋଇ ପାରୁଛନ୍ତି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଆୟୋଜନ ହେଉଥିବା ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ବୈଠକରେ ଲଳିତା ଭୋଇ, ଝୁନୁ ତ୍ରିପାଠୀ, ସୁଷମା ପ୍ରଧାନ, ଅଳକା ମହାପାତ୍ର, ଭୁମିସୁତା ମେହେର, ରାହୁଲ ଗୁପ୍ତା, ଅମିତାଭ ମାଝୀ, ସୁବୋଧ କୁମାର ଦୋରା, ପ୍ରଥମ କୁମାର ପଣ୍ଡା, ଭବାନୀ ଶଙ୍କର ମେହେର, ଦଶରଥ ମେହେର, ରାମଦାସ ପଣ୍ଡା ସାମିଲ ରହିଥିଲେ।

## ୩ଶହ ବୋତଲ କଫ୍‌ସିରପ ଜବତ, ୨ ଗିରଫ

ସମ୍ବଲପୁର,୨୨।୬(ପ୍ରମୋଦ ବହିଦାର)

ସମ୍ବଲପୁର ସହର ଲକ୍ଷ୍ମୀଟକିଜ ଛକ ଓ ଅଇଁଠାପାଲି ଛକର ୨ଟି ସ୍ଥାନରେ ରବିବାର ଅବକାରୀ ବିଭାଗ ଚଢାଉ କରି ବ୍ୟାପକ ପରିମାଣର ନିଶା କଫ୍ ସିରପ୍ ବୋତଲ ଜବତ କରିଛି। ଚଲାଣ କରୁଥିବା ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ହୀରାକୁଦ ଥାନା ଗଡ଼ମୁଣ୍ଡାର ଜନ୍ମେଜୟ ଓରାମ(୩୧) ଲକ୍ଷ୍ମୀଟକିଜ ଛକର ନକୁଳ ଖଡ଼ିଆ (୩୦)। ସେମାନଙ୍କ ନିକଟରୁ ପୃଥକ ଭାବେ ଦୁଇଟି ବସ୍ତାରେ ଯଥାକ୍ରମେ ୧୮୦ ଓ ୧୨୦ ବୋତଲ ଏହିପରି ୩ ଶହ ବୋତଲ କଫ୍‌ସିରପ ଜବତ କରାଯାଇଛି। ପୃଥକ ଦୁଇଟି ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା, ପ୍ରଦୀପ ପ୍ରଜ୍ୱଳନ

ସମ୍ବଲପୁର,୨୨।୬(ପ୍ରମୋଦ ବହିଦାର)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଅରୋଗ୍ୟ କାମନା ପୂର୍ବକ ସମ୍ବଲପୁର ବିଜେଡି ପକ୍ଷରୁ ମା' ସମଲେଶ୍ୱରୀଙ୍କ ପୀଠରେ ରବିବାର ସାମୂହିକ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ସର୍ଭାଇକଲ ଆର୍ଥ୍ରାଇଟିସ୍‌ରେ ପୀଡ଼ିତ ଥିବା ନବୀନଙ୍କ ମୁମ୍ବାଇର କୋକିଲାବେନ୍ ଧିରୁଭାଇ ଅମ୍ବାନୀ ଚିକିତ୍ସାଳୟରେ ରବିବାର ଅସ୍ତ୍ରୋପଚାର କରାଯାଇଛି। ଏଥିପାଇଁ ସକାଳେ ବିଜେଡିର ପୂର୍ବତନ ସମ୍ବଲପୁର ଜିଲା ସଭାପତି ଇଂ. ସିଦ୍ଧାର୍ଥ ଦାସଙ୍କ ନେତୃତ୍ୱରେ ସମଲେଶ୍ୱରୀ ପୀଠରେ ପୂଜାର୍ଚ୍ଚନା ପୂର୍ବକ ସମୂହିକ ପ୍ରଦୀପ ପ୍ରଜ୍ୱଳନ କରି ଦଳୀୟ ନେତା

**ସମଲେଇ ପୀଠରେ ବିଜେଡିର କାର୍ଯ୍ୟକ୍ରମ**

ଓ କର୍ମୀ ତାଙ୍କର ଆଶୁଆରୋଗ୍ୟ କାମନା କରିଥିଲେ। ଏଥିରେ ବିଜେଡି ଜିଲା ଉପସଭାପତି ଅଶୋକ କୁମାର ମହାକୁର, ଜିଲା ସାଧାରଣ ସମ୍ପାଦକ ଦିଲୀପ ଦାଶ, ସମ୍ପାଦକ ତାପସ ପଲେଇ, ଯାମିନୀ ବହିଦାର, ମହିଳା ବିଜେଡି ରାଜ୍ୟ ସମ୍ପାଦିକା ମିତାଲି ସାହୁ, ପୂର୍ବତନ ଏସଡ଼ିସି ଉପାଧ୍ୟକ୍ଷା ରାଖୀ ମୁଣ୍ଡା, ମହିଳା ବିଜେଡି ଜିଲା ଅଧ୍ୟକ୍ଷା ସୁବର୍ଣ୍ଣ ନାୟକ, ବରିଷ୍ଠ ନେତା ନାସୀର ଖାନ୍, ଭରତ ସୁନା, ଯୁବ ନେତା ଲିଙ୍ଗରାଜ ତ୍ରିପାଠୀ, ଇଂ. ନିଶିଥ ଆକାଶ, ଇଂ. ଦୀନେଶ ସେଠ୍, ବିନୋଦ ଟପ୍ପୋ, ପ୍ରମୁଖ ଉପସ୍ଥିତ ଥିଲେ।

## 'ବିନା ଜୀବନହାନୀରେ ବିପର୍ଯ୍ୟୟ ପରିଚାଳନା ହୋଇଛି'

ସମ୍ବଲପୁର,୨୨।୬(ଭବାନୀ ଶଙ୍କର ଭୋଇ)

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରବିବାର ସମଲେଇ ମନ୍ଦିରରେ ଦର୍ଶନ ଅବସରରେ ତାଙ୍କ ବିଭାଗର ଗୋଟିଏ ବର୍ଷର କାର୍ଯ୍ୟକୁ ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମା' ସମଲେଇଙ୍କଠାରୁ ଆଶୀର୍ବାଦ ନେଇ କାମ ଆରମ୍ଭ ହୋଇଥିଲା। ତେଣୁ ବର୍ଷକ ପରେ ମା'ଙ୍କ ଦର୍ଶନ କରି ନିଜ କାମର ହିସାବ ଲୋକଙ୍କୁ ଦେବାକୁ ଆସିଥିବା କହିଛନ୍ତି। ଓଡ଼ିଶା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସାମନା କରୁଛି। ଗତ ବର୍ଷକ ଭିତରେ ଅଦିନିଆ ବର୍ଷା, ବାତ୍ୟା ଏବଂ ପ୍ରଚଣ୍ଡ ଗ୍ରୀଷ୍ମତାପ ଆସିଥିଲା। ବିନା ଜୀବନହାନିରେ ଗତ ବର୍ଷକରେ ବିଭାଗ କାମ କରିବାରେ ସଫଳତା ହାସଲ କରିଛି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ କାମରେ ଅନେକ ପରିବର୍ତ୍ତନ ଅଣାଯାଇଥିବା ମନ୍ତ୍ରୀ ପୂଜାରୀ କହିଛନ୍ତି। ଗରୀବ ଲୋକଙ୍କ ପାଇଁ ବସୁନ୍ଧରା ପଟା ଦେବାଠାରୁ ଆରମ୍ଭ କରି ଜମିପଟାରେ ମୃତ ଲୋକଙ୍କ ନାମ ସଂଶୋଧନ, ନୂତନ ରାଜସ୍ୱ ଗ୍ରାମ ମାନ୍ୟତା ଏବଂ ହୀରାକୁଦ ବୁଡି ଲୋକଙ୍କୁ ଜମିପଟା ପ୍ରଦାନ ପର୍ଯ୍ୟନ୍ତ କାର୍ଯ୍ୟ ବିଭାଗ ତରଫରୁ କରାଯାଇଥିବା ସେ କହିଛନ୍ତି ।

# ରାଜକିଶୋର ସଭାପତି, ଦେବାଶିଷ ସମ୍ପାଦକ

ସମ୍ବଲପୁର,୨୨।୬(ପ୍ରମୋଦ ବହିଦାର)

ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଜକିଶୋର ଜାଜୋଡ଼ିଆ ଓ ସମ୍ପାଦକ ଭାବେ ଦେବାଶିଷ ନନ୍ଦ ନିର୍ବାଚିତ ହୋଇଛନ୍ତି। ବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ପୁରାତନ ଛାତ୍ର ସଂସଦ ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଛାତ୍ର ସଂସଦ ପୃଷ୍ଠପୋଷକ ଓ ଆଜୀବନ ସଦସ୍ୟମାନଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁସାରେ ଆଗାମୀ ୨୦୨୫ରୁ ୨୦୨୭ ବର୍ଷ ପାଇଁ ନୂତନ କମିଟି ପାଇଁ ନିର୍ବାଚନ ହୋଇଥିଲା। ଉପସଭାପତି ରମେଶ ଚନ୍ଦ୍ର ଆଚାର୍ଯ୍ୟ

**ବୁର୍ଲା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦନିର୍ବାଚନ**

ଓ କାଳୁ ଚରଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ରଶ୍ମିରଞ୍ଜନ ଶତପଥୀ ଓ ଡ. ଦେବେନ୍ଦ୍ର ମହାଲିକ, କୋଷାଧ୍ୟକ୍ଷ ଭାବେ ନୟନ କୁମାର ନାୟକ, କାର୍ଯ୍ୟାଳୟ ପରିଚାଳକ ଭାବେ ଅନୁପ କୁମାର ପଣ୍ଡା, ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ପଟ୍ଟନାୟକଙ୍କ, ଉପଦେଷ୍ଟା ଭାବେ ଇଂ. ସୁରେନ୍ଦ୍ର ସିଂ କାବଲି, ଇଂ. ବିଭୂତି ଭୁଷଣ ପଣ୍ଡା, ସୁରେଶ ଚନ୍ଦ୍ର ପଣ୍ଡା, ଦେବେନ୍ଦ୍ର କପାନି, ଆସ୍ତିକ ପ୍ରସାଦ ମୁଣ୍ଡ, ହରିଶ୍ ଚନ୍ଦ୍ର ବାଲି ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ ସଭ୍ୟଭାବେ ଭୁବନେଶ୍ୱରର ସିଏ ପ୍ରସାନ୍ତ କୁମାର ପଣ୍ଡା, ବୁର୍ଲାର ସୁଶାନ୍ତ କୁମାର ଗୁରୁ, ପ୍ରଦୀପ କୁମାର ମିଶ୍ର, ଆଇନଜୀବୀ ଲକ୍ଷ୍ମୀଧର ମହାନ୍ତି, ବିଷ୍ଣୁ ପ୍ରସାଦ ରକ୍ଷିତ, ପ୍ରଦ୍ୟୁମ୍ନ କୁମାର ମିଶ୍ର, ଯଦୁନନ୍ଦନ ବଡ଼ପଣ୍ଡା, ସୁବ୍ରତ କୁମାର ଶତପଥୀ, ଆଇନଜୀବୀ ଦୀପ୍ତି କୁମାର ଠାକୁର, ପ୍ରମୋଦ କୁମାର ଦାସ, ସୁବ୍ରତ କୁମାର ପଟ୍ଟନାୟକ, ହରିଶଙ୍କର ପଣ୍ଡା, ଆଇନଜୀବୀ ମୁକୁଲ କୁମାର ଦାସ, ବସନ୍ତ ନାଏକ ନିର୍ବାଚିତ ହୋଇଛନ୍ତି। ନୂତନ କମିଟି ଗଠନ ପରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଆଲୋଚନା ହୋଇଥିଲା। ବିଦ୍ୟାଳୟ କୋଠା ଉପରେ ଟିଣ ଛପର, ଆଲୁମ୍ନି ହାଉସ, ପ୍ରାଥମିକ ଶିକ୍ଷୟିତ୍ରୀମାନଙ୍କ ପାଇଁ ଶୌଚାଳୟ ଆଦି ନିର୍ମାଣ ପାଇଁ ନୂତନ କମିଟିକୁ ଦାୟିତ୍ୱ ଦିଆ ଯାଇଥିଲା। ଶେଷରେ ନବ ନିର୍ବାଚିତ ସଭାପତି ଜାଜୋଡିଆ ନିଜର ଅଭିଭାଷଣ ରଖିଥିଲେ।



ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ର ସଂସଦ କର୍ମକର୍ତ୍ତା।

# ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ଦରକାର

ସମ୍ବଲପୁର,୨୨।୬(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର କିକ୍ ବକ୍ସିଂ ଆସେସିଏଶନ ପକ୍ଷରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଚାଲିଥିବା ସତର ଦିନିଆ ନିଃଶୁଳ୍କ କିକ୍ ବକ୍ସିଂ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଆମେଚର କିକବକ୍ସିଂ ଆସେସିଏଶନ ଅଫ ଓଡ଼ିଶାର ରାଜ୍ୟ ସଭାପତି କାର୍ତ୍ତିକ ଡାକୁଆଙ୍କର ମାର୍ଗଦର୍ଶନରେ ଜିଲା କିକ୍ ବକ୍ସିଂ ଆସେସିଏଶନ ସମ୍ବଲପୁରର ସଭାପତି ଉତ୍ପଳ ଦାସଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଆୟୋଜନ କରାଯାଉଥିଲା। ଏଥିରେ ଆଖପାଖ ବସ୍ତି ଅଞ୍ଚଳର ୨୦ଜଣଙ୍କୁ ସ୍ୱତନ୍ତ୍ରଭାବେ କିକ୍‌ବକ୍ସିଂ ପ୍ରଶିକ୍ଷଣ ଦିଆଯାଇଥିଲା। ରବିବାର ଆସେସିଏଶନର ଜିଲା ସଭାପତି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଜିଲା ଓକିଲ ସଂଘ ପୂର୍ବତନ ସଭାପତି ଡ. ପ୍ରମୋଦ ରଥ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଆଇଆଇଏମ ସମ୍ବଲପୁରର ସିଏଫଓ ସୁବୋଧ କୁମାର ଦୋରା, ପଶ୍ଚିମାଞ୍ଚଳ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ଭାରତୀ ସମାଜର ଜିଲା ସଂଯୋଜକ କିଶୋର ଧରେଇ ଅତିଥିଭାବେ



ପ୍ରଶିକ୍ଷଣ ଶିବିର ଉଦଯାପନୀ ଅବସରରେ ଅତିଥିଙ୍କ ଗହଣରେ ପ୍ରଶିକ୍ଷାର୍ଥୀମାନେ।

**କିକ୍‌ବକ୍ସିଂ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ**

ଯୋଗଦେଇଥିଲେ। ପ୍ରଶିକ୍ଷଣ ନେଇଥିବା ପିଲାମାନେ ନିଜର ଅଭିଜ୍ଞତା କହିବା ସହ ଶିଖିଥିବା କଳା ପ୍ରଦର୍ଶନ କରିଥିଲେ।

ମୁଖ୍ୟ ଅତିଥି ଡ. ରଥ ଆଗକୁ ଏହି ଆତ୍ମରକ୍ଷା କଳାକୁ ଅଧିକ ପ୍ରଶିକ୍ଷଣ ନେଇ ପ୍ରତିଯୋଗିତାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ସମସ୍ତଙ୍କ ଭିତରେ ପ୍ରତିଭା ରହିଛି। ସେମାନଙ୍କ ପ୍ରତିଭାର ପ୍ରଦର୍ଶନର ସୁଯୋଗ ଦରକାର ବୋଲି ସେ କହିଥିଲେ। ସମ୍ମାନୀତ ଅତିଥି ସୁବୋଧ ଦୋରା ନିଷ୍ଠାପର ଭାବେ ପ୍ରଶିକ୍ଷଣ ନେବା ପରେ ହୋଇପାରିଥିବା ପରିବର୍ତ୍ତନକୁ ପ୍ରଶଂସା କରିଥିଲେ। ସେହିପରି ବକ୍ସିଂ ପ୍ରଶିକ୍ଷାର୍ଥୀମାନେ ୧୭ଦିନ ଭିତରେ ଶିଖିଥିବା ଶୃଙ୍ଖଳା ଏବଂ ଆତ୍ମରକ୍ଷା କୌଶଳ ଜୀବନରେ ନିଶ୍ଚିତଭାବେ ଉପଯୋଗ ହେବ ବୋଲି କହିଥିଲେ। ଏହି ଅବସରରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜାତୀୟସ୍ତରର ମାନ୍ୟତାପ୍ରାପ୍ତ କିକ୍ ବକ୍ସିଂ ରେଫରି ସୁବ୍ରତ ପ୍ରଧାନ ପ୍ରଶିକ୍ଷଣ ପ୍ରଦାନ କରିଥବାରୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଯେଉଁ ଛାତ୍ରୀଛାତ୍ରମାନେ ଦକ୍ଷତା ପ୍ରଦର୍ଶନ କରିଛନ୍ତି ସେମାନଙ୍କୁ ଆଗକୁ ମଧ୍ୟ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ ବୋଲି ଆସୋସିଏଶନର ସମ୍ବଲପୁର ସଭାପତି ଦାସ କହିଥିଲେ। ଏହାସହ ସମ୍ବଲପୁରୀ ଡେରା ପରିସରରେ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା କରାଇ ଥିବାରୁ ସେ ପଶ୍ଚିମାଞ୍ଚଳ ଏକତା ମଞ୍ଚକୁ ଧନ୍ୟବାଦ ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନରେ ଶର୍ମିଳ ସାହୁ, ଶିବାଂଶୀ ତ୍ରିପାଠୀ, ଶ୍ରୀୟାଂଶୀ ତ୍ରିପାଠୀ, ସୋମ୍ୟ ଶାଶ୍ୱତ ଭୋଇ. ସଂସ୍କାର ବାଗ, ସୁଭମ ପ୍ରଧାନ ସହଯୋଗ କରିଥିଲେ।

# 'ମତାମତ ନ ନେଇ ଖଣି ଖନନ ଉଦ୍ୟମ ହେଲେ ପ୍ରତିବାଦ ହେବ'

ବଲାଙ୍ଗୀର,୨୨।୬(ବୀରେନ୍ଦ୍ର କୁମାର ଝାଙ୍କର)

ଲୋକଙ୍କ ମତାମତ ନ ନେଇ କୋଶଳାଞ୍ଚଳର କୌଣସି ସ୍ଥାନରୁ ଖଣି ଖନନ ଉଦ୍ୟମ କରାଗଲେ ପ୍ରତିବାଦ କରାଯିବ ବୋଲି କୋଶଳ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ସ୍ଥାନୀୟ ସାମ୍ବାଦିକ ଭବନଠାରେ ରବିବାର ଖବରଦାତା ସମ୍ମିଳନୀ କରି କହିଛନ୍ତି। ସେ କହିଥିଲେ, ବଲାଙ୍ଗୀର ଜିଲା ପାଟଣାଗଡ ତହସିଲ ଅନ୍ତର୍ଗତ ପ୍ରସ୍ତାବିତ ସାଲେପାଲି ଗ୍ରାଫାଇଟ ମାଇନସ୍ ବିରୋଧରେ ବ୍ୟାପକ ପ୍ରତିକ୍ରିୟା ଆରମ୍ଭ ହୋଇଛି। ଜନଶୁଣାଣି ନ କରି ଯେଉଁଠାରେ ଖଣିଖନନ ଉଦ୍ୟମ କରାଯାଉଥିବା ଲୋକେ ଅଭିଯୋଗ କରୁଥିବା ସେ କହିଥିଲେ। ଏହି ମାଇନିଂ ବ୍ଲକ ଅନ୍ତର୍ଗତ ସାଲେପାଲି, ବାଲିପଟା, ବଥର୍ଲା, ସୋଲବନ୍ଧ, ଗଙ୍ଗାସାଗର, କପାଣି, ମାରୁଆଁ, ଧାତୁକ,



କୋଶଳ ରାଜ୍ୟ ସମନ୍ୱୟ ସମିତିର ଖବରଦାତା ସମ୍ମିଳନୀ।

ତେନ୍ତୁଳିମୁଣ୍ଡା ଗ୍ରାମପଞ୍ଚାୟତର ସାଲେପାଲି, ରହେନମାଲ, କର୍ଲାମାଲ, ଚକାମାଲ, ଘୁର୍ଲାମାଲ, ନିଲଜିବାହାଲ, ଘୁଣ୍ଡୁରିଆମୁଣ୍ଡା, କଲଙ୍ଗାପାଲି, ବାଲିପଟା, ଘୁର୍ଲିଦର୍ହ, ବଥର୍ଲା, ସୋଲବନ୍ଧ, ଝୁଲେନବର, କପାଣି, ଡୁଙ୍ଗୁରିଗୁଡା, ମୁଣ୍ଡୋଦର୍ହ, ସାନବିଜିଲିବାହାଲ, ବିଜେଲସାଥ, ଖଲିଆ, ଧାତୁକ, ବଡବାହୁରି, ବନାଇଁଚ, ଗୋଏଲପିଟା ଅଞ୍ଚଳର ଲୋକ 'ଜନ୍ମ ମାଟି ବଚାଓ ସଂଘର୍ଷ ସମିତି' ନାଁରେ ଏକ ସଙ୍ଗଠନ କରି ଖଣି ଖନନ ବିରୋଧରେ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସୋମବାର ଦିନ ପାଟଣାଗଡଠାରେ ଏକ ବିକ୍ଷୋଭ ସମାବେଶର ଆୟୋଜନ କରାଯାଇଛି। କୋଶଳ ରାଜ୍ୟ ସମନ୍ୱୟ ସମିତି ଏହି ଆନ୍ଦୋଳନକୁ ସମର୍ଥନ କରୁଛି ବୋଲି ମିଶ୍ର କହିଥିଲେ। ଏଠାକାର ଲୋକେ ଅଭିଯୋଗ କରିଛନ୍ତି, ବିନା ପଲ୍ଲୀସଭା ଓ ଗ୍ରାମସଭା ଡାକି ବିନା ଜନଶୁଣାଣିରେ ସରକାର ଉକ୍ତ ମାଇନିଂ ବ୍ଲକକୁ ତାମିଲନାଡୁର ଏକ କମ୍ପାନୀକୁ ଖଣି ନିଲାମ କରିଛନ୍ତି। ଏଠାରେ ଖଣି ଖନନ ହେଲେ ସହସ୍ରାଧିକ ଲୋକ ବିସ୍ଥାପିତ ହେବେ। ଏହି ଅଞ୍ଚଳର ପରିବେଶ ଧ୍ୱଂସ ପାଇବ। ଲୋକେ ଜୀବିକା ହରାଇବେ। ପୂର୍ବରୁ ହୀରାକୁଦ ପ୍ରକଳ୍ପରେ ସହସ୍ରାଧିକ ଲୋକଙ୍କୁ ବିସ୍ଥାପିତ କରାଯାଇଛି। ବଲାଙ୍ଗୀରର ଲୋୟର ସୁକତେଲ ବନ୍ଧ ଯୋଗୁ ଲୋକେ ବିସ୍ଥାପିତ ହୋଇଛନ୍ତି। ଅନେକ ଲୋକଙ୍କୁ ଉଚିତ କ୍ଷତିପୂରଣ ମିଳିନାହିଁ। ଯେଉଁ ଅଞ୍ଚଳରେ ବ୍ୟାପକ କପା, ପାଟଳଘଣ୍ଟା, ତରଭୁଜ ଓ ଆମ୍ବ ଉତ୍ପାଦନ ହେଉଛି ସେଠି କୃଷିଭିତ୍ତିକ ଶିଳ୍ପ ନକରି ଖଣି ଖନନ କରାଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ମିଶ୍ର ପ୍ରଶ୍ନ କରିଥିଲେ। ବିନା ଗ୍ରାମସଭା ଓ ପଲ୍ଲୀସଭା ଅନୁମୋଦନରେ କୌଣସି କମ୍ପାନୀକୁ ଖଣି ଲିଜ୍ ଦିଆଯିବା ସମ୍ବିଧାନ ବିରୋଧୀ। ଏଣୁ ବୁଦ୍ଧିଜୀବୀ, ଜନସାଧାରଣ, ବିଭିନ୍ନ ଜନସଙ୍ଗଠନ ପ୍ରତିନିଧି ଓ ନିର୍ବାଚିତ ପ୍ରତିନିଧିମାନେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏହାସହିତ ଏହି ଅବିଚାରିତ ଖଣି ଖନନ ନୀତି ଉପରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପୁନଃ ସମୀକ୍ଷା କରନ୍ତୁ ବୋଲି କେନ୍ଦ୍ରୀୟ ଅଧ୍ୟକ୍ଷ ମିଶ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଖବରଦାତା ସମ୍ମିଳନୀରେ ସମନ୍ୱୟ ସମିତିର ରବି ମିଶ୍ର, ରଣରାଜ ଫିଦେଓ ଓ ଶରତ ହୋତା ଉପସ୍ଥିତ ଥିଲେ।

# ନବମ, ଦଶମ ପିଲାଙ୍କ ଶ୍ରେଣୀ କକ୍ଷରେ ଲାଗିଲା ଏସ୍‌ସି


ଯୋଗୀସର୍ଡାଠାରେ ଥିବା ନୋଡାଲ ପିଏମ୍‌ଶ୍ରୀ ହାଇସ୍କୁଲ।

ଲୋଇସିଂହା,୨୨।୬(ସୁଶାନ୍ତ ବାରିକ)

■ ଅଧ୍ୟୟନ କରୁଛନ୍ତି ୩୪୦ ଜଣ ଛାତ୍ରୀଛାତ୍ର
■ ବାଳିକାଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନାହିଁ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ନୋଡାଲ ପିଏମ୍‌ଶ୍ରୀ ହାଇସ୍କୁଲରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଏସ୍‌ସି କକ୍ଷରେ ବସି ପାଠ ପଢିବାର ବ୍ୟବସ୍ଥା ହୋଇଛି। ବିଭିନ୍ନ କାରଣରୁ ଅଭିଭାବକମାନେ ନିଜ ପିଲାଙ୍କୁ ସରକାରୀ ସ୍କୁଲରେ ପାଠ ପଢାଇବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ହେଲେ ଗ୍ରାମାଞ୍ଚଳ ସରକାରୀ ଶିକ୍ଷାନୁଷ୍ଠାନର ଶ୍ରେଣୀ କକ୍ଷରେ ଛାତ୍ରୀଛାତ୍ରଙ୍କ ପାଇଁ ଏସ୍‌ସି ଲାଗିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠ ପଢିବା ପାଇଁ ଉତ୍ସାହ ପରିଲକ୍ଷିତ ହୋଇଛି । ଉକ୍ତ ବିଦ୍ୟାଳୟରେ ୨୦୧୭ରେ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ହୋଇଥିଲା। ୨୦୧୭ ପରଠାରୁ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଚଳିତ ଶିକ୍ଷାବର୍ଷରେ ମୋଟ ୩୪୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେଥିମଧ୍ୟରୁ ୧୮୪ ଜଣ ଛାତ୍ରୀ ଓ ୧୫୬ ଜଣ ଛାତ୍ର ରହିଛନ୍ତି । ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀରେ ୨୨୫ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଶିକ୍ଷାଦାନ ପାଇଁ ୧୬ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିୟୋଜିତ ଅଛନ୍ତି। ସେଥିମଧ୍ୟରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩ ଜଣ ଓ ହାଇସ୍କୁଲରେ ୧୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ବିଦ୍ୟାଳୟର ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଉ ଜଣେ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ୨୦୨୪ ଏପ୍ରିଲ ୧ ତାରିଖରୁ ଶିକ୍ଷକ ଡୋଲାମଣି ସାହୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇ ଆସୁଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ , ୨ ମହଲା ବିଶିଷ୍ଟ ଉକ୍ତ ଶିକ୍ଷାନୁଷ୍ଠାନର ତଳ ମହଲାରେ ଉଚ୍ଚ ପ୍ରାଥମିକ ଶ୍ରେଣୀର ଛାତ୍ରୀଛାତ୍ର ଅଧ୍ୟୟନ କରିଥାନ୍ତି। ଉପର ମହଲାରେ ହାଇସ୍କୁଲର ଛାତ୍ରୀଛାତ୍ର ପାଠ ପଢିଥାନ୍ତି। ହାଇସ୍କୁଲର ନବମ ଓ ଦଶମରେ ୪ଟି ସେକ୍ସନ ରହିଛି। ବିଦ୍ୟାଳୟର ଉନ୍ନୟନ ପାଣ୍ଠିରୁ ଚଳିତ ଗ୍ରୀଷ୍ମ ଛୁଟି ସମୟରେ ଉପରମହଲାର ୪ଟି କକ୍ଷରେ ଏସ୍‌ସି ଲଗାଯାଇଛି। ପରବର୍ତ୍ତୀ ସମୟରେ ଉଚ୍ଚ ପ୍ରାଥମିକ ଶ୍ରେଣୀରେ ମଧ ଲାଗିବ ବୋଲି ଜଣାଯାଇଛି। ଉକ୍ତ ବିଦ୍ୟାଳୟ ୨୦୨୩ ଶିକ୍ଷାବର୍ଷରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଛି । ଏହାଛଡା ୨ଥର ପ୍ରକୃତି ମିତ୍ର ଏବଂ ୨ ଥର ମାଟ୍ରିକ ପରୀକ୍ଷା ଫଳକୁ ନେଇ ପୁରସ୍କୃତ ହୋଇଛି ।

ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରହିଛି । ବିଦ୍ୟାଳୟଟି ୫-ଟିର ପ୍ରଥମ ପର୍ଯ୍ୟାୟରେ ରୂପାନ୍ତରଣ କରାଯାଇଛି। ହେଲେ ବାଳିକାମାନଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନାହିଁ । ସେହିପରି ବିଦ୍ୟାଳୟର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଶିକ୍ଷାନୁଷ୍ଠାନ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ହାଇମାକ୍ସ ଲାଇଟ୍ ଲଗାଯାଇଛି । ହେଲେ ତାହା ମରାମତି ଅଭାବରୁ ଦୀର୍ଘ ସମୟ ଧରି ଅଚଳ ହୋଇପଡିଛି। ହାଇମାକ୍ସ ଲାଇଟ ମରାମତି ଓ ବାଳିକାମାନଙ୍କ ପାଇଁ ଶୌଚାଳୟ ନିର୍ମାଣ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାହୁଙ୍କୁ ପଚାରିବାରେ ବିଦ୍ୟାଳୟର ଉନ୍ନୟନ ପାଣ୍ଠିରୁ ଏସ୍‌ସି ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଉଚ୍ଚ ପ୍ରାଥମିକ ଶ୍ରେଣୀରେ ଏସସି ଲାଗିବ ବୋଲି ସେ କହିଛନ୍ତି ।

# ସମଲେଶ୍ୱରୀ ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ

ବଲାଙ୍ଗୀର,୨୨।୬(ବୀରେନ୍ଦ୍ର କୁମାର ଝାଙ୍କର)

**ନବୀନଙ୍କ ଆଶୁ ଆରୋଗ୍ୟ କାମନା**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ବିଜେଡି ପକ୍ଷରୁ ଅଖଣ୍ଡ ଦୀପ ପ୍ରଜ୍ୱଳନ ଏବଂ ପୂଜାର୍ଚ୍ଚନା କରାଯାଇଥିଲା। ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ନିର୍ଦ୍ଦେଶ କ୍ରମେ ବିଜେଡିର ବହୁ ନେତା ଓ କର୍ମୀ ମନ୍ଦିରକୁ ଆସି ପୂଜାର୍ଚ୍ଚନା କରିଥିଲେ। ଶୁକ୍ରବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ଚିକିତ୍ସା ପାଇଁ ମୁମ୍ବାଇ ଗସ୍ତ କରିଛନ୍ତି। ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ଅବସରରେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ସହ ବରିଷ୍ଠ ବିଜେଡି ନେତା ଓମ୍‌କାର ନାୟକ, ପ୍ରଭାସ ପାଣିଗ୍ରାହୀ, ଲକ୍ଷ୍ମଣ କୁମାର ମେହେର, ଶମ୍ଭୁ ନାଗ, ରାଜେନ୍ଦ୍ର ପ୍ରସାଦ ହୋତା, ସୁମନ ନନ୍ଦ, ଗୁଞ୍ଜା ଖାନ ଉପସ୍ଥିତ ଥିଲେ ।



ସମଲେଶ୍ୱରୀ ମନ୍ଦିରରେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା କରାଯାଉଛି।

# କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ



ସମାବେଶରେ ସମରେନ୍ଦ୍ର ମିଶ୍ର ବକ୍ତବ୍ୟ ରଖୁଛନ୍ତି।

ବଲାଙ୍ଗୀର,୨୨।୬(ବୀରେନ୍ଦ୍ର କୁମାର ଝାଙ୍କର)

**ଜନ ଅଧିକାର ସୁରକ୍ଷା ପାଇଁ ସମ୍ବିଧାନ ସୁରକ୍ଷା ଜରୁରୀ: ସମରେନ୍ଦ୍ର**

ଦେଶର ସର୍ବସାଧାରଣଙ୍କ ଅଧିକାର ସୁରକ୍ଷିତ ରଖିବାକୁ ହେଲେ ସମ୍ବିଧାନ ସୁରକ୍ଷା ଜରୁରୀ ବୋଲି ଏଆଇସିସି ସଦସ୍ୟ ତଥା ଦଳୀୟ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଦେଓଗାଁ ବ୍ଲକ ଡୁମେରପିଟାଠାରେ ରବିବାର ଆୟୋଜିତ ସମ୍ବିଧାନ ବଞ୍ଚାଅ ସମାବେଶରେ କହିଥିଲେ। କଂଗ୍ରେସ ଦଳ ଲୋକଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷାକୁ ସବୁଠୁ ଅଧିକ ଗୁରୁତ୍ୱ ଦେଇଆସିଛି। ମାତ୍ର ବର୍ତ୍ତମାନର ଜନବିରୋଧୀ ଭାଜପା ସରକାର ସମ୍ବିଧାନକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରୁଛି। ଭାଜପା ସରକାର ଦେଶକୁ ଅର୍ଥନୈତିକ ସ୍ତରରେ ଦୁର୍ବଳ କରି ଚାଲିଛି । ଭୁଲ ଅର୍ଥନୈତିକ ପରିଚାଳନା କରି ସାମାଜିକ ନ୍ୟାୟ ଉପରେ ବାରମ୍ବାର ଆଘାତ କରୁଛି। ଦେଶର ଛାତ୍ର, ଯୁବକ, କୃଷକ, ଶ୍ରମିକଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଉଛି। ଏ ଦିଗରେ ଲୋକଙ୍କୁ ସଚେତନ କରି ଦେଶର ସମ୍ବିଧାନ ଓ ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ କଂଗ୍ରେସ ସମ୍ବିଧାନ ବଞ୍ଚାଅ ଅଭିଯାନ ଆରମ୍ଭ କରିଛି ବୋଲି ସେ କହିଥିଲେ। ଦେଓଗାଁ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ନେତୃତ୍ୱରେ ତଥା ପିସିସି ପର୍ଯ୍ୟବେକ୍ଷକ ପ୍ରଶାନ୍ତ ରାଉତ ଓ ପୂର୍ବତନ ବିଧାୟକ ନିମାଇଁ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମାବେଶ ପ୍ରାରମ୍ଭରେ ସମ୍ବିଧାନ ପ୍ରଣୟନ ସଭାର ଦିବଙ୍ଗତ ସଦସ୍ୟ ବଲାଙ୍ଗୀର ମାଟିର ବରପୁତ୍ର ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ସ୍ମୃତିଚାରଣ କରାଯାଇଥିଲା । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଲୋକସଭା ଏମ୍‌ପି ପ୍ରାର୍ଥୀ ମନୋଜ ମିଶ୍ର, କାର୍ଯ୍ୟକାରୀ ସଭାପତି ସନ୍ତକ ବହିଦାର, ଅଙ୍କିତ ସାହୁ, ପପୁ ପାତ୍ର, ଶ୍ରୀଧର ବାରିକ, ସୂର୍ଯ୍ୟକାନ୍ତି ଛତ୍ରିଆ, ଚିନ୍ମୟ ବେହେରା, ସଂକୀର୍ତ୍ତନ ବାଗ ବକ୍ତବ୍ୟ ରଖି କେନ୍ଦ୍ର ସରକାରଙ୍କ ସମ୍ବିଧାନ ବିରୋଧୀ ମନୋଭାବର କଠୋର ସମାଲୋଚନା କରିଥିଲେ। ସମାବେଶରେ ଜିଲା କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ର, ମନବୋଧ ହରପାଲ, ପଙ୍କଜିନୀ ଛତ୍ରିଆ, ରାମ ମିଶ୍ର, ସଞ୍ଜୁକ୍ତା ସେଠ, ଚନ୍ଦ୍ରମା ଧରୁଆ ଅସିତ ମିଶ୍ର, ନାସିର ଖାନଙ୍କ ସମେତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଯୋଗ ଓ ଧ୍ୟାନ ପ୍ରତିଦିନ କରିବାକୁ ଆହ୍ୱାନ

ଖପ୍ରାଖୋଲ,୨୨।୬(ଅଭୟ ତ୍ରିପାଠୀ)

ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ପାଳିତ ହୋଇଯାଇଛି। ବ୍ଲକସ୍ତରୀୟ ଯୋଗ ଦିବସରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମକୁମାର ସିଂ ବରିହା, ପୂର୍ବତନ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଯୋଗ ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ ଯୋଗ, ବ୍ୟାୟାମ ଓ ଧ୍ୟାନ ପ୍ରତିଦିନ କରିବାକୁ ଆହ୍ୱାନ କରିଥିଲେ। ଯୋଗ ଶିବିରରେ ବ୍ଲକ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ଗଣମାଧ୍ୟମ ପ୍ରତିନିଧି, ଅଗ୍ନିଶମ କର୍ମଚାରୀ, ବନ ବିଭାଗ କର୍ମଚାରୀ, କୃଷି ବିଭାଗ କର୍ମଚାରୀ ଯୋଗ ଦେଇଥିଲେ। ପ୍ରମୋଦ କୁମାର ବାଗ ଓ ଦୋଲାମଣି ପାଧନ ଯୋଗ ଶିକ୍ଷା ଦେଇଥିଲେ। ସେହିପରି ବିଭିନ୍ନ ପଞ୍ଚାୟତ ଓ ବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି।

# କୃଷି ବୀମା ଟଙ୍କା ବାଟମାରଣା ଅଭିଯୋଗରେ ୩ ଗିରଫ

ଖପ୍ରାଖୋଲ,୨୨।୬(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଥାନା ମାଟିଆଭଟା ପଞ୍ଚାୟତ ମାଟିଆଭଟା ଗାଁରେ ଜଣେ ଚାଷୀଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ବାଟମାରଣା ଅଭିଯୋଗରେ ୩ ଜଣଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ମାଟିଆଭଟା ଗ୍ରାମର ଦେବାନନ୍ଦ ସାହୁ, ମଧୁସୂଦନ ସାହୁ ଓ ରୋହିତ ସାହୁ। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମାଟିଆଭଟା ଗାଁର ନନ୍ଦଲାଲ ବରିହାଙ୍କ ଚାଷ ଜମିକୁ ଅନ୍ୟ ଲୋକଙ୍କ ନାଁରେ ଭାଗ ଚାଷୀ ଦେଖାଇ ଫସଲ ବୀମା କରାଇ ନେଇଥିଲେ। ଏହା ଜାଣିପାରି ଶନିବାର ଚାଷୀ ନନ୍ଦଲାଲ ଖପ୍ରାଖୋଲ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ ୧୪୧/୨୫ ରେ ଏକ ମାମଲା ରୁଜୁ କରିଛି । ତଦନ୍ତ ପରେ ଅଭିଯୁକ୍ତ ଦେବାନନ୍ଦ ସାହୁଙ୍କ ଗ୍ରାହକ ସେବା କେନ୍ଦ୍ରର ଏକ ଲାପ୍‌ଟପ୍, ଦୁଇଟି ପ୍ରିଣ୍ଟର, ଏଟିଏମ୍ କାର୍ଡ, ପ୍ରାୟ ୧୨ ହଜାର ଟଙ୍କା ପୋଲିସ ଜବତ କରିଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ

ଟିଟିଲାଗଡ,୨୨।୬(ଶରତ ମିଶ୍ର)

ଶନିବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖଅତିଥି ଭାବରେ ବିଦ୍ୟାଳୟର ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା ଯୋଗଦେଇ ଶିଶୁମାନଙ୍କୁ ଯୋଗ ଦିବସର ମହତ୍ତ୍ୱ ଏବଂ ଯୋଗ କିପରି ସବୁ ରୋଗ ଦୂର କରିଥାଏ ସେ ବିଷୟରେ କହିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ବ୍ରଜକିଶୋର ମିଶ୍ରଙ୍କ ନିର୍ଦ୍ଦେଶନାରେ ଆଚାର୍ଯ୍ୟ ସୁଧୀର ସେଲ୍ଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବରିଷ୍ଠ ଆଚାର୍ଯ୍ୟ ନିମାଇଁନନ୍ଦ ଖମାରୀ ବିଭିନ୍ନ ଆସନ ଓ ପ୍ରାଣାୟମର ଉପାଦେୟତା ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ, ସେବିକାସେବକ ଓ ଶିଶୁମାନେ ଅଂଶଗ୍ରହଣ କରିଥିଲେ।

# ବିଜେଡି ପକ୍ଷରୁ ସାମୂହିକ ଦୀପ ପ୍ରଜ୍ୱଳନ

ଟିଟିଲାଗଡ଼,୨୨।୬(ଶରତ ମିଶ୍ର)

ରବିବାର ଟିଟିଲାଗଡ ଧବଳେଶ୍ୱର ମନ୍ଦିର ପରିସରରେ ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସାମୁହିକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଦଳୀୟ କର୍ମୀମାନେ ମନ୍ଦିରରେ ଠାକୁରଙ୍କ ପୂଜା କରି ସେ ସୁସ୍ଥ ହୋଇ ଫେରି ଆସି ଓଡ଼ିଶାବାସୀଙ୍କ ସେବା କରିବାକୁ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଳ ପକ୍ଷରୁ ଅରୁଣ ମିଶ୍ର, ଖୋଲାନ ସରପଞ୍ଚ ନରେଶ ଅଗ୍ରୱାଲା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭରତ ତାଣ୍ଡି, ପୂର୍ବତନ ସରପଞ୍ଚ ଦୟାରାମ ଅଗ୍ରୱାଲା, ବ୍ଲକ ଉପାଧ୍ୟକ୍ଷ ଜଗତରାମ ରଣା, ଜଗବନ୍ଧୁ ସାହୁ, ହେମନ୍ତ ସାହୁ, ପୁସୁ ଜୈନ, ଦେବାଶିଷ ସଉରା, ଜଗଦୀଶ ମହାଲିଙ୍ଗ, ମାନସ ସାହୁ, ଗୋପାଳ ବେହେରା ଯୋଗ ଦେଇଥିଲେ । ଏହାଛଡା ବିକାଶ ପାଣିଗ୍ରାହୀ, ରାଜେଶ ପ୍ରଧାନ, ଶ୍ୟାମପ୍ରସାଦ ଗରିହା, କ୍ଷମାନିଧି ଭୂୟାଁ, ପୌର ପରିଷଦ ଉପାଧ୍ୟକ୍ଷା ପୁଷ୍ପା ମଞ୍ଜରୀ ଜାଲ, ସାବିତ୍ରୀ ବାରିକ, ବୈକୁଣ୍ଠ ନାଗ, ସଞ୍ଜୁ ଗୋଏଲ, ଉମାଦେବୀ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ରମାକାନ୍ତି ପୁଟେଲଙ୍କ ସମେତ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ ମଧ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ପୂଜା କରିଥିଲେ ।


ପୂଜା ଅବସରରେ ମନ୍ଦିର ପରିସରରେ ଦଳୀୟ କର୍ମୀମାନେ ।

# ଆଇପିଏଲର 'ଚିଠି'କୁ ନେଇ ଚିନ୍ତାରେ ଚାଷୀ

# ଚିନିକଳକୁ ଦୁର୍ନୀତି ଅଡୁଆ

ବଲାଙ୍ଗୀର,୨୨।୬(ବୀରେନ୍ଦ୍ର କୁମାର ଝାଙ୍କର)



■ ସରକାରଙ୍କ ଶୂନ୍ୟ ସହନଶୀଳ ନୀତି ଉପରେ ନଜର
■ ଚାର୍ଜଶିଟ୍ ଦାଖଲ ସରିଛି, ଚାର୍ଜଫ୍ରେମ୍ ହେଉନାହିଁ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୧୭ ତାରିଖ ଦିନ ବଲାଙ୍ଗୀର ଜିଲା ଗସ୍ତରେ ଆସି କୃଷକ ଶକ୍ତି ସମାବେଶରେ ଯୋଗ ଦେଇଥିଲେ। ଏହି ସମାବେଶରେ ସେ ପ୍ରାୟ ୧୩ ବର୍ଷ ହେଲା ବନ୍ଦ ପଡିଥିବା ବଲାଙ୍ଗୀର ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ଦେଓଗାଁସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳ ଏବଂ କଟକ ଜିଲା ବଡମ୍ବାସ୍ଥିତ ସମବାୟ ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବା ଦିଗରେ ସରକାର ଆନ୍ତରିକତାର ସହ ଉଦ୍ୟମ କରୁଥିବା ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ମାଝୀଙ୍କ ଏଭଳି ସୂଚନା ପରେ ଦେଓଗାଁ ଚିନିକଳ ପୁନଃ କାର୍ଯ୍ୟକ୍ଷମ ଆଶା ଉଜ୍ଜୀବିତ ହୋଇଥିଲା। ବଲାଙ୍ଗୀର ଗସ୍ତରୁ ଫେରିବାର ଦୁଇଦିନ ପରେ ଅର୍ଥାତ୍ ଗତ ୧୯ ତାରିଖ ଦିନ ଭୁବନେଶ୍ୱରସ୍ଥିତ ସମବାୟ ସମିତି ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରୁ ବଲାଙ୍ଗୀର ଜିଲାପାଳ ତଥା ବିଜୟାନନ୍ଦ ସମବାୟ ଚିନିକଳ ପ୍ରଶାସକଙ୍କୁ ଏହି ଚିନିକଳ ପୁନରୁଦ୍ଧାର ସଂକ୍ରାନ୍ତରେ ଚିଠି କରାଯାଇଥିଲା। ଏପରି କି ସମବାୟ ସମିତି ଅତିରିକ୍ତ ରେଜିଷ୍ଟ୍ରାର ଭକ୍ତବନ୍ଧୁ ସାହୁ ଦୁଇଦିନିଆ ବଲାଙ୍ଗୀର ଗସ୍ତରେ ଆସି ବିଜୟାନନ୍ଦ ସମବାୟ ଚିନିକଳର ତୃଣମୂଳ ସ୍ଥିତି ଯାଞ୍ଚ ଏବଂ ସର୍ଭେ କରି ଫେରିଛନ୍ତି। ଅତିରିକ୍ତ ରେଜିଷ୍ଟ୍ରାର ସାହୁ ଦେଓଗାଁ ଚିନିକଳର ଜମି ଚିହ୍ନଟିକରଣ, ଜବରଦଖଲ ସ୍ଥିତି, ମାଲିକାନା ସତ୍ତ୍ୱ ବିବରଣୀ ଏବଂ ଆନୁସଙ୍ଗିକ ବିଷୟରେ ଅନୁଧ୍ୟାନ କରିଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଏବଂ ସମବାୟ ସମିତି ଅତିରିକ୍ତ ରେଜିଷ୍ଟ୍ରାରଙ୍କ ତୃଣମୂଳ ସ୍ଥିତି ଯାଞ୍ଚ ପରେ ଦେଓଗାଁ ଚିନିକଳ ପୁନଃ କାର୍ଯ୍ୟକ୍ଷମ ଆଶା ଉଜ୍ଜୀବିତ ହୋଇଛି। ଏହି ଚିନିକଳ କାର୍ଯ୍ୟକ୍ଷମ ହେଲେ ଏହି ଅଞ୍ଚଳର ସହସ୍ରାଧିକ ଚାଷୀଙ୍କ ଆର୍ଥିକ ଉନ୍ନତି ହେବା ସହ ଜିଲାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସମ୍ଭାବନା ସମ୍ବନ୍ଧୀୟ ଆଲୋଚନା ଜୋର ଧରିଛି।

ଏଭଳି ଆଲୋଚନା ଚାଲିଥିବା ବେଳେ ଦେଓଗାଁ ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଆଗ୍ରହୀ ଇଣ୍ଡିଆନ୍ ପଟାସ ଲିମିଟେଡ୍ (ଆଇପିଏଲ)ର ଭୂମିକାପତ୍ର ଏବେ ଚର୍ଚ୍ଚାର ବିଷୟ ହୋଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରେରିତ 'ଆଇପିଏଲ'ର ଚିଠିରେ ଯେଉଁ କେତୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉଲ୍ଲେଖ କରାଯାଇଛି ତାହା ଏବେ କିଛି ଅଡୁଆ ଦିଗକୁ ସୂଚିତ କରିଛି। ଆଇପିଏଲ ଦେଓଗାଁ ଓ ବଡମ୍ବା ଚିନିକଳ ପୁନଃ କାର୍ଯ୍ୟକ୍ଷମ କରିବା ସହ ସେଠାରେ ଆନୁସଙ୍ଗିକ ପ୍ରକଳ୍ପ ଭାବେ ୧୦୦ କେଏଲପିଡି ଇଥାନଲ ଉତ୍ପାଦନ ପାଇଁ ଡିଷ୍ଟିଲାରି, ସବୁଜ ଶକ୍ତି ଏବଂ କମ୍ପ୍ରେସଡ୍ ବାୟୋଗ୍ୟାସ ପ୍ରକଳ୍ପ ବସାଇବାକୁ ଆଗ୍ରହୀ ବୋଲି ଉଲ୍ଲେଖ କରିଛି। ଉଭୟ ଚିନିକଳ ୩୦୦୦ରୁ ୩୫୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ କରାଯିବ ବୋଲି ଉଲ୍ଲେଖ କରିଛି। ୧୦୦୦ କୋଟି ପୁଞ୍ଜି ବିନିଯୋଗ କଥା କହିଛି। ତେବେ ଏସବୁ କାର୍ଯ୍ୟକାରୀ କରିବା ସକାଶେ ଦୁଇ ଚିନିକଳର ଆର୍ଥିକ ଓ ଆଇନଗତ ଝାମେଲା ନ ଥିବା ସମସ୍ତ ପ୍ରକାର ସମ୍ପତ୍ତି ହସ୍ତାନ୍ତର ପାଇଁ ରାଜ୍ୟ ସରକାରଙ୍କୁ ଆଇପିଏଲ ଅନୁରୋଧ କରିଛି। ଏଥିରେ ଆଇନଗତ ଏବଂ ଆର୍ଥିକ ସମସ୍ୟା ନ ଥିବା ଚିନିକଳ ସମ୍ପତ୍ତି ହସ୍ତାନ୍ତର ବିଷୟ ଉଲ୍ଲେଖ କରିଥିବାରୁ ଦେଓଗାଁ ବିଜୟାନନ୍ଦ ସମବାୟ ଚିନିକଳର ଦୁର୍ନୀତି ପ୍ରସଙ୍ଗ ଏବେ ପୁଣି ଥରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ବିଜୟାନନ୍ଦ ଚିନିକଳ ଘୋର ଆର୍ଥିକ ଅନିୟମିତତା ଏବଂ ଦୁର୍ନୀତି ମାମଲାରେ ଛନ୍ଦି ହୋଇରହିଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ୨୦୧୩ ମସିହାରୁ ଚିନିକଳ ଦୁର୍ନୀତି ପ୍ରସଙ୍ଗରେ ମାମଲା ରୁଜୁ କରାଯାଇଛି। ଏହି ମାମଲାର ଚାର୍ଜସିଟ୍ କେବେଠୁ ଭିଜିଲାନ୍ସ ପକ୍ଷରୁ ଦାଖଲ ହୋଇଥିଲେ ମଧ ଏଯାଏ ଚାର୍ଜଫ୍ରେମ କରାଯାଇନାହିଁ। ଭାଜପା ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳ ନୀତି କଥା କହୁଥିଲେ ମଧ ଦେଓଗାଁ ଚିନିକଳ କ୍ଷେତ୍ରରେ ଏଯାଏ ଚୁପ୍ ରହିଛନ୍ତି। ଏହି ଚିନିକଳ ଦୁର୍ନୀତି ଏବଂ ଆର୍ଥିକ ଅନିୟମିତତା ମାମଲାରେ ୩୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ବିଜୟାନନ୍ଦ ସମବାୟ ଚିନିକଳକୁ ଋଣ ଏବଂ ଆଖୁଚାଷୀଙ୍କୁ ଋଣ ଦିଆଯିବାରେ ଘୋର ଆର୍ଥିକ ଅନିୟମିତା ହୋଇଥିବା ଅଭିଯୋଗ ହୋଇଛି। ଭିଜିଲାନ୍ସ ବିଭାଗ ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରି ରାଜ୍ୟ ସରକାରଙ୍କ ଉପରେ ଦାୟିତ୍ୱ ଛାଡିଛନ୍ତି। ଏହି ମାମଲାରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ବିଜୟାନନ୍ଦ ସମବାୟ ଚିନିକଳର ଯେଉଁ ତତ୍କାଳୀନ ପଦାଧିକାରୀମାନେ ଛନ୍ଦି ହୋଇଛନ୍ତି ସେମାନଙ୍କ ବିରୋଧରେ ସରକାର କି ପଦକ୍ଷେପ ନେବେ ତା ଉପରେ ନଜର ରହିଛି। ଦେଓଗାଁ ଚିନିକଳ ଚଳାଇବା ପାଇଁ ସରକାର ଦୁର୍ନୀତି ବିରୋଧୀ ଶୂନ୍ୟ ସହନଶୀଳ ନୀତି ଆପଣେଇ କାର୍ଯ୍ୟାନୁଷ୍ଠାନ ନେବେ ନା' ଦୁର୍ନୀତି ମାମଲାକୁ ରଫାଦଫା କରିବେ ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ସଂକ୍ଷେପରେ

### ପାତାଳି ଶ୍ରୀକ୍ଷେତ୍ରରେ ରଥଯାତ୍ରା ପାଇଁ ସେବାୟତ ସଂଘ ବୈଠକ

**ଉଲୁଣ୍ଡା,୨୨।୬(ଗୌରଚନ୍ଦ୍ର ପରିଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲେଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ରରେ ରଥଯାତ୍ରା ପାଇଁ ସେବାୟତ ସଂଘର ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସେବାୟତ ସଂଘ ସଭାପତି ଗୋପାଳ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ରଘୁନାଥ ଜଗଦଲା, ଟ୍ରଷ୍ଟ ସମ୍ପାଦକ ଉତ୍ତର ପାତ୍ର ଯୋଗଦେଇଥିଲେ। ବୈଠକରେ ରଥଯାତ୍ରାକୁ ସରସ ସୁନ୍ଦର୍ କରିବା, ଶୃଙ୍ଖଳିତ କରିବା, ନୀତି ନିର୍ଘଣ୍ଟ, ପହଣ୍ଡି ପାଇଁ ଦାୟିତ୍ୱ ବଣ୍ଟନ, ଛେରା ପହରା, ରଥଟଣା ଉପରେ ଆଲୋଚନା ହୋଇଥିଲା।ଚଳିତ ବର୍ଷ ରଥଯାତ୍ରାରେ ପବନାଶ୍ରମ, ମାହେଶ୍ୱରୀ ସେନାଙ୍କ ସମେତ ତିନୋଟି ସଙ୍ଗଠନ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ବିଧାୟକ ଭବ୍ୟ ମନ୍ଦିରକୁ ପୁରୀ ଢାଞ୍ଚାରେ ନିର୍ମାଣ ସହ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସଭା ପରିଚାଳନା କରିଥିବା ବେଳେ ସମସ୍ତ ସେବାୟତ, ପାତାଳୀ ସେନା ଏବଂ ଟ୍ରଷ୍ଟର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଏହି ଅବସରରେ ସେବାୟତ ସଂଘ ପକ୍ଷରୁ ସେବାୟତ ଭବନ ନିର୍ମାଣ ପାଇଁ ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

### ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘ ପଥପ୍ରାନ୍ତ ସଭା

**ବିନିକା, ୨୨।୬(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ ରବିବାର ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନ କ୍ରମେ ବିନିକା ବ୍ଲକ ଛକଠାରେ ଖଣ୍ଡ ସଂଯୋଜକ ବିଶ୍ୱନାଥ ମିଶ୍ରଙ୍କ ନେତୃତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସଂଘର ଜିଲା ସଂଯୋଜକ ଉଦ୍ଧବ ପଧାନ ସଭାରେ ଯୋଗଦେଇ କହିଥିଲେ, ଯେପର୍ଯ୍ୟନ୍ତ ରାଜ୍ୟ ସରକାର ୧।୬।୨୦୦୮ରିଖରୁ ୧।୬।୨୦୧୮ ମସିହା ପର୍ଯ୍ୟନ୍ତ ଅନୁଦାନ ନିମନ୍ତେ ନୀତିଗତ ନିଷ୍ପତ୍ତି ନେଇ ନାହାନ୍ତି ସେ ପର୍ଯ୍ୟନ୍ତ ଏ ଅନୁଦାନ ନିମିତ୍ତ ଲଢ଼େଇ ସମଗ୍ର ରାଜ୍ୟରେ ଜାରି ରହିବ। ସଭାରେ ସଂଘ ସଦସ୍ୟ ମାନସ ରଞ୍ଜନ ମିଶ୍ର, ମାନସ କୁମାର ନାୟକ, ଉଲୁଣ୍ଡା ବ୍ଲକ ଖଣ୍ଡ ସଂଯୋଜକ ସୁଶାନ୍ତ ଦେହୁରୀ, ପୁରୁଷମ ମେହେର, ଭୁବନେଶ୍ୱର ସାହୁ, ପ୍ରିୟରଞ୍ଜନ ହୋତା, ଶରତ କଅଁର, ଆଶିଷ ଭୋଇ, ବାଳମକୁନ୍ଦ ବାରିକ, ସରୋଜ କୁମାର ବିଶି, ସୁଜିତ ଭୋଇ, ସୁମନ୍ତ ସାହୁ, ଟଙ୍କଧର ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଯୋଗ, ଧ୍ୟାନ ପ୍ରତିଦିନ କରିବାକୁ ଆହ୍ୱାନ

**ଖପ୍ରାଖୋଲ,୨୨।୬(ଅଭୟ ତ୍ରିପାଠୀ)**

ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ପାଳିତ ହୋଇଯାଇଛି। ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମକୁମାର ସିଂ ବରିହା, ପୂର୍ବତନ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗ, ବ୍ୟାୟାମ ଓ ଧ୍ୟାନ ପ୍ରତିଦିନ କରିବାକୁ ଆହ୍ୱାନ କରିଥିଲେ। ଯୋଗ ଶିବିରରେ ବ୍ଲକ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ଗଣମାଧ୍ୟମ ପ୍ରତିନିଧି, ଅଗ୍ନିଶମ କର୍ମଚାରୀ, ବନ ବିଭାଗ କର୍ମଚାରୀ, କୃଷି ବିଭାଗ କର୍ମଚାରୀ ଯୋଗ ଦେଇଥିଲେ। ପ୍ରମୋଦ କୁମାର ବାଗ ଓ ଦୋଲାମଣି ପାଧନ ଯୋଗ ଶିକ୍ଷା ଦେଇଥିଲେ। ସେହିପରି ବିଭିନ୍ନ ପଞ୍ଚାୟତ ଓ ବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି।

# ମଦ୍ୟପାନ କରି ଗାଡି ଚାଳନାକୁ ନା

## ଡ୍ରାଇଭରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ

**ସୋନପୁର,୨୨।୬(ମୃତ୍ୟୁଞ୍ଜୟ ଶତପଥୀ)**

ଡ୍ରାଇଭରମାନେ ମଦ୍ୟପାନ କରି ଗାଡି ଚାଳନା କରିବା ଯୋଗୁ ଅଧିକ ଦୁର୍ଘଟଣା ଘଟୁଛି। ଏଥିପାଇଁ ଜିଲା ଅବକାରୀ କାର୍ଯ୍ୟାଳୟ ପରିସରରେ ଡ୍ରଙ୍କ ଆଣ୍ଡ ଡ୍ରାଇଭ ଉପରେ ରବିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଟ୍ରକ୍, ବସ ଓ ଭ୍ୟାନ୍ ଡ୍ରାଇଭର ଅଂଶଗ୍ରହଣ କରିଥିଲେ। ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲ ସଭାରେ ଅଧ୍ୟକ୍ଷତା କରିଥିଲେ। ମାଦକ ଓ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ଓ ଅପମିଶ୍ରିତ ଚୋରା ଏବଂ ବିଷାକ୍ତ ମଦ ବିରୋଧରେ ସଚେତନତା ସୃଷ୍ଟି କରାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ଏଥିରେ ଯୋଗଦାନ କରି ମଦ୍ୟପାନ କରି ଗାଡି ଚାଳନା ନ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଉଲ୍ଲଂଘନ ହେଲେ ଗାଡି ଜବତ ସହିତ ଜେଲ ଦଣ୍ଡର ବ୍ୟବସ୍ଥା ଥିବା ସମ୍ପର୍କରେ ବୁଝାଇଥିଲେ। ମୋଟର ଯାନ ଯାଞ୍ଚ ଅଧିକାରୀ ବିଶ୍ୱ ରଞ୍ଜନ ସାହୁ ଟ୍ରାଫିକ ନିୟମ ଓ ସରକାରଙ୍କ ବିଭିନ୍ନ ଆଇନ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଲକି ଡ୍ରରେ ୧୦ଜଣ ଡ୍ରାଇଭରଙ୍କୁ ମାଗଣାରେ ହେଲମେଟ ପ୍ରଦାନ କରାଯାଇଥିଲା। ସେହିପରି ଟ୍ରାଫିକ ନିୟମ ଓ ମୋଟର ଯାନ ଆଇନ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସଠିକ୍ ଉତ୍ତର ଦେଇଥିବା ୧୦ଜଣ ଡ୍ରାଇଭରଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଅବକାରୀ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୋନପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରକାଶ ସା ଧନ୍ୟବାଦ ପ୍ରଦାନ କରିଥିଲେ।



ଜଣେ ଡ୍ରାଇଭରଙ୍କୁ ପୁରସ୍କୃତ କରାଯାଉଛି।

# ରାସ୍ତାକଡ଼ରେ ବିପଦସଙ୍କୁଳ ଅବସ୍ଥାରେ ଶୁଖିଲା ବରଗଛ



ବିପଦସଙ୍କୁଳ ଅବସ୍ଥାରେ ଥିବା ଶୁଖିଲା ବରଗଛ।

**ବୀରମହାରାଜପୁର,୨୨।୬(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅମରପାଲି ମୁଖ୍ୟରାସ୍ତା ହିଲୁଙ୍ଗ ବନ୍ଧ ଡାହାଣ ପାର୍ଶ୍ୱରେ ବିପଦସଙ୍କୁଳ ଅବସ୍ଥାରେ ରହିଛି ଶୁଖିଲା ବରଗଛ। ୫ ମାସରୁ ଅଧିକ ହେବ ଏହି ବରଗଛଟି ଶୁଖିଲା ଅବସ୍ଥାରେ ରହିଛି। ଗତ ମାସରେ କାଳ ବୈଶାଖୀ ଯୋଗୁ ଗଛର କିଛି ଅଂଶ ଭାଙ୍ଗି ପଡ଼ିଥିଲା। ସୌଭାଗ୍ୟକୁ ସେତେବେଳେ କୌଣସି ପଥାଚାରୀଙ୍କର କୌଣସି କ୍ଷୟକ୍ଷତି ଘଟି ନ ଥିଲା। ବୀରମହାରାଜପୁର ମୁର୍ଷୁଣ୍ଡୀ,ଖଣ୍ଡହଥା, ବହଳପଦର, କେନଝିଲିଆପାଲି, ଦୁର୍ଜନତଏତଲା ପଞ୍ଚାୟତର ଲୋକେ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ଏହା ସହିତ ଏହି ରାସ୍ତା ଦେଇ ବୀରମହାରାଜପୁର, ରେଢ଼ାଖୋଲ ଓ ସମ୍ବଲପୁରକୁ ଯାନବାହାନ କରିଥାଏ। ପ୍ରଶାସନିକ ଅଧିକାରୀ ଓ ବନ ବିଭାଗ ଅଧିକାରୀ ଏହି ରାସ୍ତାରେ ଯିବା ଆସିବା କରୁଥିଲେ ହେଁ ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ଶୁଖିଲା ଗଛ ଉପରେ କାହାର ନଜର ପଡୁନାହିଁ। ଜାଲୋଏ ଫରେଷ୍ଟର୍ ପ୍ରଦୀପ କୁମାର ଜେନାଙ୍କୁ ଏ ନେଇ ପଚାରିବାରୁ ଯଦି ସେହି ଶୁଖିଲା ଗଛକୁ ନେବାପାଇଁ ଆଗ୍ରହୀ ରେଞ୍ଜରଙ୍କୁ ଲିଖିତ ଆକାରରେ ଜଣାଇଲେ କାଟିବାକୁ ବିଭାଗ ତରଫରୁ ଅନୁମତି ଦିଆଯିବ ବୋଲି କହିଛନ୍ତି। ତେବେ ଯଥାଶୀଘ୍ର ବିଭାଗ ପକ୍ଷରୁ ଏ ନେଇ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଜଷ୍ଟିସ୍ ସାବିତ୍ରୀ ରଥଙ୍କ ହରଭଙ୍ଗା କୋର୍ଟ ପରିଦର୍ଶନ



ହରଭଙ୍ଗା କୋର୍ଟ ପରିସର ବୁଲି ଦେଖୁଛନ୍ତି ଜଷ୍ଟିସ୍ ସାବିତ୍ରୀ ରଥ।

**ବୌଦ୍ଧ,୨୨।୬(ଅଜିତ କୁମାର ବାରିକ)**

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ସାବିତ୍ରୀ ରଥ ରବିବାର ହରଭଙ୍ଗା କୋର୍ଟ ପରିଦର୍ଶନ କରିଥିଲେ। ଜଷ୍ଟିସ ରଥ ପ୍ରଥମେ ପୁରୁଣାକଟକସ୍ଥିତ ଭୈରବୀ ମନ୍ଦିର ଯାଇଥିଲେ। ପରେ ହରଭଙ୍ଗା କୋର୍ଟକୁ ଯାଇ ସମସ୍ତ କୋର୍ଟବୁଲି ଦେଖିବା ସହ କୋର୍ଟ ପରିସର ସଫା ସୁତୁରା ଦେଖି ଖୁସିବ୍ୟକ୍ତ କରିଥିଲେ। ହରଭଙ୍ଗା ଓକିଲ ସଂଘ ପକ୍ଷରୁ ଜଷ୍ଟିସ ରଥଙ୍କୁ ସ୍ୱାଗତ କରିବା ସହ ସଂଘ ପରିସରରେ ସଂଘ ସଭାପତି ଅକ୍ଷୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ହୋଇଥିଲା। ଜଷ୍ଟିସ ରଥଙ୍କୁ ଓକିଲ ସଂଘର ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଓକିଲ ସଂଘ ଆଲୋଚନା ସମୟରେ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର, ପରିବାର ଅଦାଲତ ବିଚାରପତି ଅଖିଳ କୁମାର ପଶ୍ଚିମକବାଟ, ରେଜିଷ୍ଟ୍ରାର ଜୟପ୍ରକାଶ ନାଏକ, ହରଭଙ୍ଗା ପ୍ରଥମ ଶ୍ରେଣୀ ଦଣ୍ଡାଧୀଶ ପ୍ରୀତିଶ କୁମାର ସାମଲ ଓ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ। ଜଷ୍ଟିସ ରଥ ଖୋର୍ଦ୍ଧା–ବଲାଙ୍ଗୀର ରେଳପ୍ରକଳ୍ପର ହରଭଙ୍ଗା ବ୍ଲକ ଆଡେଣୀଗଡଠାରେ ଚାଲିଥିବା ରେଳ ଟନେଲ ବୁଲି ଦେଖିବା ସହ କାମ ହୋଇଥିବା ଟନେଲ ଭିତରକୁ ଯାଇ ଦେଖିଥିଲେ।

### କୃଷି ବୀମା ଟଙ୍କା ବାଟମାରଣା ଅଭିଯୋଗରେ ୩ ଗିରଫ

**ଖପ୍ରାଖୋଲ,୨୨।୬(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ଥାନା ମାଟିଆଭଟା ପଞ୍ଚାୟତ ମାଟିଆଭଟା ଗାଁରେ ଜଣେ ଚାଷୀଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ବାଟମାରଣା ଅଭିଯୋଗରେ ୩ ଜଣଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ମାଟିଆଭଟା ଗ୍ରାମର ଦେବାନନ୍ଦ ସାହୁ, ମଧୁସୂଦନ ସାହୁ ଓ ରୋହିତ ସାହୁ। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମାଟିଆଭଟା ଗାଁର ନନ୍ଦଲାଲ ବରିହାଙ୍କ ଚାଷ ଜମିକୁ ଅନ୍ୟ ଲୋକଙ୍କ ନାଁରେ ଭାଗ ଚାଷୀ ଦେଖାଇ ଫସଲ ବୀମା କରାଇ ନେଇଥିଲେ। ଏହା ଜାଣିପାରି ଶନିବାର ଚାଷୀ ନନ୍ଦଲାଲ ଖପ୍ରାଖୋଲ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ ୧୪୧/୨୫ ରେ ଏକ ମାମଲା ରୁଜୁ କରିଛି। ତଦନ୍ତ ପରେ ଅଭିଯୁକ୍ତ ଦେବାନନ୍ଦ ସାହୁଙ୍କ ଗ୍ରାହକ ସେବା କେନ୍ଦ୍ରର ଏକ ଲାପ୍‌ଟପ୍, ଦୁଇଟି ପ୍ରିଣ୍ଟର, ଏଟିଏମ୍ କାର୍ଡ, ପ୍ରାୟ ୧୨ ହଜାର ଟଙ୍କା ପୋଲିସ ଜବତ କରିଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଆର୍ଥିକ ସାକ୍ଷରତା ସଚେତନତା କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

**ସୋନପୁର,୨୨।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ଥାନୀୟ ମହାରାଜା ହାଇସ୍କୁଲ ସଭାଗୃହରେ ଆର୍ଥିକ ସାକ୍ଷରତା ସଚେତନତା କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଲଡିଏମ କାର୍ତ୍ତିକେଶ୍ୱର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଚିଫ ମ୍ୟାନେଜର ଲକ୍ଷ୍ମଣ କୁମାର ମାଝୀ ଓ ଏକ୍ସିସ ବ୍ୟାଙ୍କ ମ୍ୟାନେଜର ସୁମନ୍ତ ଦତ୍ତ ଯୋଗଦାନ କରିଥିଲେ। ଅତିଥିମାନେ ଆର୍ଥିକ ସାକ୍ଷରତା ସଚେତନତା ସହିତ ସାଇବର ଅପରାଧ, ଡିଜିଟାଲ ଆରେଷ୍ଟ, ଲଟେରୀ ଫ୍ରଡ, ଓଟିପି ବେସଡ଼ ଫ୍ରଡ ଓ ଅନଲାଇନ ଜବ ଫ୍ରଡ ବିଷୟରେ ଡିଜିଟାଲ ସ୍କ୍ରିନ ମାଧ୍ୟମରେ ସଚେତନ କରିଥିଲେ। ଛୋଟଛୋଟ ଡିଜିଟାଲ ସିନେମା ଜରିଆରେ ଠକାମୀର ଶିକାର ନହେବାକୁ ବରିଷ୍ଠ ନାଗରିକଙ୍କୁ ସଚେତନ କରାଯାଇଥିଲା। ସଂଘ ସଭାପତି ଡ଼ ଜ୍ୟୋତି ରଞ୍ଜନ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରିଥିଲେ। ସଂଘ ଉପଦେଷ୍ଟା ପ୍ରଦୀପ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ବିଶିଷ୍ଟ ନାଗରିକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଶେଷ ପର୍ଯ୍ୟାୟରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ସାଇବର ଅପରାଧରୁ ବଞ୍ଚିବା ପାଇଁ ଆଶଙ୍କା ଦୂର କରଯାଇଥିଲା।

# ଆଲୁମ୍ନି ସଂଘ କାର୍ଯ୍ୟକାରିଣୀ ବୈଠକ




ସୋନପୁର କଲେଜରେ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।

**ସୋନପୁର,୨୨।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର କଲେଜ ଆଲୁମନି ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ କଲେଜ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ଦିନରେ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା କିପରି ମିଳିପାରିବ ଓ ପାଣ୍ଠି ସଂଗ୍ରହ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଲୁମ୍ନି ସଂଘ ସଭାପତି ଡ଼ ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଦେଷ୍ଟା ସୁଧାଂଶୁ ଶେଖର ମିଶ୍ର, ସମ୍ପାଦକ ଭାରତ ଭୂଷଣ ଦାଶ ମଞ୍ଚାସୀନ ଥିଲେ। ସଂଯୋଜକ ସୁଦାମ ଚରଣ ମିଶ୍ର ସଭା ପରିଚାଳନା କରିଥିଲେ। ଏଥିରେ ସମସ୍ତ ବ୍ଲକର କାର୍ଯ୍ୟକାରୀ ସଭାପତି ସମେତ କାର୍ଯ୍ୟକାରିଣୀ ସଦସ୍ୟ, ଉପଦେଷ୍ଟା କମିଟି, ସାମାଜିକ ଗଣମାଧ୍ୟମ, ସମ୍ମାନନୀୟ ସଭ୍ୟ, ଅର୍ଥନୈତିକ ବ୍ୟାପାର, ସଓତନ୍ତ୍ର କାର୍ଯ୍ୟଶକ୍ତି, ମହିଳା, ଆଇନ ପରାମର୍ଶଦାତା ଆଦି ସମସ୍ତ କମିଟି ଓ ଉପ କମିଟିର ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଆଶୁଆରୋଗ୍ୟ କାମନା କରି ଦୀପଦାନ

**ଉଲୁଣ୍ଡା,୨୨।୬(ଗୌରଚନ୍ଦ୍ର ପରିଛା)**

ଉଲୁଣ୍ଡା ବ୍ଲକ ହିକୁଡି ଛକ ହନୁମାନ ମନ୍ଦିର ରେ ରବିବାର ସନ୍ଧ୍ୟାରେ ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପ ଦାନ କରାଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ଅମିୟ ରଞ୍ଜନ ଦାସଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡ଼ି ସଭାପତି ନାରାୟଣ ଲୁହା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଦଳୀୟ କର୍ମକର୍ତ୍ତାମାନେ ହିକୁଡ଼ି ଛକ ସ୍ଥିତ ହନୁମାନ ମନ୍ଦିରରେ ସମୂହ ଦୀପଦାନ ପୂର୍ବକ ପୂଜାର୍ଚ୍ଚନା କରି ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ କେସନ ଜଗଦଲା, ହରିହର କର୍ଣ୍ଣ, ଗିରିଶ ଦାସ, ରଞ୍ଜିତା ଭୋଇ, ଶିବ ପାଧାନ, କୃର୍ତିବାସ ଚାନ୍ଦ, ମୁନୁ ଦାସ, ପିଙ୍କୁ ପାଣିଗ୍ରାହୀଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଶିକ୍ଷକ ରାମ ଶଙ୍କର ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ସୋନପୁର,୨୨।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ଜାମପାଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାମ ଶଙ୍କର ସାହୁ ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ସରଧାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ରବିବାର ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରତାପପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦ ସଭାପତିତ୍ୱ କରିଥିଲେ। ସରଧାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୁଭ୍ରକାନ୍ତୀ ଗୁରୁ ସଭା ସଂଯୋଜନା କରିଥିଲେ। ଏହା ସହିତ କ୍ଲଷ୍ଟର ଅନ୍ତର୍ଗତ ବାଙ୍କବିଜା ପ୍ରାଥମିକ ବିଦ୍ୟାଳୟରେ ଯୋଗ ଦେଇଥିବା ଶିକ୍ଷକ ଠାକୁର ନାଏକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଅବସର ଗ୍ରହଣ କରିଥିବା ଶିକ୍ଷକ ସାହୁ ଆଗାମୀ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ପାଇଁ ୫ହଜାର ଟଙ୍କା ପ୍ରଦାନ କରିବାକୁ କହିଥିଲେ। ପ୍ରଧାନଶିକ୍ଷୟିତ୍ରୀ ନନ୍ଦ ସରଧାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଧଉରାଖମନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ତାଲିମ ସାଧନ କର୍ମୀଭାବେ ଯୋଗଦେଇ ଏହି ବାବଦକୁ ପାଇଥିବା ସମସ୍ତ ପ୍ରାପ୍ୟ ସହିତ ୩ଶହ ଟଙ୍କା ଲେଖାଏ ମିଶାଇ ମୋଟ ତିନି ହଜାର ଟଙ୍କା ଲେଖାଏ ଉଭୟ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ ପାଣ୍ଠିକୁ ଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରଧାପାଲି କ୍ଲଷ୍ଟରର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଶେଷରେ ସ୍ଥାନୀୟ ସିଆରସିସି ପ୍ରଶନ୍ନ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅବସର ଗ୍ରହଣ କରିଥିବା ଆଦର୍ଶ ଶିକ୍ଷକ ରାମ ଶଙ୍କର ସାହୁ ସୁବର୍ଣ୍ଣପୁର ଜିଲା କ୍ରିକେଟ ସଂଘ ସଭାପତି ଅଛନ୍ତି।

# ନବୀନଙ୍କ ଆରୋଗ୍ୟ କାମନା କରି ଦୀପଦାନ

**ତରଭା,୨୨।୬(ମାନଭଞ୍ଜନ ମିଶ୍ର):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସୁବର୍ଣ୍ଣପୁର ଜିଲଶ ତରଭା ନୀଳକଣ୍ଠେଶ୍ୱର ମନ୍ଦିରରେ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। ତରଭା ବ୍ଲକ ଅଧ୍ୟକ୍ଷ ତଥା ଜିଲା ବିଜେଡି ସଭାପତି ସରୋଜ କର୍ମଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ଦିର ପୂଜକ ଜନାର୍ଦ୍ଦନ ଥନାପତି ପୂଜାର୍ଚ୍ଚନା କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟା ଶକୁନ୍ତଳା ପୃଷ୍ଟି, ତରଭା ଉପ ନଗରପାଳ ଗଗନ ଅଗ୍ରୱାଲ, ଶତ୍ରୁଘ୍ନ ପୃଷ୍ଟି, ମାନଭଞ୍ଜନ ମିଶ୍ର, ବିଜେଡି ବ୍ଲକ ସଭାପତି ହେମନ୍ତ ସାହୁ, କାଉନସିଲର ସୁଜାତା ରଥ, ଆକବର ଅଲ୍ଲୀ, ନଗର ସଭାନେତ୍ରୀ ସୁମିତ୍ରା ଦଳବେହେରା, ସୁବାଷ ସେଠୀ, ମଧୂ ପାଣ୍ଡେ, ପ୍ରଦୀପ ମାହାଣା, ସତ୍ୟନାରାୟଣ ପୂଜାହାରୀ,ମନୋଜ ପଣ୍ଡାଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦୀପଦାନ କରିଥିଲେ।



ଆଶୁ ଆରୋଗ୍ୟ କାମନା କରି ଦୀପ ଦାନ କରାଯାଉଛି।

## ସଂକ୍ଷେପରେ

### ସ୍କୁଟିକୁ ପିଟିଲା ଟ୍ରକ୍: ଜଣେ ମୃତ

ରାଜଗାଙ୍ଗପୁର,୨୨।୬
(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ରାଜ୍ୟ ରାଜପଥ ନଂ. ୧୦ ବରପାଲି ଟୋଲପ୍ଲାଜାର କିଛି ଦୂରରେ ରବିବାର ଅପରାହ୍ନ ପ୍ରାୟ ୩ଟାରେ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁକାନ୍ତ ଡୁଙ୍ଗଡୁଙ୍ଗ(୩୨)। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ରୋସନ କେରକେଟା। ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ରବିବାର ଅପରାହ୍ନ ପ୍ରାୟ ୩ଟାରେ ଟ୍ରକ ନଂ. ଓଡି୧୪ଏମ ୫୯୬୦ ଏକ ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ସ୍କୁଟି ଚାଳକ ସୁକାନ୍ତଙ୍କ ମୃତ୍ୟୁ ଘଟିଥିଲା। ସ୍କୁଟିରେ ବସିଥିବା ରୋସନ ଗୁରୁତର ଆହତ ହୋଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ମୁତାବକ, ୨ ସ୍କୁଟି ଆରୋହୀ ବିଲେଇଗଡ଼ରୁ ନିଜ ଘର ବରପାଲି ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

### ଗିରଫ ହୋଇ ନାହାନ୍ତି ଅଭିଯୁକ୍ତ

#### ବୃଦ୍ଧାଙ୍କୁ ବଳାତ୍କାର ଉଦ୍ୟମ ଘଟଣା

କୁତ୍ରା,୨୨।୬(ଦେବାଶିଷ ସାହୁ)

କୁତ୍ରା ଥାନା ଅଞ୍ଚଳରେ ଜଣେ ୬୦ ବର୍ଷୀୟା ବୃଦ୍ଧାଙ୍କୁ ଗତ ୧୬ ତାରିଖ ସନ୍ଧ୍ୟାରେ ବଳାତ୍କାର ଉଦ୍ୟମ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ କେତେଜଣ ଯୁବକଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରୁଛି। ତେବେ ପୋଲିସ ଆଜି ପର୍ଯ୍ୟନ୍ତ କାହାରିକୁ ଗିରଫ କରିନାହିଁ। ଏନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଘଟଣାରୁ ଜଣାପଡିଛି, ଗତ ୧୬ ତାରିଖ ସନ୍ଧ୍ୟାରେ ବୁଡାକଟା ଅଞ୍ଚଳର ଜଣେ ବୃଦ୍ଧା ଚାଲି ଚାଲି ନିଜ ଘରକୁ ଯାଉଥିବା ବେଳେ ନିଛାଟିଆ ସ୍ଥାନ ଦେଖି କେତେଜଣ ଯୁବକ ତାଙ୍କୁ ଟେକି ନେଇ ବଳାତ୍କାର ଉଦ୍ୟମ କରିଥିଲେ।

### ଲଗାଣ ବର୍ଷାରେ ଭୁଶୁଡ଼ିଲା ଲ୍ୟାମ୍ପସର ଗୋଦାମ ଗୃହ

କୁଆଁରମୁଣ୍ଡା,୨୨।୬
(ମହେନ୍ଦ୍ର କୁମାର ସାହୁ)

୧୯୭୭ ମସିହାରେ ନିର୍ମିତ ହୋଇଥିବା କୁଆଁରମୁଣ୍ଡା ଲ୍ୟାମ୍ପସ ଗୋଦାମ ଗୃହ ଗତ ୫ ଦିନ ଧରି ହୋଇଥିବା ଲଗାଣ ବର୍ଷାରେ ଭୁଶୁଡି ପଡ଼ିଛି। ଉକ୍ତ ଗୋଦାମ ଗୃହ ଦୀର୍ଘ ଦିନ ହେଲା ବିପଦ ସଙ୍କୁଳ ଅବସ୍ଥାରେ ଥିଲା। ଶନିବାର ଲ୍ୟାମ୍ପସ କର୍ତ୍ତୃପକ୍ଷ ଏହାକୁ ପୁନଃ ନିର୍ମାଣ ପାଇଁ ତଦାରଖ କରିଥିଲା ବେଳେ ଖୁବ ଶୀଘ୍ର ସେଠାରେ ନୂତନ ଗୋଦାମ ଗୃହ ନିର୍ମାଣ କରାଯିବ ବୋଲି ଜଣାପଡିଛି।

# ଡାଇରିଆ ମୁକାବିଲା ପାଇଁ ସଜାଗ ରୁହ



ବୈଠକରେ ବିଧାୟକ ଯୋଗେଶ ସିଂ ଏବଂ ଅନ୍ୟମାନେ।

ସୁନ୍ଦରଗଡ,୨୨।୬
(ଜୟ ନାରାୟଣ ମେଣ୍ଟୁଲି)

ରାଜ୍ୟରେ କେତେକ ଜିଲାରେ ଡାଇରିଆ ଓ ଅନ୍ୟାନ୍ୟ ଜଳବାହିତ ରୋଗ ବ୍ୟାପିବା ଦେଖାଦେଇଛି। ସୁନ୍ଦରଗଡ ଜିଲାରେ ଏହାକୁ ଆଖି ଆଗରେ ରଖି ଏହାର ମୁକାବିଲା ପାଇଁ ଜିଲା ପ୍ରଶାସନ ସଜାଗ ରହିବାକୁ ସତର୍କ କରାଇଛନ୍ତି ସ୍ଥାନୀୟ ସଦର ବିଧାୟକ ଯୋଗେଶ କୁମାର ସିଂହ। ରବିବାର ସ୍ଥାନୀୟ ସାର୍କିଟ ହାଉସଠାରେ ବିଧାୟକ ସିଂହ ଡାଇରିଆ ମୁକାବିଲା ନିମନ୍ତେ ଆହୁତ ବୈଠକରେ ଅଧ୍ୟକ୍ଷତା କରି ସରକାରୀ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଆଗାମୀ ରଥଯାତ୍ରା ପାଇଁ ସୁନ୍ଦରଗଡ ସମେତ ଗ୍ରାମାଞ୍ଚଳରେ ଜନ ସମାଗମକୁ ଦେଖି ବିଶୁଦ୍ଧ ପିଇବା ପାଣି, ପରିମଳ ବ୍ୟବସ୍ଥା, ଦୋକାନ ବଜାରରେ ଖାଦ୍ୟ ସାମଗ୍ରୀ ଗୁଡିକର ସ୍ୱଚ୍ଛତା ଉପରେ ବିଭାଗୀୟ ଅଧିକାରୀମାନେ ଆଗୁଆ ଧ୍ୟାନ ଦେବାକୁ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଡାକ୍ତରଖାନା ଓ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଆବଶ୍ୟକ ଔଷଧ, ସାଲାଇନ, ଓଆରଏସ ମହଜୁଦ ରଖିବା ସହ ଲୋକଙ୍କୁ ସଚେତନ କରିବାକୁ କହିଥିଲେ। ଆମ ଜିଲାରେ ଯେଉଁଳି ହଇଜା ରୋଗ ନ ବ୍ୟାପେ ସେଥିପାଇଁ ଆମେ ସମସ୍ତେ ମିଳିତ ଭାବେ ପ୍ରସ୍ତୁତ ରହିବା ବୋଲି କହିଥିଲେ। ଏଥିସହିତ ହୋଟେଲ, ଜଳଖିଆ ଦୋକାନ, ଗୁପଚୁପ ଠେଲା, ଚାଟ ଦୋକାନ ଗୁଡିକରେ ବାସି ଖାଦ୍ୟ, ଅପମିଶ୍ରିତ ଖାଦ୍ୟ ଓ ଦୂଷିତ ପାଣି ବିକ୍ରୟ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ସହ ନିୟମିତ ଯାଞ୍ଚ କରିବାକୁ ଖାଦ୍ୟ ନିରାପତ୍ତା ବିଭାଗକୁ ବିଧାୟକ ସିଂହ ତାଗିଦ କରିଥିଲେ। ଏତତ ବ୍ୟତୀତ ଜଳଯୋଗାଣ ବିଭାଗ ପକ୍ଷରୁ ବିଶୁଦ୍ଧ ଜଳ ଯୋଗାଣ ଉପରେ ମଧ୍ୟ ବିଧାୟକ ଗୁରୁତ୍ୱାରୋପ କରିବା ସହ ଅଳିଆ ଆବର୍ଜନା ପରିଷ୍କାର ପରିଚ୍ଛନ୍ନତା ଉପରେ ପୌରପାଳିକା ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲା ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାଶିଷ ମହାରଣା, ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରତାପରୁଦ୍ର ମଣ୍ଡଳ, ୱାଟକୋର ଆସିଷ୍ଟାଣ୍ଟ ମ୍ୟାନେଜର ଉଷାରାଣୀ ଲୁଗୁନ, ଜୁନିୟର ମ୍ୟାନେଜର ନିକୁଞ୍ଜ ବିଳାସିନୀ କାଲୋ, ଜିଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମଧୁସ୍ମିତା ତ୍ରିପାଠୀ, ରାମଚନ୍ଦ୍ର ପଣ୍ଡା, ସହକାରୀ ଯନ୍ତ୍ରୀ ବିକାଶ ପାଢୀଯୋଷୀ, ଶୁଭେନ୍ଦୁ କୁମାର ଭୋଳ, ସୁଜିତ ବେହେରା, ପୌରପାଳିକା ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ପରିମଳ ଅଧିକାରୀ ଦେବରାଜ ପାଣି, ଅରୁପା ବେହେରା, ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ତଥା ବିଜେଡି ରାଜ୍ୟ ପରିଷଦ ସଭ୍ୟ ସୁମନ୍ତ ପଣ୍ଡା, ସୁନୀଲ ମହାପାତ୍ର, ନରଦୀପ ସିଂହ, କାଉନସିଲ ହେମନ୍ତ ପାଢ଼ୀ, ଅନିଲ ମହାପାତ୍ର, ଦୂଷିଲା ଦଣ୍ଡସେନା, ରଜନୀ ରୋହିଦାସ, ଅନିତା ଶର୍ମା, ଉମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଡୁମେରଯୋରରେ ବିକାଶ ବାହନ ରଥକୁ ସ୍ୱାଗତ



କାର୍ଯ୍ୟକ୍ରମରେ ଚାରା ରୋପଣ କରାଯାଉଛି।

କୁଆଁରମୁଣ୍ଡା,୨୨।୬(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକ ଡୁମେରଯୋର ପଞ୍ଚାୟତରେ ଶନିବାର ବିକାଶ ବାହନ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ରଥ ପଞ୍ଚାୟତରେ ପହଞ୍ଚି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲା। ଏହି ଅବସରରେ ଡୁମେରଯୋର ପଞ୍ଚାୟତର ୫ଜଣଙ୍କୁ ଗୃହ,୧୦ ଜଣଙ୍କୁ ଜବକାର୍ଡ, ୮ ଜଣଙ୍କୁ ଖାଦ୍ୟ ସୁରକ୍ଷା କାର୍ଡ ଓ ୮ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତଥା ଡୁମେରଯୋର ସମିତି ସଭ୍ୟ ସୁନୀତା ଅହିର, କୁଆଁରମୁଣ୍ଡା ବିଡିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ, ଅତିରିକ୍ତ ତହସିଲଦାର, ପାନପୋଷ ବିଶ୍ୱଜିତ ପ୍ରଧାନ ପ୍ରମୁଖଙ୍କ ସହ ସରପଞ୍ଚ କୌଶଲ୍ୟା ମାହାଲି, ଭାଜପା ମଣ୍ଡଳ ସଭାପତି ଲକ୍ଷ୍ମୀ ନାରାୟଣ ସାହୁ, ସାମାଜିକ କର୍ମୀ ଲକ୍ଷ୍ମୀଧର ପାଣିଗ୍ରାହୀ, ଅର୍ଜୁନ ସାହୁ, ବିଜୟିନୀ କିସପଟ୍ଟା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜଙ୍ଗଲ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଚାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପିଇଓ ମୀନା ମହାନନ୍ଦିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଡିଇଓ ପୂର୍ଣ୍ଣମାସୀ ସାହୁ ଓ ଯୋଗାଣ ସହାୟକ ଜୁଲି କୁଜୁର, କନିଷ୍ଠ ଯନ୍ତ୍ରୀ ପୂଜା ପିଙ୍ଗ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ ପାଇଁ ସମୂହ ଦୀପଦାନ




ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ ପାଇଁ ଦୀପଦାନ କରିବାକୁ ଆସିଥିବା ବିଜେଡି କର୍ମକର୍ତ୍ତା ଓ ଅନ୍ୟମାନେ।

ରାଜଗାଙ୍ଗପୁର,୨୨।୬(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ରବିବାର ସନ୍ଧ୍ୟାରେ ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପ ଦାନ କରାଯାଇଛି। ବିଜେଡିର ବରିଷ୍ଠ ନେତା ଅନିଲ ବରୁଆଙ୍କ ନେତୃତ୍ୱରେ ରାଜଗାଙ୍ଗପୁର ବସଷ୍ଟାଣ୍ଡରେ ଥିବା ବାବା ଆଖଣ୍ଡଳେଶ୍ୱର ମନ୍ଦିରରେ ବିଜେଡି ନେତୃବୃନ୍ଦ ଓ କର୍ମୀଙ୍କ ଦ୍ୱାରା ସମୂହ ଦୀପଦାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ପୌରାଧ୍ୟକ୍ଷ ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, ସଞ୍ଜୀବ ବେହୁରା, ଅମରେଶ ପଣ୍ଡା, ରାଜେନ୍ଦ୍ର ଲେଙ୍କା, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### କୃଷି ବୀମା ଟଙ୍କା ବାଟମାରଣା ଅଭିଯୋଗରେ ୩ ଗିରଫ

ଖପ୍ରାଖୋଲ,୨୨।୬(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଥାନା ମାଟିଆଭଟା ପଞ୍ଚାୟତ ମାଟିଆଭଟା ଗାଁରେ ଜଣେ ଚାଷୀଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ବାଟମାରଣା ଅଭିଯୋଗରେ ୩ ଜଣଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମାଟିଆଭଟା ଗ୍ରାମର ଦେବାନନ୍ଦ ସାହୁ, ମଧୁସୂଦନ ସାହୁ ଓ ରୋହିତ ସାହୁ। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମାଟିଆଭଟା ଗାଁର ନନ୍ଦଲାଲ ବରିହାଙ୍କ ଚାଷ ଜମିକୁ ଅନ୍ୟ ଲୋକଙ୍କ ନାଁରେ ଭାଗ ଚାଷୀ ଦେଖାଇ ଫସଲ ବୀମା କରାଇ ନେଇଥିଲେ। ଏହା ଜାଣିପାରି ଶନିବାର ଚାଷୀ ନନ୍ଦଲାଲ ଖପ୍ରାଖୋଲ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ ୧୪୧/୨୫ ରେ ଏକ ମାମଲା ରୁଜୁ କରିଛି।

## ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଦିବସ



ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ କରାଯାଉଛି।

ସୁନ୍ଦରଗଡ,୨୨।୬(ଜୟ ନାରାୟଣ ମେଣ୍ଟୁଲି)

ପତଞ୍ଜଳୀ ଯୋଗ ସମିତି ସୁନ୍ଦରଗଡ ଶାଖା ଆନୁକୂଲ୍ୟରେ ବିଲେଇମୁଣ୍ଡା ଡାକ୍ତରଖାନା ପରିସରରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗ ପ୍ରଶିକ୍ଷକ ଆଚାର୍ଯ୍ୟ ରଫିକ ଖାନ ସୁସ୍ଥ ଜୀବନ ପାଇଁ ବିଭିନ୍ନ ପ୍ରକାର ଯୋଗାସାନ ଓ ପ୍ରାଣାୟାମ ଅଭ୍ୟାସ କରାଇଥିଲେ। ଯୋଗ କେବଳ ସୁସ୍ଥ ଜୀବନ ଦିଏ ନାହିଁ, ଏହା ଜାତି, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ ବୋଲି କହିଥିଲେ। ଆଧୁନିକ ସମାଜରେ ଯୋଗ ହିଁ ନିରୋଗ ରଖି ପାରିବ ବୋଲି କହିଥିଲେ। ଯୋଗ ପ୍ରଶିକ୍ଷକ ଈଶ୍ୱର ପଶାୟତ ଓ ବିରାଟ ପ୍ରଧାନ ଏହି କାର୍ଯ୍ୟକ୍ରମରେ ତାଙ୍କୁ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ଜନ ସାଧାରଣ ସାମିଲ ହୋଇ ଯୋଗଭ୍ୟାସ କରିଥିଲେ।

## ସହଯୋଗର ହାତ ବଢ଼ାଇଲା ଡ୍ରାଇଭର ମହାସଂଘ



ମୃତ ଡ୍ରାଇଭରଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

କୁତ୍ରା,୨୨।୬ (ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ବଡମାଲ ଗ୍ରାମର ଡ୍ରାଇଭର ଆନସେଲେନ ତିର୍କୀ (୪୫) ଜୁନ୍ ୧୧ରେ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲେ। ରବିବାର ତାଙ୍କ ଦଶାହ ଥିବାବେଳେ ଓଡ଼ିଶା ଡ୍ରାଇଭର ମହାସଂଘ ତରଫରୁ ତାଙ୍କ ପରିବାରକୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ଡ୍ରାଇଭର ମହାସଂଘ ସମ୍ପାଦକ ହରିଓମ୍ କେଶରୀ, କୋଷାଧ୍ୟକ୍ଷ ପ୍ରଭାତ ସିଂ, ସାଙ୍ଗଠନିକ ଦାୟିତ୍ୱରେ ଥିବା ଅଜୟ ଠାକୁର, କୁତ୍ରା ବ୍ଲକ ସଭାପତି ମନୋଜ ଏକ୍କା, ନୂଆଗାଁ ପଞ୍ଚାୟତ ସଭାପତି ବିଶରା ତିର୍କୀଙ୍କ ସମେତ ବ୍ଲକର ଅନ୍ୟାନ୍ୟ ଡ୍ରାଇଭର ଭାଇମାନେ ଉପସ୍ଥିତ ଥିଲେ।

## ଅଟକ ଅଭିଯୁକ୍ତ କୋର୍ଟ ଚାଲାଣ



- ଯୁବପିଢ଼ିଙ୍କୁ କରୁଥିଲେ ଟାର୍ଗେଟ
- ସହରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଲମ୍ବିଛି ଏହି ନିଶା କାରବାର
- କଫ ସିରପ ଜବତ ମାମଲା

ସୁନ୍ଦରଗଡ,୨୨।୬(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ଶନିବାର ୩୩୩ କଫ ସିରପ ବୋତଲ ଜବତ ଘଟଣାରେ ଅଟକ ଥିବା ନିତେଶ ବୁଡାଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। କୁତ୍ରା ଥାନା ଖଟକୁରବାହାଲ ଗ୍ରାମର ନିତେଶ ସୁନ୍ଦରଗଡ ମହନ୍ତିଆପଡାରେ ଆସି ରହୁଥିଲେ। ସେ ଗତ କିଛି ବର୍ଷ ହେବ ଏହି ବେଆଇନ କଫ ସିରପ(କୋରେକ୍ସ) କାରବାର କରିଆସୁଛନ୍ତି। ସେ ସୁନ୍ଦରଗଡ,ଝାରସୁଗୁଡା, ସମ୍ବଲପୁର, ବୁର୍ଲା ଆଦି ସ୍ଥାନରେ ଏହି କାରବାର ଚଳାଉଥିଲେ। ଗତ ୨ ଦିନ ତଳେ ସେ ରାଜଗାଙ୍ଗପୁର ଅଞ୍ଚଳରୁ ଏହି କଫ ସିରପ ବୋତଲ ଆଣି ସୁନ୍ଦରଗଡ ଦର୍ଲିପାଲି ଅଞ୍ଚଳକୁ ଚାଲାଣ ପାଇଁ ଯୋଜନା କରୁଥିବା ସୂଚନା ପାଇ ଟାଉଥାନା ପୋଲିସ ଶନିବାର ସେ ରହୁଥିବା ମହାନ୍ତିଆପଡା ଘରେ ଚଢ଼ାଉ କରିଥିଲା। ଚଢ଼ାଉ ପରେ ୩୩୩ ବୋତଲ କଫ ସିରପ ବୋତଲ ଜବତ କରି ତାଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଥିଲା। ଏହି କଫ ସିରପ ବୋତଲ ପ୍ରତି ୧୫୦/୧୬୦ଟଙ୍କାରେ କିଣି ୨୫୦ରୁ ୩୦୯ଟଙ୍କାରେ ବିକ୍ରି କରିଥାନ୍ତି ବୋଲି ପୋଲିସ ଆଗରେ ସେ ସ୍ୱୀକାର କରିଛନ୍ତି। ଏହା ସେବନ କଲେ ମଦ ଭଳି ନିଶା ହେଉଥିବାରୁ ବିଶେଷ କରି ଯୁବକମାନେ ଏହା ବ୍ୟବହାର କରୁଥିବା ସେ ପୋଲିସ ଆଗରେ କହିଛନ୍ତି। ସେ ହୋଲସେଲର ଭାବେ କାର୍ଯ୍ୟ କରୁଥିବା ବେଳେ ସୁନ୍ଦରଗଡ ସହର ଓ ଗ୍ରାମାଞ୍ଚଳରେ ତାଙ୍କର ଏଜେଣ୍ଟ ଥିବା କହିଛନ୍ତି। ତାଙ୍କ ବିରୋଧରେ ପୋଲିସ ଟାଉନ ଥାନାରେ କେସ୍ ନଂ.୪୫/୨୫ରେ ଏକ ମାମଲା ରୁଜୁ କରିଛି।

## ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ ପାଇଁ ଦୀପ ଦାନ

ଲହୁଣୀପଡା,୨୨।୬(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ରବିବାର ସନ୍ଧ୍ୟାରେ ସ୍ଥାନୀୟ ହନୁମାନ ମନ୍ଦିରଠାରେ ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଆରୋଗ୍ୟ କାମନା କରି ସମୂହ ଦୀପ ଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ସମିତି ସଭ୍ୟା ଲକ୍ଷ୍ମୀ କିସାନ, ସମିତି ସଭ୍ୟ ଅଶୋକ କୁମାର ବେହେରା, ସୁଶାନ୍ତ ମୁଣ୍ଡାରୀ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ୟାରା ବାର୍ଲା, ଉମେଶ ରାୟ, ଗଙ୍ଗା ମାହାନ୍ତ, ପଙ୍କଜ ଦାସ, କୁଳେଶ୍ୱର କିସାନ ସମେତ ବହୁ କର୍ମୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ ପାଇଁ ସମୂହ ଦୀପଦାନ।

## ଚିନିକଳକୁ ଦୁର୍ନୀତି ଅଡୁଆ

### ଆଇପିଏଲର 'ଚିଠି'କୁ ନେଇ ଚିନ୍ତାରେ ଚାଷୀ



- ସରକାରଙ୍କ ଶୂନ୍ୟ ସହନଶୀଳ ନୀତି ଉପରେ ନଜର
- ଚାର୍ଜଶିଟ୍ ଦାଖଲ ସରିଛି, ଚାର୍ଜଫ୍ରେମ୍ ହେଉନାହିଁ

ବଲାଙ୍ଗୀର,୨୨।୬(ବୀରେନ୍ଦ୍ର କୁମାର ଝାଙ୍କର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୧୭ ତାରିଖ ଦିନ ବଲାଙ୍ଗୀର ଜିଲା ଗସ୍ତରେ ଆସି କୃଷକ ଶକ୍ତି ସମାବେଶରେ ଯୋଗ ଦେଇଥିଲେ। ଏହି ସମାବେଶରେ ସେ ପ୍ରାୟ ୧୩ ବର୍ଷ ହେଲା ବନ୍ଦ ପଡିଥିବା ବଲାଙ୍ଗୀର ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ଦେଓଗାଁସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳ ଏବଂ କଟକ ଜିଲା ବଡମ୍ବାସ୍ଥିତ ସମବାୟ ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବା ଦିଗରେ ସରକାର ଆନ୍ତରିକତାର ସହ ଉଦ୍ୟମ କରୁଥିବା ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ମାଝୀଙ୍କ ଏଭଳି ସୂଚନା ପରେ ଦେଓଗାଁ ଚିନିକଳ ପୁନଃ କାର୍ଯ୍ୟକ୍ଷମ ଆଶା ଉଜ୍ଜୀବିତ ହୋଇଥିଲା। ବଲାଙ୍ଗୀର ଗସ୍ତରୁ ଫେରିବାର ଦୁଇଦିନ ପରେ ଅର୍ଥାତ୍ ଗତ ୧୯ ତାରିଖ ଦିନ ଭୁବନେଶ୍ୱରସ୍ଥିତ ସମବାୟ ସମିତି ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରୁ ବଲାଙ୍ଗୀର ଜିଲାପାଳ ତଥା ବିଜୟାନନ୍ଦ ସମବାୟ ଚିନିକଳ ପ୍ରଶାସକଙ୍କୁ ଏହି ଚିନିକଳ ପୁନରୁଦ୍ଧାର ସଂକ୍ରାନ୍ତରେ ଚିଠି କରାଯାଇଥିଲା। ଏପରି କି ସମବାୟ ସମିତି ଅତିରିକ୍ତ ରେଜିଷ୍ଟାର ଭକ୍ତବନ୍ଧୁ ସାହୁ ଦୁଇଦିନିଆ ବଲାଙ୍ଗୀର ଗସ୍ତରେ ଆସି ବିଜୟାନନ୍ଦ ସମବାୟ ଚିନିକଳର ତୃଣମୂଳ ସ୍ଥିତି ଯାଞ୍ଚ ଏବଂ ସର୍ଭେ କରି ଫେରିଛନ୍ତି। ଅତିରିକ୍ତ ରେଜିଷ୍ଟ୍ରାର ସାହୁ ଦେଓଗାଁ ଚିନିକଳର ଜମି ଚିହ୍ନଟିକରଣ, ଜବରଦଖଲ ସ୍ଥିତି, ମାଲିକାନା ସତ୍ତ୍ୱ ବିବରଣୀ ଏବଂ ଆନୁସଙ୍ଗିକ ବିଷୟରେ ଅନୁଧ୍ୟାନ କରିଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଏବଂ ସମବାୟ ସମିତି ଅତିରିକ୍ତ ରେଜିଷ୍ଟ୍ରାରଙ୍କ ତୃଣମୂଳ ସ୍ଥିତି ଯାଞ୍ଚ ପରେ ଦେଓଗାଁ ଚିନିକଳ ପୁନଃ କାର୍ଯ୍ୟକ୍ଷମ ଆଶା ଉଜ୍ଜୀବିତ ହୋଇଛି। ଏହି ଚିନିକଳ କାର୍ଯ୍ୟକ୍ଷମ ହେଲେ ଏହି ଅଞ୍ଚଳର ସହସ୍ରାଧିକ ଚାଷୀଙ୍କ ଆର୍ଥିକ ଉନ୍ନତି ହେବା ସହ ଜିଲାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସମ୍ଭାବନା ସମ୍ବନ୍ଧୀୟ ଆଲୋଚନା ଜୋର ଧରିଛି।

ଏଭଳି ଆଲୋଚନା ଚାଲିଥିବା ବେଳେ ଦେଓଗାଁ ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଆଗ୍ରହୀ ଇଣ୍ଡିଆନ୍ ପଟାସ ଲିମିଟେଡ୍ (ଆଇପିଏଲ)ର ଭୂମିକାପତ୍ର ଏବେ ଚର୍ଚ୍ଚାର ବିଷୟ ହୋଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରେରିତ 'ଆଇପିଏଲ'ର ଚିଠିରେ ଯେଉଁ କେତୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉଲ୍ଲେଖ କରାଯାଇଛି ତାହା ଏବେ କିଛି ଅଡୁଆ ଦିଗକୁ ସୂଚିତ କରିଛି। ଆଇପିଏଲ ଦେଓଗାଁ ଓ ବଡମ୍ବା ଚିନିକଳ ପୁନଃ କାର୍ଯ୍ୟକ୍ଷମ କରିବା ସହ ସେଠାରେ ଆନୁସଙ୍ଗିକ ପ୍ରକଳ୍ପ ଭାବେ ୧୦୦ କେଏଲପିଡି ଇଥାନଲ ଉତ୍ପାଦନ ପାଇଁ ଡିଷ୍ଟିଲାରି, ସବୁଜ ଶକ୍ତି ଏବଂ କମ୍ପ୍ରେସଡ୍ ବାୟୋଗ୍ୟାସ ପ୍ରକଳ୍ପ ବସାଇବାକୁ ଆଗ୍ରହୀ ବୋଲି ଉଲ୍ଲେଖ କରିଛି। ଉଭୟ ଚିନିକଳ ୩୦୦୦ରୁ ୩୫୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ କରାଯିବ ବୋଲି ଉଲ୍ଲେଖ କରିଛି। ୧୦୦୦ କୋଟି ପୁଞ୍ଜି ବିନିଯୋଗ କଥା କହିଛି। ତେବେ ଏସବୁ କାର୍ଯ୍ୟକାରୀ କରିବା ସକାଶେ ଦୁଇ ଚିନିକଳର ଆର୍ଥିକ ଓ ଆଇନଗତ ଝାମେଲା ନ ଥିବା ସମସ୍ତ ପ୍ରକାର ସମ୍ପତ୍ତି ହସ୍ତାନ୍ତର ପାଇଁ ରାଜ୍ୟ ସରକାରଙ୍କୁ ଆଇପିଏଲ ଅନୁରୋଧ କରିଛି। ଏଥିରେ ଆଇନଗତ ଏବଂ ଆର୍ଥିକ ସମସ୍ୟା ନ ଥିବା ଚିନିକଳ ସମ୍ପତ୍ତି ହସ୍ତାନ୍ତର ବିଷୟ ଉଲ୍ଲେଖ କରିଥିବାରୁ ଦେଓଗାଁ ବିଜୟାନନ୍ଦ ସମବାୟ ଚିନିକଳର ଦୁର୍ନୀତି ପ୍ରସଙ୍ଗ ଏବେ ପୁଣି ଥରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ବିଜୟାନନ୍ଦ ଚିନିକଳ ଘୋର ଆର୍ଥିକ ଅନିୟମିତତା ଏବଂ ଦୁର୍ନୀତି ମାମଲାରେ ଛନ୍ଦି ହୋଇରହିଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ୨୦୧୩ ମସିହାରୁ ଚିନିକଳ ଦୁର୍ନୀତି ପ୍ରସଙ୍ଗରେ ମାମଲା ରୁଜୁ କରାଯାଇଛି। ଏହି ମାମଲାର ଚାର୍ଜସିଟ୍ କେବେଠୁ ଭିଜିଲାନ୍ସ ପକ୍ଷରୁ ଦାଖଲ ହୋଇଥିଲେ ମଧ୍ୟ ଏଯାଏ ଚାର୍ଜଫ୍ରେମ କରାଯାଇନାହିଁ। ଭାଜପା ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳ ନୀତି କଥା କହୁଥିଲେ ମଧ୍ୟ ଦେଓଗାଁ ଚିନିକଳ କ୍ଷେତ୍ରରେ ଏଯାଏ ଚୁପ୍ ରହିଛନ୍ତି। ଏହି ଚିନିକଳ ଦୁର୍ନୀତି ଏବଂ ଆର୍ଥିକ ଅନିୟମିତତା ମାମଲାରେ ୩୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ବିଜୟାନନ୍ଦ ସମବାୟ ଚିନିକଳକୁ ଋଣ ଏବଂ ଆଖୁଚାଷୀଙ୍କୁ ଋଣ ଦିଆଯିବାରେ ଘୋର ଆର୍ଥିକ ଅନିୟମିତା ହୋଇଥିବା ଅଭିଯୋଗ ହୋଇଛି। ଭିଜିଲାନ୍ସ ବିଭାଗ ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରି ରାଜ୍ୟ ସରକାରଙ୍କ ଉପରେ ଦାୟିତ୍ୱ ଛାଡିଛନ୍ତି। ଏହି ମାମଲାରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ବିଜୟାନନ୍ଦ ସମବାୟ ଚିନିକଳର ଯେଉଁ ତତ୍କାଳୀନ ପଦାଧିକାରୀମାନେ ଛନ୍ଦି ହୋଇଛନ୍ତି ସେମାନଙ୍କ ବିରୋଧରେ ସରକାର କି ପଦକ୍ଷେପ ନେବେ ତା ଉପରେ ନଜର ରହିଛି। ଦେଓଗାଁ ଚିନିକଳ ଚଳାଇବା ପାଇଁ ସରକାର ଦୁର୍ନୀତି ବିରୋଧୀ ଶୂନ୍ୟ ସହନଶୀଳ ନୀତି ଆପଣେଇ କାର୍ଯ୍ୟାନୁଷ୍ଠାନ ନେବେ ନା' ଦୁର୍ନୀତି ମାମଲାକୁ ରଫାଦଫା କରିବେ ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

# ଜିଲାରେ ପାଳନ ହେଉନି ସରକାରୀ ନିୟମ: ବିଧାୟକ ରୋମାଞ୍ଚ

**ଦେବଗଡ଼,୨୨।୬(ଶଶାଙ୍କ ଶେଖର ଝାଙ୍କର)**



ଖବରଦାତା ସମ୍ମିଳନୀରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ଅନ୍ୟମାନେ।

- ନିଯୁକ୍ତି ପାଇଁ ଅର୍ଥ ଆଦାୟ ଅଭିଯୋଗ
- ବଢ଼ୁଛି ବେକାରି ସମସ୍ୟା
- ବେଆଇନ ଭାବେ ଖଣିଜ ପଦାର୍ଥ ଉତ୍ତୋଳନ ହେଉଛି
- ଅନିୟମିତତା ରୋକା ନ ଗଲେ ଆନ୍ଦୋଳନ

ଦେବଗଡ଼ ଜିଲାରେ ସରକାରୀ ନିୟମ ପାଳନ ହେଉନି। ସରକାର ଭିଏଲ୍ଏଲ୍ ମାଧମରେ ନିର୍ମାଣ କାର୍ଯ୍ୟ କରିବାର ଡିଣ୍ଡିମ ପିଟିଥିଲେ ହେଁ ଅଧିକରୁ ଅଧିକ ଡିପାର୍ଟମେଣ୍ଟାଲ କାମ ହେଉଛି। ତେବେ ଡିପାର୍ଟମେଣ୍ଟାଲ କାମଗୁଡିକ ବିକ୍ରି ହେଉଥିବା ନଜରକୁ ଆସୁଛି। ସରକାରୀ ଦଳର କେତେଜଣ ନିର୍ଦ୍ଦିଷ୍ଟ ନେତା ଏବଂ ପ୍ରଭାବଶାଳୀ ବ୍ୟକ୍ତି ମୋଟା ଅଙ୍କର ଟଙ୍କା ନେଇ ଉକ୍ତ ନିର୍ମାଣ କାର୍ଯ୍ୟ ବାବଦୀୟ ଠିକା ବିକ୍ରି କରୁଛନ୍ତି। ସରକାରଙ୍କ ନୂତନ ମାର୍ଗଦର୍ଶିକା ଅନୁଯାୟୀ 'ବିକଶିତ ଗାଁ, ବିକଶିତ ଓଡିଶା' ଯୋଜନାରେ ଆସିଥିବା କାମଗୁଡିକ ମଧ୍ୟରୁ ପଞ୍ଚାୟତସ୍ତରରେ ୪୦ ପ୍ରତିଶତ କାମ ବିଧାୟକଙ୍କ ସୁପାରିଶରେ କରାଯାଇପାରିବ। ମାତ୍ର ଶତ ପ୍ରତିଶତ ନିର୍ମାଣ କାର୍ଯ୍ୟର ଠିକାରେ ବିକ୍ରି ପାଇଁ ସରକାରୀ ଦଳ ତତ୍ପର ରହିଛି। ଏହାକୁ ନେଇ ଗଣ୍ଡଗୋଳ ହେଉଛି। ଯଦ୍ୱାରା ଆଗାମୀ ଦିନରେ ଦେବଗଡ଼ ଜିଲାରେ ହେବାକୁ ଥିବା ପ୍ରଗତୀରେ ବାଧା ସୃଷ୍ଟି କରିବ। ତେଣୁ ଠିକା କାମ ବିକ୍ରି ନ ହୋଇ ଠିକ୍ ମାର୍ଗଦର୍ଶିକା ଅନୁଯାୟୀ ଉନ୍ନୟନ କାର୍ଯ୍ୟ କରାଯାଉ ବୋଲି ରବିବାର ଜିଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ କହିଛନ୍ତି। ସେ ଆହୁରି କହିଛନ୍ତି, ଜିଲାରେ ବେକାରୀ ସମସ୍ୟା ବୃଦ୍ଧି ପାଇଥିବାବେଳେ ଘରୋଇ ଏଜେନ୍ସି ତଥା ସର୍ଭିସ ପ୍ରୋଭାଇଡର ଜରିଆରେ ଛୋଟମୋଟ ନିଯୁକ୍ତି ପ୍ରଦାନ କରାଯାଉଛି। ତଥାପି ଠିକ୍ ପ୍ରକ୍ରିୟାରେ ନିଯୁକ୍ତି ଦିଆଯାଉ ନାହିଁ। ଜିଲାରେ ହଜାର ହଜାର ବେକାର ଯୁବତୀଯୁବକ ରହିଥିବାବେଳେ ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କ ହସ୍ତକ୍ଷେପ ଯୋଗୁ ଜିଲା ବାହାରର ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯାଉଛି। ଏଥିପାଇଁ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଉଛି। ଆଗାମୀ ଦିନରେ ଖବରକାଗଜରେ ବିଜ୍ଞାପନ ପ୍ରକାଶ କରାଯାଇ ଜିଲା ନିୟୋଜନ କେନ୍ଦ୍ରରେ ପଞ୍ଜୀକୃତ ହୋଇଥିବା ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଜିଲାରେ ଥିବା ପଥର ଏବଂ ବାଲି ଲଘୁ ଖଣିଜର ସୈରାତ ଉତ୍ସରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ବେଆଇନ ଭାବେ ଏକାଧିକ ସୈରାତ ଉତ୍ସ ଚାଲିଛି। ଜିଲାରେ ୬ଟି ବାଲିଘାଟ ଏବଂ ୩ଟି ପଥର କ୍ୱାରୀ ରହିଛି। ହେଲେ ଏହାଠାରୁ ଅଧିକ ସୋରାତ ଉତ୍ସରୁ ବେଆଇନ ଭାବେ ଖଣିଜ ପଦାର୍ଥ ଉତ୍ତୋଳନ କରାଯାଇ ଚୋରାଚାଲାଣ ହେଉଛି। ରିଆମାଳ ବ୍ଲକ ଅଧୀନ ବୁଢାପାଳ ଅଞ୍ଚଳରେ ଥିବା ଏକ ଘାଟରୁ ଚଢା ଦରରେ ବେଆଇନ ଭାବେ ଅନୁଗୋଳ ଜିଲାର ଏକ କାରଖାନାକୁ ବାଲି ଯୋଗାଣ ହେଉଛି। ଏଭଳି ଅନିୟମିତତା ସମ୍ପର୍କରେ ବିଧାୟକ ବିଶ୍ୱାଳ ଖଣି ବିଭାଗ ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ବିଧାୟକ ଗତ ୧୬ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଏହାସତ୍ତ୍ୱେ ଅନିୟମିତତା ରୋକିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ବିଧାୟକ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ ,ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ବରିଷ୍ଠ ନେତା ମନୋଜ କୁମାର ପ୍ରଧାନ, ଚନ୍ଦ୍ରଶେଖର ଭୁଲ୍ଲା, ମାନସ କୁମାର ପ୍ରଧାନ ଓ ରୂପକ କୁମାର ମାଝୀଙ୍କ ସମେତ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଡାଇରିଆ ରୋକିବାକୁ ସଚେତନତା ଜରୁରୀ



ଭାଲୁଟାଲ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ସ୍ଥିତି ଯାଞ୍ଚ କରୁଛି।

**ଲଖନପୁର,୨୨।୬(ଗୌତମ ସାହୁ)**

ଝାରସୁଗୁଡ଼ା ଜିଲାର ପଡୋସୀ ତଥା ବରଗଡ଼ ଜିଲା ଅମ୍ବାଭନା ବ୍ଲକ ଅନ୍ତର୍ଗତ ଭଇନାତୋରା ପଞ୍ଚାୟତର ଭାଲୁଟାଲ ଗ୍ରାମରେ ଗତ ୧୬ତାରିଖରୁ ଡାଇରିଆ ଆତଙ୍କ ଦେଖାଦେଇଛି। ଦୂଷିତ ପାଣି ପିଇବା ଦ୍ୱାରା ଲୋକମାନେ ଡାଇରିଆରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସ୍ୱାସ୍ଥ୍ୟ ବିଭାଗର ଟିମ୍ ପହଞ୍ଚି ସ୍ଥିତି ଯାଞ୍ଚ କରିଛି। ଉକ୍ତ ଗ୍ରାମରେ ପ୍ରଥମେ ୨୨ ଜଣ ଆକ୍ରାନ୍ତ ହୋଇଥିଲେ। ହେଲେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି, ବର୍ତ୍ତମାନ ସୁଦ୍ଧା ୭ ଜଣ ସୁସ୍ଥ ହୋଇଥିବାବେଳେ ୨ ଜଣ ଚିକିତ୍ସାଧୀନ ଅଛନ୍ତି। ଗ୍ରାମବାସୀ କହିଛନ୍ତି, ଡାଇରିଆରେ ଅନେକ ଆକ୍ରାନ୍ତ ହୋଇଥିବାବେଳେ ସ୍ୱାସ୍ଥ୍ୟସେବା ପ୍ରଦାନରେ ଭୁଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଫଳ ହେବାଯୋଗୁ କ୍ୱାକ୍‌ମାନଙ୍କ ଦ୍ୱାରା ଚିକିତ୍ସା କରାଯାଉଛି। ଝାରସୁଗୁଡ଼ା ଜିଲା ୧୯ ଖଣ୍ଡ ମୌଜା ଲଖନପୁରର ମାତ୍ରାଧିକ ଜନସାଧାରଣ ବିଭିନ୍ନ କାମ ତଥା ବନ୍ଧୁ ସମ୍ପର୍କକୁ ନେଇ ଅମ୍ବାଭୋନା ଅଞ୍ଚଳକୁ ଯାତାୟାତ କରୁଛନ୍ତି। ଫଳରେ ଏହି ରୋଗର ଲଖନପୁର ୧୯ଖଣ୍ଡ ମୌଜାରେ ଡେଇଁବା ପାଇଁ ବେଶୀ ସମୟ ଲାଗିବ ନାହିଁ। ତେଣୁ ଜିଲା ପ୍ରଶାସନ ଏବଂ ଜିଲା ସ୍ୱାସ୍ଥ୍ୟ ବିଭାଗ ସତର୍କ ନ ହେଲେ ଏଠାରେ ଡାଇରିଆ ବ୍ୟାପିବ ବୋଲି ଚର୍ଚ୍ଚା ହେଉଛି। ଏଥିପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୀମାବର୍ତ୍ତୀ ଅଞ୍ଚଳରେ ସଚେତନତା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ବିଧାୟକଙ୍କ ଜନଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼,୨୨।୬(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ କଲ୍ୟାଣମଣ୍ଡପଠାରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନସାଧାରଣଙ୍କ ୧୭ଟି ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଶେଷକରି ରାସ୍ତା, ପାନୀୟଜଳ, ଶିକ୍ଷା, ଘର, ସ୍ୱାସ୍ଥ୍ୟ ବିଦ୍ୟୁତ୍ ସମସ୍ୟା ସମ୍ପର୍କିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଏଥିସହ ବିଭିନ୍ନ ଅଭିଯୋଗ ପାଇବା ପରେ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ସହ ଫୋନ୍ ଯୋଗେ କଥା ହୋଇ ସମାଧାନ କରିଥିଲେ। ଏହି ଶିବିର ମାଧ୍ୟମରେ ବିଧାୟକ ଲୋକଙ୍କ ସମସ୍ୟା ଶୁଣି ସମାଧାନର ବାଟ ବାହାର କରୁଛନ୍ତି। ଫଳରେ ବିଭିନ୍ନ ଅଭିଯୋଗ ନେଇ ଜନସାଧାରଣ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି।


ଜିଲା ସଂସ୍କୃତି ଭବନଠାରେ ରବିବାର ଅନୁଷ୍ଠିତ କୁଳପ୍ରତିଭା ସମ୍ମାନ ପ୍ରଦାନ ସମାରୋହରେ ଅତିଥିଙ୍କ ଗହଣରେ ସମ୍ମାନିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# କୁଳପ୍ରତିଭା ସମ୍ମାନ ପ୍ରଦାନ ସମାରୋହ

**ଝାରସୁଗୁଡ଼ା,୨୨।୬(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ାର ରଣେଶ୍ୱର ରାମଚଣ୍ଡୀ ସେବା ସମିତି ପକ୍ଷରୁ ବେହେରାମାଲସ୍ଥିତ ଜିଲା ସଂସ୍କୃତି ଭବନଠାରେ ରବିବାର ପୂର୍ବାହ୍ନ ୧୦ଟାରେ କୁଳପ୍ରତିଭା ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ଜିଲାର ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା କୁଲତା ଜାତିର ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅନନ୍ତରାମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବାର୍ଚ୍ଚନ ସାହୁ, ସମ୍ମାନିତ ଅତିଥି ଭାବେ ଶ୍ରୀକର ଭୋଇ, କଳ୍ପନା ପଧାନ, ପ୍ରଫୁଲ୍ଲ ଶା, ଝସକୁମାର ଖମାରୀ, ଡା. ଆଶିଷ ଭୋଇ ଯୋଗଦେଇ କୁଲତା ଜାତିର ଏକତା, ସଂସ୍କୃତି ଓ ସାମୁଦାୟିକ ଉନ୍ନତି ବିଷୟରେ ଆଲୋଚନା କରିଥିଲେ। ସମିତି ପକ୍ଷରୁ ଆଗାମୀ ଦିନରେ ଶିକ୍ଷାର ବିକାଶ, ସ୍ୱାସ୍ଥ୍ୟସେବା, କୃଷି ଓ ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଏହି ପ୍ରାଚୀନ ଜାତି ଏବେ ବି ସାମ୍ବିଧାନିକ ଅଧିକାରରୁ ବଞ୍ଚିତ। ସେଥିପାଇଁ ସମସ୍ତେ ଏକଜୁଟ୍ ହୋଇ ଲଢ଼ିବାର ସମୟ ଆସିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସମିତିର ବରିଷ୍ଠ ସଦସ୍ୟ ତପନ ବାରିକ, ଆନନ୍ଦ ପଧାନ, ସୁନୀଲ ସାହୁ, ଅଣ୍ଡାରାମ ପଧାନ, ବ୍ରଜମୋହନ ପ୍ରଧାନ, ଡା. ଦ୍ୱିବେନ୍ଦୁ ସାହୁ, ଚିତ୍ତରଞ୍ଜନ ସାହୁ, ସମୀର ପଧାନ, ସଞ୍ଜୟ ପଧାନ, ରାଜୁ ଭୋଇ, ଆଦିତ୍ୟ ପଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଶିବିରରେ ୩୪୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ସମ୍ବଲପୁର,୨୨।୬(ବି.ଶଙ୍କର)**

ହୀରାକୁଦସ୍ଥିତ ହିଣ୍ଡାଲକୋ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ଶିବର ସ୍ଥାନୀୟ ଗଡମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ହିଣ୍ଡାଲକୋ ୟୁନିଟ ହେଡ ଦେବାଶିଷ ମଲ୍ଲିକ, ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ସ୍ମେଲଟର ପ୍ଲାଣ୍ଟ ମୁଖ୍ୟ ପ୍ରତାପ ସାହୁ, ପାୱାର ପ୍ଲାଣ୍ଟ ମୁଖ୍ୟ ଅରୁଣ କୁମାର ସିଂ, ପରିବେଶ ବିଭାଗ ମୁଖ୍ୟ ରଞ୍ଜନ କୁମାର ଜେନା, ଗଡମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରୂପଲେଖା ନନ୍ଦ, ପାରିପାର୍ଶିକ ଉନ୍ନୟନ ବିଭାଗ ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ଲ୍ୟାଣ୍ଡ ଏବଂ କର୍ପୋରେଟ ବ୍ୟାପାର ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୟୁନିଟ ହେଡ ମଲ୍ଲିକ କହିଥିଲେ ହୀରାକୁଦ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ମହିଳା, ଯୁବକମାନଙ୍କର ଉନ୍ନତି ସହ ସଂସ୍କୃତି ରକ୍ଷା ପାଇଁ କାମ କରୁଛି। ସ୍ମେଲଟର ପ୍ଲାଣ୍ଟ ମୁଖ୍ୟ ସାହୁ ଉପସ୍ଥିତ ଜନସାଧାରଣ ସ୍ୱାସ୍ଥ୍ୟ ଶିବିରର ଲାଭ ନେବାପାଇଁ କହିଥିଲେ। ହିଣ୍ଡାଲକୋ କମ୍ପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ସିନ୍ଧେ ଏହି ଅଞ୍ଚଳରେ ଉନ୍ନତି ମୂଳକ କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ପଦମନ ପୃଷେଠ, ଦେବେନ୍ଦ୍ର ପ୍ରଧାନ, ସୁଦର୍ଶନ ଖମାରି, ଗଡମୁଣ୍ଡା ସ୍କୁଲ ପରିଚାଳନା କମିଟି ସଭାପତି ମଦନ ମୋହନ ପୃଷେଠ, ବରିଷ୍ଠ ନାଗରିକ ଯୋଗେଶ୍ୱର ପ୍ରଧାନ, ଲୋକନାଥ ମିରିଗ, ଶାନ୍ତିଲତା ସୁନା ଉପସ୍ଥିତ ଥିଲେ। ଶିବିରରେ ୩୪୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ହିଣ୍ଡାଲକୋ ସ୍ୱାସ୍ଥ୍ୟ ସେବା ବିଭାଗ ଡାକ୍ତର ପ୍ରବୀଣ ଯାଦବଙ୍କ ନେତୃତ୍ୱ ନେଇଥିଲେ। ଡାକ୍ତର ତ୍ରିଲୋଚନ ବାରିକ, ଡାକ୍ତର ପଦ୍ମାଳୟା ମିଶ୍ର, ଡାକ୍ତର ପୂଜା ଶ୍ରୀବାସ୍ତବ, ଡାକ୍ତର ଚନ୍ଦନ ମାରାଣ୍ଡି, ଡାକ୍ତର ରାଜେଶ ମିଶ୍ର, ଡାକ୍ତର ବିଶ୍ୱନାଥ ମିଶ୍ର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ଔଷଧ ଦେଇଥିଲେ । ସିଏସଆର ବିଭାଗର ପରିଚାଳକ ଆନନ୍ଦ ଚକ୍ରବର୍ତ୍ତି, ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ, ମିଳନ କୁମାର ସାହୁ, ହିଣ୍ଡାଲକୋ ସାସ୍ଥ୍ୟ ବିଭାଗ କର୍ମଚାରୀ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀମାନଙ୍କ ସହ ସ୍କୁଲର କମିଟି ସଭ୍ୟାସଭ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।


ହିଣ୍ଡାଲ୍‌କୋ ପକ୍ଷରୁ ଆୟୋଜିତ ବିଶାଳ ସ୍ୱାସ୍ଥ୍ୟ ଶିବିରରେ ଅତିଥିମାନେ।

# ଶିବିରରୁ ୫୯ ୟୁନିଟ୍ ରକ୍ତ ସଂଗ୍ରହ


ଶିବିରରେ ରକ୍ତ ଦାନ କରାଯାଉଛି।

**ବ୍ରଜରାଜନଗର,୨୨।୬(ବିଜୟ ବରାଡ଼)**

ବ୍ରଜରାଜନଗର ପୌର କଲ୍ୟାଣ ମଣ୍ଡପଠାରେ ରବିବାର ପୂର୍ବାହ୍ନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ୟୁଥ ଏଗେନ୍‌ଷ୍ଟ କରପ୍‌ସନ ଦ୍ୱାରା ରବି ସୋନିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୫୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଧାରାଣୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ମୋତିଲାଲ ତନ୍ତୀ, ଶୁଭଶ୍ରୀ ମିଶ୍ର, ଅନୀଲ କୁମାର ନାଏକ, କନ୍ହେୟା ଝା, ବ୍ରିଜେଶ ଶର୍ମା ଯୋଗଦେଇଥିଲେ। ସମାଜ ସେବା ପାଇଁ ସବୁବେଳେ ତତ୍ପରତା ଦେଖାଇ ଆସୁଥିବା ମନୋଜ କୁମାର ପୋଦାର, ବିରଞ୍ଚି ସାହୁ, ଗୋପୀନାଥ ମାଝୀ, ପୱନ ଶର୍ମା, କିରଣ ଦାସ, ରିଶୁ ରୁଙ୍ଗଟା, ମାନସୀ ପଣ୍ଡା, ସଞ୍ଜୁଲତା ନାଏକ, ରାଜେଶ ପାଢ଼ୀ, ଉପନ ଚରଣ ସାହୁ, ଅନିଲ ଅଗ୍ରୱାଲ, ସୁନିତା ଇନାନି, ଭାନୁ ପ୍ରତାପ ସିଂହ, ତପନ ସ୍ୱାଇଁ, ଅକ୍ଷୟ କୁମ୍ଭାରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଓଡ଼ିଶା ୟୁଥ୍ ଏଗେନ୍‌ଷ୍ଟ କର୍‌ପ୍‌ସନ୍‌ର ନୂତନ ସଭ୍ୟଙ୍କ ନାମ ଘୋଷଣା କରାଯାଇଥିଲା। ଜିଲା ସଭାପତି ଭାବେ ରାମ୍‌ଜୀ ଚୌହାନ, ସାଧାରଣ ସମ୍ପାଦକ ମୁକେଶ ଠାକୁର, ଝାରସୁଗୁଡ଼ା ଟାଉନ ସଭାପତି ଚୂଡାମଣୀ ମେହେର, ବ୍ରଜରାଜନଗର ଟାଉନ୍ ସଭାପତି ନିରାକାର ରାଉତ, ଜିଲା ସଂଯୋଜକ ଆକାଶ ସାହା, ପଶ୍ଚିମ ଓଡ଼ିଶା ରାଜ୍ୟ ଉପସଭାପତି ଭାବେ ସାହେବ ପାଶୱାନଙ୍କ ନାମ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ଅଞ୍ଚଳର ବହୁ ବ୍ୟକ୍ତି ଓ ବିଭିନ୍ନ ସଙ୍ଗଠନର ସଦସ୍ୟ ଉପସ୍ଥିତ ଥିଲେ।

# ରଥଯାତ୍ରା ଉପଲକ୍ଷେ ମୁକ୍ତିଲାଭ କଲା ଭକ୍ତିମୟ ଗୀତ 'ଜଗନ୍ନାଥ ଜୀ ଆଏ'

**ଲଖନପୁର,୨୨।୬(ଗୌତମ ସାହୁ):** ରଥଯାତ୍ରା ଉପଲକ୍ଷେ ଡିପି ମେଲୋଡି ଛତିଶଗଡ଼ ପକ୍ଷରୁ 'ଜଗନ୍ନାଥ ଜୀ ଆଏ' ଭକ୍ତିମୟ ଗୀତ ହିନ୍ଦୀ ଭାଷାରେ ରିଲିଜ ହୋଇଛି। ଏହି ଭଜନ ଛତିଶଗଡ଼ ରାଜ୍ୟ ରାଇଗଡ଼ ଜିଲା ଲୋଇଙ୍ଗ ଗ୍ରାମର ମୂଳବାସିନ୍ଦା ତଥା ଝାରସୁଗୁଡ଼ା ଜିଲା ଧୁଲୁଣ୍ଡା ଗ୍ରାମ ସହ ପାରିବାରିକ ଭାବରେ ସମ୍ପୃକ୍ତ ଥିବା ଦୀପକ ପ୍ରଧାନଙ୍କ ଉଦ୍ୟମରେ ପ୍ରସ୍ତୁତ ହୋଇଛି। ଏହି ଗୀତର ସାରାଂଶରେ ଜଣେ ଛୋଟ ପିଲା ନିଜ ହୃଦୟରୁ ଶ୍ରୀଜଗନ୍ନାଥଙ୍କୁ 'ମୁଁ ତମ ସହ ଖେଳିବାକୁ, ମଜା କରିବାକୁ, ଖାଇବାକୁ ଚାହୁଁଛି' ବୋଲି ହାତଯୋଡି ଡାକୁଛି। ପିଲାଟିର ଡାକରେ ଶ୍ରୀଜଗନ୍ନାଥ ତା' ପାଖକୁ ଆସି ତାହାର ପ୍ରତ୍ୟେକ ଇଚ୍ଛା ପୂରଣ କରିଛନ୍ତି। ନିସ୍ୱାର୍ଥପର ଏବଂ ନିର୍ମଳ ହୃଦୟରେ ଶ୍ରୀଜଗନ୍ନାଥଙ୍କୁ ଯାହା ମାଗିଲେ ସେ ପୂରଣ କରନ୍ତି ବୋଲି ଗୀତରେ ଅତି ସୁନ୍ଦର ଭାବରେ ପ୍ରଦର୍ଶିତ ହୋଇଛି। ଏହି ଗୀତର ନିର୍ଦ୍ଦେଶନା ସାହିଲ ଦି ଷ୍ଟାର କରିଥିବାବେଳେ ଏଟିଆର କମ୍ପାନୀ ପକ୍ଷରୁ ଗୀତ ପ୍ରକାଶନ କରାଯାଇଛି। ଏହି ଗୀତରେ ଖୁସି ଆରାଧା ତିୱାରି ଏବଂ ଅରବାଜ ମୁଖ୍ୟ ଭୂମିକାରେ ଅଛନ୍ତି।

# ତେନ୍ତଲାବାହାଲ ବ୍ରାହ୍ମଣ ସମାଜର ତ୍ରୈମାସିକ ବୈଠକ

**ଦେବଗଡ଼,୨୨।୬(ଶଶାଙ୍କ ଶେଖର ଝାଙ୍କର):** ରିଆମାଳ ବ୍ଲକ ଅଧୀନ ସାନ ଡଙ୍ଗାଘାଟ ଗ୍ରାମରେ ରବିବାର ତେନ୍ତଲାବାହାଲ ବ୍ରାହ୍ମଣ ସମାଜର ତ୍ରୈମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତେନ୍ତଲାବାହାଲ ବ୍ରାହ୍ମଣ ସମାଜର ସଭାପତି ପଦ୍ମଲୋଚନ ଶତପଥୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ନିକଟ ଅତୀତରେ ମୃତ୍ୟୁବରଣ କରିଥିବା ବ୍ରାହ୍ମଣ ସମାଜର ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଆଗାମୀ ଦିନରେ ଆୟୋଜନ ହେବାକୁ ଥିବା ସମାଜର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏଥିସହ ବ୍ରାହ୍ମଣ ସମାଜର ସାମୁହିକ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ସମାଜର ସମ୍ପାଦକ ଘନଶ୍ୟାମ ଆଚାର୍ଯ୍ୟ ପୂର୍ବ ଅଧିବେଶନର ନିଷ୍ପତ୍ତିକୁ ପାଠ କରିଥିଲେ। କୋଷାଧ୍ୟକ୍ଷ ପ୍ରକାଶ କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗଗନ ଶତପଥୀ, ରଞ୍ଜନ କୁମାର ଶତପଥୀ, ଅରୁଣ କୁମାର ପଣ୍ଡା, ପୁରୁଷୋତ୍ତମ ପଣ୍ଡା, କାଳୀଚରଣ ଆଚାର୍ଯ୍ୟ, ଦୁର୍ଯ୍ୟୋଧନ ଶତପଥୀ, ବିରଞ୍ଚି ନାରାୟଣ ମହାପାତ୍ର ଓ ନୀଳମଣି ସାବତଙ୍କ ସମେତ ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କବି ଅନନ୍ତ ରାମ ସାହୁଙ୍କ ୩ ପୁସ୍ତକ ଉନ୍ମୋଚିତ

**ଝାରସୁଗୁଡ଼ା,୨୨।୬(ଆଶିଷ ରଞ୍ଜନ ଦାଶ)**

ବରିଷ୍ଠ କବି, ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷା ଅଧିକାରୀ ଅନନ୍ତ ରାମ ସାହୁଙ୍କ ୩ଟି ପୁସ୍ତକ ଜିଲା ସଂସ୍କୃତି ଭବନ ପରିସରରେ ରବିବାର ପୂର୍ବାହ୍ନରେ ଉନ୍ମୋଚିତ ହୋଇଯାଇଛି। ଝାରସୁଗୁଡ଼ାର ବିଶିଷ୍ଟ କବି ତଥା ଲେଖକ ସୀତାରାମ ବିର୍ତ୍ତିଆଙ୍କ ପୌରୋହିତ୍ୟ ଏବଂ କବି ଅନ୍ତର୍ଯ୍ୟାମୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରଜରାଜନଗର ମହାବିଦ୍ୟାଳୟର ଓଡ଼ିଆ ଅଧାପିକା ପୁଷ୍ପାଞ୍ଜଳି ସାହୁ, ବରିଷ୍ଠ ଶିକ୍ଷକ ତଥା ଚିତ୍ରଶିଳ୍ପୀ ବେଲପାହାଡ଼ର ଠାକୁର ପ୍ରଧାନ ଯୋଗଦେଇଥିଲେ। କବି ଅନନ୍ତ ରାମ ସାହୁଙ୍କ ତୃତୀୟ ପୁସ୍ତକ ପଦ୍ୟ ରୂପଗୀତାକୁ ସାହିତ୍ୟିକ ଶ୍ରୀକର ଭୋଇ ସମୀକ୍ଷା କରିଥିଲେ। ଏଥିରେ ବରେଣ୍ୟ ଅତିଥି ଭାବେ ମୁରଲୀପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ପ୍ରଧାନ, ଅଧାପକ ବିକ୍ରମ ପ୍ରଧାନ ଓ ଅବସରପ୍ରାପ୍ତ ପ୍ରାଧାପକ ଝସ କୁମାର ଖମାରୀ ଯୋଗଦେଇଥିଲେ। ଏଥିସହ ଜିଲାର ଅନେକ ବୁଦ୍ଧିଜୀବୀ, ଶିକ୍ଷାବିତ୍, ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ବଂଶୀଧର ସାହୁ ଓ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା କବିଙ୍କ କାବ୍ୟକୁ ଆବୃତ୍ତି କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଧାନକିଣାରେ ଅବହେଳା, ଚାଷୀ ଅସନ୍ତୁଷ୍ଟ

**ଝାରସୁଗୁଡ଼ା,୨୨।୬(ଆଶିଷ ରଞ୍ଜନ ଦାଶ)**


ଖବରଦାତା ସମ୍ମିଳନୀରେ ଜିଲା କୃଷକ ସଙ୍ଗଠନର ଆବାହକ ବିରଞ୍ଚି ସାହୁ ଓ ଅନ୍ୟମାନେ।

ଝାରସୁଗୁଡ଼ା ଜିଲା ଲଖନପୁର ଅଞ୍ଚଳରେ ରବି ଧାନ କ୍ରୟରେ ଅବହେଳା ପ୍ରଦର୍ଶନ କରାଯାଇଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ପ୍ରଶାସନ ଦ୍ୱାରା ଜମିର ସର୍ଭେ ସହ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଛି। ହେଲେ ଚାଷୀଙ୍କ ଧାନ କିଣିବା ପାଇଁ ସରକାର ତଥା ଜିଲା ପ୍ରଶାସନ ଟାର୍ଗେଟ ଦେଉନାହିଁ। ଏହାକୁ ନେଇ ଲଖନପୁର ବ୍ଲକ ଅଧୀନ ଚାରପାଲି, କନକତୋରା, ରେମତା, ଭିକମପାଲି, ଅଡାବିରା, ଭଉଁରଖୋଲ, ସୁନାରୀ, ବେଲପାହାଡ଼ ଅଞ୍ଚଳର ଚାଷୀମାନେ ଧାନ ବିକିବା ପାଇଁ ଚିନ୍ତାରେ ପଡ଼ିଛନ୍ତି ବୋଲି ରବିବାର ଝାରସୁଗୁଡ଼ା ସହରର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କୃଷକ ସଙ୍ଗଠନର ଆବାହକ ବିରଞ୍ଚି ସାହୁ ପ୍ରକାଶ କରିଛନ୍ତି। ଏଥିରେ ଚାଷୀଙ୍କ ୬ ଦଫା ଦାବି ଉପସ୍ଥାପନ କରାଯାଇଛି।

ହୀରାକୁଦ ବିସ୍ଥାପିତଙ୍କୁ ପୁଣିଥରେ ରାଜ୍ୟ ସରକାର ପ୍ରତାରିତ କରୁଛନ୍ତି ବୋଲି ଲଖନପୁର ସମବାୟ ସମିତି ପରିଷଦ ପକ୍ଷରୁ ଏହି ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟକୁ ସାମନା କରି ଚାଷୀମାନେ ଚାଷ କରୁଥିବାବେଳେ ସରକାର ଓ ପ୍ରଶାସନର ଚରମ ଅବହେଳା ଯୋଗୁ ସେମାନେ ଅବହେଳିତ ହୋଇପଡିଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଝାରସୁଗୁଡ଼ା ଜିଲାର ରୟତି ଜମିରେ ଚାଷୀମାନେ କେତେ ଧାନଚାଷ କରିଛନ୍ତି, ହୀରାକୁଦ ବୁଡ଼ି ଅଞ୍ଚଳର ଜମିରେ କେତେ ଚାଷ କରାଯାଇଛି ପ୍ରଶାସନ ପକ୍ଷରୁ ସେସବୁର ଆକଳନ କରାଯାଇଛି। ଚାଷୀ ଚିହ୍ନଟ ସହ ଜମି ପରିମାଣ ସ୍ଥିର କରାଗଲା, ସରକାର କେତେ ଧାନ କିଣିବେ ତାହା ମଧ୍ୟ ସ୍ଥିର ହେଲା। ହେଲେ ଏବେସୁଦ୍ଧା ଜିଲାରେ ୫୨ ପ୍ରତିଶତ ଧାନ କିଣାଯାଇଥିବାବେଳେ ଆହୁରି ୪୮ ପ୍ରତିଶତ ଧାନ କିଣିବା ପାଇଁ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଲଖନପୁର ସମବାୟ ସମିତି ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଖବରଦାତା ସମ୍ମିଳନୀରେ ଚାଷୀ ସଙ୍ଗଠନର ସଦସ୍ୟ ପ୍ରଦୀପ ବିଶ୍ୱାଳ, ଗୌତମ ପ୍ରଧାନ, ଦିଲୀପ ବଢେଇ, ବୈକୁଣ୍ଠନାଥ ଖମାରୀ, ଈଶ୍ୱର ପ୍ରଧାନଙ୍କ ସମେତ ବହୁସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ।

# ଜୁଲାଇ ୧୨ରେ ଜାତୀୟ କବି ସମ୍ମିଳନୀ

**ସମ୍ବଲପୁରୀ ଭାଷାର ବ୍ୟାପକ ପ୍ରଚାରରେ ହେବ ସହାୟକ**

ସମ୍ବଲପୁର,୨୨।୬(ବି.ଶଙ୍କର) କଲମ ପରିବାର ସମ୍ବଲପୁର ଓ ଆସାମ ଗୁଆହାଟି ଆର୍ଲି କବିତା ଅନୁଷ୍ଠାନ ମିଳିତ ଉଦ୍ୟମରେ ଜୁଲାଇ ମାସରେ ଦ୍ୱିଦିବସୀୟ ଜାତୀୟ କବି ସମ୍ମିଳନୀ ଅନୁଷ୍ଠିତ ହେବ। ଜୁଲାଇ ୧୨ ଓ ୧୩ ତାରିଖ ଏହି କାର୍ଯ୍ୟକ୍ରମ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ହେବ। କାର୍ଯ୍ୟକ୍ରମରେ ଆସାମ, ତ୍ରିପୁରା, ଦିଲ୍ଲୀ ଓ ପଶ୍ଚିମବଙ୍ଗର ୪୫ ଜଣ କବି ଯୋଗଦାନ କରିବେ ବୋଲି ସମ୍ପାଦକ ପ୍ରକାଶ କରିଛନ୍ତି। ଏଥିସହ କଲମ ପରିବାରର ଅନେକ କବୟିତ୍ରୀ ଓ କବି ଯୋଗଦାନ କରିବେ। ରବିବାର ସମ୍ବଲପୁରର ସାମ୍ବାଦିକ ଭବନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଜାତୀୟ କବି ସମ୍ମିଳନୀ ଅନ୍ୟ ଭାଷା ସହ ସମ୍ବଲପୁରୀ ଭାଷା ମଧ୍ୟରେ ସମନ୍ୱୟ ଏବଂ ସମ୍ବଲପୁରୀ ଭାଷାର ବ୍ୟାପକ ପ୍ରଚାର ପ୍ରସାରରେ ସହାୟକ ହେବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଡ. ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ସଫଳ କରିବାକୁ କାର୍ଯ୍ୟକାରୀ କମିଟି, ଉପ ସମିତି ଗଠନ ହୋଇଥିଲା। କାର୍ଯ୍ୟକାରୀ ସମିତିରେ ଡ.ପଣ୍ଡାଙ୍କ ସହ ଐତିହାସିକ ଦୀପକ କୁମାର ପଣ୍ଡା, ଲକ୍ଷ୍ମୀ ନାରାୟଣ ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ, ସୁବାସ ପାଣିଗ୍ରାହୀ, ତପିଲୁଲ ହୁସେନ, କ୍ଷେତ୍ରମଣି ବିଭାର ଏବଂ ଜୟକୃଷ୍ଣ ବେହେରା ରହିଛନ୍ତି। ସେହିପରି ସେମିନାର ଉପ ସମିତିରେ ଡ. ସତ୍ୟନାରାୟଣ ଠାକୁର, ବିଭୁତି ଭୂଷଣ ମିଶ୍ର, ଡ. ପଦ୍ମାଳୟା ପଣ୍ଡା, ପୁଷ୍ପଲ ସୁପ୍ରିୟା ଦାସଙ୍କୁ ମନୋନୀତ କରାଯାଇଛି। ସ୍ମାରକୀ ଓ ଭୋଜନ ଉପ ସମିତିରେ ତରଣୀସେନ ମେହେର, ଲଳିତ ମୋହନ ବେବର୍ତ୍ତା, ପ୍ରଭଞ୍ଜନ ପୁରୋହିତ, ଡ.ସୁଧାଂଶୁ ଭୂଷଣ ଷଣ୍ଢଙ୍କୁ ଦାୟିତ୍ୱ ଦିଆଯାଇଛି। କବିତା ପାଠ ଉପ ସମିତିରେ ବିକ୍ରମାଦିତ୍ୟ ସିଂ ଦାୟିତ୍ୱରେ ରହିଛନ୍ତି। ଅନୁଷ୍ଠାନ ସମ୍ପାଦକ ବିଭାର ପ୍ରାଥମିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ କବିତା ପାଠୋତ୍ସବ ହୋଇଥିଲା।

# ଆମେରିକାର ଭ୍ରମଣ ସତର୍କତା: ଓଡ଼ିଶାରେ ରାଜନୈତିକ ଝଡ଼

ଭୁବନେଶ୍ୱର,୨୨।୬(ରବିନାରାୟଣ ଜେନା) ଅର୍ଥନୀତି ଦୃଷ୍ଟିରୁ ଭାରତ ବିଶ୍ୱର ପ୍ରମୁଖ ତିନି ରାଷ୍ଟ୍ର ମଧ୍ୟରେ ସ୍ଥାନ ପାଇବାକୁ ଉଦ୍ୟମ ଜାରି ରଖିଛି। ଏଥିନିମନ୍ତେ ଦେଶର ପର୍ଯ୍ୟଟନ କ୍ଷେତ୍ରର ବିକାଶ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ପର୍ଯ୍ୟଟନସ୍ଥଳକୁ ଅଧିକରୁ ଅଧିକ ବିଦେଶୀଙ୍କ ଆଗମନ ଦେଶର ଅର୍ଥନୈତିକ ବିକାଶରେ ସହାୟକ ହୋଇପାରିବ। ହେଲେ ଓଡ଼ିଶା ସମେତ ଭାରତର ୬ ରାଜ୍ୟକୁ ଆମେରିକା 'ଅପରାଧପ୍ରବଣ ଅଞ୍ଚଳ' ଭାବେ ଦର୍ଶାଇ ତା'ର ନାଗରିକଙ୍କ ପାଇଁ ଜୁନ୍ ୧୬ରେ କଠୋର ଭ୍ରମଣ ସତର୍କତା ଜାରି କରିଛି। ତଦନୁଯାୟୀ ୬ ରାଜ୍ୟରେ ଦ୍ରୁତଗତିରେ ବୃଦ୍ଧିପାଉଥିବା ଅପରାଧ ମଧ୍ୟରୁ ବଳାତ୍କାର ଅନ୍ୟତମ ବୋଲି ଦର୍ଶାଇ ଆମେରିକୀୟ ନାଗରିକଙ୍କୁ ସତର୍କ କରାଇ ଦିଆଯାଇଛି। ବିଶେଷକରି ମହିଳା ପର୍ଯ୍ୟଟକଙ୍କୁ ଏକୁଟିଆ ନ ଯିବାକୁ ଆମେରିକାର ପରରାଷ୍ଟ୍ର ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଦେଖିବାକୁ ଗଲେ କିଛି ମାସ ହେଲା ଆମେରିକା ଭାରତ ବିରୋଧୀ କେତେକ ପଦକ୍ଷେପ ନେବାରେ ଲାଗିଛି। ସେଥିମଧ୍ୟରୁ ମେ' ଦ୍ୱିତୀୟ ସପ୍ତାହରେ ପାକିସ୍ତାନ ସହ ଆତଙ୍କବାଦ ବିରୋଧରେ ଭାରତ ଯୁଦ୍ଧ କରୁଥିବାବେଳେ ଆମେରିକାର ଦୋମୁହାଁ ନୀତି ଦେଖିବାକୁ ମିଳିଥିଲା। ମେ' ୯ ତାରିଖରେ ପାକିସ୍ତାନକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ୧ ବିଲିୟନ ଆମେରିକୀୟ ଡଲାର ଋଣ ମଞ୍ଜୁର କରିଥିଲା, ଯାହାକି ୱାଶିଂଟନର ବିନା ସମର୍ଥନରେ ଅସମ୍ଭବ। ଏବେ ଆମେରିକା ଭାରତକୁ ସୁଦାନ ଭଳି ଅପରାଧପ୍ରବଣ ଅଞ୍ଚଳ ଭାବେ ଦର୍ଶାଇବାକୁ ଚେଷ୍ଟା କରିଛି। ଏହାଦ୍ୱାରା ଭାରତକୁ ବିଦେଶୀ ନାଗରିକଙ୍କ ଆଗମନ ଗୁରୁତର ଭାବେ ହ୍ରାସ ପାଇବା ଆଶଙ୍କା କରାଯାଉଛି। ଆମେରିକାର ଏହି ଭ୍ରମଣ ସତର୍କତାକୁ ଭାରତ ଉପରେ କୂଟନୈତିକ ଚାପ ବୋଲି ଅନେକେ ମତ ଦେଉଛନ୍ତି। ଏନେଇ ରାଜନୈତିକ ଝଡ଼ ମଧ୍ୟ ସୃଷ୍ଟି ହୋଇଛି।

ଆମେରିକାର ଲେଭଲ-୨ ଟ୍ରାଭେଲ ଆଡଭାଇଜରିରେ ଉଲ୍ଲେଖ ଥିବା ଭାରତର ୬ ରାଜ୍ୟ ମଧ୍ୟରେ ଓଡ଼ିଶା ସମେତ ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ମେଘାଳୟ ରହିଛି। ବିରୋଧୀ କଂଗ୍ରେସ ଓ ବିଜେଡି ଏହାକୁ ନେଇ କେନ୍ଦ୍ର ଏବଂ ଓଡ଼ିଶା ଭାଜପା ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ଚରମ ସୀମାରେ ପହଞ୍ଚିଲାଣି। କଂଗ୍ରେସ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କ ଦୃଷ୍ଟିକୁ ଆଣିବାପାଇଁ ବାରମ୍ବାର ଚେଷ୍ଟା କରୁଛି। ହେଲେ ଭାଜପା ସରକାର ପ୍ରସଙ୍ଗକୁ ଆଡ଼େଇ ଚାଲିଛନ୍ତି। ପରିସ୍ଥିତି ଏପରି ହେଲାଣି ଯେ, ଆମେରିକା ଯେଉଁ ଆଡ୍‌ଭାଇଜରି ଜାରି କରିଛି, ସେଥିରେ ଓଡ଼ିଶା ସମେତ ଭାରତ ଉପରେ ଯାତାୟାତରେ ଅଙ୍କୁଶ ଲଗାଇଛି। ଏହା ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ଟ୍ରମ୍ପଙ୍କ ନିମନ୍ତ୍ରଣ ଅଗ୍ରାହ୍ୟ କରିଥିବା ନେଇ ବାହୁସ୍ଫୋଟ ମାରୁଥିଲେ। ହେଲେ ଏବେ ଯେଉଁ ଆଡ୍‌ଭାଇଜରି ଆସିଛି ତା' ଉପରେ ସ୍ପଷ୍ଟୀକରଣ ରଖନ୍ତୁ। ମୋଦି ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବରେ ନାରୀ ନିର୍ଯାତନା ପ୍ରସଙ୍ଗରେ ଗୋଟିଏ ପଦ କହିଲେ ନାହିଁ। ବାସ୍ତବରେ ଟ୍ରମ୍ପ ଏବଂ ମୋଦିଙ୍କ ମଧ୍ୟରେ ସେଭଳି କିଛି ଭଲ ସମ୍ପର୍କ ନାହିଁ ବୋଲି ଭକ୍ତ କହିଛନ୍ତି। ବିଜେଡିର ବରିଷ୍ଠ ବିଧାୟକ ପ୍ରତାପ କେଶରୀ ଦେବ କହିଛନ୍ତି, ଆମେରିକାର ଏହି ମାର୍ଗଦର୍ଶିକା ଭାରତ ତଥା ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱ ରଖୁଛି। ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ବର୍ଷପୂର୍ତ୍ତି ଉତ୍ସବରେ ଟ୍ରମ୍ପ କିଭଳି ତାଙ୍କୁ ନିମନ୍ତ୍ରଣ କରିଥିଲେ ଏବଂ ସେ ମହାପ୍ରଭୁ ଜଗନ୍ନାଥଙ୍କ ଭୂମିକୁ ଆସିବା ପାଇଁ ତାହାକୁ ଅଗ୍ରାହ୍ୟ କଲେ, ସେଥିନେଇ ଅବତାରଣା କରିଥିଲେ। ହେଲେ ଏବେ ଯେଉଁ ଆଡ୍‌ଭାଇଜରି ଆସିଛି, ତାହାକୁ ରାଜ୍ୟ ସରକାର ବିଶେଷ ଭାବେ ଚିନ୍ତନ କରିବା ଆବଶ୍ୟକ। ଏହି ସମୟ ଉତ୍ସବର ନୁହେଁ, ଆତ୍ମସମୀକ୍ଷା ଓ ମାନସମନ୍ଥନର ବେଳ ବୋଲି ପ୍ରତାପ ଦେବ କହିଛନ୍ତି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଆମେରିକା ପକ୍ଷରୁ ଯେଉଁ ମାର୍ଗଦର୍ଶିକା ଭାରତ ପରିପ୍ରେକ୍ଷୀରେ ଜାରି ହୋଇଛି, ସେଥିରୁ ତାଙ୍କ ଅସହିଷ୍ଣୁତା ସ୍ପଷ୍ଟ ବାରିହେଉଛି। ରାଜ୍ୟ ସରକାର ମହିଳାମାନଙ୍କୁ ତ୍ୱରିତ ନ୍ୟାୟ ଦେବାପାଇଁ ୭ଟି ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏହାବ୍ୟତୀତ ପ୍ରତ୍ୟେକ ଘଟଣାକୁ ଗମ୍ଭୀରତାର ସହ ଗ୍ରହଣ କରି ୨୪ରୁ ୭୨ଘଣ୍ଟା ମଧ୍ୟରେ ଅସାମାଜିକଙ୍କୁ ଗିରଫ କରାଯାଉଛି। ଏହାକୁ ନେଇ ବିରୋଧୀ ଅଯଥାରେ ପ୍ରସଙ୍ଗ କରିବା ଠିକ୍ ନୁହେଁ। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଆମେରିକାରେ ସବୁବେଳେ ଢଙ୍ଗା ହେଉଛି ଏବଂ ଗୁଳିକାଣ୍ଡ ଘଟୁଛି। ଟ୍ରମ୍ପଙ୍କ ଉପରେ କ'ଣ ଆକ୍ରମଣ ହୋଇନି, ନା ହ୍ୱାଇଟ୍ ହାଉସକୁ ଟାର୍ଗେଟ୍ କରାଯାଉନି? ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ଏଭଳି ପରିବେଶ ପୃଥିବୀରେ ମିଳିବନି। କାଁ ଭାଁ ସମସ୍ୟା ଲାଗିରହିବ। ଆମେ ତାକୁ ଦୃଢ଼ହସ୍ତରେ ଦମନ କରୁଛୁ। ଅପରାଧିକ କାର୍ଯ୍ୟକଳାପକୁ ଆମ ସରକାର ଆଦୌ ବରଦାସ୍ତ କରୁନାହିଁ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଭାରତ ବିକାଶ ଆଡ଼କୁ ତୀବ୍ର ଗତିରେ ମୁହାଁଇଥିବାବେଳେ ଆମେରିକା ଏଭଳି ଆଡ୍‌ଭାଇଜରି ଜାରି କରି ନିଜ ଅସହିଷ୍ଣୁତାର ପରିଚୟ ଦେଇଛି।

---

## OFFICE OF THE SUPERINTENDING ENGINEER (MECH) PORTS & INLAND WATER TRANSPORT, MECHANICAL DIVISION

C.D.A., SECTOR-6, CUTTACK-14, Phone: 0671-2504177
E-mail: portsniwtm@gmail.com

Letter No. 2053 Date: 20.06.2025

**1st CORRIGENDUM TO REQUEST FOR PROPOSAL VIDE LETTER No. 1899/Dtd.30.05.2025**

No. JJ-23: In pursuance to the Request for Proposal (RFP) vide Letter No. 1899/Dtd.30.05.2025 for the work **"Operation and Maintenance of Slipway, EOT crane (10 MT capacity) & Mechanical Workshop at Ports & IWT, Balugaon Sub-Division, Khordha"** on lease basis is hereby cancelled due to non-participation of any bidders.

Sd./- Superintending Engineer (Mech.)
Ports & IWT Mechanical Division
CDA, Sector-6, Cuttack-14

OIPR-38042/11/0010/2526

---

## GOVERNMENT OF ODISHA FOREST, ENVIRONMENT & CLIMATE CHANGE DEPARTMENT

No.MM-97

## OFFICE OF THE DIVISIONAL FOREST OFFICER, KHARIAR FOREST DIVISION-766107

Tel/Fax : 06671-224237, e-mail : dfo.khariar@odisha.gov.in
**Bid Identification No. DFO-KHR-02/2025-26 dated 19.06.2025**
**Letter No. 4186/1F-Acct / Dated, Khariar the 19th June-2025**

**NOTICE INVITING TENDER**

| Sl. No. | Name of the Work | Procurement of Different Planting materials for Planting Season-2025-26 https://nuapada.odisha.gov.in |
|---|---|---|
| 1 | Estimated Cost | Depending upon funds availability |
| 2 | Period & time of completion | 07 days from the date of issue of orders |
| 3 | Date & time of availability of the bid document in the portal | 19.06.2025 to 25.06.2025 |
| 4 | Last date/Time for receipt of bids in the portal | Up to 5.00 P.M. of 25.06.2025 |
| 5 | Date & Time of bid opening | 11.30 hours on Dated 26.06.2025 |
| 6 | Name & Address of the officer inviting Bid | Divisional Forest Officer, Khariar Forest Division, Pin-766107 |

Others can see the details from Notice inviting Tenders, available in website - https://nuapada.odisha.gov.in. Corrigendum if any, shall only be published in the above website.

Sd./- Divisional Forest Officer
Khariar Forest Division

OIPR-08153/11/0011/2526

---

## OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI

No.C-562 **'e'-Procurement Notice**

**Bid Identification No. 03 / PKDM - 2025-26**

Letter No.2036 Date. 19.06.2025

| | | |
|---|---|---|
| 1 | Name of the work | Preparation of Comprehensive Drainage Master Plan and DPR for Storm Water Drainage System of Paralakhemundi Municipality, in the District of Gajapati, Odisha |
| 2 | Date and time availability of bid documents in the portal | From 20.06.2025 at 10.00 A.M. to 11.07.2025 at 5.00 P.M. |
| 3 | Last date / Time for receipt of bids in the portal | 11.07.2025 at 5.00 P.M. |
| 4 | Submission of Documents (Bid Processing Fee, EMD, Annexure, other documents etc.) by Register Post or Speed Post | On or before 15.07.2025 by 5.00 P.M. |
| 5 | Date and time of opening of bid | 18.07.2025 at 11.00 A.M. |
| 6 | Name and address of the officer Inviting Bid | Executive Officer, Paralakhemundi Municipality |

Further details can be seen from the e-procurement portal "https://tendersorissa.gov.in"

Sd./- Executive Officer
Paralakhemundi Municipality

OIPR-13145/11/0026/2526

---

## ODISHA PUBLIC SERVICE COMMISSION CUTTACK

**NOTICE**

**No. 4271 / P.S.C., Dt. 21.06.2025**
**(1R-17-24/25) (DR-V)**

**Assistant Professor (Stage-I) (College Branch)**
**(Advertisement No.27 of 2023-24)**

**No.D-** : It is for information of all concerned that, the candidates who are shortlisted for Document Verification for the posts of Assistant Professor (Stage-I) (College Branch) Pursuant to Advertisement No.27 of 2023-24, required to submit the following documents (both Original & One Set of Self-attested Photocopies) at the time of verification. All the Certificates/ Documents should be issued within the last date of Submission of Online Application i.e. 30.05.2024.

1. Hard copy of **online application** form indicating their **PPSAN at the top right-hand corner**.
   (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/OTP etc. through OPSC e-Chayan Portal via **www.opscechayan.in**).
2. Three **passport size photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (to be downloaded from the website of the Commission) affixed with passport size photographs.
4. H.S.C. or equivalent Certificate in support of declaration of age issued by the concerned Board/Council.
5. Bachelor's Degree Certificate & marksheet issued by the recognized University.
6. Master's Degree Certificate & marksheet in the concerned/ relevant/ allied discipline as mentioned in Appendix- 'B' of the Advt. No.27 of 2023-24 in respect of educational qualification prescribed for the recruitment.
7. M. Phil Certificate & Marksheet.
8. NET/JRF/SET/SLET qualified Certificate.
9. Ph. D Degree Certificate.
10. Conversion Certificate from the concerned University indicating the actual equivalent percentage of marks.
11. Odia Test pass Certificate.
12. Caste Certificate wherever applicable.
13. Identity card issued by the Director of Sports, Odisha in case of Sports Person.
14. Permanent Disability Certificate (indicating permanent disability of 40% or more).
15. One set Xerox copy of Published Research Papers.
16. Teaching/ post-doctoral experience Certificate.
17. Awards.
18. No Objection Certificate from the competent authority in case of Govt. Servants.
19. Any proof of identity.
20. Any other documents as mentioned in Para-9 of the Advertisement No.27 of 2023-24.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the photocopies of the above documents.

OIPR-12002/11/0250/2526 Sd./- Secretary

---

## Government Of Odisha
## Office of the Executive Engineer
## Rural Works Division-II, Nabarangpur, Umerkote

No.O-325

e-mail - eerwukt@gmail.com & eerwukt@ymail.com

Letter No. : 2326 Date : 20.06.2025

**e-Procurement Notice**

1. Name of the work : Building Works (Composite Tender), 2. Total No. of works : 02 (Two) Nos., 3. Approx. Estimated Cost : Varies from 53.32 Lakhs to 88.71 Lakhs, 4. Class of Contractor : "B" Class of Contractor, 5. Period of completion : As per TCN

| Procurement officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Nabarangpur, Umerkote | Online Tender/04/RWD-UKT/2025-26 | 26.06.2025 at 11.00 A.M. | 08.07.2025 up to 5.00 P.M. | 07.07.2025 at 01.00 P.M. | 09.07.2025 at 11.00 A.M. | To be intimated separately |

Further details can be seen from the Government website www.tendersodisha.gov.in.

Sd./- Executive Engineer
Rural Works Division-II, Nabarangpur, Umerkote

OIPR-25103/11/0021/2526

---

## ODISHA PUBLIC SERVICE COMMISSION CUTTACK

**NOTICE**

**No. 4218 / P.S.C., Dt. 20.06.2025**
**(1R-17-24/25) (DR-V)**

**Assistant Professor (Stage-I) in Psychology**
**(Advertisement No.27 of 2023-24)**

**No.D-111** : It is for information of all concerned that, document verification of **83 (eighty-three)** candidates having **PPSAN** mentioned below for the post of **Assistant Professor (Stage-I) in "Psychology"**, pursuant to Advertisement No.27of 2023/24 shall be held from **01.07.2025 to 05.07.2025** as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 01.07.2025 | 10.30 A.M. | P240302746, P240234863, P240269033, P240288424, P240305876, P240305495, P220011351, P240307158, P240309383 & P230134664 **= 10 Candidates** |
ସମ୍ଭବ ଷ୍ଟିଲ୍ ଟ୍ୟୁବ୍‌ସ ଲିମିଟେଡ୍ (ଏସ୍‌ଏସ୍‌ଟିଏଲ୍)ର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ୨୦୨୫ ଜୁନ୍ ୨୫ରେ ଖୋଲିବ। ଏହି ଅଫରର ମୋଟ୍ ଆକାର ୫୪୦ କୋଟି ଟଙ୍କା ରହିଛି। ସେଥିରୁ ୪୪୦ କୋଟି ଟଙ୍କାର ନୂଆ ଇକ୍ୱିଟି ଶେୟାର ଜାରି କରାଯିବ ଏବଂ ଅଫର୍ ଫର୍ ସେଲ୍‌ରେ ଅଂଶଧନକାରୀମାନେ ୧୦୦ କୋଟି ଟଙ୍କାର ଇକ୍ୱିଟି ଶେୟାର୍ ବିକ୍ରି କରିବେ। ସେହିଭଳି ଏହାର ଆଙ୍କର ନିବେଶକମାନେ ଗୋଟିଏ କାର୍ଯ୍ୟଦିବସ ପୂର୍ବରୁ ବିଡ୍ ଦାଖଲ କରିପାରିବେ। ଏପରିକି ୨୦୨୫ ଜୁନ୍ ୨୭ରେ ଏହି ଆଇପିଓର ବିଡ୍ ଦାଖଲ ଶେଷ ହେବ। ଏହି ଅଫର୍‌ରେ ଇକ୍ୱିଟି ଶେୟାର ପିଛା ଦାମ୍ ୭୭ଟଙ୍କାରୁ ୮୨ ଟଙ୍କା ମଧ୍ୟରେ ରହିଛି, ନିବେଶକମାନେ ସର୍ବନିମ୍ନ ୧୮୨ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରିପାରିବେ ଏବଂ ସେଥିରେ ୧୮୨ଟି ଲେଖାଏଁ ଇକ୍ୱିଟି ଶେୟାର ଯୋଡ଼ିପାରିବେ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ, ତାହାକୁ କମ୍ପାନୀ ହାସଲ କରିଥିବା କିଛି ଋଣକୁ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରିବ।

# ପ୍ରକୃତି ଯୋଗ ଭୂମିର ଶୁଭାରମ୍ଭ




**ଭୁବନେଶ୍ୱର,୨୨।୬: (ଅଭୟ ଦାଶ)**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ) ଲିମିଟେଡର ବହୁ ପ୍ରତୀକ୍ଷିତ ପ୍ରକଳ୍ପ 'ପ୍ରକୃତି ଯୋଗ ଭୂମି'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନାଲକୋର ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି ସୁସ୍ଥତା ଏବଂ ଯୋଗାଭ୍ୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନାଲ୍‌କୋ ପକ୍ଷରୁ ପୁରୀର ମହାତ୍ମା ଗାନ୍ଧୀ ପାର୍କ ପରିସରରେ ଏକ ଯୋଗ ମଣ୍ଡପ 'ପ୍ରକୃତି ଯୋଗ ଭୂମି'ର ଆରମ୍ଭ କରାଯାଇଛି। ସେହିଭଳି ନାଲ୍‌କୋ ଦ୍ୱାରା ବିକଶିତ ଓ ପରିଚାଳିତ 'ମହାତ୍ମା ଗାନ୍ଧୀ ପାର୍କ' ପୁରୀର ସମସ୍ତ ବର୍ଗର ନାଗରିକମାନଙ୍କ ପାଇଁ ଏକ ଲୋକପ୍ରିୟ ସ୍ଥାନ ପାଲଟିଛି। ଏହି ପାର୍କକୁ ଅଞ୍ଚଳବାସୀ ଜଗିଂ, ସକାଳ ଏବଂ ସନ୍ଧ୍ୟା ଭ୍ରମଣ ତଥା ବ୍ୟାୟାମ ନିମନ୍ତେ ଆସିଥାନ୍ତି। ଏପରିକି ଯୋଗ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ 'ପ୍ରକୃତି ଯୋଗ ଭୂମି' ସ୍ୱାସ୍ଥ୍ୟ ସଚେତନ ଜନସାଧାରଣ, ବରିଷ୍ଠ ନାଗରିକ ଓ ଯୁବବର୍ଗଙ୍କୁ ଉତ୍ସାହିତ କରିଛି। ସେହିପରି ଏକ ଶାନ୍ତ ଓ ପ୍ରାକୃତିକ ପରିବେଶରେ ଯୋଗାଭ୍ୟାସ କରିବା ନିମନ୍ତେ ଏହି ସ୍ଥାନ ପ୍ରେରଣା ଯୋଗାଇବ।

# କ୍ୟୁଆଇପି ଜରିଆରେ ପାଣ୍ଠି ସଂଗ୍ରହ

**ଭୁବନେଶ୍ୱର,୨୨।୬**

ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ୍ (ଇରେଡା) ପକ୍ଷରୁ କ୍ୱାଲିଫାଏଡ୍ ଇନଷ୍ଟିଟ୍ୟୁସନ୍ସ ପ୍ଲେସ୍‌ମେଣ୍ଟ (କ୍ୟୁଆଇପି) ଜରିଆରେ ୨୦୦୫.୯୦ କୋଟି ଟଙ୍କା ହାସଲ କରାଯାଇଛି। ଏପରିକି ଶେୟାର ପିଛା ୧୬୫.୧୪ ଟଙ୍କା ହିସାବରେ ୧୨.୧୫ କୋଟି ଶେୟାର ଜାରି କରି କମ୍ପାନୀ ଏହି ପାଣ୍ଠି ସଂଗ୍ରହ କରିଛି। ଶେୟାର ପିଛା ୧୬୫.୧୪ ଟଙ୍କାର ଇସ୍ୟୁ ମୂଲ୍ୟ ହେଉଛି, ଶେୟାର ପିଛା ୧୭୩.୮୩ ଟଙ୍କାର ଫ୍ଲୋର୍ ମୂଲ୍ୟର ୫% ରିହାତି ବୋଲି କୁହାଯାଉଛି। ସେହିଭଳି ଉଭୟ ଘରୋଇ ଓ ବୈଦେଶିକ ଯୋଗ୍ୟ ସଂସ୍ଥାଗତ ଗ୍ରାହକ(କ୍ୟୁଆଇବି)ଙ୍କ ଠାରୁ ଏହା ଜବରଦସ୍ତ ସମର୍ଥନ ହାସଲ କରିଥିଲା। ସେଥିରେ ବୀମା କମ୍ପାନୀ, ସିଡ୍ୟୁଲ୍‌ଡ କମର୍ସିଆଲ୍ ବ୍ୟାଙ୍କ ଓ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ସାମିଲ ଥିଲେ। ବୋର୍ଡ ପକ୍ଷରୁ ଇକ୍ୱିଟି ଶେୟାରକୁ ଯୋଗ୍ୟ ସଂସ୍ଥାଗତ ଗ୍ରାହକଙ୍କୁ ଆବଣ୍ଟନ କରାଯାଇଥିଲା। ଏହି କ୍ୟୁଆଇପି ଅଧିକ ସବ୍‌ସ୍କ୍ରାଇବ୍ ହୋଇଥିଲାବେଳେ ୧୫୦୦କୋଟି ଟଙ୍କାର ଆଧାର ଆକାର ତୁଳନାରେ ୨୦୦୫.୯୦ କୋଟି ଟଙ୍କାର ବିଡ୍ ହାସଲ କରିଥିଲା। ଏହା ୧.୩୪ ଗୁଣା ଅଧିକ ବୋଲି କୁହାଯାଉଛି। ଏହି ପାଣ୍ଠି ଇରେଡାର ଟାୟାର-୧ ପୁଞ୍ଜି ଓ ସାମଗ୍ରିକ ପୁଞ୍ଜି ସ୍ୱଚ୍ଛଳତା ହାର (ସିଏଆର୍)କୁ ସମର୍ଥନ କରିବ ବୋଲି କୁହାଯାଉଛି। ଏହା ଭାରତର ଅକ୍ଷୟ ଶକ୍ତି କ୍ଷେତ୍ରକୁ ସହାୟତା ପ୍ରଦାନ କରିବା ଲାଗି କମ୍ପାନୀର କ୍ଷମତାରେ ଉନ୍ନତି ଆଣିବ। ଏ ସମ୍ପର୍କରେ ଇରେଡାର ସିଏମଡି ପ୍ରଦୀପ କୁମାର ଦାସ କହିଛନ୍ତି, କ୍ୟୁଆଇପି ଜରିଆରେ ସଂଗ୍ରହ ହୋଇଥିବା ପାଣ୍ଠି ପାଇଁ ଆମେ ବେଶ ଉତ୍ସାହିତ ଅଛୁ। ଏପରିକି ୨୦୨୩ ନଭେମ୍ବରରେ ଆମ ଆଇପିଓର ଅଳ୍ପ ସମୟ ପରେ, ଏହି କ୍ୟୁଆଇପି ସଫଳତାର ସହ ସମ୍ପନ୍ନ ହୋଇଛି।




ପତଞ୍ଜଳି ପକ୍ଷରୁ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ହରିୟାଣାଠାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପତଞ୍ଜଳି ଯୋଗପୀଠର ପ୍ରମୁଖ ତଥା ଯୋଗଗୁରୁ ସ୍ୱାମୀ ରାମଦେବଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ହରିୟାଣାର ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ, ମୁଖ୍ୟମନ୍ତ୍ରୀ ନାଏବ ସିଂହ ସୈନି, କୁରୁକ୍ଷେତ୍ର ସାଂସଦ ନବୀନ ଜିନ୍ଦଲଙ୍କ ସମେତ ଆଚାର୍ଯ୍ୟ ବାଲକ୍ରିଷ୍ଣା ଓ ଅନ୍ୟମାନେ ସାମିଲ ହୋଇ ଯୋଗ କରିଥିଲେ। ପରିଶେଷରେ ମୁଖ୍ୟମନ୍ତ୍ରୀ ନାଏବ ସିଂହ ସୈନିଙ୍କୁ ରାମଦେବ ସମ୍ମାନିତ କରିଛନ୍ତି।

# ବୀମା କ୍ଷେତ୍ରରେ ଡିଜିଟାଲ ପ୍ରକ୍ରିୟାକରଣ

**ଭୁବନେଶ୍ୱର,୨୨।୬**

ଦେଶର ଅଗ୍ରଣୀ ବୀମା ପ୍ଲାଟଫର୍ମ ତଥା ପଲିସି ବଜାର ଫର୍ ବିଜ୍‌ନେସର ନୂତନ ଉତ୍ପାଦ 'ଏନ୍‌ରୁଟ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ପ୍ଲାଟଫର୍ମ ଭାରତୀୟ ବ୍ୟବସାୟଗୁଡ଼ିକୁ ସଶକ୍ତ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ ଏହି ନୂତନ ସୁବିଧା 'ଏନ୍‌ରୁଟ'କୁ ବଜାରରେ ପ୍ରଚଳନ କରାଇଛି। ସେହିଭଳି ଏହା ଏକ ଡିଜିଟାଲ ପ୍ଲାଟଫର୍ମ ହୋଇଥିଲାବେଳେ ଏହା ସାମୁଦ୍ରିକ ପରିବହନ ବୀମା ଘୋଷଣା, ପ୍ରମାଣପତ୍ର ଏବଂ ପଲିସି ଅପଡେଟ ପାଇଁ ସମୟକୁ ଦିନରୁ ମାତ୍ର ସେକେଣ୍ଡକୁ ହ୍ରାସ କରିଥାଏ। ଏପରିକି ଏହି ସମଗ୍ର ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ଓସିଆର-ବେସ୍‌ଡ ଅପଲୋଡ୍‌ସ ଏବଂ ହ୍ୱାଟ୍‌ସଆପ୍ ଏକୀକରଣର ଉପଯୋଗ କରିଥାଏ।

ଏ ସମ୍ପର୍କରେ ପଲିସି ବଜାର ଫର୍ ବିଜନେସର ନିର୍ଦ୍ଦେଶକ ସଜ୍ଜା ପ୍ରବୀଣ ଚୌଧୁରୀ କହିଥିଲେ, ଭାରତରେ ସାମୁଦ୍ରିକ ବୀମା ବ୍ୟବହାରକାରୀ ଅଭିଜ୍ଞତା, ଗତି ଏବଂ ସ୍ୱଚ୍ଛତା ଦୃଷ୍ଟିରୁ ବହୁ ଦିନ ଧରି ଅନୁପଯୁକ୍ତ ରହିଛି। ଏନ୍‌ରୁଟ ସହିତ ଆମେ ବ୍ୟବସାୟ ପାଇଁ ପ୍ରକୃତ କାର୍ଯ୍ୟକ୍ଷମ ସମସ୍ୟାର ସମାଧାନ କରୁଛୁ, ତାହା ପରିବହନ ଘୋଷଣା ପ୍ରକ୍ରିୟାକୁ ଅସୁବିଧା ମୁକ୍ତ କରିବା, ଶୀଘ୍ର ପ୍ରମାଣପତ୍ର ପ୍ରଦାନ କରିବା କିମ୍ବା ପଲିସିକୁ ଦକ୍ଷତାର ସହିତ ପରିଚାଳନା କରିବା ପାଇଁ ପ୍ରସ୍ତୁତି କରାଯାଇଛି। ଏହା କେବଳ ଆରମ୍ଭ ପ୍ରଯୁକ୍ତିବିଦ୍ୟା ହୋଇଥିଲାବେଳେ କିପରି ବାଣିଜ୍ୟିକ ବୀମାକୁ ସରଳ କରିପାରିବ, ସେ ନେଇ ଆମେ ଯୋଜନା ପ୍ରସ୍ତୁତ କରିଛୁ ବୋଲି ପ୍ରବୀଣ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ସୁସ୍ଥ ହେଲେ ଦାରୁଦିଅଁ, ଗଜପତିଙ୍କୁ ଖବର ଦେଲେ ଦଇତାପତି ସେବକ

ପୁରୀ,୨୨।୬(ଅଜିତ୍ କୁମାର ମହାନ୍ତି)

ଆଷାଢ ମାସ କୃଷ୍ଣପକ୍ଷ ଦ୍ୱାଦଶୀ ଅବସରରେ ରବିବାର ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଦାରୁଦିଅଁ ସୁସ୍ଥ ହେବା ଖବର ଦଇତାପତି ସେବକ ରାଜନହର ଯାଇ ଗଜପତି ମହାରାଜଙ୍କୁ ସୂଚନା ଦେବା ସହିତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ପ୍ରଦାନ କରିଛନ୍ତି। ଯାହାକୁ ରାଜ ପ୍ରସାଦ ବୀଜେ ନୀତି ବୋଲି କୁହାଯାଏ। ସୂଚନାଯୋଗ୍ୟ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନବେଦୀରେ ଶ୍ରୀବିଗ୍ରହ ମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଚିକିତ୍ସିତ ହେଉଥିଲେ। ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ଲାଗି ଦଇତା ଓ ପତିମହାପାତ୍ର ଗୁପ୍ତ ସେବା କରୁଥିଲେ। ପର୍ଯ୍ୟାୟକ୍ରମେ ଅଣସରର ପଞ୍ଚମୀ ତିଥିରେ ବଡ଼ଓଡିଆ ମଠରୁ ଆସିଥିବା ଫୁଲୁରି ତେଲ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗିହେବା ପରେ ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷ ତିନିଦିନ ଧରି ଲାଗି ହୋଇଥିଲେ। ପରେ ଖଳିଲାଗି ଏକାଦଶୀରେ ତୁଳସୀ ସହ ଦଶମୂଳ ମୋଦକ ମଧ୍ୟ ଲାଗି କରାଯାଇଥିଲା। ଏହାପରେ ଦାରୁଦେବତା ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ପରମ୍ପରା ଅନୁଯାୟୀ ଦ୍ୱାଦଶୀ ତିଥିରେ ଅଣସରରେ ଥିବା ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ରାଜନହରକୁ ବିଜେ ହେବାର ପରମ୍ପରା ରହିଛି। ରବିବାର ଶ୍ରୀମନ୍ଦିରରେ ସକାଳଧୂପ ସମ୍ପନ୍ନ ହୋଇ ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ଦଇତାପତି ସେବକ ଅଣସର ଘର ଖୋଲି ଭିତରକୁ ପ୍ରବେଶ କରିଥିଲେ। ଭଣ୍ଡାର ମେକାପ ଦେଇଥିବା ପାଟବସ୍ତ୍ର ପଡିଥିବା ରୂପାଥାଳ ଅଣସର ଘରକୁ ନେଇ ଠାକୁରଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ, ପାଟଡୋରି ସଜେଇ କରି ରଖିଥିଲେ। ବେହେରଣ ଦ୍ୱାରରେ ଆସ୍ଥାନ ପଢିଆରୀ ପକାଇଥିବା କପଡ଼ା ଉପରେ ଏହି ଥାଳିକୁ ସଜାଇ ରଖିଥିଲେ। ପରେ ଘଣ୍ଟ, ଛତା, କାହାଳୀ ସହ ଥାଳିଗୁଡ଼ିକୁ ଦଇତା ଓ ପତିମହାପାତ୍ର ଗଜପତି ମହାରାଜଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ଏକ ପଟୁଆରରେ ଯାଇଥିଲେ। ଶ୍ରୀନଅର ରାଜବାଟୀରେ ପଡିଥିବା ଚାରିବାଡ଼ର ପାହାଡ଼ା ଉପରେ ଥାଳିମାନ ରଖିଥିଲେ। ରାଜଗୁରୁଙ୍କ ସହିତ ଗଜପତି ମହାରାଜା ଆସିଥିଲେ। ଏହାପରେ ଥାଳିଗୁଡ଼ିକୁ ସଂସ୍କାର କରି ରାଜଗୁରୁ ଗଜପତି ମହାରାଜାଙ୍କ ମୁଣ୍ଡରେ ଲଗାଇଥିଲେ। ଗଜପତି ମହାରାଜା ଦଇତାପତିଙ୍କୁ ଶାଢି ବନ୍ଧେଇବା ଲାଗି ରାଜଗୁରୁଙ୍କୁ ଆଜ୍ଞା ପ୍ରଦାନ କରିଥିଲେ। ଦଇତାପତିମାନେ ଶାଢି ବନ୍ଧାଇବା ପରେ ଦାରୁ ବିଗ୍ରହ ସୁସ୍ଥ ହେବା ଖବର ଜଣାଇଥିଲେ। ଗଜପତିଙ୍କ ସହ ଠାକୁରଙ୍କ ଅଣସର ଘର କାର୍ଯ୍ୟ ସହ ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ହେବ ସେ ବିଷୟରେ ମଧ୍ୟ ଗଜପତି ଦଇତାପତିଙ୍କ ସହ ଆଲୋଚନା କରିଥିଲେ। ପରେ ଦଇତାପତି ସେବକ ମାନେ ଶ୍ରୀନଅରରୁ ପ୍ରସ୍ଥାନ କରିଥିଲେ। ସେହିପରି ତ୍ରୟୋଦଶୀ ସୋମବାର ଅବସରରେ ଶ୍ରୀବିଗ୍ରହଙ୍କୁ ଘଣା ଲାଗି କରାଯିବ।

## ଶ୍ରୀନଅରକୁ ରାଜପ୍ରସାଦ ବୀଜେ ନୀତି ସମ୍ପନ୍ନ



ଶ୍ରୀନଅରକୁ ରାଜପ୍ରସାଦ ବିଜେ କରିବା ପରେ ରାଜଗୁରୁ ଦଇତାପତି ଆଣିଥିବା ମହାପ୍ରଭୁଙ୍କ ଚନ୍ଦନକରାଳ ଆଦିକୁ ଗଜପତିଙ୍କୁ ସମର୍ପଣ କରୁଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



ଡ. ମୁକ୍ତିକାନ୍ତ ମିଶ୍ର
(ପ୍ରତିଷ୍ଠାତା: ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ)
ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନବସର, ମହାବୀର ଜୟନ୍ତୀ ଅବସରରେ ଆପଣଙ୍କ ୬୦ତମ ଶୁଭ ଜନ୍ମଦିନ ଉପଲକ୍ଷେ ସମସ୍ତ ବନ୍ଧୁ ଓ ପରିବାରବର୍ଗଙ୍କ ତରଫରୁ ଈଶ୍ୱରଙ୍କ ନିକଟରେ ଦୀର୍ଘାୟୁକାମନା କରୁଛି।
ଶୁଭେଚ୍ଛା ସହ :
ଦୁର୍ଗାମାଧବ ବଳିଆର ସିଂ
ଧ-୭୬୯୨୫


## ଫାର୍ମାସିରେ ଡକ୍ଟରେଟ୍ ଲାଭ



ଶ୍ରୀ ଶ୍ରୀଧର ରଞ୍ଜନ ଦାସ Biju Patnaik University of Technology (BPUT), Rourkelaରୁ ଫାର୍ମାସି ବିଭାଗରେ କୃତିତ୍ୱ ସହ (Ph.D) ଉପାଧି ଲାଭ କରିଛନ୍ତି। Einstein College of Pharmacy, Khurdaର Prof. (Dr.) Bibhuti Bhusan Panigrahi ଏବଂ I.G.I.P.S., Bhubaneswarର Prof. (Dr.) Manoj Kumar Paniଙ୍କ ତତ୍ତ୍ୱାବଧାନରେ "Formulation and Evaluation of Novel Bilayer Floating Tablet by using Selective Drugs as GRDDS" ଉପରେ ଗବେଷଣା କରିଥିବା ସନ୍ଦର୍ଭଟି Examiner, Prof. (Dr.) Satyabrata Bhanja, RITEE College of Pharmacy, Raipur ଏବଂ Dr. Rakesh Gupta, Vaish Institute of Pharmaceutical Education, Rohtak, Haryanaଙ୍କ ଦ୍ୱାରା ମୂଲ୍ୟାୟନ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଶ୍ରୀଧର ରଞ୍ଜନ ଦାସ ବର୍ତ୍ତମାନ S.I.P.E.R., Cuttack ଠାରେ Associate Professor ଭାବେ କାର୍ଯ୍ୟରତ ଥିବା ସହ ତାଙ୍କର ଗବେଷଣାମୂଳକ କାର୍ଯ୍ୟ ପାଇଁ ବିଦେଶର ଅନେକ ଗବେଷଣା ସଂସ୍ଥା ଦ୍ୱାରା ପ୍ରଶଂସିତ ହେବାରେ ସୌଭାଗ୍ୟ ଲାଭ କରିଛନ୍ତି। ସେ ଅନେକ ବହୁ ପ୍ରତିଷ୍ଠିତ ଗବେଷଣାତ୍ମକ ପ୍ରକ୍ରିୟା ପ୍ରକାଶକ ସଂସ୍ଥାରେ ସମୀକ୍ଷକ ଭାବେ କାର୍ଯ୍ୟ କରି ଦେଶ ଏବଂ ବିଦେଶରେ ପ୍ରତିଷ୍ଠା ଲାଭ କରିଛନ୍ତି। ଡ. ଶ୍ରୀଧର ରଞ୍ଜନ ଦାସ କଟକ ଜିଲ୍ଲାର ଯଶପଡ଼ା ନିବାସୀ, ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ କର୍ମଚାରୀ ଶ୍ରୀଯୁକ୍ତ ସୁଦାମ ଚରଣ ଦାସ ଏବଂ ଶ୍ରୀମତୀ ବାସନ୍ତୀ ଦାସଙ୍କ ମଧ୍ୟମ ପୁତ୍ର ଅଟନ୍ତି। ସେ ପିଙ୍ଗୁଆ, ଢେଙ୍କାନାଳ ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଦୁଃଶାସନ ବେହେରା ଏବଂ ଶ୍ରୀମତୀ କୁନି ବେହେରାଙ୍କ ଏକମାତ୍ର ଜାମାତା ଅଟନ୍ତି। ସେ ଏହି କାର୍ଯ୍ୟର ସଫଳତାର ଶ୍ରେୟ ପ୍ରଭୁ ଶ୍ରୀଜଗନ୍ନାଥ, ଝଙ୍କଡ଼ ବାସିନୀ ମା' ଶାରଳା, ପିତାମାତା, ପରିବାର, ବନ୍ଧୁ, ପରିଜନ ତଥା ଗବେଷଣା ପାଇଁ ଉତ୍ସାହିତ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରିଛନ୍ତି।

ଧ-୧୦୩୭


ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଅଣସରରେ ଦରଜି ସେବା

ମହାପ୍ରଭୁଙ୍କ ସେବା ମଧ୍ୟରେ ଅନ୍ୟତମ ଦରଜି ସେବା। ଏହି ଦରଜି ସେବା ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀମନ୍ଦିର ଉପାସନାର ଗୋଟିଏ ଆବଶ୍ୟକୀୟ ସେବା ହେଉଛି ଦରଜି ସେବା। ଏହି ସେବକଙ୍କୁ ଦରଜି ସେବକ କୁହାଯାଏ। ଏମାନଙ୍କର ଜଣେ ସର୍ଦ୍ଦାର ରହି ଦରଜିମାନଙ୍କୁ ଡାକି କାମ କରାନ୍ତି ବୋଲି ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ରହିଛି। ଦରଜି ସେବକମାନେ ବେଢ଼ପତ୍ର ଅନୁଯାୟୀ କାର୍ଯ୍ୟ କରିଥାନ୍ତି। କେବଳ ଦରଜିଙ୍କର ଯିଏ ସର୍ଦ୍ଦାର ରହନ୍ତି, ସେ ହିଁ 'ଶାଢ଼ୀ ବନ୍ଧାନ୍ତି'। ଅନ୍ୟମାନଙ୍କର ଶାଢ଼ୀ ବନ୍ଧା ହୁଏ ନାହିଁ। ଏହି ସେବା ବଂଶାନୁକ୍ରମିକ। ପ୍ରାୟ 'ମହାପାତ୍ର' ସାଙ୍ଗିଆରେ ଦରଜି ସେବକମାନେ ପରିଚିତ। ଦରଜିମାନେ ସେବା ଜାଣିବା ପରେ ସେବାକାର୍ଯ୍ୟ କରିଥାନ୍ତି। କେଉଁ ବେଢ଼ରେ କେତେ କାମ ହେବ, ତାହା ନିର୍ଦ୍ଦିଷ୍ଟଭାବେ ଉଲ୍ଲେଖ ହୋଇ ରହିଛି। ଚଉଦଜଣ ଦରଜିଙ୍କୁ ନେଇ ଏକ 'ନିଯୋଗ' ଥିବାର ସୂଚନା ସ୍ୱତ୍ୱଲିପିରେ ଉଲ୍ଲେଖ ରହିଛି। ପ୍ରତ୍ୟେକ ବେଢ଼ରେ ଜଣେ ମୁଖିଆ ରହି ସେହି ବେଢ଼ର ନିର୍ଦ୍ଦିଷ୍ଟ କାର୍ଯ୍ୟକୁ କରାଇଥାନ୍ତି। ବେଢ଼ କହିଲେ, କାହା ପରେ କିଏ କାମ କରିବ ଏବଂ କାହାର କାହା ପରେ କାମ ପଡୁଛି ଏହାର କ୍ରମ ତାଲିକା। ଦରଜି ସେବାରେ ମୋଟ ବାରଗୋଟି ବେଢ଼ ତାଲିକା ରହିଛି। ଅର୍ଥାତ୍ ବାରଟି ବେଢ଼ ତାଲିକା ଅନୁଯାୟୀ ବର୍ଷସାରା ସେବା କାର୍ଯ୍ୟ ନିର୍ବାହ ହୋଇଥାଏ। ଏଥିରୁ ସ୍ପଷ୍ଟ ଅନୁମାନ କରାଯାଏ ଯେ, ଏହି ସେବା ଗୋଟିଏ ଛୋଟ ସେବା ନୁହେଁ। ମହାପ୍ରଭୁଙ୍କ ବାରମାସର ତେର ଯାତ୍ରାରେ ଦରଜିଙ୍କର ବ୍ୟାପକ ସେବା ରହିଛି। ସେବା ପାଇଁ ଗଜପତିଙ୍କ ଶାସନ ସମୟରେ ଦରଜିମାନଙ୍କୁ 'ସନନ୍ଦ' ପ୍ରଦାନ କରାଯାଉଥିଲା। ଗଜପତିଙ୍କ ହୁକୁମନାମା ବା ସନନ୍ଦ ପାଇଥିବା ଦରଜିମାନଙ୍କୁ ସରକାରୀ ଦରଜି ବୋଲି କୁହାଯାଉଥିଲା।

# ବିଧବାଙ୍କ ସ୍ୱରକୁ ଦୃଢ଼ କରାଯାଉ

## ଆଜି ଅନ୍ତର୍ଜାତୀୟ ବିଧବା ଦିବସ



ଘର ସଂସାର କରି ଜୀବନକୁ ଖୁସିରେ ବିତାଇବାକୁ ପ୍ରାୟ ମହିଳାଙ୍କର ଆଶା ଥାଏ। କିନ୍ତୁ କେତେକ ପରିସ୍ଥିତିରେ ଏଭଳି ଆଶାରେ କଳା ବାଦଲ ମାଡ଼ିଆସେ। ସ୍ୱାମୀଙ୍କର ମୃତ୍ୟୁ ପରେ ସେମାନଙ୍କୁ ବିଧବା ଜୀବନ କଟାଇବାକୁ ପଡ଼ିଥାଏ। ଆଉ ଏଭଳି ଜୀବନରେ ବି କେତେକ ସମସ୍ୟା ଆସିଥାଏ। କିନ୍ତୁ ଏଗୁଡ଼ିକ ପ୍ରତି ଧ୍ୟାନ ଦେବା ସହ ତା'ର ସମୁଚିତ ସମାଧାନର ଆବଶ୍ୟକତା ମଧ୍ୟ ରହିଛି। ତେବେ ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁନ୍ ୨୩ ତାରିଖକୁ 'ଅନ୍ତର୍ଜାତୀୟ ବିଧବା ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ବିଶ୍ୱବ୍ୟାପୀ ବିଧବାମାନଙ୍କର ସମସ୍ୟାଗୁଡ଼ିକର ସମାଧାନ ପାଇଁ ମିଳିତ ଜାତିସଂଘ ପକ୍ଷରୁ ଉଦ୍ୟମ ଜାରୀ ରହିଛି। ଅବଶ୍ୟ ଲୁମ୍ବା ଫାଉଣ୍ଡେଶନ ପକ୍ଷରୁ ୨୦୦୫ରେ ପ୍ରଥମ ଥର ପାଇଁ ବିଧବା ଦିବସ ପାଳନ କରାଯାଇଥିଲା। ୨୦୧୦ରେ ମିଳିତ ଜାତିସଂଘ ଜୁନ୍ ୨୩ରେ ଏହି ଦିବସ ପାଳନକୁ ସ୍ୱୀକୃତି ଦେଇଥିଲେ। ସୂଚନାଯୋଗ୍ୟ ଲୁମ୍ବା ଫାଉଣ୍ଡେଶନର ପ୍ରତିଷ୍ଠାତା ଲର୍ଡ ରାଜ ଲୁମ୍ବାଙ୍କ ମା' ପୁଷ୍ପାବତୀ ଲୁମ୍ବା ଜୁନ୍ ୨୩ରେ ବିଧବା ହୋଇଥିଲେ। ତେବେ ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି, 'ବିଧବାଙ୍କ ସ୍ୱରକୁ ଦୃଢ଼ କରାଯାଉ'। ଏକ ଆକଳନରୁ ଜଣାପଡିଛି ଯେ, ସମଗ୍ର ବିଶ୍ୱରେ ପ୍ରାୟ ୨୪୫ ମିଲିୟନ ବିଧବା ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୧୧୫ ମିଲିୟନ ଦୁର୍ଦ୍ଦଶା ମଧ୍ୟରେ କାଳାତିପାତ କରୁଛନ୍ତି। ତେଣୁ ସେମାନେ କିପରି ଭଲ ଭାବରେ ଜୀବନ ବିତାଇ ପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବା ଦରକାର। ଅବଶ୍ୟ ଏହି ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧବାମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯିବା ସହ ସେଗୁଡ଼ିକ ସମାଧାନ ପାଇଁ ବିଚାର ଆଲୋଚନା କରାଯାଇଥାଏ।


# Classified Everyday
0674-2580101, 9692975378



REAL ESTATE
SALE

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର- 6000/-, ଝାରପଡ଼ା- 4600/- contact- 7978551614, 9439049194. D-950



2nos of 2BHK Residential flat with all facilities with 2wheeler parking available for Rent at Cuttack, Shivajee Nagar. Contact: 9040029298 D-990



Positively health benefits SPA expert female therapist homely atmosphere. 8658088274. D-974

Newly open health benefits SPA by expert therapist. Contact- 8280961126. D-76924

Newly open spa positively health benefits (Expert therapist). Contact: 7749034655 D-76922

Newly open Jyoti SPA positively health benefits (expert therapist). 8458067955. D-76923

AFFIDAVIT

By virtue of an affidavit sworn before Magistrate, BBSR, dated- 21.06.25, I, Mukesh Pradhan, Address: At- Christapur, P.O.- Chelagada, Dist.- Gajapati, PIN- 761017, declare that I have changed my son's name from Prince Pradhan to Pradeep Pradhan. Henceforth, he shall be known as Pradeep Pradhan for all purposes.
Mukesh Pradhan
D- 1033

I, Sunita Agarwal, D/o Dwarika Prasad Modi, W/o Sachin Agarwal, At- Classic Apartment, flat-1(B), first floor, Sahebzada Bazar, Ganesh Ghat, P.O.- Chandinichowk, P.S.- Lalbag, Dist.- Cuttack, 753002 hereby declare by the affidavit No.- 5062, dt- 21.06.25 that after Married to Sachin Agarwal I have changed my surname Modi to Agarwal. So Sunita Agarwal and Sunita Modi is one and same person. D-1039

I, Jyoti Sharma, W/o Asish Sharma, At- Hemraj Lane, Nayasadak, P.O.- Chandini Chouk, P.S.- Lalbag, Dist.- Cuttack, declare by an affidavit before Notary Public, Cuttack Dt- 18.06.25 that name of my husband is Asish Sharma. Asish Sharma and Asish Kumar Sharma is one and same person. D-1040

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

IR No.- 955/ date- 10.06.25

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଆଇ.ଏ.ଏସ୍., ଅତିରିକ୍ତ କମିଶନର, ରିଭିଜନାଲ କୋର୍ଟ ନଂ.-୨, ୪ର୍ଥ ମହଲା, ନଅତାଲା, ୟୁନିଟ୍-୫, ଭୁବନେଶ୍ୱର, ଜି-ଖୋର୍ଦ୍ଧା
ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା ୧୫ (ଖ) ମୁତାବକ
ଓ.ଏସ୍.ଏସ୍. କେସ୍ ନମ୍ବର- ୮୧/୨୦୨୩
ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

ପୁଷ୍ପାଞ୍ଜଳି ମହାପାତ୍ର, ସ୍ୱା- ପ୍ରକାଶ ନାରାୟଣ ଭଣ୍ଡାରେ ...ବାଦୀ
ବନାମ
ବନ୍ଦୋବସ୍ତ ଅଫିସର ଏବଂ ଓଗେର ...ପ୍ରତିବାଦୀ

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ.-୨- ରଙ୍ଗଲତା ସାହୁ, ସ୍ୱା- ବଂଶୀଧର ସାହୁ, ସା- ଗମେଇ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.-୫- ଚିତ୍ତରଞ୍ଜନ ସାହୁ, ପି- ବଂଶୀଧର ସାହୁ, ସା- ଗମେଇ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.-୭- ବିନୋଦିନୀ ସାହୁ, ପି- ବଂଶୀଧର ସାହୁ, ସା- ଗମେଇ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.-୮- ଆହ୍ଲାଦିନୀ ସାହୁ, ପି- ବଂଶୀଧର ସାହୁ, ସା- ଗମେଇ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.- ୧୦- ଭକ୍ତି ରଞ୍ଜନ ସାହୁ, ପି- କାଳୀଚରଣ ସାହୁ, ସା- ଗମେଇ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା

ନୋଟିସ
ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

ପ୍ରତିବାଦୀ ନଂ.-୨- ରଙ୍ଗଲତା ସାହୁ, ସ୍ୱା- ବଂଶୀଧର ସାହୁ, ପ୍ରତିବାଦୀ ନଂ.-୫- ଚିତ୍ତରଞ୍ଜନ ସାହୁ, ପି- ବଂଶୀଧର ସାହୁ, ପ୍ରତିବାଦୀ ନଂ.-୭- ବିନୋଦିନୀ ସାହୁ, ପି- ବଂଶୀଧର ସାହୁ, ପ୍ରତିବାଦୀ ନଂ. ୮- ଆହ୍ଲାଦିନୀ ସାହୁ, ପି- ବଂଶୀଧର ସାହୁ, ପ୍ରତିବାଦୀ ନଂ. ୧୦- ଭକ୍ତି ରଞ୍ଜନ ସାହୁ, ପି- କାଳୀ ଚରଣ ସାହୁ, ସମସ୍ତ ପ୍ରତିବାଦୀ ସା- ଗମେଇ, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା ଅଟନ୍ତି। ଯେହେତୁ ଏହି ପ୍ରତିବାଦୀଙ୍କ ନିକଟକୁ ମାନ୍ୟବର କୋର୍ଟଙ୍କର ନୋଟିସ୍ ଯିବାରେ ପ୍ରତିବାଦୀମାନେ ଉକ୍ତ ଠିକଣାମାନଙ୍କରେ ରହୁନଥିବାରୁ ନୋଟିସ୍ ଫେରସ୍ତ ଆସିଅଛି ସୁତରାଂ ପ୍ରତିବାଦୀଙ୍କର ଅବଗତି ନିମନ୍ତେ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ଉପରଲିଖିତ ରିଭିଜନ କମିଶନରଙ୍କ ଅଦାଲତ ଇଜିଲାସରେ ଭୁବନେଶ୍ୱର ସ୍ଥିତ ନଅତାଲା କୋଠା କାର୍ଯ୍ୟାଳୟରେ ଆସନ୍ତା ତା୨୨।୦୭।୨୦୨୫ରିଖ ଦିବା ୧୧:୧୫ ମିନିଟ୍ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିଜମା ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ:-ଜଟଣୀ, ମୌଜା:- ନୀଳକଣ୍ଠପୁର, ହାଲ ଖାତା ନଂ- ୭୮, ହାଲ ପ୍ଲଟ ନଂ.- ୩୩୩, ସମୁଦାୟ ଏରିଆ:- ଏ ୦.୦୫୫ କରେସ୍ପଣ୍ଡିଙ୍ଗ୍ ଟୁ ସାବିକ ଖାତା ନଂ. ୮୦, ସାବିକ ପ୍ଲଟ ନଂ. ୨୫୫ (ସବ୍ ପ୍ଲଟ୍- ୪୮- ଏରିଆ:- ଏ ୦.୦୨୭.୫ ଓ ସବ୍ ପ୍ଲଟ୍- ୪୯, ଏରିଆ:- ଏ ୦.୦୨୭.୫) ସମୁଦାୟ ଏରିଆ:- ଏ ୦.୦୫୫ ସର୍ବମୋଟ ଏ ୦.୨୯୦ଡି ମଧ୍ୟରୁ ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ- ୨, ୫, ୭, ୮ ଓ ୧୦ ମାନେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସ୍‌ରେ ଉପସ୍ଥିତ ରହି ମୋକଦ୍ଦମା ଶୁଣାଣିରେ ଅଂଶଗ୍ରହଣ କରିବେ ଯଦି ଓ୍ୱାରସ୍ ପ୍ରତିବାଦୀମାନଙ୍କର ଆପତ୍ତି ଅଭିଯୋଗ ତଥା କାଗଜାତ ପ୍ରମାଣ କରିବାର ଥାଏ ତାହା କୋର୍ଟଙ୍କୁ ଜଣାଇବେ। ଅନ୍ୟଥା ନିୟମ ଅନୁଯାୟୀ ଉପରଲିଖିତ ମୋକଦ୍ଦମାକୁ ବିଚାର କରାଯିବ।

ଭୁବନେଶ୍ୱର
ତା:

ଅତିରିକ୍ତ କମିଶନର ରିଭିଜନାଲ କୋର୍ଟ ନଂ- ୨, ୪ର୍ଥ ମହଲା, ନଅତାଲା କୋଠା, ୟୁନିଟ- ୫, ଭୁବନେଶ୍ୱର, ଜି- ଖୋର୍ଦ୍ଧାଙ୍କ ଅନୁମୋଦନ କ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୦୩୮


# ମନେ ପଡ଼ନ୍ତି

## ତୃତୀୟ ଶ୍ରାଦ୍ଧବାର୍ଷିକୀ



୰ଦୋଳଗୋବିନ୍ଦ ଷଡ଼ଙ୍ଗୀ
ଅବସରପ୍ରାପ୍ତ ଓଡ଼ିଶା ରାଜ୍ୟ ଶିଳ୍ପ ଉପନିର୍ଦ୍ଦେଶକ
ଆବିର୍ଭାବ- ୧୦।୦୩।୧୯୩୯
ତିରୋଧାନ- ୨୬।୦୬।୨୦୨୨
(ଆଷାଢ଼ କୃଷ୍ଣପକ୍ଷ ତ୍ରୟୋଦଶୀ)
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ନିଃସ୍ୱାର୍ଥପର ସେବା ମନୋଭାବ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣ ସର୍ବଦା ଆମ୍ଭମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ। ପତ୍ନୀ ବିୟୋଗ ପରେ ଭୁବନେଶ୍ୱରସ୍ଥିତ ରତ୍ନପ୍ରଭା ଦେବୀ ମେମୋରିଆଲ ଟ୍ରଷ୍ଟର ସ୍ଥାପନା ଓ ଏହାର ଏକକ ସଂସ୍ଥାପକ ଅଧ୍ୟକ୍ଷ ଭାବେ ଆପଣଙ୍କ କାର୍ଯ୍ୟ ସମ୍ପାଦନ ଅବିସ୍ମରଣୀୟ ତଥା ପ୍ରେରଣାଦାୟୀ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ- ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୦୩୬

## ଦଶାହ ଉପଲକ୍ଷେ



୰ଗୀତାଞ୍ଜଳି ସେଠୀ (ମାମି)
କାସିଆ, ବଳଙ୍ଗା, ନିମାପଡ଼ା
ଆବିର୍ଭାବ: ୧୧।୦୬।୧୯୭୦
ତିରୋଧାନ: ୧୪।୦୬।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତିଦାୟକ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:
ହତଭାଗ୍ୟ ସ୍ୱାମୀ: ଗୋକୁଳାନନ୍ଦ ଓ ପରିବାରବର୍ଗ
ଧ-୧୦୩୪

## ଏକାଦଶାହ ଉପଲକ୍ଷେ



୰ଦ୍ରୌପଦୀ ବେହେରା
ସ୍ଥାନ: ଡମଣା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୨୪।୧୧।୧୯୪୪
ତିରୋଧାନ: ୧୩।୦୬।୨୦୨୫
ଚାହୁଁ ଚାହୁଁ ଦଶ ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର- ସନ୍ତୋଷ ବେହେରା, ପୁତ୍ରବଧୂ- ଶାନ୍ତି ବେହେରା, ନାତି- ବିଜୁ, ଅଜୁ, ଜାକେଶ, ମାନସ, ଦିନେଶ, ସୋନୁ, ସାନୁ, ନାତୁଣୀ- ସାଗରିକା, ସ୍ୱାଗତିକା, ଶ୍ରୀୟାଂଶୀ ଏବଂ ପରିବାରବର୍ଗ
ଧ-୧୦୧୬

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଡାଇରିଆ : କାରଣ, ପ୍ରତିକାର


ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ଝାଡ଼ାବାନ୍ତି ବା ଡାଇରିଆ ପ୍ରାୟତଃ ବର୍ଷା ଦିନେ ଅଧିକ ମାତ୍ରାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବହୁତ ଲୋକଙ୍କୁ ସଂକ୍ରମିତ ହେବାର ଆଶଙ୍କା ରହିଥାଏ, କାରଣ ପ୍ରବାହିତ ଜଳରେ ଜୀବାଣୁ ସଂକ୍ରମଣ ହେବାର ଆଶଙ୍କା ଅଧିକ। ଆମେ ଦୈନନ୍ଦିନ ଜୀବନରେ ଏସବୁ ପ୍ରତି ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଛି। ଡାଇରିଆ ଏମିତି ଏକ ସ୍ୱାସ୍ଥ୍ୟ ସମସ୍ୟା, ଯାହାକି ଯେକୌଣସି ସମୟରେ ସବୁ ବର୍ଗର ବ୍ୟକ୍ତିଙ୍କୁ ସଂକ୍ରମିତ ହୋଇଥାଏ। ଡାଇରିଆ ମୁଖ୍ୟତଃ ଜଳ ଏବଂ ମାଛିଙ୍କ ଦ୍ୱାରା ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ଅତିଶୀଘ୍ର ବ୍ୟାପିଥାଏ। ଏହାକୁ ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ରୋଗୀ ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ରହିଥାଏ।''





ମାନବ ସଭ୍ୟତା ସୃଷ୍ଟି ହେବା ଦିନଠାରୁ, ମନୁଷ୍ୟର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦୈନନ୍ଦିନ ମନୁଷ୍ୟ ଯେତେ ସତର୍କତାରେ ରହିଲେ ସୁଦ୍ଧା, ବେଳେ ବେଳେ ଅଜଣା ଓ ହେୟ ଜ୍ଞାନ ବଶତଃ ସାଧାରଣ ଭୁଲ୍ ହୋଇ ଯାଇଥାଏ। ବେଳେବେଳେ ଏହା ନିଜର, ନିଜ ପରିବାରର ସହ ସମାଜ ନିମନ୍ତେ ନାହିଁ ନଥିବା କ୍ଷତି ପହଞ୍ଚାଇ ଥାଏ। ବେଳେବେଳେ ଏପରି ସ୍ଥିତି ହୋଇଥାଏ ଯେ, ଏକାଧିକ ମନୁଷ୍ୟ ମୃତ୍ୟୁ ମୁଖରେ ପଡିବାର ଆଶଙ୍କା ରହିଥାଏ। ଆମର ସାମାଜିକ ଚଳଣି ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଆମର ପୂର୍ବ ପିଢ଼ିମାନଙ୍କ ଦୈନନ୍ଦିନ ଚାଲିଚଳଣି, ଖାଦ୍ୟପେୟ, ପୋଷାକ ଓ ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ସବୁ ଆଜିର ଆଧୁନିକ ସଭ୍ୟତାଠାରୁ ସମ୍ପୂର୍ଣ୍ଣ ଭିନ୍ନ ରକମର ଥିଲା। ଏହାଦ୍ୱାରା ଡାଇରିଆ, କଲେରା, ମିଳିମିଳା, ବସନ୍ତ, ହାଡ଼ଫୁଟି ଆଦି ମହାମାରୀ ଭାବେ ଜଣଙ୍କ ଠାରୁ ଅନ୍ୟ ଜଣକୁ କ୍ଷିପ୍ର ଗତିରେ ବ୍ୟାପି ବହୁ ଲୋକଙ୍କ ଜୀବନ ହାନି ଘଟୁଥିଲା। ଆଜି ସେ ପରିସ୍ଥିତି ନାହିଁ ସତ କିନ୍ତୁ ବେଳେ ବେଳେ କିଛି ତ୍ରୁଟି ବିଚ୍ୟୁତି ଘଟିଲେ ଡାଇରିଆ ପରି ପରିସ୍ଥିତି ସୃଷ୍ଟି ହେଉଛି। ସାଧରଣ ଭାବେ ଅନୁମେୟ କଲେ ଜଣାଯାଏ ଯେ ଆଜିର ଛୋଟ ପିଲା, ଯୁବପିଢ଼ି, ମଧ୍ୟବୟସ୍କ ଓ ବୟସ୍କ ଉଚ୍ଚ ରକ୍ତଚାପ, ସିକଲସେଲ, କିଡ୍‌ନୀ, ହୃଦ୍‌ରୋଗ ଜନିତ ବିଭିନ୍ନ ଜଟିଳ ତଥା ମାରାତ୍ମକ ରୋଗରେ ଆକ୍ରାନ୍ତ ହେବା ଦେଖା ଦେଇଛି। ଅତୀତରେ ଏସବୁ ରୋଗରେ ପୀଡ଼ିତ ରୋଗୀଙ୍କ ସଂଖ୍ୟା ଅତି ନଗଣ୍ୟ ଥିଲା। କିଛି ବର୍ଷ ପୂର୍ବେ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଜ୍ଞାନ ଏବଂ ସଚେତନତାର ଅଭାବରୁ ହେଉ କିମ୍ବା କୌଣସି କାରଣରୁ ବାସି ଖାଦ୍ୟ, ଘୋଡା ନ ହୋଇ ରଖାଯାଇଥିବା ଖାଦ୍ୟ ଖାଇବା, ପୋଖରୀ, ନଦୀ ଓ ଝରଣା ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରିବା ହେତୁ ଡାଇରିଆ ମହାମାରୀ ରୋଗରେ ବହୁ ବ୍ୟକ୍ତି ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିଲେ। ସାଧାରଣତଃ ବାସି ତଥା ବିଷାକ୍ତ ଖାଦ୍ୟ, ଦୂଷିତ ଜଳ ହିଁ ଝାଡ଼ାବାନ୍ତିର ପ୍ରମୁଖ କାରଣ। ଏହାକୁ ମନୁଷ୍ୟ ଖାଇବା ମାତ୍ରେ ତାହା ମନୁଷ୍ୟ ଶରୀରରେ ପାର୍ଶ୍ୱ ପ୍ରତିକ୍ରିୟା କରାଇ ରୋଗ ସୃଷ୍ଟି କରାଇଥାଏ।

## ଝାଡ଼ାବାନ୍ତି ହେବାର କାରଣ

ପ୍ରାୟତଃ ଗାଁ ଏବଂ ପଡାମାନଙ୍କରେ ରାତିରେ ରନ୍ଧା ଖାଦ୍ୟକୁ ସକାଳେ ଖାଇବା ପାଇଁ ରଖିଥାନ୍ତି। କେତେକ ଖାଦ୍ୟକୁ ଠିକ୍ ଭାବରେ ଘୋଡ଼ାଇ ରଖି ନ ଥାନ୍ତି। ଏହାଦ୍ୱାରା ମଶା, ମାଛି, କିମ୍ବା ଅନ୍ୟାନ୍ୟ କୀଟ ପତଙ୍ଗଙ୍କ ଦ୍ୱାରା ଖାଦ୍ୟ ବିଷାକ୍ତ ହେବାର ଆଶଙ୍କା ଥାଏ। ସେହି ଖାଦ୍ୟକୁ ଖାଇବା ଦ୍ୱାରା ମନୁଷ୍ୟ ଡାଇରିଆ (ଝାଡ଼ାବାନ୍ତି)ରେ ଆକ୍ରାନ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଥାଏ। ଏତଦ ସହ, ବଣରେ ଭିଭିନ୍ନ ରକମର ଛତୁ ଫୁଟିଥାଏ, କେଉଁ ଛତୁ ଖାଇବା କେଉଁ ଛତୁ ନଖାଇବା ତା' ଉପରେ ଅନେକଙ୍କର ଧାରଣା ନଥାଏ। ଏମିତି କେତେ ପ୍ରକାରର ଛତୁ ରହିଛି ଯାହାକି ସ୍ୱାସ୍ଥ୍ୟ ପାଇଁ ବିଷାକ୍ତ ଅଟେ। ତେଣୁ ଛତୁକୁ ଉଷ୍ମ ଜଳରେ ଅଳ୍ପ ହଳଦୀ ଗୁଣ୍ଡ ପକାଇ କିଛି ସମୟ ରଖି ରୋଷେଇ କରିବା ଉଚିତ। ଦୂଷିତ ପାଣି ପେଟକୁ ଗଲେ ଝାଡ଼ାବାନ୍ତିର ଶିକାର ହେବାକୁ ପଡିଥାଏ। ବନ୍ଧ, ନଦୀ, ନାଳ, ସଞ୍ଚିତ ଜଳାଶୟ, ଝରଣା ଜଳ କେତେକ କାରଣରୁ ଦୂଷିତ ହୋଇଥାଏ। ଡ୍ରେନ ପାଖ ଦେଇ ଯାଇଥିବା ପାଇପ ବେଳେବେଳେ ଫାଟିଯାଇଥାଏ। ଫଳରେ ପାନୀୟ ଜଳରେ ଦୂଷିତ ହୋଇଥାଏ। ଏସବୁ ଜଳକୁ ବ୍ୟବହାର କଲେ ଝାଡ଼ାବାନ୍ତି ହେବାର ଆଶଙ୍କା ରହିଥାଏ। ଜଳାଶୟରେ ଲୋକମାନେ ଶୌଚ କରିବା, ଗାଈ, ମଇଁଷି, ଘୁଷୁରିକୁ ଗାଧୋଇବା, ପୋଖରୀ ହୁଡ଼ାରେ ମନୁଷ୍ୟ, ଗାଈ, ଗୋରୁ, ଛେଳି, ମଇଁଷି, ଘୁଷୁରି ଆଦି ମଳ ତ୍ୟାଗ କରିବା ଦ୍ୱାରା ସେହି ପାଣି ବ୍ୟବହାର ଯୋଗ୍ୟ ହୋଇ ନ ଥାଏ। ପାହାଡ଼ର ନିମ୍ନ ଭାଗରେ ଝରଣା ଜଳ ମଧ୍ୟ ବେଳେବେଳେ ଦୂଷିତ ହୋଇଥାଏ।

ଝାଡ଼ାବାନ୍ତି ବା ଡାଇରିଆ ପ୍ରାୟତଃ ବର୍ଷା ଦିନେ ଅଧିକ ମାତ୍ରାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବହୁତ ଲୋକଙ୍କୁ ସଂକ୍ରମିତ ହେବାର ଆଶଙ୍କା ରହିଥାଏ କାରଣ, ପ୍ରବାହିତ ଜଳରେ ଜୀବାଣୁ ସଂକ୍ରମଣ ହେବାର ଆଶଙ୍କା ଅଧିକ ଅଟେ। ଆମେ ଦୈନନ୍ଦିନ ଜୀବନରେ ଏସବୁ ପ୍ରତି ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଛି। ଡାଇରିଆ ଏମିତି ଏକ ସ୍ୱାସ୍ଥ୍ୟ ସମସ୍ୟା, ଯାହାକି ଯେକୌଣସି ସମୟରେ ସବୁ ବର୍ଗର ବ୍ୟକ୍ତିଙ୍କୁ ସଂକ୍ରମିତ ହୋଇଥାଏ। ଡାଇରିଆ ମୁଖ୍ୟତଃ ଜଳ ଏବଂ ମାଛିଙ୍କ ଦ୍ୱାରା ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ଅତିଶୀଘ୍ର ବ୍ୟାପିଥାଏ। ଏହାକୁ ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁମୁଖରେ ପଡିବା ଆଶଙ୍କା ରହିଥାଏ। ତେଣୁ ଛୋଟ ଶିଶୁ, ଛାତ୍ରୀଛାତ୍ରଙ୍କ ସମେତ ଗାଁ, ପଡାମାନଙ୍କରେ ବସବାସ କରୁଥିବା ସାଧାରଣ ଲୋକଙ୍କୁ ମୁଖ୍ୟତଃ ଖାଦ୍ୟ ଓ ଜଳର ବ୍ୟବହାର ଉପରେ ସତର୍କତା ଓ ସଚେତନତା କରାଇବା ନିତାନ୍ତ ଜରୁରୀ।

ସରକାରଙ୍କ ଦ୍ୱାରା ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଓ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କ ଦ୍ୱାରା ସମସ୍ତ ଜୀବାଣୁ ଓ ଭୂତାଣୁ ଜନିତ ରୋଗର ପ୍ରତିରୋଧ ପାଇଁ ବିଭିନ୍ନ ଟିକାକରଣ ବ୍ୟବସ୍ଥା ରହିଛି। ଶିଶୁ ଓ ବୟସ୍କ ଶିଶୁଙ୍କ ଡାଇରିଆକୁ ପ୍ରତିରୋଧ ନିମନ୍ତେ ତିନୋଟି ପର୍ଯ୍ୟାୟ(୬,୧୦ ଓ ୧୪ ସପ୍ତାହ) ମଧ୍ୟରେ 'ରୋଟା ଭାଇରସ' ନାମକ ଟିକାକରଣ କରାଯାଇଥାଏ। ବେଳେବେଳେ ଟିକା ନେଇ ନ ଥିବା ଶିଶୁ, ରୋଗପ୍ରତିରୋଧକ ଶକ୍ତି କମ ଥିବା ବ୍ୟକ୍ତି ଏବଂ ଜଟିଳ ଦୁରାରୋଗରେ ଆକ୍ରାନ୍ତ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହେଲେ ଜୀବନହାନିର ଆଶଙ୍କା ଅଧିକ ରହିଥାଏ।

## ଡାଇରିଆ ପ୍ରତିରୋଧ ନିମନ୍ତେ ସତର୍କତା

- କୌଣସି ବ୍ୟକ୍ତିଙ୍କୁ ଏକାଧିକ ଥର ଝାଡ଼ା ଓ ବାନ୍ତି ହେଲେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ।
- ପାଣିକୁ ଭଲଭାବେ ସିଝାଇ, ଛାଣି ପାନୀୟ ଜଳ ରୂପେ ବ୍ୟବହାର କରନ୍ତୁ।
- ଓଆର୍‌ଏସ୍‌କୁ ବାରମ୍ବାର ପିଇବା ଆବଶ୍ୟକ।
- ଅଳ୍ପ ଲୁଣ, ଚିନି, ଲେମ୍ବୁରସକୁ ମିଶାଇ ପାନୀୟ ଭାବେ ପିଇବା ଉଚିତ।
- ସଜ ରନ୍ଧା ଖାଦ୍ୟ ସହ ଉଷୁମ ଖାଦ୍ୟ ଖାଇବା ଉଚିତ।
- ବାସି ଖାଦ୍ୟ ଖାଇବା ଅନୁଚିତ।
- ମଶା,ମାଛି ଠାରୁ ଦୂରେଇ ରହିବା ପାଇଁ ବାସ ସ୍ଥାନର ଚତୁଃପାର୍ଶ୍ୱ ସଫାସୁତରା ରଖିବା ଉଚିତ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସମୟ ଉପଯୋଗୀ ପଦକ୍ଷେପ ହେତୁ ବିଭିନ୍ନ ପ୍ରକାର ଜୀବାଣୁ ଓ ଭୂତାଣୁ ଜନିତ ରୋଗକୁ ପ୍ରତିରୋଧ କରାଯାଇ ପାରୁଛି। ଏତଦ ସହ ଡାଇରିଆକୁ ପ୍ରତିହତ ଓ ପ୍ରତିରୋଧ ନିମନ୍ତେ ସାମୂହିକ ଭାବେ ସତର୍କତା ଓ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ସର୍ବସାଧାରଣଙ୍କ ପାଖରେ ପହଞ୍ଚିବା ଆବଶ୍ୟକତା ରହିଛି।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି,
ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

# ଓଜନ ନିୟନ୍ତ୍ରଣ କରେ ଶାଗ



ସ୍ୱାସ୍ଥ୍ୟ ପାଇଁ ଶାଗ କେତେ ଉପକାରୀ ତାହା ଅନେକ ଜାଣନ୍ତି। ଏଥିରେ କ୍ୟାଲ୍‌ସିୟମ୍, ଆଇରନ୍ ବ୍ୟତୀତ ଭିଟାମିନ୍-ଏ, ସି ଏବଂ ଇ ଆଦି ଭରି ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଶାଗ ଖାଆନ୍ତି, ତେବେ ତାଙ୍କର ଓଜନ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ ବୋଲି ଏକ ସର୍ଭେରୁ ଜଣାପଡିଛି। 'ଶାଗ ଏବଂ ଓଜନ ନିୟନ୍ତ୍ରଣ' ବିଷୟରେ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଗବେଷଣା କରି ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଶାଗରେ ଥିବା ଭିଟାମିନ୍-ଏ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ। ତା'ସହ ଦୃଷ୍ଟି ଶକ୍ତି ପାଇଁ ଏହା ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ। ସଜନା ଶାଗ ରକ୍ତରେ ଗ୍ଲୁକୋଜ୍ ଏବଂ ପରିସ୍ରାରେ ଶର୍କରା ଏବଂ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖେ। ଏହା ଲିଭର୍ ସେଲ୍‌କୁ ମଧ୍ୟ ସୁରକ୍ଷା ଦେଇଥାଏ। ଏଥିରେ ଫସ୍‌ଫରସ୍ ଓ କ୍ୟାଲ୍‌ସିୟମ୍ ଅଧିକ ପରିମାଣରେ ଥିବାରୁ ଅସ୍ଥିକୁ ମଜଭୁତ୍ ରଖିବାରେ ସାହାଯ୍ୟ କରେ। ଆଣ୍ଠୁଗଣ୍ଠି ବାତ ଆଶଙ୍କାକୁ ଏହା ମଧ୍ୟ କେତେକାଂଶରେ ଦୂର କରିଥାଏ। ଯେହେତୁ ଏଥିରେ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ରହିଛି, ତେଣୁ ଏହା କେଶମୂଳକୁ ଦୃଢ଼ ରଖିବା ସହ ତ୍ୱଚାକୁ ଔଜ୍ଜ୍ୱଲ୍ୟତା ପ୍ରଦାନ କରେ। ଭିଟାମିନ୍‌ସ ଓ ମିନେରାଲ୍ସ ଏଥିରେ ଥିବାରୁ ଏହା ଖାଦ୍ୟ ହଜମ ହେବାରେ ମଧ୍ୟ ସାହାଯ୍ୟ କରିଥାଏ। ଆଜ୍‌ମା ରୋଗୀଙ୍କ ପାଇଁ ଏହା ମଧ୍ୟ ଉପକାରୀ।

# ନୀରୋଗ ରହିବାର ସରଳ ସୂତ୍ର



ଆମର ଏଭଳି କେତେକ ଅଭ୍ୟାସ ରହିଛି ଯାହା ପ୍ରତି ଆମେ ନଜର ନେବା ନିହାତି ଦରକାର। କାରଣ ନିଜକୁ ସୁସ୍ଥ ରଖିବା ଲାଗି କେତେକ ଅଭ୍ୟାସକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। ଖାଇବାର ଠିକ୍ ପରେ ପରେ ଫଳମୂଳ ଆଦୌ ଖାଆନ୍ତୁ ନାହିଁ। ଚା', କଫି, କୋଲଡ୍ରିଙ୍କ ଏବଂ ନିଶାଦ୍ରବ୍ୟ ଠାରୁ ମଧ ଯଥା ସମ୍ଭବ ଦୂରେଇ ରୁହନ୍ତୁ। ଏହା ଶରୀର ଉପରେ କୁପ୍ରଭାବ ପକାଇବା ସହ ପେଟରେ ଏସଡିଟିର ମାତ୍ରା ବଢ଼ାଇ ଦେଇଥାଏ। ଖାଇବା ସମୟରେ କେତେକେ ପାଣି ପିଇଥାଆନ୍ତି। ଏହା ଏକ ଖରାପ ଅଭ୍ୟାସ। କାରଣ ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିଥାଏ। ଏହାଦ୍ୱାରା ଓଜନ ବଢ଼ିବା ପରି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ତେଣୁ ଖାଇବା ପୂର୍ବରୁ ଏବଂ ସମୟରେ ପାଣି ନ ପିଇବା ଭଲ। ଖାଇବାର ଅଧଘଣ୍ଟାଏ ପରେ କିମ୍ବା ପୂର୍ବରୁ ପାଣି ପିଅନ୍ତୁ, ଯାହାକି ଖାଦ୍ୟ ହଜମରେ ସାହାଯ୍ୟ କରିବ। ଖାଇବାର ଠିକ୍ ପରେ ପରେ ଶୁଅନ୍ତୁ ନାହିଁ। ଏହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିଥାଏ। ଖାଦ୍ୟ ଖାଇବା ପରେ କିଛି ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଦ୍ୟ ଠିକ୍ ଭାବରେ ହଜମ ହୋଇଥାଏ। ଖାଇବାର ଠିକ୍ ପରେ ପରେ ଆଦୌ ଗାଧାନ୍ତୁ ନାହିଁ। କାରଣ, ଖାଇବା ପରେ ଗାଧୋଇଲେ ତାହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିବାର ଆଶଙ୍କା ରହିଛି। ଏହାଦ୍ୱାରା ରକ୍ତ ସଞ୍ଚାଳନ ତ୍ରୀବ ହୋଇଥାଏ ଯାହା ଶରୀର ପାଇଁ କ୍ଷତି ପହଞ୍ଚାଏ। ଏସବୁ ବ୍ୟତୀତ ସବୁବେଳେ ଠିକ୍ ସମୟରେ ଖାଆନ୍ତୁ । କୌଣସି ରୋଗର କାରଣ ବିଷୟରେ ଜାଣିପାରିଲେ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ଚିକିତ୍ସା କରାଇ ନିଅନ୍ତୁ।

# ଅଧିକ ସମୟ ଆଙ୍ଗୁଠି ଫୁଟାଉଥିଲେ...



ଆଙ୍ଗୁଠି ଫୁଟାଇଲେ ଟିକେ ଆରାମ ଲାଗେ। କିନ୍ତୁ କେତେକ ବ୍ୟକ୍ତିଙ୍କର ଏହା ଏକ ଅଭ୍ୟାସର ପରିଣତ ହୋଇଯାଇଥାଏ। ତେବେ ଏଭଳି ଅଭ୍ୟାସର ଖରାପ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିବାର ଆଶଙ୍କା ରହିଛି ବୋଲି ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏପରି ଅଭ୍ୟାସ ଲାଗି ରହିଲେ ସଂପୃକ୍ତ ବ୍ୟକ୍ତି ଭବିଷ୍ୟତରେ ଆଣ୍ଠୁଗଣ୍ଠିଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଆଙ୍ଗୁଠି ଫୁଟାଇବା ଏକ ଅଭ୍ୟାସରେ ପରିଣତ ହୋଇଥିବା କେତେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ପରୀକ୍ଷା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ଆଣ୍ଠୁଗଣ୍ଠିଜନିତ ସମସ୍ୟାର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେଣୁ ଏଭଳି ଅଭ୍ୟାସରୁ ବିରତ ରହିବା ସହ ଆଇରନ୍, ପୋଟାସିୟମ୍ ଏବଂ କ୍ୟାଲସିୟମ୍‌ଯୁକ୍ତ ଖାଦ୍ୟ ଖାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ଜାଣି ରଖନ୍ତୁ



ଉଷୁମ ପାଣିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଅନେକ ଭରି ରହିଛି। ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା ଶରୀର ପାଇଁ ଲାଭଦାୟକ। ଜଣେ ଆଜ୍‌ମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ମଧ୍ୟ ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡିତ ତେବେ ନିୟମିତ ଉଷୁମ ପାଣି ପିଇଲେ ଏପରି ସମସ୍ୟା ଅନେକାଂଶରେ ଦୂର ହୋଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। ଏହାର ଆଉ ଏକ ଉପକାରୀ ଗୁଣ ମଧ୍ୟ ରହିଛି। କୋଲେଷ୍ଟରଲ ଜନିତ ସମସ୍ୟା ଆଜିକାଲି ଏକ ସାଧାରଣ କଥା ପାଲଟି ଗଲାଣି କହିଲେ ଭୁଲ ହେବ ନାହିଁ। ତେଣୁ ନିୟମିତ ଉଷୁମ ପାଣି ପିଇଲେ କୋଲେଷ୍ଟରଲର ପରିମାଣ ସନ୍ତୁଳିତ ରହିଥାଏ। ଉଷୁମ ପାଣି ପିଇଲେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହ ମେଦବହୁଳତାକୁ କେତେକାଂଶରେ ନିୟନ୍ତ୍ରଣ କରିଥାଏ।

# ସନ୍ତୁଳିତ ଜୀବନଶୈଳୀ ଓ ସକାରାତ୍ମକ ମାନସିକତା



ନିଜର ଜୀବନଶୈଳୀକୁ ଯଦି ଆମେ ସନ୍ତୁଳିତ ରଖିପାରିଲେ, ତେବେ ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। କେବଳ ସେତିକି ନୁହେଁ, ଏହାର ସୁପ୍ରଭାବ ମାନସିକତା ଉପରେ ପଡିଥାଏ। ଜୀବନଶୈଳୀ ଯଦି ଠିକ୍ ଠାକ୍ ରହିଲା, ତେବେ ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହିଥାଏ ବୋଲି ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ମତ ଦେଇଛନ୍ତି। 'ସନ୍ତୁଳିତ ଜୀବନଶୈଳୀ ଏବଂ ସକାରାତ୍ମକ ମାନସିକତା' ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଜୀବନଶୈଳୀ ସନ୍ତୁଳିତ ରହୁଥିବା ତାହାର ପ୍ରଭାବ ସେମାନଙ୍କର ମାନସିକତା ଉପରେ କିପରି ପଡୁଛି ତାହାକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରାଯାଇଥିଲା। ଜୀବନଶୈଳୀ ସନ୍ତୁଳିତ ରହିବା ଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ସକାରାତ୍ମକ ରହୁଥିବାର ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଜଣେ ବ୍ୟକ୍ତି ଏଥିପାଇଁ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ସହ ନିୟମିତ ବ୍ୟାୟାମ କରିବା ବ୍ୟତୀତ ଟେନସନଠାରୁ ଦୂରେଇ ରହିବା ଦରକାର ବୋଲି ସେମାନେ ରିପୋର୍ଟରେ ଦର୍ଶାଇଛନ୍ତି।

# ସ୍ୱାସ୍ଥ୍ୟ ସୂଚନା

- ➤ରକ୍ତହୀନତା ସମସ୍ୟା ସହ ଜଡ଼ିତ ବ୍ୟକ୍ତିଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରିବେ।



- ➤ପ୍ରତିଦିନ ସକାଳୁ ବ୍ୟାୟାମ କରିବା ବ୍ୟତୀତ କିଛି ସମୟ ଯୋଗ କରନ୍ତୁ। ମନକୁ ଶାନ୍ତ ରଖି ଯୋଗ କଲେ ତାହାର ସକାରାତ୍ମକ ପ୍ରଭାବ ଶରୀର ଉପରେ ପଡ଼ିଥାଏ।
- ➤ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ସାମିଲ କରିବା ସହ ଏଥିରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ।
- ➤ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।
- ➤କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। ଠିକ୍ ସମୟରେ ଖାଆନ୍ତୁ ଏବଂ ଶୁଅନ୍ତୁ।
- ➤ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଏହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।
- ➤ଆଖୁ ରସରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ରକ୍ଷା କରିଥାଏ।
- ➤ବୟସ୍କ ବ୍ୟକ୍ତିମାନେ ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ନିହାତି ଦରକାର।

# ବାତ ମାରିବାର ଲକ୍ଷଣ



ବାତ ମାରିବା ଏକାଧିକ ପ୍ରକାରର ରହିଛି। ଏଗୁଡିକର ଲକ୍ଷଣ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ। ବାତ ମାରିବା ଆରମ୍ଭ ହେବା ପୂର୍ବରୁ କେତେକ ସୂଚନା ପ୍ରକାଶ ପାଇଥାଏ। ସେଗୁଡିକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ ହେବା, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ ହେବା, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ କରିବା, କୌଣସି ଅସ୍ୱସ୍ତି ନ ଥାଇ ପେଟରେ ହଠାତ୍ ଅସ୍ୱସ୍ତି ଅନୁଭବ କରିବା, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି 'ଅରା'ର କେତୋଟି ଉଦାହରଣ। ତେଣୁ ସେହି ବାତ ମାରିବା ସମୟରେ ହିଁ ରୋଗୀ ଉପରେ ସତର୍କ ଦୃଷ୍ଟି ରଖିବା ନିହାତି ଦରକାର। ସେହି ସମୟରେ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବାକୁ ଭୁଲନ୍ତୁ ନାହିଁ। ବାତ ମାରିଲେ ରୋଗୀ ଢୁଲ୍‌କରି ପଡ଼ିଯାଇପାରେ। ତା'ର ଦେହ ଓ ମୁଣ୍ଡ ନିକଟରେ ରହିଥିବା କୌଣସି କଠିନ ପଦାର୍ଥରେ ହଠାତ୍ ବାଡ଼େଇ ହୋଇଯାଇପାରେ। ତେଣୁ ରୋଗୀକୁ ବାତ ମାରିଲା ବେଳେ ତା' ପାଖରୁ ଚେୟାର୍, ଟେବୁଲ୍ ଭଳି କଠିନ ଜିନିଷପତ୍ର ଏବଂ ଧାରୁଆ ଓ ମୁନିଆ ପଦାର୍ଥ ତୁରନ୍ତ ହଟେଇ ନେବା ଉଚିତ। ବାତ ମାରିବା ବନ୍ଦ କରିବା ପାଇଁ ରୋଗୀକୁ ମାଡ଼ି ବସି ଧରିବା ନିରାପଦ ନୁହେଁ। ରୋଗୀକୁ କଡ଼ମାଡ଼ି ଶୁଆଇ ଦେଲେ ତା'ର ଶ୍ୱାସକ୍ରିୟା ସାବଲୀଳ ରୁହେ। ତା'ର ବେକ ଓ ଅଣ୍ଟା ପାଖରୁ ବୋତାମ କି ଗଣ୍ଠି ଫିଟେଇ ହୁଗୁଳା କରିଦେବା ଆବଶ୍ୟକ। ତା'ର ପାଟିରେ କୌଣସି କାଠି କି ଚାମଚ ଭର୍ତ୍ତି କରନ୍ତୁ ନାହିଁ। ତା' ପାଟି ଭିତରକୁ ନିଜର ଆଙ୍ଗୁଠି ଭର୍ତ୍ତି କରିବା ମଧ୍ୟ ନିରାପଦ ନୁହେଁ। ଅବସ୍ଥା ଯଦି ଗୁରୁତର ହୁଏ ତେବେ ବିଳମ୍ବ ନ କରି ନିକଟସ୍ଥ ହସପିଟାଲକୁ ନେଇଯାଆନ୍ତୁ।

# ବ୍ରୁକ୍ ୯୯, ବୁମ୍‌ରାଙ୍କୁ ୫ ଉଇକେଟ

**ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟ**

ଲିଡ୍ସ, ୨୨।୬

ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଇଂଲଣ୍ଡର ହ୍ୟାରି ବ୍ରୁକ୍ସ ୯୯ ରନରେ ଆଉଟ ହୋଇଥିବାବେଳେ ଭାରତର ଯଶପ୍ରୀତ୍ ବୁମ୍‌ରା ୫ ଉଇକେଟ ସଫଳତା ପାଇଛନ୍ତି। ଇଂଲଣ୍ଡର ପ୍ରଥମ ଇନିଂସ ୪୬୫ରେ ସୀମିତ ରହିବାରୁ ଭାରତ ୬ ରନରେ ଅଗ୍ରଣୀଲାଭ କରିଛି। ଭାରତ ପ୍ରଥମ ଇନିଂସରେ ୪୭୧ ରନ କରିଥିଲା। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଭାରତ ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୪୯ ରନ ସଂଗ୍ରହ କରିଛି। ପ୍ରଥମ ଇନିଂସରେ ଶତକ ହାସଲକାରୀ ଯଶସ୍ୱୀ ଜୟସ୍ୱାଲ ମାତ୍ର ୪ ରନ କରି ବ୍ରେଡନ କାର୍ସଙ୍କ ବଲ୍‌ରେ ଆଉଟ ହୋଇଛନ୍ତି। ଲୋକେଶ ରାହୁଲ ୨୮ ଓ ସାଇ ସୁଦର୍ଶନ ୧୬ ରନରେ ଅପରାଜିତ ରହିଛନ୍ତି। ନିଜ ଟେଷ୍ଟ ପଦାର୍ପଣରେ ସୁଦର୍ଶନ ପ୍ରଥମ ଇନିଂସରେ ଡକ୍ (୦)ରେ ଆଉଟ ହୋଇଥିଲେ।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୦୯/୩ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ପୂର୍ବଦିନ ୧୦୦ ରନରେ ଅପରାଜିତ ରହିଥିବା ଓଲି ପୋପ୍ ଆଉ ୬ ରନ ଯୋଗକରି ପ୍ୟାଭିଲିୟନ ଫେରିଥିବାବେଳେ ହ୍ୟାରି ବ୍ରୁକ୍ସ ନର୍ଭସ ନାଇଣ୍ଟିଜ୍‌ର ଶିକାର ହୋଇ ମାତ୍ର ୧ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ୯୯ ରନରେ ଆଉଟ ହୋଇ ନିରାଶ ମନରେ କ୍ରିଜ୍ ଛାଡ଼ିଥିବାବେଳେ ଇଂଲଣ୍ଡ ପକ୍ଷରୁ ଶେଷ ଭାଗରେ ଜେମି ସ୍ମିଥ ୪୦, କ୍ରିସ୍ ୱୋକ୍ସ ୩୮ ଓ ବ୍ରେଡନ କାର୍ସ ୨୨ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଫଳରେ ଇଂଲଣ୍ଡ ଭାରତ ପ୍ରଥମ ଇନିଂସ ସ୍କୋରର ନିକଟତର ହୋଇଥିଲା। ମାତ୍ର ବୁମ୍‌ରାଙ୍କ ମ୍ୟାଜିକ୍ ଇଂଲଣ୍ଡକୁ ଅଗ୍ରଣୀ ହେବାକୁ ଦେଇ ନ ଥିଲା। ସେ ୫ ଉଇକେଟ ହାସଲ କରି ଭାରତକୁ ଛୋଟ ଅଗ୍ରଣୀ ଦେଇଥିଲେ। ଟେଷ୍ଟ କ୍ରିକେଟରେ ଏହାଥିଲା ବୁମ୍‌ରାଙ୍କ ୧୪ଶ ଏବଂ ବିଦେଶ ମାଟିରେ ୧୨ଶ ୫ ଉଇକେଟ। ତାଙ୍କ ବ୍ୟତୀତ ବିଦେଶ ମାଟିରେ ଭାରତର କେବଳ କପିଳ ଦେବ ୧୨ ଥର ୫ ଉଇକେଟ ସଫଳତା ପାଇଥିଲେ। ଅନ୍ୟ ଭାରତୀୟ ବୋଲରଙ୍କ ମଧ୍ୟରେ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଓ ମହମ୍ମଦ ସିରାଜ ୨ଟି ଉଇକେଟ ନେଇଥିଲେ।



୫ ଉଇକେଟ ହାସଲପରେ ସାଥୀ ଖେଳାଳିଙ୍କ ସହ ପଡ଼ିଆ ଛାଡୁଛନ୍ତି ଭାରତର ଯଶପ୍ରୀତ୍ ବୁମ୍‌ରା।


**ତୀର୍ଥ ଭ୍ରମଣ ସ୍ପେଶାଲ**

BANAMALI PANDA, JAJPUR TOWN, JAJPUR, M-9437310046, 9668114682

**ପ୍ୟାକେଜ୍ ଟ୍ରେନ୍ ଟୁର୍: ୧ମ ଯାତ୍ରା (ଉତ୍ତର ଭାରତ):** ପିତୃପକ୍ଷ ମହାଳୟା ଉପଲକ୍ଷେ ପୁରୀ- ଭୁବନେଶ୍ୱରରୁ ତା୧.୦୯.୨୫ରୁ ବାହାରି ପ୍ରୟାଗରାଜ (ତ୍ରିବେଣୀସଙ୍ଗମ) ଆଗ୍ରା, ଗୋପ, ମଥୁରା, ବୃନ୍ଦାବନ, ଦିଲ୍ଲୀ, ଅମୃତସର, ୱାଘାବର୍ଡର, ଜାମ୍ମୁ, କଟରା, ବୈଷ୍ଣବଦେବୀ, ହରିଦ୍ୱାର, ଋଷିକେଶ, ବଦ୍ରିନାରାୟଣଧାମ, କେଦାରନାଥ, ଅଯୋଧ୍ୟା, କାଶୀ, ବାରଣାସୀ, ଗୟା (ପିଣ୍ଡଦାନ), ବୁଦ୍ଧଗୟା ହୋଇ ତା୧୬.୦୯ରେ ପୁରୀ ପହଞ୍ଚିବ। **୨ୟ ଯାତ୍ରା:** ତା୧୮.୦୯ରେ ଭୁବନେଶ୍ୱରରୁ ବାହାରି ପ୍ରୟାଗରାଜ (ତ୍ରିବେଣୀସଙ୍ଗମ), ଗୟା, ପିଣ୍ଡଦାନ, ବୁଦ୍ଧଗୟା, ଅଯୋଧ୍ୟା, କାଶୀ, ବାରଣାସୀ ହୋଇ ତା୨୩.୯ରେ ପୁରୀ ପହଞ୍ଚିବ। **୩ୟ ଯାତ୍ରା: ପଶ୍ଚିମ/ମଧ୍ୟ ଭାରତ:** ୨ ଧାମ ଓ ୭ ଗୋଟି ଜ୍ୟୋତିର୍ଲିଙ୍ଗ ଭ୍ରମଣ ଉପଲକ୍ଷେ ପୁରୀ ଷ୍ଟେସନରୁ ତା୨୪.୦୯ରେ ବାହାରି ଅହମ୍ମଦାବାଦ, ଅକ୍ଷରଧାମ, ଭିରାଭଲ, ସୋମନାଥ, ପ୍ରଭାସତୀର୍ଥ, ଦ୍ୱାରକାଧାମ, ଭେଟଦ୍ୱାରକା, ନାଗେଶ୍ୱର, ମାଉଣ୍ଟଆବୁ, ଆଜମିର୍, ପୁଷ୍କର, ଉଜ୍ଜୟିନୀ, ଇନ୍ଦୋର, ପୁନେ, ଭୀମଶଙ୍କର, ଶନିସିଗ୍ନାପୁର, ଔରଙ୍ଗାବାଦ, ଏଲୋରା, ଘୃଷ୍ଣେଶ୍ୱର, ନାସିକ, ତ୍ର୍ୟମ୍ବକେଶ୍ୱର, ସିରିଡ଼ିସାଇ ହୋଇ ତା୦୬.୧୦ରେ ପୁରୀ ପହଞ୍ଚିବ। **୪ର୍ଥ ଯାତ୍ରା: ଦକ୍ଷିଣ ଭାରତ:** ତା୨୩.୧୦ରେ ଭୁବନେଶ୍ୱରରୁ ବାହାରି ଚେନ୍ନାଇ, ମଦୁରାଇ, ମିନାକ୍ଷୀଦେବୀ, ସେତୁବନ୍ଧ, ରାମେଶ୍ୱରଧାମ, ତ୍ରିଚନାପଲ୍ଲୀ, ନଗରକୋଏଲ୍, କନ୍ୟାକୁମାରୀ, ତ୍ରିଭେନ୍ଦ୍ରମ୍, ପଦ୍ମନାଭସ୍ୱାମୀ, ବେଙ୍ଗାଲୁରୁ, ମହୀଶୂର ପ୍ୟାଲେସ୍, ବୃନ୍ଦାବନଗାର୍ଡେନ, ତିରୁପତି ହୋଇ ତା୦୪.୧୧ରେ ପୁରୀ ପହଞ୍ଚିବ।

**ବ୍ୟବସ୍ଥା:** ଭଲ ଗାଇଡ୍, ରୁଚିକର ଖାଦ୍ୟ, ସମ୍ପୂର୍ଣ୍ଣ ଦାୟିତ୍ୱ, ସକାଳ ଚା, ଦୁଇଓଳି ଖାଦ୍ୟ, ଲଜିଂ, ଧର୍ମଶାଳା ରହଣି ଓ ପାର୍ଶ୍ୱ ଗାଡ଼ି ଖର୍ଚ୍ଚ ସହ ଜଣ ପ୍ରତି ୧ମ ଯାତ୍ରା- ଟ୧୮,୭୦୦ଙ୍କା, 3A- ଟ୨୬,୦୦୦/- (ହରିଦ୍ୱାରଠାରୁ ବଦ୍ରିନାଥ, କେଦାରନାଥ ଯାତାୟାତ ଖର୍ଚ୍ଚ, ଖାଦ୍ୟ ଓ ରହଣି ଖର୍ଚ୍ଚ ଯାତ୍ରୀ ବହନ କରିବେ), ୨ୟ ଯାତ୍ରା- ଟ୮,୫୦୦ଙ୍କା, 3A- ଟ୧୩,୦୫୦ଙ୍କା, ୩ୟ ଯାତ୍ରା- ଟ୧୮,୫୮୦ଙ୍କା, 3A- ୨୫,୭୭୫ଙ୍କା, ୪ର୍ଥ ଯାତ୍ରା- ଟ୧୮,୮୦୦ଙ୍କା, 3A- ଟ୨୬,୫୫୦ଙ୍କା। ପ୍ରତ୍ୟେକ ଯାତ୍ରା ପାଇଁ ୨୦୦୦/୫୦୦୦ ଟଙ୍କା ଦେଇ ନିମ୍ନ ଠିକଣାରେ କିମ୍ବା ପରିଚାଳକଙ୍କ ସହ ଯୋଗାଯୋଗ କରି ସିଟ୍ ଶୀଘ୍ର ବୁକିଂ କରନ୍ତୁ। ବିଜ୍ଞାପନ ପ୍ରକାଶ ପାଇବାର ୮ ଦିନ ପର୍ଯ୍ୟନ୍ତ ଅଗ୍ରିମ ଗ୍ରହଣ କରାଯିବ। ନଚେତ୍ ଟିକେଟ୍ ମିଳିବାର ସମ୍ଭାବନା ଯଥେଷ୍ଟ କମ୍।

ବମ୍ବେ ଡାଇଙ୍ଗ, ବକ୍ସିବାଜାର, କଟକ- ୯୪୩୮୪୦୮୬୦୫/ ଭୁବନେଶ୍ୱର- ୮୮୯୫୮୧୩୨୨୨/ ସମ୍ବଲପୁର- ୯୪୩୭୫୮୮୪୬୪ / ପୁରୀ- ୯୪୩୭୪୩୫୦୦୨ / ଅନୁଗୁଳ- ୯୮୬୧୪୫୩୬୪୧/ ବାରିପଦା- ୭୮୫୪୮୬୧୨୨୩ / ଆଠମଲ୍ଲିକ - ୮୯୧୭୫୯୯୧୭୩ / ଢେଙ୍କାନାଳ- ୮୫୯୬୮୦୬୬୯୦/ ବାଲେଶ୍ୱର- ୯୯୩୭୦୭୪୦୨୩/ କେନ୍ଦୁଝର- ୯୯୩୮୬୮୦୨୩୦ / ବ୍ରହ୍ମପୁର- ୯୮୬୧୧୭୦୬୮୩ / ବଲାଙ୍ଗୀର- ୯୪୩୭୧୯୫୦୫୮ / ରାଉରକେଲା- ୬୩୭୦୭୪୭୧୯୭ / କଳାହାଣ୍ଡି- ୭୮୯୪୭୩୧୭୭୪ / ଭଦ୍ରକ- ୯୬୬୮୧୧୪୬୮୨/ ବୌଦ- ୯୭୭୮୮୧୭୩୦୫/ କେନ୍ଦ୍ରାପଡ଼ା- ୯୦୪୦୪୧୬୬୦୪/ ନୟାଗଡ଼- ୬୩୭୧୨୩୩୭୦୫ / ଜଗତ୍‌ସିଂହପୁର- ୯୯୩୭୧୭୮୨୫୫


# ରାଜ୍ୟ ଓପନ ଚେସ୍: ଲଭ୍ୟଜ୍ୟୋତି ଚାମ୍ପିୟନ

ଭୁବନେଶ୍ୱର, ୨୨।୬ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ଅଲେଖ ଚନ୍ଦ୍ର ଦେବତା ସ୍ମାରକୀ ରାଜ୍ୟ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଲଭ୍ୟଜ୍ୟୋତି ରାଉତରାୟ ଓ ଶୁଭେନ୍ଦୁ କୁମାର ପାତ୍ର ୪.୫ ପଏଣ୍ଟ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ସ୍ଥିତପ୍ରଜ୍ଞ ସାହୁ, ପ୍ରତ୍ୟୁଷ ମହାପାତ୍ର ଓ ଭିନିତ ନାୟକ ଟପ୍-୫ ଫିନିଶ୍ କରିଥିଲେ। ବିଭିନ୍ନ ବୟସ ବର୍ଗ ଓ ବାଳିକା ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସୁପ୍ରିୟା ନାୟକ ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଛନ୍ତି। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସିଡ୍ରିମ୍‌ଜ ଇ-କମର୍ସର ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦେବତା, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତ ଅଲେଖ ଚନ୍ଦ୍ର ଦେବତାଙ୍କ ବୋହୂ ସ୍ମୃତି ଦେବତା ଏବଂ ସମ୍ପର୍କୀୟ ଦ୍ୱିତୀକାଂଶ, ଦକ୍ଷିତାଂଶ ଦେବତା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।


ରାଜ୍ୟ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।



କଳିଙ୍ଗ ଷ୍ଟାଡିୟମରେ ରବିବାର ଆରମ୍ଭ ହୋଇଥିବା ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

# ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ

**ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ**

ଭୁବନେଶ୍ୱର, ୨୨।୬ (ତପନ ସ୍ୱାଇଁ)

ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ଜୁଲାଇ ୫ରୁ ୭ ପର୍ଯ୍ୟନ୍ତ ମହାରାଷ୍ଟ୍ରର ନାସିକରେ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଫେନସିଂ ହଲରେ ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୧୦ ଦିନ ଧରି ଚାଲିବ। ଏଥିରେ ମୋଟ ୫୦ ଖେଳାଳି ଭାଗ ନେଇଛନ୍ତି। ଶିବିରରେ ପ୍ରଦର୍ଶନ ଭିତ୍ତିରେ ରାଜ୍ୟ ଅସିଚାଳନା ସଂଘ ପକ୍ଷରୁ ୧୦ ବର୍ଷରୁ କମ୍ ବର୍ଗ ପାଇଁ ୨୪ ଓ ୧୨ ବର୍ଷରୁ କମ୍ ବର୍ଗ ପାଇଁ ୨୪ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ଚୟନ କରାଯିବ ବୋଲି ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ବଲାଙ୍ଗୀର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ, ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଅସିଚାଳନା କୋଚ ଅନ୍ୱେଷା ରାଉତ, ରୋଶନ ସାହୁ, ଜ୍ୟୋତି ରଞ୍ଜନ ଠାକୁର, ବୁଦ୍ଧିରାଜ ବିଶ୍ୱାଳ, ପୁରନ୍ଦର ସେଠ, ସଙ୍କେତ ଯୋଶୀ, ପୟୋସ୍ୱିନୀ ପୁରୋହିତ, ସୁକାନ୍ତ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶାନ୍ତ ବିଶ୍ୱାଳଙ୍କୁ ଟାଇଟଲ

**ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର**

ଭୁବନେଶ୍ୱର, ୨୨।୬ (ତପନ ସ୍ୱାଇଁ)

ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସଏଓ) ଆନୁକୂଲ୍ୟରେ ଭିନ୍‌ଟେଜ୍ କ୍ଲବ ପରିସରରେ ଅନୁଷ୍ଠିତ ଫାଲକନ ଅଲ୍ ଓଡ଼ିଶା ଓପନ ୬ ରେଡ୍ ସ୍ନୁକର ଟୁର୍ନାମେଣ୍ଟରେ ନିଶାନ୍ତ ବିଶ୍ୱାଳ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେ ଆଶୁତୋଷ ପାଢ଼ୀଙ୍କୁ ୬-୪ (୪୮-୨୬, ୩୨-୩୩, ୩୬-୧୧, ୨୪-୪୧, ୩୯-୨୬, ୪୪-୧୧, ୩୦-୩୭, ୪୪-୦, ୧୯-୩୫, ୩୮-୨୯) ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଏହାକୁ ମିଶାଇ ନିଶାନ୍ତ ୭ ଓପନ ସ୍ନୁକର ଟାଇଟଲ ଜିତିଛନ୍ତି। ପୂର୍ବରୁ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ନିଶାନ୍ତ ୫-୨ ଫ୍ରେମ୍‌ରେ ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରିଥିଲେ। ବିଏଓ୍ୱଏଓ କାର୍ଯ୍ୟକାରିଣୀ ସଦସ୍ୟ ତଥା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ଭିନ୍‌ଟେଜ କ୍ଲବର ପ୍ରତିଷ୍ଠାତା ଅମିୟ ରଞ୍ଜନ ନାୟକ ଓ ତାଙ୍କ ପାର୍ଟନର ସତ୍ୟଦୀପ ଦାସ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ରନରଅପ୍ ଆଶୁତୋଷ ପାଢ଼ୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ଓ ଚାମ୍ପିୟନ ନିଶାନ୍ତ ବିଶ୍ୱାଳ।

# କାନାଡାକୁ ଟି୨୦ ବିଶ୍ୱକପ୍ ଯୋଗ୍ୟତା

ଓଣ୍ଟାରିଓ (କାନାଡା), ୨୨।୬ (ପି.ଟି.)

ଆମେରିକାରେ ଅନୁଷ୍ଠିତ କ୍ୱାଲିଫାୟର୍ସରେ ବାହାମାସକୁ ୭ଉଇକେଟରେ ପରାସ୍ତ କରି କାନାଡାର ପୁରୁଷ କ୍ରିକେଟ ଦଳ ଆସନ୍ତା ବର୍ଷ ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁଥିବା ଆଇସିସି ଟି୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଦଳ ଟୁର୍ନାମେଣ୍ଟରେ ୫ଟି ମ୍ୟାଚ ଖେଳିଥିବା ବେଳେ ସମସ୍ତ ମ୍ୟାଚରେ ବିଜୟ ଲାଭ କରିଥିଲା। କାନାଡା ଗତବର୍ଷ ଆମେରିକାରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ରେ ମଧ୍ୟ ସ୍ଥାନ ପାଇଥିଲା। ଏହି ଦଳ ବର୍ତ୍ତମାନ ଆସନ୍ତା ଟି୨୦ ଇଭେଣ୍ଟ ଲାଗି ଗତ ଥରର ଚାମ୍ପିୟନ ଭାରତ, ଶ୍ରୀଲଙ୍କା, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଯୁକ୍ତରାଷ୍ଟ୍ର ଆମେରିକା, ୱେଷ୍ଟଇଣ୍ଡିଜ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଦଳ ସହିତ ଯୋଗଦେଇଛି। ଆହୁରି ୭ଟି ଦଳ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ। ୟୁରୋପିଆନ କ୍ୱାଲିଫାୟର୍ସ (ଜୁଲାଇ ୫ରୁ ୧୧) ଦୁଇଟି, ଆଫ୍ରିକା କ୍ୱାଲିଫାୟର (ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪) ଦୁଇଟି ଏବଂ ଏସିଆ-ଇଏପି କ୍ୱାଲିଫାୟର (ଅକ୍ଟୋବର ୧ରୁ ୧୭)ରୁ ୩ଟି ଦଳ ଆଞ୍ଚଳିକ କ୍ୱାଲିଫାୟର୍ସ ଯୋଗେ ପୁରୁଷ ଟି୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବେ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ କୁହାଯାଇଛି। ସ୍ଥାନୀୟ କିଙ୍ଗ୍ ସିଟି ଅନ୍ତର୍ଗତ ମାପଲ ଲିଫ୍ ନର୍ଥ-ୱେଷ୍ଟ ଗ୍ରାଉଣ୍ଡରେ କାନାଡା ଏହାର ଫାଇନାଲ ଗେମ୍‌ରେ ଟସ୍ ଜିତି ବୋଲିଂ ନେଇଥିଲା। ବାହାମାସ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୧୯.୫ ଓଭରରେ ୫୬ରନ କରି ଅଲଆଉଟ ହୋଇଯାଇଥିଲା। କାନାଡାର ପେସ୍-ସ୍ପିନ୍ ଯୋଡ଼ି କଲିମ ସାନା (୩/୬) ଓ ଶିଭମ ଶର୍ମା (୩/୧୬) ଚମତ୍କାର ବୋଲିଂ କରି ମିଳିତ ଭାବେ ୬ ଉଇକେଟ ଅକ୍ତିଆର କରିଥିଲେ। କାନାଡା ମାତ୍ର ୫.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ପ୍ରଭାବୀ ବ୍ୟାଟିଂ ସହ ଦିଲପ୍ରୀତ ବାଜୱା ୩୬ ରନ କରି ଅପରାଜିତ ରହିଥିଲେ। ନିକୋଲାସ କିର୍ଟନଙ୍କ ନେତୃତ୍ୱରେ କାନାଡା ୧୧୦ରନରେ ବରମୁଡାକୁ ପରାସ୍ତ କରି ପ୍ରତିଯୋଗିତାରେ ଏହାର ଅଭିଯାନ ଆରମ୍ଭ କରିଥିଲା।


ଟି୨୦ ବିଶ୍ୱକପ ଯୋଗ୍ୟତାରେ ଉଲ୍ଲସିତ କାନାଡ଼ା ଖେଳାଳି।

# ଓଡ଼ିଶା ବାଳିକା, ବାଳକ ଦଳ କ୍ୱାର୍ଟରରେ

**ଜାତୀୟ ସବ୍‌ଜୁନିୟର ଥ୍ରୋ ବଲ୍**

ଭୁବନେଶ୍ୱର, ୨୨।୬ (ତପନ ସ୍ୱାଇଁ)

ମହାରାଷ୍ଟ୍ରର ଶିରିଡ଼ିଠାରେ ଚାଲିଥିବା ୩୦ତମ ସବ୍‌ଜୁନିୟର ଥ୍ରୋ-ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଓ ବାଳକ ଦଳ କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ଓଡ଼ିଶା ବାଳକ ଦଳ ତେଲଙ୍ଗାନାକୁ ୨-୦ ଓ ରାଜସ୍ଥାନକୁ ୨-୦ ସେଟ୍‌ରେ ହରାଇଥିବାବେଳେ ତୃତୀୟ ମ୍ୟାଚରେ ହରିୟାଣାଠାରୁ ୧-୨ରେ ପରାଜିତ ହୋଇଥିଲେ ହେଁ ଗ୍ରୁପ୍ ‘ବି’ର ରନର ହିସାବରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ଓଡ଼ିଶା ଓ ଦିଲ୍ଲୀ ମଧ୍ୟରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ସେହିପରି ଗ୍ରୁପ୍ ‘ସି’ରେ ଓଡ଼ିଶା ବାଳିକା ଦଳ ରାଜସ୍ଥାନକୁ ୨-୦, ତେଲଙ୍ଗାନାକୁ ୨-୦ ଓ କର୍ଣ୍ଣାଟକକୁ ୨-୦ ସେଟ୍‌ରେ ପରାସ୍ତ କରିଥିବା କୋଚ୍ ସୁଧାସିନ୍ଧୁ ସାହୁ ପ୍ରକାଶ କରିଛନ୍ତି। କ୍ୱାର୍ଟରରେ ଓଡ଼ିଶା ଓ ତାମିଲନାଡୁ ମଧ୍ୟରେ ମୁକାବିଲା ହେବ।

# କଟକ ‘ଏ’ ଚାମ୍ପିୟନ

ଭୁବନେଶ୍ୱର, ୨୨।୬ (ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟରେ କଟକ ‘ଏ’ ଚାମ୍ପିୟନ ହୋଇଛି। ରବିବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ କଟକ ‘ଏ’ ୬୭ ରନରେ ଭୁବନେଶ୍ୱର ‘ଏ’କୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା କଟକ ‘ଏ’ ୪୫ ଓଭରରେ ୮ ଉଇକେଟ ହରାଇ ୨୩୭ ରନ କରିଥିଲା। ଦଳ ପକ୍ଷରୁ ଅନିଲ ସାହୁ (୧୦୮) ଶତକ ହାସଲ କରିଥିବାବେଳେ ପୀୟୂଷ ମନ୍ତ୍ରୀ ୪୦ ରନ କରିଥିଲେ। ବିପକ୍ଷ ଦଳର ଚନ୍ଦ୍ରାଂଶୁ ବାଘେଲ ୩ଟି ଉଇକେଟ ନେଇଥିଲେ। ୨୩୮ ରନ ବିଜୟ ଲକ୍ଷ୍ୟରେ ଭୁବନେଶ୍ୱର ‘ଏ’ ୪୦.୪ ଓଭରରେ ୧୭୦ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ସ୍ୱାଗତ ମିଶ୍ର ୫୧ ଓ ଆୟୁଷ ଚାନ୍ଦ ୪୧ ରନ କରିଥିଲେ। ବିଜୟୀ ଦଳର ସମ୍ବିତ ବେଜା ଓ ଜନ୍ମେଜୟ ଜେନା ୨ଟି ଲେଖାଏ ଉଇକେଟ ନେଇଥିଲେ। ଶତକୀୟ ଇନିଂସ ପାଇଁ ଅନିଲ ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧,୦୦,୦୦୦ ଓ ରନରଅପ୍ ଦଳକୁ ୫୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓସିଏର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଧ୍ୱନେଲ ପଲେଇ, ସଂଗ୍ରାମ କେଶରୀ ଗୁମାନ ସିଂ, ନୃସିଂହ ଚରଣ ଚୌଧାରୀ, ସୁଶାନ୍ତ ମହାନ୍ତି, ନିର୍ବାଣ ରୟ, ଶିବବ୍ରତ ମଲିକ, ସ୍ୱାଗତ ସାମନ୍ତରାୟ, ସନ୍ତୋଷ ଦାସ ଓ ଅଞ୍ଜନ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ମୋଟ ୧୦୩ ମ୍ୟାଚ ଅନୁଷ୍ଠିତ ହୋଇଥିଲା।



ଅତିଥିଙ୍କ ସହ ଚାମ୍ପିୟନ କଟକ ‘ଏ’ ଦଳର ଖେଳାଳିମାନେ।

# ବିଶ୍ୱ ଏକତାର ପ୍ରତୀକ ଅଲିମ୍ପିକ ରିଙ୍ଗ୍

**ଆଜି ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ**



ପ୍ରତିବର୍ଷ ଜୁନ୍ ୨୩ରେ ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ ପାଳିତ ହୋଇ ଆସୁଛି। କ୍ରୀଡ଼ାରେ ବିଶ୍ୱ ଏକତାର ପ୍ରତୀକ ହେଉଛି ଅଲିମ୍ପିକ ରିଙ୍ଗ୍। ୧୮୯୪ରେ ପ୍ୟାରିସରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସ୍ଥାପନାକୁ ମନେପକାଇବାକୁ ଯାଇ ଏହି ଦିବସ ପାଳିତ ହୋଇଆସୁଛି। ବାରନ ପିଏରେ କୋବର୍ଟିନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଆଇଓସି ଆଧୁନିକ ଅଲିମ୍ପିକ ଖେଳକୁ ପୁନର୍ଜୀବିତ କରିଥିଲା ଏବଂ ୧୯୪୮ ଜୁନ୍ ୨୩ରେ ପ୍ରଥମ ଥର ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ ପାଳିତ ହୋଇଥିଲା। ସେବେଠାରୁ କ୍ରୀଡ଼ା, ସ୍ୱାସ୍ଥ୍ୟ ଏବଂ ଅଲିମ୍ପିକ ଆନ୍ଦୋଳନର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଲାଗି ଏହା ଏକ ବିଶ୍ୱବ୍ୟାପୀ କାର୍ଯ୍ୟକ୍ରମ ପାଲଟିଯାଇଛି। ଏହି ଦିବସରେ ସମସ୍ତ ବୟସବର୍ଗର ଲୋକମାନଙ୍କୁ ଶାରୀରିକ କାର୍ଯ୍ୟକଳାପରେ ଅଂଶଗ୍ରହଣ ବ୍ୟତୀତ ଉତ୍କର୍ଷତା, ବନ୍ଧୁତା ଓ ସମ୍ମାନ ଆଦି ଅଲିମ୍ପିକ ଆଦର୍ଶକୁ ଗ୍ରହଣ କରିବା ଲାଗି ଉତ୍ସାହିତ କରାଯାଇଥାଏ। ସ୍ଥାନୀୟ କୌତୁକ ଦୌଡ଼ ଓ ସ୍କୁଲ କ୍ରୀଡ଼ା ଦିବସଠାରୁ ଆରମ୍ଭ କରି କମ୍ୟୁନିଟି ଟୁର୍ନାମେଣ୍ଟ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଲୋକମାନଙ୍କ ମନରେ ଅଲିମ୍ପିକ ଭାବନାକୁ ଜାଗ୍ରତ କରିଥାଏ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ